

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-46 ♦SUNDAY ♦9 AUGUST 2026 ♦PAGE-12+4 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୪୬ ♦ରବିବାର ♦୯ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


## ଲମ୍ବା କେଶ ପାଇଁ ଗିନିଜ୍ ବୁକ୍‌ରେ ସ୍ଥାନ ପାଇଲେ ରେଣୁ ଧରିୟାଲ



■ ହଲଦ୍ୱାନୀ, ୮।୮ (ଏଜେନ୍ସି): ଉତ୍ତରାଖଣ୍ଡର ଜଣେ ମହିଳା ନିଜର ଅସାଧାରଣ ଧୈର୍ଯ୍ୟ ଏବଂ ପ୍ରଚେଷ୍ଟା ବଳରେ ଏକ ନୂତନ ବିଶ୍ୱ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ହଲଦ୍ୱାନୀର ବାସିନ୍ଦା ରେଣୁ ଧରିୟାଲ ଜୀବିତ ମହିଳାମାନଙ୍କ ମଧ୍ୟରେ ବିଶ୍ୱର ସବୁଠାରୁ ଲମ୍ବା କେଶର ଅଧିକାରିଣୀ ଭାବେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସରେ ସ୍ଥାନ ପାଇଛନ୍ତି। ଗିନିଜ୍ ରେକର୍ଡସ ରିପୋର୍ଟ ଅନୁଯାୟୀ, ରେଣୁଙ୍କ କେଶର ଲମ୍ବ ୨୭୧.୫୦ ସେଣ୍ଟିମିଟର (ପ୍ରାୟ ୮ ଫୁଟ ୧୦ ଇଞ୍ଚ)। ଗତ ଏପ୍ରିଲରେ ହଲଦ୍ୱାନୀଠାରେ ଏହି ମାପ ନିଆଯାଇ ଅଫିସିଆଲ୍ ଭାବେ ଯାଞ୍ଚ କରାଯାଇଥିଲା। ଏହି ସଫଳତା ସହ ସେ ୟୁକ୍ରେନର ଆଲିଆ ନାସିରୋଭାଙ୍କ ପୂର୍ବ ରେକର୍ଡ (୨୫୭.୩୩ ସେଣ୍ଟିମିଟର)କୁ ପ୍ରାୟ ୧୪ ସେଣ୍ଟିମିଟର ବ୍ୟବଧାନରେ ପଛରେ ପକାଇ ଦେଇଛନ୍ତି। ରେଣୁଙ୍କ କେଶର ଏହି ଲମ୍ବ ବିଶ୍ୱର ସବୁଠାରୁ ଉଚ୍ଚ ବ୍ୟକ୍ତି ରୋବର୍ଟ ୱାଡଲୋଙ୍କ ଉଚ୍ଚତା (୨୭୨ ସେଣ୍ଟିମିଟର) ସହ ପ୍ରାୟ ସମାନ। ରେଣୁ ୨୦୧୫ ମସିହାରୁ କ୍ରମାଗତ ଭାବେ ନିଜ କେଶ ବଢ଼ାଇ ଚାଲିଛନ୍ତି ଏବଂ ଏହି ସମୟ ମଧ୍ୟରେ ସେ କେବେହେଲେ କେଶ କାଟି ନାହାନ୍ତି। ଲମ୍ବା କେଶକୁ ସୌନ୍ଦର୍ଯ୍ୟ ଓ ଭାରତୀୟ ସଂସ୍କୃତିର ପ୍ରତୀକ ଭାବେ ଗ୍ରହଣ କରି ସେ ଏହି ନିଷ୍ପତ୍ତି ନେଇଥିଲେ। ତାଙ୍କର ଏହି ଘନ ଏବଂ ଚମକଦାର କେଶର ରହସ୍ୟ ହେଉଛି ପ୍ରାକୃତିକ ପଦ୍ଧତି। ସେ କୌଣସି ରାସାୟନିକ ▶ପୃଷ୍ଠା-୭

## ପାକିସ୍ତାନୀ 'ହନିଟ୍ରାପ୍'ର ଶିକାର ହେଲେ ବାୟୁସେନାର ୱିଙ୍ଗ କମାଣ୍ଡର



### ପ୍ରତିରକ୍ଷା ଗୁପ୍ତ ତଥ୍ୟ ଲିକ୍ ଅଭିଯୋଗରେ ଗିରଫ

■ ନୂଆଦିଲ୍ଲୀ, ୮।୮ (ଏଜେନ୍ସି): ଭାରତୀୟ ବାୟୁସେନାର ଜଣେ କାର୍ଯ୍ୟରତ ୱିଙ୍ଗ କମାଣ୍ଡରଙ୍କୁ ଗୁପ୍ତଚର ବୃତ୍ତି ଏବଂ ଦେଶର ପ୍ରତିରକ୍ଷା ସମ୍ବନ୍ଧୀୟ ସମ୍ବେଦନଶୀଳ ତଥ୍ୟ ଶତ୍ରୁ ପକ୍ଷକୁ ହସ୍ତାନ୍ତର କରିବା ଅଭିଯୋଗରେ ଦିଲ୍ଲୀ ପୁଲିସ ଗିରଫ କରିଛି। ଜଣେ ସନ୍ଦିଗ୍ଧ ପାକିସ୍ତାନୀ ଗୁପ୍ତଚର ଏଜେଣ୍ଟଙ୍କ 'ହନିଟ୍ରାପ୍' ବା ପ୍ରେମ ଜାଲରେ ଫସି ସେ ଏହି ସୂଚନା ଲିକ୍ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଭାରତୀୟ ବାୟୁସେନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦିଆଯାଇଥିବା ଏକ ଅଭିଯୋଗ ଆଧାରରେ ଗତ ୩୦ ମେ ୨୦୨୬ରେ ଏହି ଅଫିସରଙ୍କୁ ଗିରଫ କରାଯାଇଥିଲା। ତାଙ୍କ ବିରୋଧରେ 'ଅଫିସିଆଲ୍ ସିକ୍ରେଟ୍ସ ଆକ୍ଟ' ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଗିରଫ ହେବାର ପ୍ରାୟ ଦୁଇ ମାସ ବିତିଯାଇଥିଲେ ମଧ୍ୟ ସେ ଏପର୍ଯ୍ୟନ୍ତ କୋର୍ଟରେ ଜାମିନ ଆବେଦନ କରିନାହାନ୍ତି ଏବଂ ବର୍ତ୍ତମାନ ଦିଲ୍ଲୀର ତିହାର ଜେଲରେ ଅଛନ୍ତି। ତଦନ୍ତକାରୀ ସଂସ୍ଥାର ସୂତ୍ର ଅନୁସାରେ, ସୋସିଆଲ ମିଡିଆ ମାଧ୍ୟମରେ ଜଣେ ମହିଳା ସମ୍ପୃକ୍ତ ଅଫିସରଙ୍କ ସହ ଯୋଗାଯୋଗ କରିଥିଲେ। ସନ୍ଦେହ କରାଯାଉଛି ଯେ ଉକ୍ତ ମହିଳା ଜଣକ ପାକିସ୍ତାନୀ ଗୁପ୍ତଚର ସଂସ୍ଥାର ହ୍ୟାଣ୍ଡଲର୍ ଭାବେ କାମ କରୁଥିଲେ। ଅଫିସର ଜଣକ ନିଜ ବ୍ୟକ୍ତିଗତ ଜୀବନରେ ଏକ କଠିନ ସମୟ ଦେଇ ଗତି କରୁଥିବା ବେଳେ ଏହି ଯୋଗାଯୋଗ ଆରମ୍ଭ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ଅନଲାଇନ୍ ଚାଟ୍ ଓ ଭିଡିଓ କଲ୍ ମାଧ୍ୟମରେ ସମ୍ପର୍କ ନିବିଡ଼ ହୋଇଥିଲା। ଏହି ▶ପୃଷ୍ଠା-୭

# ଲଘୁଚାପ ବର୍ଷା; ପୁଣି ବନ୍ୟା ଭୟ

## ୧୪ ଯାଏଁ ବର୍ଷା, ୧୪ରେ ଆଉ ଏକ ଲଘୁଚାପ

### ଯୋଡ଼ା ଲଘୁଚାପକୁ ନେଇ ଚିନ୍ତାରେ ଚାଷୀ

■ ଭୁବନେଶ୍ୱର, ୮।୮ (ସମିସ): ଉତ୍ତର ଓଡ଼ିଶାରେ ଏବେବି କେତେକ ତଳିଆ ଅଞ୍ଚଳରୁ ବନ୍ୟା ପାଣି ସମ୍ପୂର୍ଣ୍ଣ ଭାବରେ ଛାଡ଼ିନାହିଁ। ତୁହାକୁ ତୁହା ବର୍ଷା କାରଣରୁ ଉତ୍ତର ଓଡ଼ିଶାର କେତେକ ନଦୀ ପୁଣି ଫୁଲୁଥିବା ବେଳେ ଶନିବାର ଦକ୍ଷିଣ ପଶ୍ଚିମ ବଙ୍ଗ ଏବଂ ସଂଲଗ୍ନ ଉତ୍ତର ଓଡ଼ିଶାରେ ଆଉ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୧୪ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ସମ୍ଭାବନା ରହିଛି। ୧୪ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାକୁ ଯାଉଥିବାରୁ ରାଜ୍ୟବାସୀଙ୍କୁ ଆଉ ଏକ ବନ୍ୟା ଭୟ ଘାରିଲାଣି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶନିବାର ୨ଟା ୩୦ ମିନିଟ ସମୟରେ ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ଲଘୁଚାପର ରୂପ ନେଇଛି। ଏହାର ପ୍ରଭାବରେ ରବିବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ ଓ ସମ୍ବଲପୁରରେ ପ୍ରବଳ ବର୍ଷା ହୋଇପାରେ। ଏହାବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ବରଗଡ଼, ସମ୍ବଲପୁର, ଝାରସୁଗୁଡା, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡରେ ବର୍ଷା ସହ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗିରହିବାକୁ ଥିବାବେଳେ ୧୪ ତାରିଖ ବେଳକୁ ଆଉ ଏକ ଲଘୁଚାପ ▶ପୃଷ୍ଠା-୭

## ବଢୁଛି ବୈତରଣୀ, ସାଳନ୍ଦୀ



■ ଭଦ୍ରକ/ ବାରିକପୁର, ୮।୮ (ସମିସ): ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁଁ ପୁଣି ସାଳନ୍ଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଭଦ୍ରକ ସହର ରାଜଘାଟ ପୋଲ ନିକଟରେ ସାଳନ୍ଦୀର ଜଳସ୍ତର ବିପଦ ସଙ୍କେତ ଛୁଇଁଛି। ଏଠାରେ ବିପଦ ସଙ୍କେତ ୧୭ ଫୁଟ୍ ଥିବାବେଳେ ଶୁକ୍ରବାର ସନ୍ଧ୍ୟା ୭ଟା ସୁଦ୍ଧା ଜଳସ୍ତର ୧୬.୮୦ ଫୁଟ୍ ଉପରେ ପ୍ରବାହିତ ହେଉଥିଲା। ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁଁ ପୁଣି ସାଳନ୍ଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସାଳନ୍ଦୀ ଓ ଶାଖା ନାଳିଆ ନଦୀରୁ ବନ୍ୟାଜଳ ମାଡ଼ି ଆସିବା ଫଳରେ ଭଦ୍ରକ ବ୍ଲକ୍ ଅନ୍ତର୍ଗତ ଅର୍ଣ୍ଣପାଳ ପଞ୍ଚାୟତର ବ୍ୟାପକ ▶ପୃଷ୍ଠା-୭

## ଆମେରିକାରୁ ଚଢ଼ା ଦରରେ ଏଲ୍‌ଏନ୍‌ଜି କିଣା

# ଭାରତକୁ ୩୩୬୦ କୋଟି କ୍ଷତି

### ଆମେରିକାରୁ ଆମଦାନୀ ୨୫୩% ବୃଦ୍ଧି

### ଆମଦାନୀରେ ୨୨.୯% ହ୍ରାସ ସତ୍ତ୍ୱେ ଖର୍ଚ୍ଚ ବଢ଼ିଲା

■ ନୂଆଦିଲ୍ଲୀ, ୮।୮ (ଏଜେନ୍ସି): ମଧ୍ୟପ୍ରାଚ୍ୟ ସଙ୍କଟ ଏବଂ ହର୍ମୁଜ।।ରେ ଯୋଗାଣ ବାଧାପ୍ରାପ୍ତ ହେବା ପରେ, ଭାରତର ଶକ୍ତି ସୁରକ୍ଷା ନୀତିରେ ପରିବର୍ତ୍ତନ ଆସୁଛି। ହେଲେ ଆମେରିକାରୁ ଚଢ଼ା ଦରରେ ତରଳୀକୃତ ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି) କ୍ରୟ ଏବେ ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। କାତାରଠାରୁ ଶସ୍ତା ଗ୍ୟାସ୍ ନ ଆଣି ସରକାର ଟ୍ରମ୍ପ୍ ପ୍ରଶାସନକୁ ବଡ଼ ଯୋଗାଣକାରୀ ଭାବେ ବାଛିଛନ୍ତି। ଏଥିଯୋଗୁ ଭାରତକୁ ୩୩୬୦ କୋଟି ଟଙ୍କା କ୍ଷତି ସହିବାକୁ ପଡୁଛି ବୋଲି ଇକ୍ୱିରସ୍ ସିକ୍ୟୁରିଟିଜ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ଏମିତିକି କାତାରରୁ ଏଲ୍‌ଏନ୍‌ଜି ଆମଦାନୀ ୯୧% ହ୍ରାସ ପାଇଥିବା ବେଳେ ଆମେରିକାରୁ ଆମଦାନୀ ୨୫୩% ବୃଦ୍ଧି ପାଇଛି।

ରିପୋର୍ଟ ଅନୁଯାୟୀ, ଆମେରିକା ଏବେ କାତାରକୁ ପଛରେ ପକାଇ ଭାରତ ପାଇଁ ସବୁଠାରୁ ବଡ଼ ଏଲ୍‌ଏନ୍‌ଜି ଯୋଗାଣକାରୀ ପାଲଟିଛି। କେପ୍‌ଲର ରିପୋର୍ଟ ଅନୁଯାୟୀ, ଆମେରିକା ସହିତ ଜଡିତ କାର୍ଗୋ କାତାରରୁ ଆସୁଥିବା ଏଲ୍‌ଏନ୍‌ଜି ତୁଳନାରେ ପ୍ରାୟ ୨-୩ଡଲାର/ ଏମ୍‌ଏମ୍‌ବିଟିୟୁ / ଅଧିକ ମହଙ୍ଗା ଥିଲା। ଯାହା ଫଳରେ ଏପରି କାରବାର ମାର୍ଚ୍ଚ-ଏପ୍ରିଲରେ ଭାରତର ହାରାହାରି ଏଲ୍‌ଏନ୍‌ଜି କ୍ରୟ ମୂଲ୍ୟ ପ୍ରତି ଟନ୍ ୪୯୯ ଡଲାରରୁ ୬୦୨ ଡଲାରକୁ ବୃଦ୍ଧି ପାଇଥିଲା, ଯାହା ୨୦.୬% ଅଧିକ ମହଙ୍ଗା ଥିଲା। ଫଳସ୍ୱରୂପ, ଏହି ସମୟ ▶ପୃଷ୍ଠା-୭

## ସୀମାନ୍ତ ରାଜ୍ୟରେ ବାଟବଣା ଓଡ଼ିଆ ଅସ୍ମିତା

# ଓଡ଼ିଆ ଶିକ୍ଷା ପାଇଁ ୨ ବର୍ଷ ହେଲା ଅନୁଦାନ ଦେଇନାହାନ୍ତି ସରକାର

### ପିଲାଙ୍କୁ ମିଳୁନି ପାଠ୍ୟପୁସ୍ତକ; ଶିକ୍ଷକଙ୍କୁ ମିଳୁନି ଦରମା

### ବିଧାନସଭା କମିଟିର ଉଦ୍‌ବେଗ ପରେ ବିଜେପିକୁ ଘେରିଲେ ବିରୋଧୀ

■ ଭୁବନେଶ୍ୱର, ୮।୮ (ସମିସ): ସୀମାନ୍ତ ରାଜ୍ୟରେ ଓଡ଼ିଆ ଭାଷା ଶିକ୍ଷା ଉପେକ୍ଷିତ ହେଉଛି। ଦୁଇ ବର୍ଷ ହେବ ରାଜ୍ୟ ସରକାର ଆର୍ଥିକ ସହାୟତା ବନ୍ଦ କରିଦେଇଥିବାରୁ ପଡ଼ୋଶୀ ରାଜ୍ୟରେ ଓଡ଼ିଆ ଅସ୍ମିତା ପରିଚୟ ଖୋଜୁଛି। ବିଧାନସଭା କମିଟି ଏନେଇ ଉଦବେଗ ପ୍ରକାଶ କରିବା ପରେ ଶାସକ ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି।

ସୀମାନ୍ତ ରାଜ୍ୟ ପଶ୍ଚିମବଙ୍ଗ, ଛତିଶଗଡ, ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶରେ ରହୁଥିବା ଓଡ଼ିଆ ପିଲାଙ୍କୁ ଓଡ଼ିଆ ପଢ଼ାଇବା ପାଇଁ ରାଜ୍ୟ ସରକାର ଯୋଜନା କରିଥିଲେ। ସେଠାରେ ଥିବା ବିଦ୍ୟାଳୟରେ ଓଡ଼ିଆ ଶିକ୍ଷକ ନିଯୁକ୍ତି କରିବା ସହ ପୁସ୍ତକ ଓ ଅନୁଦାନ ଯୋଗାଇ ଦେଉଥିଲେ। ମାତ୍ର ୨ ବର୍ଷ ହେଲା ରାଜ୍ୟ ସରକାର ଟଙ୍କାଟିଏ ଆର୍ଥିକ ସହାୟତା ଦେଇନାହାନ୍ତି। ସ୍କୁଲରେ ଶିକ୍ଷକମାନେ ଦରମା ପାଉ ନଥିବା ବେଳେ ଚଳିତବର୍ଷ ମାଗଣା ପାଠ୍ୟପୁସ୍ତକ ମଧ୍ୟ ମିଳିନାହିଁ। ଓଡ଼ିଆ ଶିକ୍ଷାର ଭିତ୍ତିଭୂମି ଦୋହଲି ସାରିଲାଣି। ବିଧାନସଭା କମିଟି ଏନେଇ ଉଦବେଗ ପ୍ରକାଶ କରିବା ପରେ ବିଜେପି ସରକାରଙ୍କୁ ବିଜେଡି ଘେରିଛି। ବିଧାୟକ ଗୌତମ ବୁଦ୍ଧ ଦାସ କହିଛନ୍ତି ଯେ ଉପାନ୍ତ ଅଞ୍ଚଳରେ ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀମାନେ ସରକାରଙ୍କ ସହଯୋଗ ମିଳୁନଥିବାରୁ ଓଡ଼ିଆ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହା ବିଜେପି ସରକାରଙ୍କ କେଉଁ ▶ପୃଷ୍ଠା-୭

## ଗଜସାଥୀଙ୍କୁ ପେଟ୍ରୋଲ ଢାଳି ଜାଳିଦେଲେ



■ ରାଉରକେଲା, ୮।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲା ଲହୁଣିପଡ଼ା ଥାନା ଅଧୀନ କଲେଇପୋଷ ଅଞ୍ଚଳରେ ଜଣେ ଗଜ ସାଥୀ ଯୁବକଙ୍କ ଉପରେ କିଛି ଦୁର୍ବୃତ୍ତ ପେଟ୍ରୋଲ ଢାଳି ନିଆଁ ଲଗାଇଦେବା ଭଳି ଚାଞ୍ଚଲ୍ୟକର ଘଟଣା ଘଟିଛି। ଏହି ଘଟଣାରେ ଗଣିଘସା ଗାଁର କାହ୍ନୁଚରଣ ମହାନ୍ତ ଗୁରୁତର ହୋଇ ରାଉରକେଲାର ଆଇଜିଏଚ୍‌ର ବର୍ଣ୍ଣ ୟୁନିଟ୍‌ରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଶରୀରର ଶତକଡ଼ା ୮୦ ଭାଗ ପୋଡ଼ି ଯାଇଥିବା ସୂଚନା ମିଳିଛି। ଜମିବାଡି ସମ୍ପର୍କିତ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁର୍ବୃତ୍ତମାନେ ଏପରି ଜଘନ୍ୟକାଣ୍ଡ ଘଟାଇଥିବା କୁହାଯାଉଛି।

ସୂଚନାଯୋଗ୍ୟ ଯେ, ଲହୁଣୀପଡ଼ା ଥାନା ଅଧୀନ କଲେଇପୋଷ ନିକଟ ଗଣିଘସା ଗାଁର କାହ୍ନୁଚରଣ ମହାନ୍ତ ବନ ବିଭାଗର ଗଜସାଥୀ ଭାବେ ହାତୀ ଘଉଡାଇବା ସ୍କ୍ୱାଡ୍‌ରେ କାମ କରୁଥିଲେ। ଶନିବାର ସକାଳେ ସେ କୌଣସି କାମରେ ଯାଉଥିବାବେଳେ କଲେଇପୋଷ ବସଷ୍ଟାଣ୍ଡ ନିକଟ ନାଳ ପାଖରେ ଦୁଇ ଜଣ ଯୁବକ ବାଇକ୍‌ରେ ଆସି କାହ୍ନୁଚରଣଙ୍କୁ ଅଟକାଇ ପ୍ରଥମେ ତାଙ୍କ ମୁହଁରେ ଜୋରଜବରଦସ୍ତ ପେଟ୍ରୋଲ ପୂରାଇ ଦେଇଥିଲେ। ଏହାପରେ ୩/୪ ▶ପୃଷ୍ଠା-୭

## ପୂର୍ବୋଦୟ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ: ମୁଖ୍ୟମନ୍ତ୍ରୀ

### ଓଡ଼ିଶା ଫୁଡ୍ ପ୍ରୋ ୨୦୨୬ରୁ ଆସିଲା ୬୬,୩୯୨ କୋଟିର ନିବେଶ ପ୍ରସ୍ତାବ




### ସୃଷ୍ଟିହେବ ୫୪,୧୩୫ ନୂଆ ନିଯୁକ୍ତି ସୁଯୋଗ

### ବିଭିନ୍ନ କ୍ଷେତ୍ରର ଶିଳ୍ପ ପ୍ରତିନିଧିମାନଙ୍କ ସହିତ ନିବେଶ ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା

■ ଭୁବନେଶ୍ୱର, ୮।୮ (ସମିସ): ଓଡ଼ିଶା ପକ୍ଷରୁ ନୂଆଦିଲ୍ଲୀରେ ଅନୁଷ୍ଠିତ ଦୁଇ ଦିନିଆ ନିବେଶ ଅଭିଯାନରେ ମୋଟ ୬୬,୩୯୨ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି। ଫଳରେ ୫୪,୧୩୫ଟି ନିଯୁକ୍ତି ସୁଯୋଗ ସମ୍ଭାବନା ସୃଷ୍ଟି ହୋଇଛି। ଅଭିଯାନକୁ ସମାପ୍ତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ପୂର୍ବୋଦୟ ପାଇଁ ଓଡ଼ିଶା ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ଦୁଇ ଦିନ ମଧ୍ୟରେ ଶିଳ୍ପଜଗତଠାରୁ ମିଳିଥିବା ପ୍ରତିଶ୍ରୁତି ଅତ୍ୟନ୍ତ ଉତ୍ସାହଜନକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଏବଂ ଡବଲ୍ ଇଞ୍ଜିନ ସରକାରଙ୍କ ନେତୃତ୍ୱରେ ଆମେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ଏକ ନୂଆ ଶିଖରକୁ ନେଇଯିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଶୁକ୍ରବାର 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬'ର ସଫଳତା ପରେ ଆଜି ମୁଖ୍ୟମନ୍ତ୍ରୀ ଦେଶର ବିଭିନ୍ନ କ୍ଷେତ୍ରର ପ୍ରମୁଖ ନିବେଶକ ଏବଂ ଶିଳ୍ପ ପ୍ରତିନିଧିମାନଙ୍କ ସହିତ ୱାନ୍-ଅନ୍-ୱାନ୍ ବୈଠକ କରିଥିଲେ। ଏହା ସହିତ ମୁଖ୍ୟମନ୍ତ୍ରୀ ନୋଏଡ଼ାସ୍ଥିତ ହାୟର୍ ଉତ୍ପାଦନ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ବରିଷ୍ଠ କମ୍ପାନୀ କର୍ମକର୍ତ୍ତା ଏବଂ ଇଞ୍ଜିନିଅର ମାନଙ୍କ ସହ ଆଲୋଚନା କରିଥିଲେ ଏବଂ କମ୍ପାନୀର ଉତ୍ପାଦନ ପ୍ରକ୍ରିୟା ଏବଂ ବ୍ୟବସ୍ଥାଗୁଡ଼ିକୁ ଅନୁଧ୍ୟାନ କରିଥିଲେ। ହାୟର୍ କମ୍ପାନୀର ଉନ୍ନତ ଉତ୍ପାଦନ ପଦ୍ଧତିଗୁଡ଼ିକୁ ବୁଝିବା ଏବଂ ବିଶେଷକରି ଇଲେକ୍ଟ୍ରୋନିକ୍ସ, ଗୃହୋପକରଣ, ସପ୍ଲାଏ ଚେନ୍ ଏବଂ ଆନୁଷଙ୍ଗିକ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଉତ୍ପାଦନ ପରିବେଶକୁ ସୁଦୃଢ଼ କରିବା ପାଇଁ ଏହି ପରିଦର୍ଶନ ଏକ ସୁଯୋଗ ପ୍ରଦାନ କରିଥିବା କୁହାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଏପରି ଏକ ଶିଳ୍ପ ▶ପୃଷ୍ଠା-୭

## ଶିମିଳିପାଳରେ ଶୋଇଗଲା ଆଉ ଏକ କଳା ବାଘୁଣୀ



### ବର୍ଷକରେ ମଲେଣି ୩ ପୃଷ୍ଠା ୧୦

### ୨୦୨୬ରେ ୩ଟିକୁ ମିଶାଇ ୫ କଳାବାଘଙ୍କ ମୃତ୍ୟୁ

■ବାରିପଦା, ୮।୮ (ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡ ଅଧୀନ ଉପରବାରାହାକାମୁଡା (ୟୁବିକେ) ରେଞ୍ଜ ଅନ୍ତର୍ଗତ ଜଟିଆଣି କ୍ୟାମ୍ପର ଦେଓ ନଦୀ ନିକଟ (କୋର କ୍ଷେତ୍ର)ରୁ ପ୍ରାୟ ୫ ବର୍ଷ ବୟସର ଏକ କଳା ବାଘୁଣୀର ମୃତଦେହକୁ ବନ ବିଭାଗ ଉଦ୍ଧାର କରିଛି। ୬ ତାରିଖ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଜଟିଆଣି କ୍ୟାମ୍ପର ପାଟ୍ରୋଲିଂ କର୍ମଚାରୀଙ୍କ ଦ୍ୱାରା ଏହି ମୃତଦେହ ଠାବ ହୋଇଥିଲା। ଖବର ପାଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ଚାନ୍ଦ ଗୋଗେନାନୀ ଘଟଣାସ୍ଥଳକୁ ଯାଇଥିଲେ। ନ୍ୟାସନାଲ ଟାଇଗର କଞ୍ଜରଭେସନ ଅଥରିଟିର ଏସ୍‌ଓପି ଅନୁଯାୟୀ ମୃତଦେହର ବ୍ୟବଚ୍ଛେଦ କରାଯାଇଥିଲା। ଘଟଣାସ୍ଥଳକୁ ତୁରନ୍ତ ସୁରକ୍ଷିତ କରାଯାଇ ଏନଟିସିଏ ଏସଓପି ଅନୁଯାୟୀ ସମସ୍ତ ଆବଶ୍ୟକ ଜୈବିକ ନମୁନା ସଂଗ୍ରହ କରାଯାଇଛି। ସଂଗୃହୀତ ନମୁନାଗୁଡ଼ିକୁ ବିସ୍ତୃତ ଲ୍ୟାବ୍ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥ ଓୟୁଏଟିର ସେଣ୍ଟର ଫର ୱାଇଲ୍ଡଲାଇଫ ହେଲ୍‌ଥକୁ ପଠାଯାଇଛି। ଲ୍ୟାବ୍ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ। ପୋଷ୍ଟମର୍ଟମ ପରୀକ୍ଷା ଶେଷ ହେବା ପରେ ମୃତଦେହକୁ ଦହନ କରି ନଷ୍ଟ କରାଯାଇଛି। ପୋଷ୍ଟମର୍ଟମରୁ ଆରମ୍ଭ କରି ମୃତଦେହକୁ ଭସ୍ମ ହେବା ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟା ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ଭିଡିଓଗ୍ରାଫି ଓ ଫଟୋଗ୍ରାଫି କରାଯାଇଛି।

## ସରକାର ଭୁଲିଗଲେ ଗଙ୍ଗାଧର ମେହେର ପ୍ରକଳ୍ପ ଅନୁଦାନ; ପ୍ରଧାନଶିକ୍ଷକଙ୍କ ଆକାଉଣ୍ଟରେ ଟଙ୍କା ନାହିଁ

# ଉଧାରରେ ସ୍କୁଲ୍ ପିଲାଙ୍କୁ ପୋଷାକ ବଣ୍ଟନ



### ଏସ୍‌ଏଚ୍‌ଜିଙ୍କୁ ମୋହରା କରି ପୋଷାକ ବିକୁଛନ୍ତି ବେପାରୀ

### ଶିକ୍ଷାମନ୍ତ୍ରୀ ଗଣ୍ଡଙ୍କ ଶାସନରେ କେହି ଖୋଲୁନାହାନ୍ତି ତୁଣ୍ଡ

### ପୋଷାକର ମାନକୁ ନେଇ ପ୍ରଶ୍ନବାଚୀ; ସନ୍ଦେହରେ ଡିଏଲ୍‌ସି, ବିଏଲ୍‌ସିର ଭୂମିକା

■ ଭବାନୀପାଟଣା, ୮।୮ (ସ୍ୱାଧୀନ ପାତ୍ର): ଚଳିତବର୍ଷ ସ୍କୁଲ ଛୁଟି ପୂର୍ବରୁ ସ୍କୁଲରେ ପୋଷାକ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। କିନ୍ତୁ ଉଧାରରେ ପୋଷାକ (ସ୍କୁଲ ୟୁନିଫର୍ମ) ବଣ୍ଟାଯିବା ଶିକ୍ଷା ବିଭାଗରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ପ୍ରାୟ ପ୍ରତି ସ୍କୁଲରେ ପୋଷାକ ବଣ୍ଟା ସରିଥିଲେ ମଧ୍ୟ କୌଣସି ସ୍କୁଲ ପ୍ରଧାନ ଶିକ୍ଷକଙ୍କ ଆକାଉଣ୍ଟରେ ଟଙ୍କା ନ ପଡ଼ିବା କାରଣରୁ ଭେଣ୍ଡରଙ୍କୁ ପୋଷାକ ବାବଦ ଟଙ୍କା ଦିଆଯାଇ ନାହିଁ। ଏବେ କେତେକ ସ୍କୁଲରେ ଟଙ୍କା ଆସିଥିବା ଶୁଣିବାକୁ ମିଳୁଛି, କିନ୍ତୁ ଉକ୍ତ ଟଙ୍କା ଉଠାଇବା କାଠିକର ବିଷୟ ହୋଇଛି। ସ୍କୁଲ ପରିଚାଳନା କମିଟି ପରିବର୍ତ୍ତନ ସହ ଅନ୍ୟ ଆନୁଷଙ୍ଗିକ ସମସ୍ୟା ବାଧା ଦେଉଥିବା ପ୍ରକାଶ। ସର୍ବଶିକ୍ଷା ଯୋଜନାରେ ୬ଶହ ଟଙ୍କା ଏବଂ ଗଙ୍ଗାଧର ମେହେର ପ୍ରକଳ୍ପ ଅନୁଦାନରୁ ୪ଶହ ଟଙ୍କା ମିଳିବା ସ୍ଥାନରେ ଏଯାବତ୍ ଗଙ୍ଗାଧର ମେହେର ପ୍ରକଳ୍ପ ଅର୍ଥର ଟଙ୍କା କଥା ସରକାର ଭୁଲି ଯାଇଛନ୍ତି। ଫଳରେ ହାଉସ୍ ପୋଷାକ ଛାତ୍ରୀଛାତ୍ରଙ୍କୁ ଯୋଗାଯାଇ ନାହିଁ। ତେବେ ଆର୍ଥିକ ସ୍ୱାବଲମ୍ବୀ ତଥା ସଶକ୍ତୀକରଣ କରିବା ଲକ୍ଷ୍ୟ ରଖି ସରକାର ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ଗୋଷ୍ଠୀଙ୍କୁ ପୋଷାକ ବଣ୍ଟନ ଦାୟିତ୍ୱ ନ୍ୟସ୍ତକରି ସହାୟତା ଯୋଗାଉଛନ୍ତି। ଗତ ୨୦୨୪ /୨୫ ଆର୍ଥିକ ବର୍ଷଠାରୁ ସରକାର ଡବ୍ଲୁଏସଏଚ୍‌ଜି ଓ ଏମ୍‌ଏସ୍‌ଏମ୍‌ଇ (ସିଲେଇ ୟୁନିଟ) ଥିବା ମହିଳାଙ୍କୁ ଅଗ୍ରାଧିକାର ଦେଇ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନର ଏହି ଦାୟିତ୍ୱ ଦେଇଛନ୍ତି। ବେପାରୀଙ୍କୁ ତଥା ଭେଣ୍ଡରଙ୍କୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ଶିକ୍ଷାବିଭାଗ ନୂଆନୀତି ଆପଣେଇ ଥିଲେ। ସରକାର ଏଥି ନିମନ୍ତେ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରି ଚୟନ ହୋଇଥିବା ଯୋଗ୍ୟ ଡବ୍ଲୁଏସଏଚ୍‌ଜି ଓ ଏମ୍‌ଏସ୍‌ଏମ୍‌ଇଥିବା ଗୋଷ୍ଠୀଙ୍କୁ ଟେଣ୍ଡର ମାଧ୍ୟମରେ ଚୟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲାରେ ଚୟନ ହୋଇଥିବା ଅଧିକାଂଶ ଡବ୍ଲୁଏସ୍‌ଏଚ୍‌ଜି ଓ ଏମ୍‌ଏସ୍‌ଏମ୍‌ଇ କାଗଜ କଲମରେ ୨ବର୍ଷ ପାଇଁ ▶ପୃଷ୍ଠା-୭

# ମୁଖ୍ୟମନ୍ତ୍ରୀ ବିଜୟଙ୍କ ବୈଠକକୁ ଆସିଲେନି ବିରୋଧୀ ଦଳ

ଚେନ୍ନଇ, ୮।୮(ଏଜେନ୍ସି): ସଂସଦୀୟ ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ତାମିଲନାଡୁର ଟିଭିକେ ସରକାରଙ୍କ ଦ୍ୱାରା ଆହୂତ ସର୍ବଦଳୀୟ ସାଂସଦ ବୈଠକକୁ ବର୍ଜନ କରିବାକୁ ଡିଏମକେ ନିଷ୍ପତ୍ତି ନେଇଛି। ଦଳର ଉପସାଧାରଣ ସମ୍ପାଦିକା କନିମୋଝୀ କରୁଣାନିଧି ଏହି ବୈଠକକୁ ଜନସାଧାରଣଙ୍କ ଧ୍ୟାନ ହଟାଇବା ପାଇଁ ଏକ 'ରାଜନୈତିକ ନାଟକ' ବୋଲି ଅଭିହିତ କରିଛନ୍ତି।



କନିମୋଝୀ ଦର୍ଶାଇଛନ୍ତି ଯେ କାବେରୀ ଜଳ ବିବାଦ ଏବଂ ମେକେଦାଟୁ ବନ୍ଧ ପ୍ରସଙ୍ଗରୁ ଲୋକଙ୍କ ନଜର ହଟାଇବା ପାଇଁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ପୂର୍ବରୁ ଦଳର ସଭାପତି ଏମକେ ଷ୍ଟାଲିନ ଏହି ବିଷୟରେ ସର୍ବଦଳୀୟ ବୈଠକ କରି ମିଳିତ କାର୍ଯ୍ୟାନୁଷ୍ଠାନ କମିଟି ଗଠନ କରିସାରିଛନ୍ତି। ୧୯୭୧ ଜନଗଣନାକୁ ଭିତ୍ତି କରି ଆଗାମୀ ୩୦ ବର୍ଷ ପାଇଁ ସାଂସଦ ଆସନ ସୀମା ନିର୍ଦ୍ଧାରଣ କାଏମ ରଖିବାକୁ ଡିଏମକେ ଦାବି କରିଛି। ଜନସଂଖ୍ୟା ନିୟନ୍ତ୍ରଣ ଓ ସାମାଜିକ-ଅର୍ଥନୈତିକ ବିକାଶରେ ସଫଳ ହୋଇଥିବା ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ ଯେପରି ସଂସଦରେ ପ୍ରତିନିଧିତ୍ୱ ହରାଇବେ ନାହିଁ, ତାହା ସୁନିଶ୍ଚିତ କରିବା ଆବଶ୍ୟକ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସୀମା ନିର୍ଦ୍ଧାରଣ ନେଇ କୌଣସି ନୂଆ ବିଲ୍ ଆସି ନ ଥିବାରୁ ଏହି ଆଲୋଚନାର କୌଣସି ଆବଶ୍ୟକତା ନାହିଁ ବୋଲି ଡିଏମକେ କହିଛି। ଏହା ସହିତ ମେକେଦାଟୁ ବନ୍ଧ ନିର୍ମାଣ ବିରୋଧରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେବାକୁ ରାଜ୍ୟ ସରକାରଙ୍କୁ ଡିଏମକେ ଆହ୍ୱାନ ଦେଇଛି।

# ଝାଡ଼ଖଣ୍ଡ ସରକାର ଓ ଛାତ୍ର ସଂଗଠନ ଆଲୋଚନା ବିଫଳ

ରାଞ୍ଚି, ୮।୮(ଏଜେନ୍ସି): ଝାଡ଼ଖଣ୍ଡରେ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ନେଇ ଦେଖାଦେଇଥିବା ଅଚଳାବସ୍ଥାର ଶନିବାର ମଧ୍ୟ ସମାଧାନ ହୋଇପାରିନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଛାତ୍ର ସଂଗଠନ ସହିତ ଆଲୋଚନା କରାଯାଇଥିଲେ ହେଁ କୌଣସି ନିଷ୍କର୍ଷ ମିଳିପାରି ନାହିଁ। ସମସ୍ତ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ପରୀକ୍ଷାର୍ଥୀମାନେ ନିଷ୍ପତ୍ତି ନେଇଛନ୍ତି। ପ୍ରାୟ ୧୫ ଦିନ ଧରି ଚାଲିଥିବା ଏହି ଆନ୍ଦୋଳନରେ ଜେଏଲ୍‌କେଏମ୍ ନେତା ଦେବେନ୍ଦ୍ର ନାଥ ମାହତୋଙ୍କ ଆମରଣ ଅନଶନ ସପ୍ତମ ଦିନରେ ପହଞ୍ଚିଛି। ସମାଧାନ ପାଇଁ ରାଜ୍ୟ ମନ୍ତ୍ରୀମାନଙ୍କୁ ନେଇ ଗଠିତ ଏକ ୫ ଜଣିଆ ସରକାରୀ ପ୍ୟାନେଲ୍ ତାଙ୍କୁ ଭେଟିଥିଲେ। ଏହାପରେ ଏନ୍‌ଏସ୍‌ୟୁଆଇ, ଆଦିବାସୀ ଛାତ୍ର ସଂଘ ଏବଂ ଝାଡ଼ଖଣ୍ଡ ଛାତ୍ର ମୋର୍ଚ୍ଚାର ପ୍ରତିନିଧି ମଣ୍ଡଳୀ ସହ ମନ୍ତ୍ରୀମାନେ ଆଲୋଚନା କରିଥିଲେ। ଆଲୋଚନା ପରେ ରାଜ୍ୟ ମନ୍ତ୍ରୀ ସଞ୍ଜୟ ପ୍ରସାଦ ଯାଦବ କହିଛନ୍ତି ଯେ, ପରୀକ୍ଷାର୍ଥୀମାନଙ୍କ ଦାବି ଯଥାର୍ଥ ଏବଂ ସେ ଏହାକୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସମ୍ମୁଖରେ ଉପସ୍ଥାପନ କରିବେ। ଏହାସହ ପରୀକ୍ଷାର୍ଥୀଙ୍କ ମତାମତ ପାଇଁ ସରକାର ଏକ ସ୍ୱତନ୍ତ୍ର ଇମେଲ୍ ଆଇଡି ମଧ୍ୟ ଜାରି କରିଛନ୍ତି। ଅନ୍ୟପଟେ ଆନ୍ଦୋଳନକାରୀ ନେତା ଦେବେନ୍ଦ୍ର ନାଥ ମାହତୋଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ତାଙ୍କର ରକ୍ତଚାପ ଓ ଶର୍କରା ସ୍ତର ହ୍ରାସ ପାଇଥିବାରୁ ଡାକ୍ତର ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ପ୍ରଶ୍ନପତ୍ର ଲିକ୍ ମାମଲାରେ ଏପର୍ଯ୍ୟନ୍ତ ୧୯ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ପୂର୍ବତନ ଜେପିଏସସି ଅଧ୍ୟକ୍ଷଙ୍କୁ ମଧ୍ୟ ଜେରା କରାଯାଉଛି। ସରକାରଙ୍କ ଆଶ୍ୱାସନା ସତ୍ତ୍ୱେ, ଦାବି ପୂରଣ ନହେବା ଯାଏଁ ଛାତ୍ରଛାତ୍ରୀ ରାଜପଥ ଛାଡ଼ିବାକୁ ପ୍ରସ୍ତୁତ ନଥିବା ଜଣାପଡ଼ିଛି।



# ହିମାଳୟ ଜଙ୍ଗଲ ନିଆଁ ଉପରେ ନଜର ରଖିବ ନୂଆ ଉପଗ୍ରହ

ନୂଆଦିଲ୍ଲୀ, ୮।୮(ଏଜେନ୍ସି): ହିମାଳୟ ଅଞ୍ଚଳରେ ବାରମ୍ବାର ଘଟୁଥିବା ଜଙ୍ଗଲ ନିଆଁର ସଠିକ୍ ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ୨୪ ଘଣ୍ଟିଆ ସେବା ଯୋଗାଉଥିବା ଏକ ନୂତନ ଜିଓଷ୍ଟେସନାରୀ ସାଟେଲାଇଟ୍ (ଭୂ-ସ୍ଥିର ଉପଗ୍ରହ) ମହାକାଶକୁ ପଠାଇବାକୁ ସଂସଦୀୟ କମିଟି କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଛି। ବିଜେପି ସାଂସଦ ମେଧା କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଗଠିତ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ସଂସଦୀୟ ଷ୍ଟାଣ୍ଡିଂ କମିଟି ଶୁକ୍ରବାର ସଂସଦର ଉଭୟ ଗୃହରେ ଏହି ରିପୋର୍ଟ ଆଗତ କରିଛନ୍ତି। ରିପୋର୍ଟ ଅନୁସାରେ, ଭାରତ ମହାକାଶ କ୍ଷେତ୍ରରେ ଆଗୁଆ ଥିଲେ ବି ଜଙ୍ଗଲ ନିଆଁ ଚିହ୍ନଟ ପାଇଁ ଏବେ ବି ବିଦେଶୀ ଉପଗ୍ରହ ଉପରେ ନିର୍ଭର କରୁଛି, ଯାହା ଦିନକୁ ମାତ୍ର ୮ ଥର ତଥ୍ୟ ଯୋଗାଇଥାଏ। ଏଥିସହ ଝଡ଼ିପଡୁଥିବା ପାଇନ୍ ଗଛର ପତ୍ରର ବ୍ୟବହାର ପାଇଁ ଏକ ଜାତୀୟ ନୀତି ପ୍ରଣୟନ କରିବା, ହିମାଳୟ ଅଞ୍ଚଳ ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ଅନ୍ତତଃ ଦୁଇଟି ଆଞ୍ଚଳିକ କେନ୍ଦ୍ର ସ୍ଥାପନ କରିବା ଏବଂ ଜଳବାୟୁ ପରିବର୍ତ୍ତନ ସହ ଜଙ୍ଗଲ ନିଆଁର ସମ୍ପର୍କ ନେଇ ଏକ ଗବେଷଣା କରିବାକୁ କମିଟି ପରାମର୍ଶ ଦେଇଛି। ପଶ୍ଚିମ ହିମାଳୟରେ ଗ୍ରୀଷ୍ମପ୍ରବାହ ଓ ପାଇନ୍ ପତ୍ର ଯୋଗୁଁ ନିଆଁ ଲାଗୁଥିବା ବେଳେ ପୂର୍ବ ହିମାଳୟରେ ଶୁଷ୍କ ପାଣିପାଗ ଓ ପାରମ୍ପରିକ ଚାଷ ପଦ୍ଧତି ଯୋଗୁଁ ନିଆଁ ଲାଗୁଥିବା ରିପୋର୍ଟରେ ଦର୍ଶାଯାଇଛି। ଜଙ୍ଗଲ ଓ ଜଙ୍ଗଲୀ ସମ୍ପ୍ରଦାୟର ସୁରକ୍ଷା ପାଇଁ ପ୍ରଚଳିତ ଜଙ୍ଗଲ ଆଇନଗୁଡ଼ିକର ପୁନଃସମୀକ୍ଷା କରିବାକୁ କମିଟି କେନ୍ଦ୍ରକୁ ଅନୁରୋଧ କରିଛି।

# ବର୍ଷା, ଭୂସ୍ଖଳନ ଯୋଗୁଁ ଅମରନାଥ ଯାତ୍ରା ସ୍ଥଗିତ



ଶ୍ରୀନଗର, ୮।୮(ଏଜେନ୍ସି): କ୍ରମାଗତ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ରାସ୍ତା କ୍ଷତିଗ୍ରସ୍ତ ହୋଇଥିବାରୁ ବାବା ଅମରନାଥ ଯାତ୍ରାକୁ ନିର୍ଦ୍ଧାରିତ ସମୟର ୨୦ ଦିନ ପୂର୍ବରୁ ସ୍ଥଗିତ ରଖାଯାଇଛି। ଭାରତୀୟ ପାଣିପାଗ ବିଭାଗର ଆଗାମୀ ଖରାପ ପାଣିପାଗ ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଅଗଷ୍ଟ ୯ ତାରିଖରୁ ଦୁଇଟିଯାକ ମାର୍ଗରେ ନୂଆ ଯାତ୍ରୀଙ୍କ ପ୍ରବେଶକୁ ବନ୍ଦ କରାଯାଇଛି। ବର୍ତ୍ତମାନ କେବଳ ପୂର୍ବରୁ ଯାତ୍ରାରେ ଥିବା ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଶେଷ କରିବାକୁ ଅନୁମତି ଦିଆଯିବ। ଚଳିତ ବର୍ଷ ଏପର୍ଯ୍ୟନ୍ତ ୪.୮ ଲକ୍ଷରୁ ଅଧିକ ଭକ୍ତ ପବିତ୍ର ଗୁମ୍ଫାରେ ବାବା ବରଫାନୀଙ୍କ ଦର୍ଶନ କରିସାରିଛନ୍ତି। ଯଦିଓ ଆଜିଠାରୁ ସାଧାରଣ ଶ୍ରଦ୍ଧାଳୁଙ୍କ ପାଇଁ ଯାତ୍ରା ବନ୍ଦ ରହିବ, ତଥାପି ଅଗଷ୍ଟ ୨୮ ତାରିଖରେ ପାରମ୍ପରିକ ଛଡ଼ି ମୁବାରକ ଶୋଭାଯାତ୍ରା ପହଲଗାମ ମାର୍ଗ ଦେଇ ଗୁମ୍ଫା ଅଭିମୁଖେ ଯିବା ସହ ଅମରନାଥ ଯାତ୍ରାର ଆନୁଷ୍ଠାନିକ ସମାପନ ହେବ। ସୂଚନାଯୋଗ୍ୟ, ଏହି ବର୍ଷ ଜୁଲାଇ ୭ ତାରିଖ ସୁଦ୍ଧା ବରଫ ଲିଙ୍ଗ ସମ୍ପୂର୍ଣ୍ଣ ମିଳାଇ ଯାଇଥିଲେ ସୁଦ୍ଧା ଭକ୍ତଙ୍କ ଗହଣରେ ଯାତ୍ରା ଜାରି ରହିଥିଲା। ପହଲଗାମର ୪୮ କିଲୋମିଟର ପାରମ୍ପରିକ ରାସ୍ତା ଏବଂ ବାଲତାଲର ୧୪ କିଲୋମିଟର ଦୁର୍ଗମ ରାସ୍ତା ଦେଇ ପ୍ରତିବର୍ଷ ଏହି ପବିତ୍ର ଯାତ୍ରା ଆୟୋଜିତ ହୋଇଥାଏ। ଶ୍ରଦ୍ଧାଳୁଙ୍କ ଜୀବନ ଓ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପ୍ରଶାସନ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ମହିଳା ବିଲ୍‌କୁ ନେଇ ରାହୁଲ-ରିଜିଜୁ ମୁହାଁମୁହିଁ

- ବିନାସର୍ତ୍ତରେ ବିଲକୁ କଂଗ୍ରେସ ସମର୍ଥନ କରୁ: ରିଜିଜୁ
- ସୀମା ବିଲକୁ ମହିଳା ବିଲରୁ ଅଲଗା କରନ୍ତୁ ସରକାର: ରାହୁଲ



ନୂଆଦିଲ୍ଲୀ, ୮।୮(ଏଜେନ୍ସି):କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ମହିଳା ସଂରକ୍ଷଣ ବିଲ୍ ଏବଂ ଏହା ସହିତ ଜଡ଼ିତ ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରଣ ପ୍ରକ୍ରିୟାକୁ ନେଇ ଶନିବାର କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁଙ୍କ ମଧ୍ୟରେ ଏକ ତୀବ୍ର ବାକ୍ୟୁଦ୍ଧ ଦେଖିବାକୁ ମିଳିଛି। ସଂସଦରେ ଜାରି ରହିଥିବା ଅଚଳାବସ୍ଥା ମଧ୍ୟରେ ଏହି ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ଏହି ବାଦବିବାଦ ରାଜନୈତିକ ମାହୋଲକୁ ଆହୁରି ସରଗରମ କରିଦେଇଛି। ପୂର୍ବରୁ କେନ୍ଦ୍ର ମନ୍ତ୍ରୀ କିରେନ ରିଜିଜୁ ରାହୁଲ ଗାନ୍ଧୀଙ୍କର ଏକ ଭିଡିଓ ସେୟାର କରିଥିଲେ। ଭିଡିଓରେ ରାହୁଲ ମହିଳାମାନଙ୍କ ଅଭିବ୍ୟକ୍ତିର ସ୍ୱାଧୀନତା ବିଷୟରେ କହୁଥିବା ଦେଖାଯାଇଥିଲା। ଏହାକୁ ନେଇ ରିଜିଜୁ କଟାକ୍ଷ କରି କହିଥିଲେ ଯେ, 'ରାହୁଲ ଗାନ୍ଧୀଙ୍କ ମନରେ ମହିଳାମାନଙ୍କ ପ୍ରତି ଏକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳୁଛି' ଏବଂ ସେ କଂଗ୍ରେସକୁ ବିନା କୌଣସି ସର୍ତ୍ତରେ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କରିବାକୁ ଆହ୍ୱାନ ଦେଇଥିଲେ। ଏହାର ମାତ୍ର କିଛି ଘଣ୍ଟା ମଧ୍ୟରେ ରାହୁଲ ଗାନ୍ଧୀ ଟ୍ୱିଟ୍ କରି ଏହାର କଡ଼ା ଜବାବ ଦେଇଥିଲେ। ସେ ମନ୍ତ୍ରୀଙ୍କୁ ମନେ ପକାଇ ଦେଇଥିଲେ ଯେ କଂଗ୍ରେସର ସମ୍ପୂର୍ଣ୍ଣ ସମର୍ଥନରେ ୨୦୨୩ରେ ହିଁ ମହିଳା ସଂରକ୍ଷଣ ବିଲ୍ ସର୍ବସମ୍ମତି କ୍ରମେ ପାରିତ ହୋଇସାରିଛି। ରାହୁଲ ପ୍ରଶ୍ନ କରିଥିଲେ ଯେ, 'ତିନି ବର୍ଷ ବିତିଯାଇଥିଲେ ମଧ୍ୟ ସରକାର ଏହି ବିଲ୍‌କୁ କାହିଁକି କାର୍ଯ୍ୟକାରୀ କରିନାହାଁନ୍ତି ଏବଂ ଏବେ ଏହାକୁ ଅଯଥାରେ ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରଣ ସହ କାହିଁକି ଯୋଡ଼ାଯାଉଛି? ୨୦୨୩ରେ ପାରିତ ହୋଇଥିବା 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ଅନୁଯାୟୀ, ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ୩୩% ଆସନ ସଂରକ୍ଷିତ ରହିବ। ତେବେ ଏହାର କାର୍ଯ୍ୟକାରିତାକୁ ସରକାର ଜନଗଣନା ଏବଂ ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ସହ ଯୋଡ଼ିଛନ୍ତି। ସରକାରଙ୍କ ନୂଆ ଯୋଜନା ଅନୁଯାୟୀ, ୨୦୧୧ ଜନଗଣନାକୁ ଆଧାର କରି ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ଏହାକୁ ଲାଗୁ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକ୍ରିୟା ଦ୍ୱାରା ଲୋକସଭା ଆସନ ସଂଖ୍ୟା ୫୪୩ ରୁ ୮୫୦ କୁ ବୃଦ୍ଧି ପାଇବାର ସମ୍ଭାବନା ଅଛି, ଯେଉଁଥିରୁ ୨୭୩ଟି ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ। ମାତ୍ର ବିରୋଧୀ ଦଳଗୁଡ଼ିକ ଏହାକୁ ବିରୋଧ କରୁଛନ୍ତି। ସେମାନଙ୍କ ଯୁକ୍ତି ହେଉଛି ଯେ ଜନସଂଖ୍ୟା ଆଧାରରେ ଆସନ ପୁନଃନିର୍ଦ୍ଧାରଣ କଲେ ଉତ୍ତର ଭାରତର ରାଜ୍ୟଗୁଡ଼ିକ ଅଧିକ ଲାଭବାନ ହେବେ ଏବଂ ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ କ୍ଷତିଗ୍ରସ୍ତ ହେବେ। ସଂସଦରେ ଏହି ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବା ପାଇଁ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଆବଶ୍ୟକ ଥିବାବେଳେ ବର୍ତ୍ତମାନ ଏନଡିଏ ପାଖରେ ଏହି ମ୍ୟାଜିକ୍ ସଂଖ୍ୟା ନାହିଁ। ସେଥିପାଇଁ କିରେନ ରିଜିଜୁ ଗତ କିଛି ଦିନ ହେବ ରାହୁଲଙ୍କ ସହ ଏକାଧିକ ବାର ଆଲୋଚନା କରି ସହଯୋଗ ମାଗିଛନ୍ତି। କିନ୍ତୁ ରାହୁଲ ସ୍ପଷ୍ଟ କରିଛନ୍ତି ଯେ ମହିଳା ସଂରକ୍ଷଣକୁ ସୀମା ପୁନଃନିର୍ଦ୍ଧାରଣ ସହ ଯୋଡ଼ିବା ବିରୋଧୀ ଦଳ ମାନଙ୍କ ପକ୍ଷେ ଗ୍ରହଣୀୟ ନୁହେଁ। ତେବେ ବର୍ତ୍ତମାନ ମୌସୁମୀ ଅଧିବେଶନ ଶେଷ ହେବାକୁ ମାତ୍ର ଏକ ସପ୍ତାହ ବାକି ରହିଛି। ଏପରିସ୍ଥଳେ କଂଗ୍ରେସ ନିଜ ଆଭିମୁଖ୍ୟରେ କୋହଳ କରୁଛି କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ସ୍ୱର ବଦଳାଇଲା ଅକାଳୀ

ଚଣ୍ଡିଗଡ଼, ୮।୮(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଶିରୋମଣି ଅକାଳୀ ଦଳ ସଭାପତି ସୁଖବୀର ସିଂ ବାଦଲଙ୍କ ମଧ୍ୟରେ ହୋଇଥିବା ସାକ୍ଷାତକାର ପରେ ପଞ୍ଜାବ ରାଜନୀତିରେ ବଡ଼ ପରିବର୍ତ୍ତନର ସଙ୍କେତ ମିଳିଛି। ବୈଠକର ଗୋଟିଏ ଦିନ ପରେ, ଅକାଳୀ ଦଳ କେନ୍ଦ୍ର ସରକାରଙ୍କ ମହିଳା ସଂରକ୍ଷଣ ବିଲ୍ ଏବଂ ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ ସମର୍ଥନ ଜଣାଇଛି। ଶନିବାର ସୁଖବୀର ସିଂ ବାଦଲ ମହିଳା ସଂରକ୍ଷଣ ବିଲ୍‌କୁ ବିନା ବିଳମ୍ବରେ କାର୍ଯ୍ୟକାରୀ କରାଯିବା ଉଚିତ ବୋଲି କହିଛନ୍ତି। ତାଙ୍କ ଦଳ ମହିଳାଙ୍କ ସମ୍ମାନ ଓ ଅଧିକାର ପାଇଁ କାର୍ଯ୍ୟ କରିଆସୁଛି ବୋଲି ବାଦଲ ପ୍ରକାଶ କରିଛନ୍ତି। ସେହିପରି ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ମଧ୍ୟ ଦଳ ନିଜର ଆଭିମୁଖ୍ୟ ବଦଳାଇଛି। ପୂର୍ବରୁ ୨୦୧୧ ଜନଗଣନା ଆଧାରିତ ସୀମା ନିର୍ଦ୍ଧାରଣକୁ ବିରୋଧ କରୁଥିବା ଅକାଳୀ ଦଳ ଏବେ କେନ୍ଦ୍ରର ନୂତନ ପ୍ରସ୍ତାବକୁ ସମର୍ଥନ ଜଣାଇଛି। କେନ୍ଦ୍ର ସରକାର ସମସ୍ତ ରାଜ୍ୟ ପାଇଁ ସମାନ ଭାବେ ୫୦ ପ୍ରତିଶତ ଲୋକସଭା ଆସନ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛନ୍ତି, ଯାହାକୁ ଅକାଳୀ ଦଳ ଏକ ନ୍ୟାୟସଙ୍ଗତ ବ୍ୟବସ୍ଥା ବୋଲି କହିଛି। ଏହାପରେ ପଞ୍ଜାବରେ ଅକାଳୀ-ବିଜେପି ମେଣ୍ଟକୁ ନେଇ ପୁଣି ଥରେ ଚର୍ଚ୍ଚା ଜୋର ଧରିଛି। ୨୦୨୦ରେ କୃଷି ଆଇନକୁ ନେଇ ଦୁଇ ଦଳ ମଧ୍ୟରେ ୨୪ ବର୍ଷର ସମ୍ପର୍କ ଭାଙ୍ଗିଥିଲା। ତେବେ ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଦୁଇ ପୁରୁଣା ସହଯୋଗୀ ପୁଣି ଏକାଠି ହୋଇପାରନ୍ତି ବୋଲି ଅନୁମାନ କରାଯାଉଛି।

# ବେଙ୍ଗାଲୁରୁ ପଞ୍ଚତାରକା ହୋଟେଲରେ ପଚା ପରିବା ଓ ବାସି କ୍ଷୀର




ବେଙ୍ଗାଲୁରୁ, ୮।୮(ଏଜେନ୍ସି): ବେଙ୍ଗାଲୁରୁର କେତେକ ପ୍ରତିଷ୍ଠିତ ବିଳାସପୂର୍ଣ୍ଣ ହୋଟେଲରେ ଖାଦ୍ୟ ସୁରକ୍ଷା ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ତଥ୍ୟ ସାମ୍ନାକୁ ଆସିଛି। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସହରର ବିଭିନ୍ନ ପ୍ରାନ୍ତରେ ଥିବା ୨୬ଟି ତିନି-ତାରକା ଏବଂ ପଞ୍ଚତାରକା ହୋଟେଲରେ ଚଢ଼ଉ କରାଯାଇଛି। ଗତକାଲି ବୃହତ ବେଙ୍ଗାଲୁରୁ ମହାନଗର ପାଳିକା ଅଧୀନରେ ଥିବା ସମସ୍ତ ଜୋନରେ ୩୦ଟି ଟିମ୍ ଏହି ଅତର୍କିତ ଚଢ଼ଉ କରିଥିଲେ। ଏହି ସମୟରେ ହୋଟେଲଗୁଡ଼ିକର ରୋଷେଇ ଘର ଏବଂ ଷ୍ଟୋରେଜ୍ ରୁମ୍‌ରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ଦେଖିବାକୁ ମିଳିଥିଲା। ଅଧିକାରୀମାନେ ବହୁ ପରିମାଣର ପଚା ପରିବା, ଫିମ୍ପି ମରା ଖାଦ୍ୟ ପଦାର୍ଥ ଏବଂ ବ୍ୟବହାର ଅବଧି ଶେଷ ହୋଇଯାଇଥିବା ଏକ୍ସପାୟର୍ଡ କ୍ଷୀର ଓ ଅନ୍ୟାନ୍ୟ ଦୁଗ୍ଧଜାତ ଦ୍ରବ୍ୟ ଜବତ କରିଛନ୍ତି। ଏପରିକି ଚିକେନ୍, ମାଛ ଏବଂ ମାଂସ ମଧ୍ୟ ଅତ୍ୟନ୍ତ ନିମ୍ନମାନର ଓ ଅସ୍ୱାସ୍ଥ୍ୟକର ଅବସ୍ଥାରେ ଥିବା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ଦି ରାଡିସନ୍ ବ୍ଲୁରୁ ସର୍ବାଧିକ ୧୦୫ କିଲୋଗ୍ରାମର ବାସି ଖାଦ୍ୟ ଜବତ କରାଯାଇଛି। ସେହିପରି ଦି ଲଳିତ ଅଶୋକରୁ ୭୬ କିଲୋ ମାଂସ, ୨୦୦ କିଲୋ ପରିବା ଏବଂ ୩୨ ଲିଟର ବାସି କ୍ଷୀର ନଷ୍ଟ କରାଯାଇଛି। ଶାଙ୍ଗ୍ରି-ଲା ଏବଂ ଫୋର୍ ସିଜନ୍ସ ହୋଟେଲରୁ ମଧ୍ୟ ବହୁ ପରିମାଣର ଅସ୍ୱାସ୍ଥ୍ୟକର ମାଂସ ଜବତ ହୋଇଛି। ଏହା ବ୍ୟତୀତ ତାଜ ଯଶବନ୍ତପୁରରୁ ୭୨ କିଲୋ ମାଂସ ଏବଂ ଭିଭାନ୍ତାରୁ ବାସି ପାଉଁରୁଟି ଜାତୀୟ ଉତ୍ପାଦ ମିଳିଥିଲା। ଯାଞ୍ଚ ବେଳେ ଅନେକ ହୋଟେଲରେ ଶାକାହାରୀ ଏବଂ ମାଂସାହାରୀ ଖାଦ୍ୟକୁ ପୃଥକ ଭାବେ ରଖାଯାଉ ନଥିବା ଜଣାପଡ଼ିଛି। ଏହାସହ ଖାଦ୍ୟ ପଦାର୍ଥ ଉପରେ ସଠିକ୍ ଲେବଲ୍ ନଥିବା ଏବଂ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣର ନିୟମାବଳୀକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଅଭିଯାନ ସମୟରେ ଅନେକ ଖାଦ୍ୟ ନମୁନା ସଂଗ୍ରହ କରାଯାଇ ଲ୍ୟାବକୁ ପଠାଯାଇଛି। ବିଭାଗ ପକ୍ଷରୁ ସମ୍ପୃକ୍ତ ହୋଟେଲଗୁଡ଼ିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଲ୍ୟାବ୍ ରିପୋର୍ଟ ଆସିବା ପରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ଦରବୃଦ୍ଧିକୁ ନେଇ ପାକିସ୍ତାନରେ ତେଜୁଛି ଅସନ୍ତୋଷର ନିଆଁ




ଇସଲାମାବାଦ, ୮।୮ (ଏଜେନ୍ସି): ପାକିସ୍ତାନରେ ପେଟ୍ରୋଲ, ଡିଜେଲ ଏବଂ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧିକୁ ନେଇ ସମଗ୍ର ଦେଶରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ଦିନ 'ଜମାତ-ଏ-ଇସଲାମୀ' ପକ୍ଷରୁ ଆୟୋଜିତ ଏକ ବୃହତ ବିକ୍ଷୋଭ ପ୍ରଦର୍ଶନରେ ହଜାର ହଜାର ସାଧାରଣ ଜନତା ରାଜରାସ୍ତାକୁ ଓହ୍ଲାଇ ସରକାରଙ୍କ ନୂତନ ପେଟ୍ରୋଲ, ଡିଜେଲ ଶୁଳ୍କ ଏବଂ ମୁଦ୍ରାସ୍ଫୀତିକୁ ବିରୋଧ କରିଛନ୍ତି। ଏହି ପ୍ରତିବାଦ ଯୋଗୁଁ କରାଚି, ଲାହୋର, ପେଶାୱାର, କ୍ୱେଟା, ଇସଲାମାବାଦ, ରାଓଲପିଣ୍ଡି ଏବଂ ଆବୋଟାବାଦ ଭଳି ପ୍ରମୁଖ ସହରଗୁଡ଼ିକରେ ରାଲି ଓ ଧାରଣା ଦିଆଯାଇଥିଲା, ଯାହା ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଜମାତ-ଏ-ଇସଲାମୀର ମୁଖ୍ୟ ହାଫିଜ ନୟୀମୁର ରହେମାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ସରକାରକୁ କଡ଼ା ଚେତାବନୀ ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ସରକାର ପେଟ୍ରୋଲ ଶୁଳ୍କ ଜରିଆରେ ପ୍ରାୟ ୮ ଟ୍ରିଲିୟନ ପାକିସ୍ତାନୀ ଟଙ୍କା ସଂଗ୍ରହ କରିଥିଲେ ମଧ୍ୟ ସାଧାରଣ ଜନତାଙ୍କୁ କୌଣସି ଆଶ୍ୱସ୍ତି ନଦେଇ କେବଳ ପ୍ରଭାବଶାଳୀ ଗୋଷ୍ଠୀଙ୍କୁ ସୁହାଇବା ଭଳି କାର୍ଯ୍ୟ କରୁଛନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚରୁ ଶେହବାଜ ଶରିଫଙ୍କ ସରକାର ପ୍ରତି ସପ୍ତାହରେ ଇନ୍ଧନ ଦର ସଂଶୋଧନ କରୁଛନ୍ତି। ଗତ ଏପ୍ରିଲ ମାସରେ ପେଟ୍ରୋଲ ଦର ଲିଟର ପିଛା ୪୫୯ ପାକିସ୍ତାନୀ ଟଙ୍କା ଏବଂ ଡିଜେଲ ୫୨୦.୩୫ ଟଙ୍କାରେ ପହଞ୍ଚି ଏକ ନୂତନ ରେକର୍ଡ ସୃଷ୍ଟି କରିଥିଲା। ମ୍ୟାନ୍‌ମାର ପରେ ପାକିସ୍ତାନରେ ଇନ୍ଧନ ଦର ବୃଦ୍ଧି ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ବୋଲି ତଥ୍ୟରୁ ଜଣାପଡ଼ିଛି। ଏହି ଦରବୃଦ୍ଧି ଯୋଗୁଁ ଦେଶରେ ପରିବହନ ଖର୍ଚ୍ଚ ଏବଂ ଖାଦ୍ୟ ସାମଗ୍ରୀର ଦାମ ଅହେତୁକ ଭାବେ ବଢ଼ିବାରେ ଲାଗିଛି।

# ଦିଲ୍ଲୀରେ ରେଡ୍ ଆଲର୍ଟ; ୟୁପି, ବିହାରରେ ବନ୍ୟା



ନୂଆଦିଲ୍ଲୀ, ୮।୮(ଏଜେନ୍ସି): ଉତ୍ତର ଭାରତର ବିଭିନ୍ନ ପ୍ରାନ୍ତରେ ମୌସୁମୀ ବର୍ଷାର ପ୍ରକୋପ ଜାରି ରହିଛି। ପ୍ରବଳ ବର୍ଷା, ଜଳବନ୍ଦୀ ଓ ବନ୍ୟା ଯୋଗୁଁ ଦିଲ୍ଲୀ-ଏନସିଆର, ଉତ୍ତର ପ୍ରଦେଶ ଏବଂ ବିହାରରେ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଶନିବାର ପାଇଁ ଦେଶର ରାଜଧାନୀ ଦିଲ୍ଲୀରେ 'ରେଡ୍ ଆଲର୍ଟ' ଜାରି କରାଯାଇଛି। ଚଳିତ ଅଗଷ୍ଟ ମାସର ପ୍ରଥମ ସପ୍ତାହରେ ଦିଲ୍ଲୀରେ ୧୨୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହା ୨୦୧୧ ପରଠାରୁ ଏହି ସମୟ ମଧ୍ୟରେ ସର୍ବାଧିକ ବର୍ଷା। ଶୁକ୍ରବାର ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଦିଲ୍ଲୀ-ଗୁରୁଗ୍ରାମ ହାଇୱେ ସମେତ ଅନେକ ପ୍ରମୁଖ ରାସ୍ତା ଜଳମଗ୍ନ ହୋଇଛି। କେତେକ ଅଞ୍ଚଳରେ ପ୍ରାୟ ୪ ଫୁଟ ଉଚ୍ଚର ପାଣି ଜମି ରହିବା ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏକ ପାର୍କିଂ କାନ୍ଥ ଭୁଶୁଡି ପଡ଼ିବା ଯୋଗୁଁ ୮ଟି କାର୍ ପୋତି ହୋଇଯାଇଥିବା ବେଳେ ଅନେକ ଗାଡି ପାଣିରେ ଫସି ରହିଥିବା ଜଣାପଡ଼ିଛି। ଜାମ୍ମୁ ଓ କାଶ୍ମୀରରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁଁ ଶନିବାର ପୁଣିଥରେ ଅମରନାଥ ଯାତ୍ରାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଜାମ୍ମୁ ଅଞ୍ଚଳରେ ଆସନ୍ତା ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ହେବାର ଆଶଙ୍କା ରହିଛି। ବିହାରରେ ନେପାଳରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ମୁଜାଫରପୁରରେ ବାଗମତୀ ନଦୀର ଜଳସ୍ତର ବୃଦ୍ଧି ପାଇଛି। ବାଘା ଅଞ୍ଚଳରେ ଗଣ୍ଡକ ନଦୀର ବନ୍ୟା ଜଳ ପ୍ରାୟ ୩୦୦ ଘରେ ପଶିଯାଇଛି, ଯାହା ପରେ ସ୍ଥାନୀୟ ପ୍ରଶାସନ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛି। ଅନ୍ୟପଟେ ଉତ୍ତର ପ୍ରଦେଶରେ ବିଗତ ୨୫ ଦିନର ଲଗାତାର ବର୍ଷା ଯୋଗୁଁ ନଦୀଗୁଡିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛନ୍ତି। ବାରାଣସୀରେ ଗଙ୍ଗା ନଦୀର ଜଳସ୍ତର ବୃଦ୍ଧି ପାଇବା ଫଳରେ ୮୪ଟି ଘାଟକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ପ୍ରାୟ ୫୦-୬୦ଟି ଛୋଟ ମନ୍ଦିର ଜଳମଗ୍ନ ହୋଇଛି। ଆଗ୍ରାରେ ଏକ ରାସ୍ତା ଧସିଯାଇ ୨୦ ଫୁଟ ଗଭୀର ଗାତ ସୃଷ୍ଟି ହୋଇଥିବା ବେଳେ ଏହା ଯୋଗାଯୋଗକୁ ବାଧାପ୍ରାପ୍ତ କରିଛି। ଉତ୍ତରାଖଣ୍ଡର ଧାରଚୁଲାରେ କାଳୀ ନଦୀ ବିପଦ ସେଙ୍କତ ଉପରେ ପ୍ରବାହିତ ହେଉଛି। ସେହିପରି ଛତିଶଗଡ଼ର ଗରିଆବନ୍ଦରେ ଛୋଟ ପିଲାମାନେ ମୁଣ୍ଡରେ ସ୍କୁଲ ବ୍ୟାଗ୍ ଧରି ଜଳମଗ୍ନ ରାସ୍ତା ଦେଇ ସ୍କୁଲ ଯାଉଥିବା ଭଳି ବିପଦସଙ୍କୁଳ ଚିତ୍ର ସାମ୍ନାକୁ ଆସିଛି। ୟୁପିର ଲୋନି ଅଞ୍ଚଳରେ ମଧ୍ୟ ପ୍ରବଳ ଜଳବନ୍ଦୀ ଯୋଗୁଁ ରାସ୍ତାଗୁଡିକ ପୋଖରୀ ସଦୃଶ ହୋଇପଡ଼ିଛି।

# 'ତୁମେ ସ୍ୱାମୀଙ୍କୁ ନ ମାରିଲେ, ମୁଁ ମାରିଦେବି'

## ପ୍ରେମିକ ସହ ମିଶି ଷଡ଼ଯନ୍ତ୍ର ରଚୁଥିଲେ ସ୍ତ୍ରୀ, ଧରାଇଦେଲା ମୋବାଇଲ ଚାଟ୍



ହାଇଦ୍ରାବାଦ, ୮।୮(ଏଜେନ୍ସି): ସ୍ତ୍ରୀ ନିଜ ପ୍ରେମିକ ସହ ମିଶି ନିଜ ସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚୁଥିଲେ। ଏପରିକି ଏହାକୁ ଏକ ସଡ଼କ ଦୁର୍ଘଟଣାର ରୂପ ଦେବାକୁ ଚାଟ୍ ମାଧ୍ୟମରେ ଯୋଜନା ଚାଲିଥିଲା। ତେବେ ମୋବାଇଲ୍ ଚାଟ୍ ଦେଖି ସ୍ୱାମୀ ଏହି ହତ୍ୟା ଷଡ଼ଯନ୍ତ୍ର ବିଷୟରେ ଜାଣିବାକୁ ପାଇବା ପରେ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାନୁସାରେ, ତେଲେଙ୍ଗାନାର ଚିଲକୋଡୁ ଅଞ୍ଚଳର ଜି ରାଜେଶ୍ୱର ରାଓ ୨୦୧୬ ମସିହାରେ ଭବାନୀଙ୍କୁ ବିବାହ କରିଥିଲେ ଏବଂ ସେମାନଙ୍କର ଦୁଇଟି କନ୍ୟା ସନ୍ତାନ ଅଛନ୍ତି। ଏକ ବେସରକାରୀ ହସ୍ପିଟାଲରେ କାର୍ଯ୍ୟରତ ରାଜେଶ୍ୱର ଜଣେ କୋରିୟର ବାଳକ ସାଇଦୁଲୁଙ୍କ ସହ ତାଙ୍କ ସ୍ତ୍ରୀଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା ବୋଲି ଜାଣିବାକୁ ପାଇଥିଲେ। ସ୍ୱାମୀଙ୍କ ଅନୁପସ୍ଥିତିରେ ପ୍ରେମିକ ଘରକୁ ଆସୁଥିଲେ। ଦିନେ ରାଜେଶ୍ୱର ନିଜ ସ୍ତ୍ରୀଙ୍କ ମୋବାଇଲ୍‌ରେ ପ୍ରେମିକ ସହ ହୋଇଥିବା ବାର୍ତ୍ତାଳାପ ଦେଖି ସ୍ତବ୍ଧ ହୋଇଯାଇଥିଲେ। ତାଙ୍କ ସ୍ତ୍ରୀ ସ୍ୱାମୀଙ୍କୁ ଘର ଭିତରେ ମାରିଲେ ସନ୍ଦେହ ହେବ, ତେଣୁ ସଡ଼କ ଦୁର୍ଘଟଣାର ରୂପ ଦେଇ ହତ୍ୟା କରିବାକୁ ପ୍ରେମିକଙ୍କୁ ପରାମର୍ଶ ଦେଇଥିଲେ। ଏପରିକି 'ତୁମେ ନମାରିଲେ, ମୁଁ ନିଜେ ତାଙ୍କୁ ମାରିଦେବି' ବୋଲି ମଧ୍ୟ ସ୍ତ୍ରୀ ଲେଖିଥିଲେ। ରାଜେଶ୍ୱର ଏହି ଚାଟ୍‌ର ଫଟୋ ପ୍ରମାଣ ସହ ପୋଲିସ ନିକଟରେ ଅଭିଯୋଗ କରି ନିଜର ଓ ଦୁଇ ଝିଅଙ୍କ ଜୀବନ ସୁରକ୍ଷା ପାଇଁ ଗୁହାରି କରିଛନ୍ତି।

# ଉତ୍ତର ଓଡ଼ିଶାରେ ଫୁଲୁଛି ନଦୀ; ବଢୁଛି ବନ୍ୟା ଭୟ


ଆଖୁଆପଦା ଆନିକଟ ଠାରେ ଭରା ବୈତରଣୀ





# ନବୀନଙ୍କୁ ଭେଟିଲେ ନର୍ଲା ବିଜେଡି ନେତୃବୃନ୍ଦ

## ଅଞ୍ଚଳର ବିକାଶ କାର୍ଯ୍ୟ ଓ ଦଳୀୟ ସଂଗଠନ ସମ୍ପର୍କରେ ଆଲୋଚନା





ଭୁବନେଶ୍ୱର,୮।୮(ସମିସ): କଳାହାଣ୍ଡି ଜିଲ୍ଲା ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ, ପୂର୍ବତନ ବିଧାୟକ, ଦଳୀୟ ନେତା ଓ ପଞ୍ଚାୟତିରାଜ ପ୍ରତିନିଧିମାନେ ଶନିବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ନେତୃବୃନ୍ଦଙ୍କ ସହ ନିର୍ବାଚନମଣ୍ଡଳୀର ବିକାଶମୂଳକ କାର୍ଯ୍ୟ ଓ ସାଂଗଠନିକ ପ୍ରସଙ୍ଗକୁ ନେଇ ନବୀନ ଆଲୋଚନା କରିଥିବା ଜଣାପଡ଼ିଛି। ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ନେତୃତ୍ୱରେ ନର୍ଲା ନିର୍ବାଚନମଣ୍ଡଳୀର ବିଜେଡି ନେତା ଓ ଜନପ୍ରତିନିଧିମାନେ ଏହି ଆଲୋଚନାରେ ଯୋଗଦେଇଥିଲେ। ଏଥିରେ ନର୍ଲା ନିର୍ବାଚନମଣ୍ଡଳୀର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ସ୍ଥାନୀୟ ସମସ୍ୟା ଏବଂ ଦଳର ସାଂଗଠନିକ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଲୋଚନା ସମୟରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ବିଧାୟକ ଦିବ୍ୟଶଙ୍କର ମିଶ୍ର, ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ପ୍ରଦୀପ ଦିଶାରୀଙ୍କ ସମେତ କଳାହାଣ୍ଡି ଜିଲ୍ଲାର ବହୁ ବରିଷ୍ଠ ବିଜେଡି ନେତା ଉପସ୍ଥିତ ଥିଲେ।

## ଆଦିବାସୀଙ୍କ ଐତିହ୍ୟ ସୁରକ୍ଷା ଓ କଲ୍ୟାଣ ପାଇଁ ଦଳ ସଂକଳ୍ପବଦ୍ଧ

# ବିଜେଡି ପାଳିବ ବିଶ୍ୱ ଆଦିବାସୀ ଦିବସ

ଭୁବନେଶ୍ୱର,୮।୮(ସମିସ): ବିଶ୍ୱ ଆଦିବାସୀ ଦିବସ ଓ ମହାନ କ୍ରାନ୍ତି ଦିବସ ବିଜୁ ଜନତା ଦଳ ପକ୍ଷରୁ ଶଙ୍ଖ ଭବନରେ ଅଗଷ୍ଟ ୯ ତାରିଖରେ ରବିବାର ଦିନ ପାଳିତ କରାଯିବ। ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗ ଦେଇ ଜନଜାତିଙ୍କୁ ଶୁଭେଚ୍ଛା ଜଣାଇବେ।ଏନେଇ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସୂଚନା ପ୍ରଦାନ କରିଛନ୍ତି। ବିଜେଡି ପକ୍ଷରୁ ଶଙ୍ଖ ଭବନ ସମେତ ବିଭିନ୍ନ କ୍ଷେତ୍ରୀୟ ମୁଖ୍ୟାଳୟରେ ଜନଜାତି ମାନଙ୍କ ସହ ସାମିଲ ହୋଇ ଏହି ଦିବସ ପାଳନ କରାଯିବ ବୋଲି ସେ କହିଛନ୍ତି।

■ ଶଙ୍ଖ ଭବନ କାର୍ଯ୍ୟକ୍ରମରେ ଯୋଗଦେବେ ସୁପ୍ରିମୋ ନବୀନ

ଶ୍ରୀ ମିଶ୍ର କହିଛନ୍ତି ଯେ ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନ ସମୟରେ ସାମିଲ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିକୁ ନେଇ କ୍ରାନ୍ତି ଦିବସ ପାଳନ କରାଯିବ। ମହାନ କ୍ରାନ୍ତିକାରୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ଇଂରେଜ ଶାସନ ବିରୁଦ୍ଧରେ ଆଦିବାସୀ ମାନଙ୍କ ଆନ୍ଦୋଳନକୁ ଦେଶ ସର୍ବଦା ମନେ ପକାଉଛି। ଆମ ଜନସଂଖ୍ୟାର ଏକ ଚତୁର୍ଥାଂଶ ଜନଜାତି ଲୋକ ଅଟନ୍ତି। ଓଡ଼ିଶାରେ ୬୪ ଜନଜାତି ଲୋକେ ବସବାସ କରନ୍ତି। ସେଥି ମଧ୍ୟରେ ଅନେକ ପିଭିଟିଜି ରହିଛନ୍ତି। ଆଦିବାସୀ ସଂପ୍ରଦାୟର ଲୋକମାନେ ଆମ ମାନଙ୍କ ପାଇଁ




ଗର୍ବ ଅଟନ୍ତି। ଆଦିବାସୀଙ୍କ ସ୍ୱତନ୍ତ୍ର ଚିତ୍ରକଳା, ଭାସ୍କର୍ଯ୍ୟ, ହସ୍ତଶିଳ୍ପ, ନୃତ୍ୟ, ସଂଗୀତ ଓଡ଼ିଶା ସାଂସ୍କୃତିକ ଐତିହ୍ୟର ଅନନ୍ୟ ବିଭବ। ଏହାର ସୁରକ୍ଷା, ସଂରକ୍ଷଣ ସହ ଆଦିବାସୀଙ୍କ କଲ୍ୟାଣ ପାଇଁ ବିଜେଡି ସଦାସର୍ବଦା ସଂକଳ୍ପବଦ୍ଧ ରହିଛି। ଆଦିବାସୀ ମାନଙ୍କ ବିକାଶ ନିମନ୍ତେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଶଙ୍ଖ ଭବନରେ ଆୟୋଜିତ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଆଦିବାସୀ ଭାଇଭଉଣୀମାନେ ଯୋଗ ଦେବେ। ତାଙ୍କୁ ବିରୋଧୀ ଦଳ ନେତା ସମ୍ବୋଧନ କରିବେ ବୋଲି ଶ୍ରୀ ମିଶ୍ର ସୂଚନା ପ୍ରଦାନ କରିଛନ୍ତି।

# ବର୍ଷିଲା ବିଜେଡି: ଚାଷୀ ଓ ମହିଳାଙ୍କୁ ହତାଶ କରିଛି ସରକାରଙ୍କ ଖରିଫ ଧାନ କିଣା ବିଜ୍ଞପ୍ତି

ଭୁବନେଶ୍ୱର,୮।୮(ସମିସ):ଚଳିତ ବର୍ଷ ଖରିଫ ଧାନ କିଣା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ବିରୋଧ କରିଛି ବିଜୁ ଜନତା ଦଳ। ବିଜ୍ଞପ୍ତିରେ ପ୍ରକାଶ ପାଇଥିବା ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି ଯେ ଭାଗଚାଷୀ, କ୍ଷୁଦ୍ରଚାଷୀ ମାନେ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିବାରୁ ବଞ୍ଚିତ ହେବେ। ଏହାଛଡା ରାଜ୍ୟର ମହିଳା ଏସଏଚଜି ମାନଙ୍କୁ ପୂର୍ବ ସରକାରଙ୍କ ଦ୍ୱାରା ଧାନ କ୍ରୟ ଓ ବିକ୍ରୟ ପାଇଁ ଅନୁମତି ପ୍ରଦାନ କରାଯାଇଥଲା, ଯାହାକୁ ରାଜ୍ୟ ବିଜେପି ସରକାର ଉଠାଇ ଦେଇଛନ୍ତି। ଏହି ନିଷ୍ପତ୍ତିକୁ ବିଜେଡି ତୀବ୍ର ନିନ୍ଦା କରିଛି।

■ ରାଜ୍ୟର ଅର୍ଦ୍ଧାଧିକ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବେ
■ ମହିଳା ଏସଏଚଜିଙ୍କ ଠାରୁ ଧାନ କିଣାବିକା ଅଧିକାରକୁ ଛଡ଼ାଇନେଲେ ରାଜ୍ୟ ସରକାର




ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ଉପସଭାପତି ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ କରିବା ସହିତ ଏହା ରାଜ୍ୟ ସରକାରଙ୍କର କୃଷକ ଓ ମହିଳା ବିରୋଧୀ ମନୋଭାବକୁ ପ୍ରଦର୍ଷିତ କରୁଛି ବୋଲି କହିଥିଲେ। ଚଳିତ ବର୍ଷ ଖରିଫ ଧାନ କ୍ରୟ ପାଇଁ ରାଜ୍ୟ ସରକାରଙ୍କର ସମବାୟ ଓ ଯୋଗାଣ ବିଭାଗ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ ରାଜ୍ୟର ଭାଗଚାଷୀ ତଥା କ୍ଷୁଦ୍ର ଚାଷୀମାନଙ୍କୁ ପଞ୍ଜୀକରଣ କରିବା ପାଇଁ ଜମିର ପ୍ରକୃତ ମାଲିକମାନଙ୍କୁ ପଞ୍ଜୀକରଣ କେନ୍ଦ୍ରକୁ ଆସିବାକୁ ହେବ। ପୂର୍ବରୁ ସମବାୟ ବା ଯୋଗାଣ ଅଧିକାରୀ ମାନେ ଭାଗଚାଷୀମାନଙ୍କୁ ଚିହ୍ନଟ କରୁଥିଲେ, ଯାହା ମାଧ୍ୟମରେ ଭାଗଚାଷୀ ମାନେ ପଞ୍ଜୀକରଣ କରୁଥିଲେ। ଚଳିତ ବର୍ଷ ପ୍ରକୃତ ମାଲିକଙ୍କୁ ପଞ୍ଜୀକରଣ କେନ୍ଦ୍ରକୁ ଆସିବା ବାଧ୍ୟତାମୂଳକ ହୋଇଥିବାରୁ ଅଧିକାଂଶ ଭାଗଚାଷୀ ମାନେ ପଞ୍ଜୀକରଣ କରିବାରୁ ବଞ୍ଚିତ ହେବେ। ରାଜ୍ୟରେ ଭାଗଚାଷୀଙ୍କ ସଂଖ୍ୟା ସମୁଦାୟ ଚାଷୀ ସଂଖ୍ୟାର ଅଧାରୁ ଅଧିକ। ତେଣୁ ରାଜ୍ୟର ଅର୍ଦ୍ଧାଧିକ ଚାଷୀ ଚଳିତ ବର୍ଷ ପଞ୍ଜୀକରଣ କରିବାକୁ ସକ୍ଷମ ହେବେ ନାହିଁ। ଏହା ରାଜ୍ୟ ସରକାରଙ୍କର କୃଷକ ମାରଣ ନୀତିକୁ ଦର୍ଶାଉଛି। ଡବଲ ଇଞ୍ଜିନ ସରକାର କୃଷକ ମାନଙ୍କୁ ଡବଲ ଧୋକା ଦେଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ବିଜ୍ଞପ୍ତିରେ ମହିଳା ଏସଏଚଜି ମାନଙ୍କୁ ଧାନ କିଣା ବିକା ପାଇଁ ସରକାରଙ୍କ ଦ୍ୱାରା ପ୍ରଦାନ କରା ଯାଇଥିବା ଅନୁମତିକୁ ପ୍ରତ୍ୟାହାର କରି ନିଆଯାଇଛି । ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ନବୀନ ସରକାରଙ୍କ ଦ୍ୱାରା ଧାନ କିଣା ବିକା ପାଇଁ ଅନୁମତି ପ୍ରଦାନ କରାଯାଇଥଲା । ବିଜେପି ସରକାର ଏହାକୁ ପ୍ରତ୍ୟାହାର କରି ନେଇଛନ୍ତି । ରାଜ୍ୟ ସରକାରଙ୍କର ଏହି ନିଷ୍ପତ୍ତି ତାଙ୍କର ମହିଳା ବିରୋଧୀ ମନୋଭାବକୁ ସ୍ପଷ୍ଟ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଏହି ନିଷ୍ପତ୍ତିକୁ ବିଜୁ ଜନତା ଦଳ ଦୃଢ ବିରୋଧ କରୁଛି ଏବଂ ଆଗାମୀ ଦିନରେ ବିଧାନସଭା ଓ ରାଜରାସ୍ତାରେ ଏହାର ଦୃଢ ବିରୋଧ କରାଯିବ ବୋ ସେ ଚେତାବନୀ ଦେଇଛନ୍ତି।

## ଓଏସ୍‌ଏସ୍‌ଏସ୍‌ସିର ଅଜବ ନିୟମ

# ପରୀକ୍ଷା ଫି' ଫେରସ୍ତ ପାଉନାହାନ୍ତି ପରୀକ୍ଷାର୍ଥୀ

ଭୁବନେଶ୍ୱର, ୮।୮(ସମିସ): ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ଆର୍‌ଆଇ, ଅମିନ ଏବଂ ଫରେଷ୍ଟର, ଫରେଷ୍ଟ ଗାର୍ଡ ପରୀକ୍ଷାର ଫି' ଫେରସ୍ତ କରାଯାଉଛି। ଜୁଲାଇ ୨୮ ରୁ ୩୦ ମଧ୍ୟରେ ଅନେକଙ୍କ ଫି' ଫେରସ୍ତ ହୋଇ ସାରିଛି। ମାତ୍ର ଏହି ଫେରସ୍ତ ଟଙ୍କା ପରୀକ୍ଷାର୍ଥୀଙ୍କ ବ୍ୟାଙ୍କ୍ ଖାତାକୁ ଯାଉନାହିଁ। ଆବେଦନ ସମୟରେ ଯେଉଁ ମାଧ୍ୟମରେ ଫି' ପୈଠ କରିଥିଲେ ସେହି ମାଧ୍ୟରେ ଟଙ୍କା ଫେରସ୍ତ ହେଉଥିବାରୁ ଅନେକ ଟଙ୍କା ପାଇ ପାରୁନାହାନ୍ତି।

ରାଜ୍ୟର ପ୍ରାୟ ୮ ଲକ୍ଷ ପରୀକ୍ଷାର୍ଥୀ ଏହି ଦୁଇଟି ପରୀକ୍ଷା ପାଇଁ ଆବେଦନ କରିଥିଲେ। ବିଭିନ୍ନ ଅଞ୍ଚଳରେ ନେଟୱର୍କ ସମସ୍ୟା ପାଇଁ ସାଇବର କାଫେ ବା ଜନସେବା କେନ୍ଦ୍ରରେ ପିଲାମାନେ ଆବେଦନ କରିଥିଲେ। ଯେଉଁ ଅଞ୍ଚଳରେ ନେଟୱର୍କ ଅଛି, ସେଠାରେ ମଧ୍ୟ ଅନେକ ପରୀକ୍ଷାର୍ଥୀ ଜନସେବା କେନ୍ଦ୍ରରେ ଆବେଦନ କରୁଛନ୍ତି। ଜନସେବା କେନ୍ଦ୍ର ମଧ୍ୟ ସେମାନଙ୍କ ପାଇଁ ଅନ୍‌ଲାଇନ୍ ଫି' କାଟିବା ସହିତ ପରୀକ୍ଷାର୍ଥୀଙ୍କ ଠାରୁ ନଗଦ ନେଇଥାନ୍ତି। ଏପରି ସ୍ଥିତିରେ ପରୀକ୍ଷା ଫି' ପୈଠ କରିଥିବାର ମୂଳାଧାର ଅନୁଯାୟୀ ଫେରସ୍ତ ହେଉଥିବାରୁ ପରୀକ୍ଷାର୍ଥୀମାନେ ସେମାନଙ୍କ ଟଙ୍କା ଫେରି ପାଉ ନାହାନ୍ତି। ଆବେଦନ ସମୟରେ ଫି' ଫେରସ୍ତ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନଥିବାରୁ ପରୀକ୍ଷାର୍ଥୀମାନେ

■ ଫି' ପୈଠ ମାଧ୍ୟମ ଜରିଆରେ ଫେରୁଛି ଟଙ୍କା
■ ଜନସେବା କେନ୍ଦ୍ର ହେଉଛନ୍ତି ମାଲେମାଲ୍

ଯେ କୌଣସି ମାଧ୍ୟମରୁ ଫି' ପୈଠ କରିଥିଲେ। ଫଳରେ ପିଲାମାନେ ନିରାଶ ହେଉଥିବାବେଳେ ଜନସେବା କେନ୍ଦ୍ରଗୁଡ଼ିକ ମାଲେମାଲ୍ ହେଉଛନ୍ତି। ଅପରପକ୍ଷରେ ଫି' ଫେରସ୍ତ ପାଇ ନଥିବା ପରୀକ୍ଷାର୍ଥୀଙ୍କ ଠାରୁ ଓଏସ୍‌ଏସ୍‌ଏସ୍‌ସି ବ୍ୟାଙ୍କ ବିବରଣୀ ମାଗିଛି। ଯେଉଁମାନେ ଫି' ଫେରସ୍ତ ପାଇ ନାହାନ୍ତି ସେମାନେ ୱେବସାଇଟ୍‌ରେ ଲଗଇନ୍ କରି ବିବରଣୀ ପୈଠ କରିବେ। ମାତ୍ର ଅନ୍ୟମାନଙ୍କ ପାଇଁ ଏହା ଲାଗୁ ହୋଇ ନଥିବାରୁ ଅନେକ ପିଲା ସେମାନଙ୍କ ଫି' ଫେରସ୍ତ ପାଇବାରୁ ବଞ୍ଚିତ ହୋଇଛନ୍ତି।

## ଆଜିଠାରୁ ରାଜ୍ୟବ୍ୟାପୀ 'ତ୍ରିରଙ୍ଗା ଅଭିଯାନ'

# ପତାକା ତିଆରି ପାଇଁ ୧୫ କୋଟି

ଭୁବନେଶ୍ୱର,୮।୮(ସମିସ):ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ଆୟୋଜିତ ହେବ "ଘରେ ଘରେ ତ୍ରିରଙ୍ଗା" ଅଭିଯାନ। ଅଗଷ୍ଟ ୯ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଏହା ପାଳନ କରାଯିବ। ଏଥିପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଅଗଷ୍ଟ ୯ ତାରିଖରେ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ସହଯୋଗରେ ହାତୀଆସୁଣୀ ଗ୍ରାଉଣ୍ଡ ଠାରୁ ଲୁମ୍ବିନୀ ବିହାର ରୋଡ୍ ଯାଏ ଆୟୋଜିତ ରାଜ୍ୟ ସ୍ତରୀୟ 'ତ୍ରିରଙ୍ଗା ପଦଯାତ୍ରା'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ଏହି ପଦଯାତ୍ରାରେ ସମସ୍ତ ସରକାରୀ ଅଧିକାରୀ, ଯୁବବର୍ଗ, ସ୍ୱେଚ୍ଛାସେବୀ ସଂଗଠନ, କ୍ରୀଡ଼ାବିତ୍, ଛାତ୍ରଛାତ୍ରୀ, ଏନ୍‌ସିସି ଓ ଏନଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଯୋଗଦେବେ।

ସେହିପରି ଜିଲ୍ଲା ସ୍ତରରେ ଆୟୋଜିତ ଥିବା ତ୍ରିରଙ୍ଗା କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୬୦ଲକ୍ଷ ଜାତୀୟ ପତାକା ପ୍ରସ୍ତୁତ କରାଯାଇ ସମସ୍ତ ଜିଲ୍ଲାମାନଙ୍କୁ ବଣ୍ଟନ କରାଯିବ। ପତାକା ତିଆରି ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ୧୫ କୋଟି ଟଙ୍କା ଆର୍ଥିକ ରାଶି ମିଶନ ଶକ୍ତି ବିଭାଗକୁ ପ୍ରଦାନ କରାଯାଇଛି। ଅଗଷ୍ଟ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ସମସ୍ତ ଜନସାଧାରଣ ତ୍ରିରଙ୍ଗା ସହ ନିଜର ସେଲ୍ଫି ଉଠାଇ ନିଜର ଫଟୋକୁ ହରଘର ତ୍ରିରଙ୍ଗା ଡଟ୍ କମ୍ (harghartiranga.com) ୱେବ୍ସାଇଟରେ ଅପଲୋଡ୍ କରି ଡିଜିଟାଲ ସାର୍ଟିଫିକେଟ ପାଇବା ସହ "My Gov' ପୋର୍ଟାଲରେ କୁଇଜ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବେ ବୋଲି ଶନିବାର ସଂସ୍କୃତିଭବନରେ ଆୟୋଜିତ ସାମ୍ବାଦକ ସମ୍ମିଳନୀରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।

**ପ୍ରତ୍ୟେକ ଜିଲ୍ଲାକୁ ୧୦ ଲକ୍ଷ ଟଙ୍କା ଆର୍ଥିକ ରାଶି ଅନୁଦାନ**

## ବିଜେପି ସରକାରରେ ସମସ୍ତଙ୍କ ପାଇଁ ଆଇନ୍ ସମାନ ନୁହେଁ

# ଅସଦାଚରଣ ଅଭିଯୁକ୍ତଙ୍କୁ ସାତଖୁଣ ମାଫ୍

ଭୁବନେଶ୍ୱର, ୮।୮(ସମିସ): ବିଜେପି ସରକାରରେ ଆଇନ ଓ ଶୃଙ୍ଖଳା ସମସ୍ତଙ୍କ ପାଇଁ ସମାନ କି? ଛାତ୍ରୀଙ୍କ ପ୍ରତି ଅଶୋଭନୀୟ ଓ ଅଭଦ୍ର ଆଚରଣ ଭଳି ଗମ୍ଭୀର ଅଭିଯୋଗ ପ୍ରମାଣିତ ହେବା ପରେ ମଧ୍ୟ ବିଜେବି କଲେଜର ଜଣେ ଅଧ୍ୟାପକଙ୍କ ବିରୋଧରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ଏବେ ଏଭଳି ପ୍ରଶ୍ନ ଉଠିଛି। ନିଲମ୍ବନ ବା ବଦଳି ତ ଦୂର କଥା, କେବଳ ଚେତାବନୀ ଦେଇ ଛାଡ଼ି ଦିଆଯାଇଛି। ଅପରପକ୍ଷରେ ଅନ୍ୟ ଅଧ୍ୟାପକଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆସିଲେ ତଦନ୍ତ ପୂର୍ବରୁ ବଦଳି କରାଯାଉଥିବାରୁ ସରକାରଙ୍କ ଦୋମୁହାଁ ଚରିତ୍ର ପଦାରେ ପଡ଼ିଛି।

ବିଜେବି କଲେଜର ଓଡ଼ିଆ ଅଧ୍ୟାପକ (ସମ୍ପ୍ରତି ଉଚ୍ଚଶିକ୍ଷା ବିଭାଗରେ ଡେପୁଟେସନ୍‌ରେ କାର୍ଯ୍ୟରତ)ଙ୍କ ବିରୋଧରେ ଛାତ୍ରୀଙ୍କୁ ଅସଦାଚରଣ ଓ ଆଶାଳୀନ ବ୍ୟବହାର ନେଇ ଅଭିଯୋଗ ହୋଇଥିଲା। ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ (ଆର୍‌ଡିଇ) ଏହାର ତଦନ୍ତ କରିବା ସହ ଅଭିଯୋଗର ସତ୍ୟତା ଥିବା ଦର୍ଶାଇଥିଲେ। ଏପରିକି ଶିକ୍ଷାଦାନ ସମୟରେ ଯୌନ ଉଦ୍ଦିପନାମୂଳକ ଦ୍ୱିଅର୍ଥବୋଧକ କଥା କହିବା, ଛାତ୍ରୀଙ୍କୁ 'ବ୍ୟାଡ୍ ଟଚ୍', ଅଶ୍ଳୀଳ ଭାଷା ପ୍ରୟୋଗ, ପାର୍କରେ ବସିଥିବା ପ୍ରେମୀଯୁଗଳଙ୍କ ଉଦାହରଣ ଆଳରେ ବ୍ୟକ୍ତିଗତ ଇଙ୍ଗିତ, ପୋଷାକ ସମ୍ପର୍କରେ ଟିପ୍ପଣୀ, ଅଶ୍ଳୀଳ ଇଙ୍ଗିତ, ଛାତ୍ରୀଙ୍କ ରୂପକୁ ନେଇ ଆଶାଳୀନ ମନ୍ତବ୍ୟ, ଛାତ୍ରୀଙ୍କ ବ୍ୟକ୍ତିଗତ କଥା ଓ ଅଙ୍ଗକୁ ନେଇ ଶ୍ରେଣୀଗୃହରେ ମନ୍ତବ୍ୟ ଦେଉଥିବା ରିପୋର୍ଟରେ ଉଲ୍ଲେଖ କରିଥିଲେ। ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ସରକାର ବା ଉଚ୍ଚଶିକ୍ଷା ବିଭାଗକୁ ସୁପାରିଶ କରିଥିଲେ। କେବଳ ଆର୍‌ଡିଇ ନୁହଁନ୍ତି, କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ମଧ୍ୟ ତଦନ୍ତ କରି ଅଭିଯୋଗର ସତ୍ୟତା ଥିବା ରିପୋର୍ଟ ଦେଇଥିଲେ।

■ ଛାତ୍ରୀଙ୍କୁ 'ବ୍ୟାଡ୍ ଟଚ୍' କରୁଥିବା ରିପୋର୍ଟ ଦେଇଥିଲେ ଆର୍‌ଡିଇ
■ କାର୍ଯ୍ୟାନୁଷ୍ଠାନ ବଦଳରେ ଚେତାବନୀ ଦେଇ ଛାଡ଼ିଦେଲା ଉଚ୍ଚଶିକ୍ଷା ବିଭାଗ
■ ସରକାରଙ୍କ ଦୋମୁହାଁ ଚରିତ୍ର ନେଇ ପ୍ରଶ୍ନ କଲେଣି ଛାତ୍ରଛାତ୍ରୀ ଓ ଅଧ୍ୟାପକ

ଉଭୟ ତଦନ୍ତ ରିପୋର୍ଟକୁ ଆଧାର କରି ଗତ ୧୭ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରକାଶ ପାଇଥିବାବେଳେ କେବଳ ଚେତାବନୀ ଦେଇ ଛାଡ଼ି ଦେବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଛି। ଚିଠିରେ ଦର୍ଶାଯାଇଛି ଯେ, ଛାତ୍ରୀଙ୍କ ପ୍ରତି ସମ୍ପୃକ୍ତ ଅଧ୍ୟାପକଙ୍କ ବ୍ୟବହାର ଅସଂଗତ ଥିଲା। ଶ୍ରେଣୀଗୃହ ଭିତରେ ଓ ବାହାରେ ଛାତ୍ରୀଙ୍କ ସହ ଅନୁଚିତ ଆଚରଣ କରୁଥିଲେ। ବାରମ୍ବାର ଅନିଚ୍ଛାକୃତ ଶାରୀରିକ ସ୍ପର୍ଶ କରିବାକୁ ଚେଷ୍ଟା କରିବା ସହ ଅନୁଚିତ ଭାଷା ବ୍ୟବହାର କରୁଥିଲେ। ଏହି ଆଚରଣ ଯୋଗୁଁ ଛାତ୍ରୀମାନେ ଅସହଜ ଓ ଲଜ୍ଜିତ ଅନୁଭବ କରୁଥିଲେ। ଉଚ୍ଚଶିକ୍ଷା ବିଭାଗ ଏହା ଅବଗତ ହେଲା ପରେ ମଧ୍ୟ ଅଧ୍ୟାପକଙ୍କୁ ଚାକିରିରୁ ବହିଷ୍କାର, ନିଲମ୍ବନ କିମ୍ବା ଅନ୍ୟ କଠୋର ଦଣ୍ଡ ବଦଳରେ କେବଳ ଚେତାବନୀ ଦିଆଯାଇଛି। ତାଙ୍କୁ ସମସ୍ତ ଛାତ୍ରଛାତ୍ରୀଙ୍କ ସହ ପେସାଦାର, ଶିଷ୍ଟାଚାର ଓ ଉପଯୁକ୍ତ ଆଚରଣ ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚେତାବନୀ ଜାରି ହେବା ଦିନଠାରୁ ଏକ ବର୍ଷ ପର୍ଯ୍ୟନ୍ତ ଅଧ୍ୟାପକଙ୍କ ଆଚରଣ ଉପରେ ନଜର ରଖାଯାଇଛି ଓ ସମୟାନୁସାରେ ସମୀକ୍ଷା କରାଯିବ ବୋଲି କୁହାଯାଇଛି।

ତେବେ ଛାତ୍ରୀଙ୍କ ସୁରକ୍ଷା ଓ ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ସହ ଜଡ଼ିତ ଏଭଳି ଅଭିଯୋଗରେ କେବଳ ଚେତାବନୀ କାହିଁକି? ଏହା ସରକାରଙ୍କ 'ସାତଖୁଣ ମାଫ୍' ନୀତି କି? ଏହି ପ୍ରଶ୍ନ ଏବେ ଛାତ୍ର, ଅଭିଭାବକ ଓ ଶିକ୍ଷାବିତ୍‌ଙ୍କ ମହଲରେ ଆଲୋଚନାର ବିଷୟ ହୋଇଛି। ଅପରପକ୍ଷରେ ଗତବର୍ଷ ବାଲେଶ୍ୱରର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣା ପରେ ଅସଦାଚରଣ ଅଭିଯୋଗ ଆସିଥିବା ପ୍ରାୟ ୧୪ ଜଣ ଅଧ୍ୟାପକଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ନିକଟରେ ସେହି ବାଲେଶ୍ୱରର ଫକୀରମୋହନ କଲେଜରେ ଜଣେ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀ ନିର୍ଯ୍ୟାତନା ଅଭିଯୋଗ ଆସିବା ପରେ ତଦନ୍ତ ପୂର୍ବରୁ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ତାହେଲେ ଏହି କ୍ଷେତ୍ରରେ ନିୟମ କିପରି ବଦଳି ଗଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଥିବାବେଳେ ଛାତ୍ରୀଙ୍କ ସୁରକ୍ଷା ନେଇ ମଧ୍ୟ ପୁଣିଥରେ ଆଲୋଚନା ସରଗରମ ହୋଇଛି।

# ୧୦ ଗ୍ରାମ ଧଳାଜହର ଜବତ, ୩ ଗିରଫ

- ବିଏମ୍‌ଡବ୍ଲ୍ୟୁ କାରରେ ହେଉଥିଲା କାରବାର
- ମୁଖ୍ୟ ଅଭିଯୁକ୍ତ ଫେରାର




କଣିହାଁ,୮।୮(ସମିସ): କଣିହାଁ ଥାନା ଅଞ୍ଚଳରେ ଏକ ବିଏମ୍‌ଡବ୍ଲ୍ୟୁ କାରରେ ବ୍ରାଉନସୁଗର କାରବାର ଚାଲିଥିବା ବେଳେ ପୁଲିସ ଚଢ଼ଉ କରି ୧୦ ଗ୍ରାମ ଧଳାଜହର ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଛେଲିଆର ପପୁନ ସେଠୀ (୧୯), ତେଲିଙ୍ଗିଆର ଅନୁପ ବେହୁରା (୨୪) ଓ ବଡ଼ଗୁଣ୍ଡୁରୀର ସିଲୁ ସେଠୀ (୨୫)। ଅନ୍ୟପକ୍ଷରେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଶୁକ୍ରବାର ଛେଳିଆ ଖେଳପଡ଼ିଆ ନିକଟରେ ଏକ ଦାମୀ କାରରେ ବ୍ରାଉନସୁଗର କାରବାର ହେଉଥିବା ପୁଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ପରେ ଅନୁଗୋଳ ସ୍ପେଶାଲ୍ ସ୍କ୍ୱାଡ୍ ଓ କଣିହାଁ ପୁଲିସର ମିଳିତ ଟିମ୍ ସେଠାରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ପୁଲିସ ୧୦ ଗ୍ରାମ ବ୍ରାଉନସୁଗର, ଗୋଟିଏ ବିଏମ୍‌ଡବ୍ଲ୍ୟୁ କାର୍ ଓ ଗୋଟିଏ ବାଇକ୍ ଜବତ କରିଛି। ଏ ନେଇ କଣିହାଁ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଛି। ଏ ସମ୍ପର୍କରେ କଣିହାଁ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପାଲଲହଡ଼ା ଏସ୍‌ଡିପିଓ କୈଳାସ ସେଠୀ, କଣିହାଁ ଥାନା ଆଇଆଇସି ରଶ୍ମୀ ରଞ୍ଜନ ଦଳେଇ, ଏସ୍‌ଆଇ ଜ୍ଞାନରଞ୍ଜନ ବେହେରା, ଏସ୍‌କେ ତୁଙ୍ଗ ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଥିଲେ

- ମାନବିକତା ଭୁଲିଗଲେ ଅଧିକାରୀ

# ଦୁର୍ଘଟଣାର ଶିକାର କର୍ମଚାରୀଙ୍କ ଚିକିତ୍ସା କରାଇଲେ ନାହିଁ


ଦୁଃଖ ଭୋଗୁଛନ୍ତି ଗରିବ ଯୁବକ

ତାଳଚେର ସହର,୮।୮(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସମଲ ବ୍ୟାରେଜ ଜଳସମ୍ପଦ ବିଭାଗ ଅଧୀନରେ ଥିବା ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ କର୍ମଚାରୀ କାର୍ଯ୍ୟସ୍ଥଳରେ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି। କାର୍ଯ୍ୟାଳୟରେ କର୍ମଚାରୀ ଅଭାବ କାରଣରୁ ବାହାରୁ ଦୈନିକ ମଜୁରି ହିସାବରେ କର୍ମଚାରୀ ଡାକି ବିଦ୍ୟୁତ୍ ମରାମତି କରାନ୍ତି ବିଭାଗର ଯନ୍ତ୍ରୀ ପ୍ରଶାନ୍ତ ରାଉତ। କିନ୍ତୁ କିଛିଦିନ ତଳେ ସମଲ ଫ୍ଲାଙ୍କ୍ କାଲ୍ ସେଣ୍ଟରରେ ବିଦ୍ୟୁତ୍ ମରାମତି କରିବା ସମୟରେ ବିଦ୍ୟୁତ୍ ଆଘାତ ଲାଗି ରସାନନ୍ଦ ପ୍ରଧାନ ନାମକ କର୍ମଚାରୀ ଗୁରୁତର ହୋଇଛନ୍ତି। ତାଙ୍କ ଡାହାଣ ହାତ ପୋଡ଼ିଯାଇଛି। ତେବେ ପରିତାପର ବିଷୟ ଯନ୍ତ୍ରୀ ରାଉତ କାର୍ଯ୍ୟସ୍ଥଳରେ ଉପସ୍ଥିତ ନ ଥିଲେ। ବହୁ ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚି ଆହତ କର୍ମଚାରୀଙ୍କୁ ଚିକିତ୍ସାଳୟ ନେବା ପରିବର୍ତ୍ତେ ନିକଟସ୍ଥ ମେଡିସିନ ଷ୍ଟୋରରେ ଚିକିତ୍ସା କରାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଥରେ ଦେଖିବା ପାଇଁ ମଧ୍ୟ ତାଙ୍କ ପାଖକୁ ଯାଇ ନ ଥିଲେ। ଉନ୍ନତ ଚିକିତ୍ସା କରିବା ପରିବର୍ତ୍ତେ ତାଙ୍କୁ ନିଜ ହାତରୁ ଖର୍ଚ୍ଚ କରି ଚିକିତ୍ସା ହେବାକୁ କହିଥିଲେ ଏବଂ ପରେ ବିଲ୍ ହେଲେ ତାଙ୍କୁ ଦିଆଯିବ ବୋଲି କହିଛନ୍ତି। କିନ୍ତୁ ଗରିବ ଯୁବକ ଜଣକ କୌଣସି ଆଡ଼େ କାମ କରିବାକୁ ଯାଇ ନ ପାରି ପରିବାର ପ୍ରତିପୋଷଣ କରିବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ବିଭାଗୀୟ ଉଚ୍ଚ ଅଧିକାରୀ ମଧ୍ୟ ସେହି କର୍ମଚାରୀଙ୍କ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ତାଙ୍କୁ ଉନ୍ନତ ଚିକିତ୍ସା ସହ କ୍ଷତିପୂରଣ ଦିଆ ନ ଗଲେ ସେ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ଏସଭିଏମ୍ +୨ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱାଗତ ଉତ୍ସବ




ଅନୁଗୋଳ,୮।୮(ସମିସ): ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଯୁକ୍ତ୨ ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ସିଦ୍ଧନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ସାନ୍ତନୁ ସର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କୃତ୍ରିମ ବୁଦ୍ଧିମତା ବିଷୟରେ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଭାବେ ଡ. ସୁଧାକର ପାଲ ଯୋଗଦେଇ ଛାତ୍ରଛାତ୍ରୀ ମହୁମାଛି ପରି ପରିଶ୍ରମୀ ହେବାକୁ ଉପଦେଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ନୂତନ ଛାତ୍ରଛାତ୍ରୀଙ୍କୁ ଜୀବନରେ ଆଗକୁ ବଢ଼ିବା ପାଇଁ ଉପଦେଶ ଦେଇଥିଲେ। ଅତିଥି ଓ ନବାଗତ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଯୁକ୍ତଦୁଇ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ନିଜ ଅନୁଭୂତି ବାଣ୍ଟିବା ସହ ନବାଗତ ଭାଇ ଭଉଣୀଙ୍କୁ ସୁ ଉପଦେଶ ପ୍ରଦାନ କରିଥିଲେ। ଏଥିସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମଣିଷ ଓ ବନ୍ୟଜୀବ ମଧ୍ୟରେ ସୁରକ୍ଷିତ ସହାବସ୍ଥାନକୁ ପ୍ରୋତ୍ସାହନ

ଅନୁଗୋଳ,୮।୮(ସମିସ): ଅନୁଗୋଳ ଜିଲ୍ଲାରେ ଖଣି ଓ ଶିଳ୍ପ କାରଖାନା ବୃଦ୍ଧି ପାଉଛି। ବିଶେଷତଃ ଛେଣ୍ଡିପଦା ବନାଞ୍ଚଳ ଖଣି ପାଇଁ ପଦା ହେଉଛି। ଗତ ୮/୧୦ ବର୍ଷ ହେଲା କେତେବେଳେ ହାତୀ ଜନବସତି ମୁହାଁ ହୋଇ ଧନଜୀବନ ନଷ୍ଟ କରୁଛନ୍ତି ତ ଆଉ କେତେବେଳେ ଶିକାରୀଙ୍କ ଫାଶରେ ପଡ଼ି ମୃତ୍ୟୁମୁଖରେ ପଡୁଛନ୍ତି। ଅନୁଗୋଳ ବନଖଣ୍ଡରେ ମଣିଷ-ହାତୀ ସଂଘର୍ଷ ତୁଟୁନି। ଏହି ପରିପ୍ରେକ୍ଷୀରେ ବନବିଭାଗର ଦାୟିତ୍ୱ ବଢ଼ିଯାଇଛି। ସଚେତନତା ଦ୍ୱାରା ମଣିଷ-ହାତୀ ସଂଘର୍ଷ ହ୍ରାସ ହୋଇପାରିବ। ହାତୀ ଉପଦ୍ରବରୁ କିପରି ଧନଜୀବନ ସୁରକ୍ଷିତ ରଖିପାରିବା ଏବଂ ହାତୀ ସମେତ ବିଭିନ୍ନ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ କି ପଦକ୍ଷେପ ନେଇପାରିବା ସେ ବିଷୟରେ ଛେଣ୍ଡିପଦା ରେଞ୍ଜ କାର୍ଯ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନୁଗୋଳ ବନଖଣ୍ଡର ସମାଜବିଜ୍ଞାନୀ ଦଳ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଣିଷ ଓ ବନ୍ୟଜୀବ ମଧ୍ୟରେ ସୁରକ୍ଷିତ ସହାବସ୍ଥାନକୁ ବନ ବିଭାଗ ପ୍ରୋତ୍ସାହିତ କରିଥିଲା।



ଜନବସତି ତଥା ଫସଲକୁ ସୋଲାର ତାରବାଡ଼ ଦେବା ସହ ଘରେ ରଖୁଥିବା ଧାନ ଚାଉଳ ଖାଦ୍ୟଶସ୍ୟକୁ ସୁରକ୍ଷିତ ଭାବେ ରଖିବା ଦ୍ୱାରା ହାତୀ ଉପଦ୍ରବ ହ୍ରାସ ହୋଇପାରିବ ବୋଲି ସଚେତନ କରାଯିବା ସହ ମହିଳା ସଶକ୍ତୀକରଣ ଦିଗରେ ସିଲେଇ ତାଲିମ ପ୍ରଦାନ କରାଯାଇଥିଲା। କଣଲୋଇ ଏସଏଚଜି ସଦସ୍ୟମାନଙ୍କୁ ସିଲେଇ ତାଲିମ ଓ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି ପାଇଁ ୧୦ଟି ସିଲେଇ ମେସିନ୍ ବଣ୍ଟନ କରାଯାଇଥିଲା। ଏହାସହ ହାତୀ ଚଳପ୍ରଚଳ ଅଞ୍ଚଳରେ ଥିବା ପରିବାରଗୁଡ଼ିକୁ ଖାଦ୍ୟଶସ୍ୟ ସୁରକ୍ଷିତ ରଖିବା ପାଇଁ ଟିଣ ଡ୍ରମ ପ୍ରଦାନ କରାଯାଇଥିଲା।

# ହାଇମାଷ୍ଟ ଲାଇଟ ଶିଳାନ୍ୟାସ



କିଶୋରନଗର,୮।୮(ସମିସ): ମାଧପୁର ବସଷ୍ଟାଣ୍ଡ ଛକରେ ୪ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ନୂତନ ହାଇମାଷ୍ଟ ଲାଇଟ୍‌ର ଶିଳାନ୍ୟାସ କରାଯାଇଛି। ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବେସାହାରା ଚତୁରୀ ପ୍ରଧାନଙ୍କୁ ସହଯୋଗ କଲେ ସମାଜସେବୀ



କିଶୋରନଗର,୮।୮(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ମଇମୁରା ଗ୍ରାମର ଚତୁରୀ ପ୍ରଧାନଙ୍କ ଘର ଝଡ଼ତୋଫାନରେ ଭାଙ୍ଗିଯିବାରୁ ମଇମୁରା ପଞ୍ଚାୟତ ମିଶନ ଗୃହରେ ଆଶ୍ରୟ ନେଇଛନ୍ତି। କନ୍ତପଡ଼ା ରାଜସ୍ୱ ନିରୀକ୍ଷକ ତାଙ୍କୁ କେବଳ ଜରିପାଲ ଖଣ୍ଡେ ଦେଇଛନ୍ତି। ଖବର ପାଇ ଯୁବ ସମାଜସେବୀ ସଞ୍ଜୟ ପ୍ରଧାନ ଚତୁରୀଙ୍କ ନିକଟରେ ପହଞ୍ଚି ତାଙ୍କୁ କିଛି ରାସନ, ଟର୍ଚ୍ଚ, କମ୍ବଳ, ଲୁଗା ଆଦି ଯୋଗାଇଦେବା ସହ ମାସକର ରାସନ ଦେବା ପାଇଁ ଜଣେ ଦୋକାନୀଙ୍କୁ କହିଛନ୍ତି। ଚତୁରୀଙ୍କ ପାଇଁ ଆବାସ ଯୋଜନା ସାତ ସପନ ପାଲଟିଛି। ନିର୍ବାଚନ ଆସିଲେ ନେତା ଆସନ୍ତି, ମିଛ ପ୍ରତିଶ୍ରୁତି ଦେଇ ଚାଲିଯାଆନ୍ତି। ତୁରନ୍ତ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ଯୋଗାଇଦେବା ପାଇଁ ସମାଜସେବୀ ପ୍ରଧାନ ବ୍ଲକ ପ୍ରଶାସନକୁ ନିବେଦନ କରିଛନ୍ତି।

# ନାଲକୋ ଏସଭିଏମରେ ବିଜ୍ଞାନ ଓ ଚିତ୍ରାଙ୍କନ ପ୍ରଦର୍ଶନୀ

ନାଲକୋ ନଗର,୮।୮(ସମିସ): ନାଲକୋ ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ଓ ଚିତ୍ରକଳା ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଶ୍ୱଜିତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାଲକୋ ଏସ ଆଣ୍ଡ ପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଣବ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକଳ୍ପ ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ତଥା ନାଲକୋ ସିଜିଏମ ଭରତ ଚରଣ ମହାରଣା, ପ୍ରସନ୍ନ କୁମାର ସାହୁ, ଜିଏମ ସତ୍ୟବ୍ରତ ଦାସ, ବିଦ୍ୟାଳୟ ସମ୍ପାଦକ ଡା. ସୁଧାକର ପାଳ ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନ ମେଳାରେ ମୋଟ ୧୦୧ ପ୍ରକଳ୍ପ ସହ ୩୦ଟି ଗଣିତ ପ୍ରକଳ୍ପ ଓ ୬୦ଟି ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣିତ କୁଇଜ, ବିଜ୍ଞାନ କୁଇଜ, ବିଜ୍ଞାନ ସେମିନାର, ଗଣିତ ସେମିନାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ ମେଳାର ମୁଖ୍ୟ ସଂଯୋଜକ ସୁରେନ୍ଦ୍ର ପାଢ଼ୀ ମେଳାର ବିବରଣୀ ପାଠ କରିଥିଲେ। ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରଣିଆକଟା ଓ ବାମୁରରେ ସାଂସଦ ଓ ମନ୍ତ୍ରୀଙ୍କୁ ସ୍ୱାଗତ



କିଶୋରନଗର,୮।୮(ସମିସ): କିଶୋରନଗର ବ୍ଲକ ରଣିଆକଟା ଓ ବାମୁରରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଅପରାହ୍ନରେ ଆଠମଲ୍ଲିକ ଗେଡ଼ାଖୋଲ ଅଭିମୁଖେ ଯାଉଥିବା ବେଳେ ରଣିଆକଟା ଛକରେ ସାଂସଦ ପ୍ରଧାନ ଓ ମନ୍ତ୍ରୀ ନାଏକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ସୁଦୀପ୍ତ ଗଡ଼ନାୟକ, ବ୍ଲକ ପ୍ରତିନିଧି ସରୋଜ ସାହୁ, ଜିଲ୍ଲା ଏସ୍‌ସି ଉନ୍ନୟନ ପରିଷଦ ଅଧ୍ୟକ୍ଷ ବଶିଷ୍ଠ ନାୟକ, ଯୁବନେତା ଚିକୁନ ବିଶାଳ, ପୂର୍ବତନ ସରପଞ୍ଚ ଅନିତା ଦାଶ, ବିଜେପି ମଣ୍ଡଳ ସଭାପତି ଧନୁର୍ଜୟ ପ୍ରଧାନ, ନାକଚି ମଣ୍ଡଳ ସଭାପତି ସଞ୍ଜୀବ ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତିମିର ନାୟକ, ରତ୍ନାକର ପ୍ରଧାନ, ସଞ୍ଜୀବ ପ୍ରଧାନ, କୁମୁଦ ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ, ବିନୟ ପ୍ରଧାନ, ବିଶ୍ୱଜିତ ପ୍ରଧାନ, ସଞ୍ଜୟ ବେହେରା, ଅଶୋକ ପ୍ରଧାନ, ଅଖିଳ ପ୍ରଧାନ, କ୍ଷେତ୍ରବାସୀ ପ୍ରଧାନ, ସମିତିସଭ୍ୟ ଲକ୍ଷ୍ମୀ ନାୟକ ପ୍ରମୁଖଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପରେ ବାମୁର ଶିବ ମନ୍ଦିରଠାରେ ମଧ୍ୟ ସାଂସଦ ଓ ମନ୍ତ୍ରୀଙ୍କୁ ବିଜେପି କାର୍ଯ୍ୟକର୍ତ୍ତାଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଅଜିତ ପ୍ରଧାନ, ସତ୍ୟବ୍ରତ ସାହୁ, ପ୍ରବୋଧ ବେହେରା, ବୁଲୁ ଜେନାମଣି, ରତନ ସାହୁଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ପୋଷ୍ଟମାଷ୍ଟରଙ୍କ ପରଲୋକ



କିଶୋରନଗର,୮।୮(ସମିସ): କିଶୋରନଗର ବ୍ଲକ ବାମୁର ଶାଖା ଡାକଘର ପୋଷ୍ଟମାଷ୍ଟର ସୁଧାକର ପ୍ରଧାନଙ୍କର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୫୬ ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ମେଳାପୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ସେ ବାମୁର ଦୁର୍ଗାବଜାର କମିଟି ସଦସ୍ୟ ଥିଲେ। ତାଙ୍କ ବିୟୋଗରେ ବାମୁର ବଜାର କମିଟି ପକ୍ଷରୁ ଦୋକାନ ବଜାର ବନ୍ଦ କରାଯାଇ ଶୋକସଭା କରାଯାଇଥିଲା।

# ଗୋଚର ଜମି ଜବରଦଖଲ ମୁକ୍ତ ନିମନ୍ତେ ଗ୍ରାମସଭା



ଅନୁଗୋଳ,୮।୮(ସମିସ): ସହର ଉପକଣ୍ଠ ରାଣୀଗୋଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସରପଞ୍ଚ ପ୍ରକାଶ ଦେହୁରୀଙ୍କ ସଭାପତିତ୍ୱରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ସ୍ଥାପନ ନିମନ୍ତେ ଗ୍ରାମବାସୀଙ୍କ ମତାମତ ଗ୍ରହଣ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଛି। ସରପଞ୍ଚ ଦେହୁରୀ ରାଣୀଗୋଡ଼ା ଜଙ୍ଗଲ ମୌଜା ଖତିୟାନ ନମ୍ବର ୫୪୭ ଗୋଚର ଜମି ୪୧ ଏକର ୧୨ ଡିସିମିଲ ଜାଗାରୁ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ସ୍ଥାପନ ନିମନ୍ତେ ଆବଶ୍ୟକ ହେଉଥିବା ଉକ୍ତ ଜମି ପ୍ରଦାନ ନିମନ୍ତେ ଆଗାମୀ ୧୧ ତାରିଖ ସକାଳ ୯ଟାରେ ଶାନ୍ତିପୂର୍ଣ୍ଣ ନଗର ଶୋଭାଯାତ୍ରା ସହ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଏହି ଆଲୋଚନାରେ ରମେଶ ଚନ୍ଦ୍ର ସାହୁ, ଅରୁଣ କୁମାର ଦାସ, ପଦ୍ମଚରଣ ସାହୁ, ବିଶ୍ୱଜିତ ସାହୁ, କାବଲ ସାସମଲ, ନୀର ସାହୁ, ଦିବାକର ନାଏକ, ତ୍ରିପୁର ବିଶ୍ୱାଳ, ଜୟନ୍ତୀ ସାହୁ ଅଂଶଗ୍ରହଣ କରି ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ କରିବା ସପକ୍ଷରେ ମତାମତ ପ୍ରଦାନ କରିଥିଲେ। ସରପଞ୍ଚ ଦେହୁରୀ ଗ୍ରାମବାସୀଙ୍କୁ ଶାନ୍ତିଶୃଙ୍ଖଳା ସହିତ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ନିବେଦନ କରିଥିଲେ। ଏହି ସଭାରେ ୨୦୦ରୁ ଅଧିକ ଗ୍ରାମବାସୀ ସମେତ ଯୁବଶକ୍ତି, ମାତୃଶକ୍ତି, ନିର୍ବାଚିତ ପଞ୍ଚାୟତ ପ୍ରତିନିଧି, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମଲ ବ୍ୟାରେଜ ଏସ୍‌ଭିଏମ୍‌ରେ ମାତୃ ସମ୍ମିଳନୀ



କଣିହାଁ,୮।୮(ସମିସ): କଣିହାଁ ବ୍ଲକ ସମଲ ବ୍ୟାରେଜ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶନିବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ୧୦୨ ଜଣ ମାଆ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୁଧାକର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ନିଜ ଶିକ୍ଷକ ଜୀବନର ଦୀର୍ଘ ଅନୁଭୂତିରୁ ସେ ଆଜିର ଶିକ୍ଷା ବ୍ୟବସ୍ଥା ଓ ବର୍ତ୍ତମାନ ସମୟର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ସମ୍ପାଦକ ରଞ୍ଜନ କୁମାର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିଶୁବାଟିକା ପ୍ରମୁଖ ରାଜଲକ୍ଷ୍ମୀ ଗଡ଼ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ମାଆମାନଙ୍କୁ ଅବଗତ କରାଇଥିଲେ। ଯୁଗ୍ମ ସମ୍ପାଦକ ସୁମନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ଜୟଶ୍ରୀ ମିଶ୍ର ଓ ଶୁଭଲକ୍ଷ୍ମୀ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବସନ୍ତ ସାହୁଙ୍କ ତତ୍ତ୍ୱାବଧାନରେ

- ବନବିଭାଗ ପକ୍ଷରୁ ବାଗଡ଼ିଆରେ ଚଢ଼ଉ

# ବିପୁଳ ଶାଗୁଆନ କାଠ ଜବତ




ଛେଣ୍ଡିପଦା,୮।୮(ସମିସ): ଅନୁଗୋଳ ମୋବାଇଲ ସ୍କ୍ୱାଡ୍ ଏବଂ ଛେଣ୍ଡିପଦା ବନବିଭାଗ ପକ୍ଷରୁ ଶନିବାର ବାଗଡ଼ିଆ ବୁଢ଼ାଡିପ ସାହିର ସୁଶୀଲ ବେହେରାଙ୍କ ଘରେ ଚଢ଼ଉ କରାଯାଇ ବିପୁଳ ପରିମାଣର ଶାଗୁଆନ ପଟା ଏବଂ ତିଆରି ହୋଇଥିବା ଶାଗୁଆନ କବାଟ ଜବତ କରାଯାଇଛି। ଦୀର୍ଘଦିନ ହେବ ସୁଶୀଲ ଚୋରାକାଠ ଆଣି ଫର୍ଣ୍ଣିଚର ତିଆରି କରି ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଶନିବାର ଅନୁଗୋଳ ଡିଏଫ୍‌ଓ ନୀତୀଶ କୁମାରଙ୍କ ନିର୍ଦ୍ଦେଶ କ୍ରମେ ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ହନୁମାନ, ଫରେଷ୍ଟର ସରସ୍ୱତୀ ବେହେରା, ବେଣୁଧର ବେହେରା, ଲିଜାରାଣୀ ମାଝୀ, ରତ୍ନପର୍ଣ୍ଣ ବିଶ୍ୱାଳଙ୍କ ସମେତ ଅନ୍ୟ କର୍ମଚାରୀମାନେ ସକାଳେ ଚଢ଼ଉ କରି ୭ଟି ତିଆରି ହେଉଥିବା ଶାଗୁଆନ କବାଟ ସହ ୩୦ଖଣ୍ଡ ଶାଗୁଆନ ପଟା ଏବଂ ଫର୍ଣ୍ଣିଚର୍ ନିର୍ମାଣ ପାଇଁ ବ୍ୟବହୃତ ଯନ୍ତ୍ରାଂଶ ଜବତ କରିଛନ୍ତି।

# ବାଙ୍କଧରା ନାଳ ଉପରେ ବ୍ରିଜ ନିର୍ମାଣ ଦାବି

ଅନୁଗୋଳ,୮।୮(ସମିସ):

ସବୁ ଗାଁକୁ ରାସ୍ତା ସଂଯୋଗୀ ପାଇଁ ସରକାର ବହୁ ଯୋଜନା କରିଛନ୍ତି। କୋଟି କୋଟି ଟଙ୍କା ବିନିଯୋଗ କରି ସରକାର ନଦୀନାଳ ଉପରେ ବ୍ରିଜ ନିର୍ମାଣ କରୁଛନ୍ତି। ହେଲେ ଅଧିକାଂଶ ଅଞ୍ଚଳରେ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ବ୍ରିଜ ନିର୍ମାଣ ହେଉ ନ ଥିବାରୁ ଯୋଜନାର ସଫଳ ରୂପାୟନ ହୋଇପାରୁନାହି। ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ବର୍ଷା ଆସିଲେ ଅନ୍ୟ ରାସ୍ତାରେ ଯିବା ପାଇଁ ଲୋକେ ବାଧ୍ୟ ହେଉଛନ୍ତି। ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକରେ ଦେଖିବାକୁ ମିଳିଛି ଏପରି ଦୃଶ୍ୟ। ବ୍ଲକର ନୁନୁକାପଶି ପଞ୍ଚାୟତ ବୈଷ୍ଣବ ସାହିଠାରୁ ଅର୍ଜୁନଧରା ଦେଇ ବିଲେଇନାଳି ପଞ୍ଚାୟତକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ବାଙ୍କଧରା ନାଳ ଉପରେ ବ୍ରିଜ ନିର୍ମାଣ ହେଉ ନ ଥିବାରୁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ୫ ପଞ୍ଚାୟତର ୧୧ ଗ୍ରାମବାସୀ ବହୁ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ଅଞ୍ଚଳବାସୀ ବହୁବାର ପୂର୍ତ୍ତ ବିଭାଗଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଉକ୍ତ ନାଳ ଉପରେ ବ୍ରିଜ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ପୂର୍ବରୁ ଟେଣ୍ଡର କରାଯାଇଥିବା ବେଳେ ଜମି ବିବାଦକୁ ନେଇ ବ୍ରିଜ ନିର୍ମାଣ ହୋଇପାରି ନ ଥିବା ଜଣାପଡ଼ିଛି। ବ୍ରିଜ ହେଉ ନ ଥିବା ଯୋଗୁଁ ବର୍ଷାଦିନେ ଯାତାୟାତ ହୋଇପାରୁନାହିଁ। ଏ ନେଇ ସୋଲଣ୍ଡା ଗ୍ରାମବାସୀ ମେଲ୍ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି।

ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ବଇଣ୍ଡା ନିକଟ ବୈଷ୍ଣବସାହିଠାରୁ ବିଲେଇନାଳି ଗ୍ରାମ ପର୍ଯ୍ୟନ୍ତ ୧୦.୪୦୦ କିମି ପୂର୍ତ୍ତ ବିଭାଗ ଅଧୀନରେ ୬ କୋଟି ୯୫ ଲକ୍ଷ ଟଙ୍କା ବିନିଯୋଗରେ ପିଚୁ ରାସ୍ତା ନିର୍ମାଣ ହୋଇଛି। ୨୦୧୮ ଡିସେମ୍ବରରେ କାର୍ଯ୍ୟ ଆରମ୍ଭ ହୋଇ ୨୦୨୦ ଜାନୁଆରୀରେ ଶେଷ ହୋଇଛି। ଏହି ରାସ୍ତାରେ ୩ଟି ନାଳ ଥିବା ବେଳେ ଦୁଇଟି ନାଳ ଉପରେ ବ୍ରିଜ ନିର୍ମାଣ କରାଯାଉଛି। ହେଲେ ବାଙ୍କଧରା ନାଳ ଉପରେ ବ୍ରିଜ ନିର୍ମାଣ ହୋଇପାରିନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ନାଳଗୁଡ଼ିକରେ ପ୍ରବଳ ପାଣି ଯାଉଥିବାରୁ ଯାତାୟାତ ଠପ୍ ହୋଇଯାଉଛି। ନୁନୁକାପଶି, ଲୁହାମୁଣ୍ଡା, ଗାଁବଇଣ୍ଡା, ବିଲେଇନାଳି, ଉରୁକୁଳା ପଞ୍ଚାୟତର ଶରଧାମୁଣ୍ଡା, ସୋଲଣ୍ଡା, ଅର୍ଜୁନଧରା, ଭେଜିଗୋଠ, ବଡ଼ ଗୋବିନ୍ଦପୁର, ଗରୁଡ଼, ଜାମ୍ବବଣିଆ, ସାତପେରେଡ଼ିଆ, ବଡ଼ବାହଲ, ବଣିନାଳୀ ଆଦି ୧୧ ଗ୍ରାମର ୧୫ ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭରଶୀଳ ଥିବା ବେଳେ ବର୍ଷାଦିନେ ଯାତାୟାତ ପାଇଁ ବହୁ ହଇରାଣ ହେଉଛନ୍ତି। ଏହି ରାସ୍ତା ଉପରେ ବାଙ୍କଧରା ନାଳ, ସୋଲଣ୍ଡା ନାଳ, ଅର୍ଜୁନଧରା ନାଳ ପଡୁଥିବା ବେଳେ ବର୍ଷା ହେଲେ ସବୁ ଉପରେ ୪ ଫୁଟ ପାଣି ପ୍ରବାହିତ ହେଉଛି। ଫଳରେ ଲୋକେ ଯାତାୟାତ କରିପାରୁନାହାନ୍ତି। କିଛିବର୍ଷ ପୂର୍ବେ ଅନ୍ୟ ଦୁଇ ନାଳ ସହ ବାଙ୍କଧରା ନାଳ ଉପରେ ବ୍ରିଜ ନିର୍ମାଣ ପାଇଁ ଟେଣ୍ଡର କରାଯାଇ କାମ ଆରମ୍ଭ ହୋଇଥିଲା। ହେଲେ ବାଙ୍କଧରା ନାଳ ଉପରେ ହେବାକୁ ଥିବା ବ୍ରିଜକୁ ନେଇ ବିବାଦ ଦେଖା ଦେଇଥିଲା। ବ୍ରିଜ ନିର୍ମାଣରେ ଜମି ପ୍ରତିବନ୍ଧକ ସୃଷ୍ଟି କରିଥିବା ବେଳେ ନିର୍ମାଣ ହୋଇପାରି ନ ଥିଲା। ଫଳରେ ଉକ୍ତ ଟେଣ୍ଡର ବାତିଲ ହୋଇଥିବା ବେଳେ ଅନ୍ୟ ଦୁଇଟି ବ୍ରିଜ ନିର୍ମାଣ କରାଯାଇଛି। ଏହି ବ୍ରିଜ ନିର୍ମାଣ ହେଉ ନ ଥିବାରୁ ଲୋକେ ୭ କିମି ଦୂର ହଣ୍ଡପା, ନଚେତ ୧୦ କିମି ଦୂର ପଟ୍ଟାପଥର ଦେଇ ଯାତାୟାତ କରୁଛନ୍ତି। ତେଣୁ ନବନିର୍ମିତ ଏହି ରାସ୍ତା ବର୍ଷାଦିନ ପାଇଁ ଅନୁପଯୋଗୀ ହୋଇପଡ଼ିଛି। ତୁରନ୍ତ ଉକ୍ତ ବ୍ରିଜ ନିର୍ମାଣ କରିବାକୁ ଦାବି ହୋଇଛି।

ଏ ନେଇ ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ ହିମାଂଶୁ ମାହାଳିକ କୁହନ୍ତି, ଉକ୍ତ ନାଳ ଉପରେ ବ୍ରିଜ ନିର୍ମାଣ ପାଇଁ ପୂର୍ବରୁ ଟେଣ୍ଡର କରାଯାଇଥିଲା। ହେଲେ ଜମି ସମସ୍ୟା ଯୋଗୁଁ ନିର୍ମାଣ ହୋଇପାରିଲା ନାହିଁ। ପୁଣି ବ୍ରିଜ ନିର୍ମାଣ ପାଇଁ ସରକାରଙ୍କ ପାଖକୁ ଅନୁମୋଦନ ପାଇଁ ଯାଇଛି। ମଞ୍ଜୁର ହୋଇ ଆସିଲେ ଖୁବଶୀଘ୍ର ନିର୍ମାଣ ହେବ ବୋଲି ସେ କହିଛନ୍ତି।

# ତ୍ୟାଗ ଓ ସେବାର ପ୍ରତୀକ ଥିଲେ ସଂଗ୍ରାମୀ ପ୍ରାଣକୃଷ୍ଣ ପଢ଼ିହାରୀ



ଜଗତସିଂହପୁର,୮।୮ (ସମିସ)

ଜଗତସିଂହପୁର ମାଟିର ଅନ୍ୟତମ ବରପୁତ୍ର ତଥା ମହାନ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀଙ୍କ ୬୮ତମ ଶ୍ରାଦ୍ଧବାର୍ଷିକ ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀ ସ୍ମୃତି ପରିଷଦ ପକ୍ଷରୁ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପରିଷଦର ସମ୍ପାଦକ ଶୁଭକାନ୍ତ ପଢ଼ିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନିତ୍ୟାନନ୍ଦ ପଢ଼ିହାରୀ, ପୂର୍ବତନ କାଉନସିଲର ପ୍ରଦୀପ୍ତ ସାହୁ, ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଦୁର୍ଯ୍ୟୋଧନ ମହାରଣା, ସୂର୍ଯ୍ୟାନନ୍ଦ ପଢ଼ିହାରୀ, କାଉନସିଲର ଜଗତାନନ୍ଦ ପଢ଼ିହାରୀ, ପରିବେଶବିତ୍ ଉତ୍କଳ ରଂଜନ ମହାନ୍ତି, ଶିକ୍ଷାବିତ୍ ବିଜୟ କୁମାର ରଥ,ଆଇନଜୀବୀ ଶିବପ୍ରସାଦ ମାଝୀ, ପ୍ରଦୀପ୍ତ ପଟ୍ଟନାୟକ, ସ୍ୱାଗତ ପଢିହାରୀ, ପାର୍ଥସାରଥି ପଢିହାରୀ, ଉମାକାନ୍ତ ପଢିହାରୀ, ରୁଦ୍ର ପଢିହାରୀ, ଅନିଲ ମହାନ୍ତି, ଗୁରୁଦତ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ତାଙ୍କ ଜନ୍ମମାଟି ଜୟବଢ଼ ଛକସ୍ଥିତ ସଂଗ୍ରାମୀ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ୧୮୮୩ ମସିହା ଜାନୁଆରୀ ୨୧ ତାରିଖରେ ସ୍ୱର୍ଗତ ପଢ଼ିହାରୀ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୫୮ ମସିହା ଅଗଷ୍ଟ ୮ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ। ଜଣେ ସଂଗ୍ରାମୀ ଭାବେ ସେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରି ୯ ଥର କାରାବରଣ କରିଥିଲେ। ଏଥିସହିତ ଜଗତସିଂହପୁରରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଜୟବଢସ୍ଥ ପ୍ରାଥମିକ ବିଦ୍ୟାଳୟ ଓ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠାରେ ମଧ୍ୟ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ପ୍ରାଣକୃଷ୍ଣ ପଢ଼ିହାରୀଙ୍କ ସ୍ମୃତିଦିବସ



ଜଗତସିଂହପୁର,୮।୮ (ସମିସ): ଆଜି ଜଗତସିଂହପୁର ସହରରେ ପ୍ରଶାସନ ପକ୍ଷରୁ ପ୍ରାଣକୃଷ୍ଣ ପଢିହାରୀଙ୍କ ସ୍ମୃତିଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଜୟବଢ଼ ଛକ ନିକଟରେ ଥିବା ସ୍ୱର୍ଗତ ପଢିହାରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୯ ନମ୍ବର ୱାର୍ଡ ପାରିଷଦ ଜଗଦାନନ୍ଦ ପଢିହାରୀ, ସାମ୍ବାଦିକ ଶୁଭକାନ୍ତ ପଢିହାରୀ, ପୌର ପରିଷଦର କର୍ମଚାରୀ ସୁଦର୍ଶନ ଭୋଇଙ୍କ ସମେତ ରମାକାନ୍ତ ପଢିହାରୀ, ଲିଟୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସେହି ମହାନ ଆତ୍ମାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ରାହାମା ଅଞ୍ଚଳରେ ସେକ୍ସ ରାକେଟ ଠାବ; ୩ ଗିରଫ




ତିର୍ତ୍ତୋଲ,୮।୮ (ସମିସ): ତିର୍ତ୍ତୋଲ ପୁଲିସ ଅପେରେସନ୍ ଜ୍ୟୋତି ଜରିଆରେ ଚଢ଼ଉ କରି ଏକ ସେକ୍ସ ରାକେଟ ଠାବ କରିଛି। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ତିର୍ତ୍ତୋଲ ପୁଲିସ ଏକ ବିଶେଷ ସୂତ୍ରରୁ ଖବର ପାଇ ରାହାମା ବଜାର କମିଟି ସହାୟତାରେ ଆଜି ସକାଳୁ ରାହାମା ବଜାରର ଏକ ପରିତ୍ୟକ୍ତ ଭଡ଼ାଘରେ ଅଚାନକ ଚଢ଼ଉ କରି ସେକ୍ସ୍ ରାକେଟ ଠାବ କରିଛି। ସେଠାରୁ ପୁଲିସ ତିନିଜଣ ଦେହଜୀବୀଙ୍କ ସହିତ ଜଣେ ରାଣୀ ମହୁମାଛି, ଘର ମାଲିକଙ୍କୁ ଆଣି ପଚରା ଉଚରା କରିଥିଲା। ରାଣୀ ମହୁମାଛିଙ୍କ ଘର ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନିମା ଓ ଘର ମାଲିକ ରାହାମା ଅଞ୍ଚଳର ପ୍ରଦୀପ ଦାସ ବୋଲି ଜଣାପଡିଛି। ଚଢ଼ଉ ସମୟରେ ପୁଲିସ ସେମାନଙ୍କ ଠାରୁ ୭ଟା ମୋବାଇଲ ଫୋନ୍, ୩୨୨୦ ଟଙ୍କା, ଲିପିଷ୍ଟିକ, ପାଉଡର ତେଲ ଇତ୍ୟାଦି ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ଏହି ଘଟଣାରେ ପୁଲିସ କେସ ନଂ ୩୭୦/୨୬ ରେ ମାମଲା ରୁଜୁ କରି ଗିରଫ କରି ତଦନ୍ତ ଚଳାଇଥିବା ବେଳେ ସେମାନଙ୍କର ଡାକ୍ତରୀ ମାଇନା କରାଯାଇଛି। ଗିରଫ ହୋଇଥିବା ରାଣୀ ମହୁମାଛି ଅନିମା ରଣା ଓ ଘରମାଲିକ ପ୍ରଦୀପ ଦାସ ଦୀର୍ଘ ଧରି ଏହି ବ୍ୟବସାୟ କରି ଆସୁଥିଲେ। ବିଭିନ୍ନ ସମୟରେ ଘରର ମାଲିକ ଓ ରାଣୀ ମହୁମାଛି ଉଭୟ ମିଶି ବିଭିନ୍ନ ସ୍ଥାନରୁ ଦେହଜୀବୀ ଯୋଗାଡ଼ କରି ଏହି ବ୍ୟବସାୟ ଚଳାଉଥିଲେ ବୋଲି ଜଣାପଡିଛି। ପୁଲିସ ରାଣୀ ମହୁମାଛି ଅନୀମା ରାଣୀ, ଘର ମାଲିକ ପ୍ରଦୀପ ଦାସଙ୍କ ସମେତ ୩ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

# କୃଷକ ମୋର୍ଚ୍ଚା ଜିଲ୍ଲା ପଦାଧିକାରୀ ବୈଠକ




ଜଗତସିଂହପୁର,୮।୮ (ସମିସ): ଭାରତୀୟ ଜନତା ପାର୍ଟି କୃଷକ ମୋର୍ଚ୍ଚା, ଜଗତସିଂହପୁର ଜିଲ୍ଲା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ପଦାଧିକାରୀ ବୈଠକ ସ୍ଥାନୀୟ ବିଜେପି ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଅଶୋକ ମହାନ୍ତି, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଆଲୋକ ମହାନ୍ତି, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ତଥା ଜିଲ୍ଲା ପ୍ରଭାରୀ ସରୋଜ ସାହୁ ଏବଂ କୃଷକ ମୋର୍ଚ୍ଚା ଜିଲ୍ଲା ପ୍ରଭାରୀ ତରୁଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ସାଙ୍ଗଠନିକ କାର୍ଯ୍ୟକଳାପ, କୃଷକମାନଙ୍କ ବିଭିନ୍ନ ସମସ୍ୟା ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ବୈଠକରେ ମୁଖ୍ୟତଃ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନାର ସୁଫଳକୁ ତୃଣମୂଳ ସ୍ତରରେ ପହଞ୍ଚାଇବା। ଜିଲ୍ଲାର କୃଷକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବା, କୃଷକ ମୋର୍ଚ୍ଚାର ସଂଗଠନକୁ ତୃଣମୂଳସ୍ତରରେ ଆହୁରି ସକ୍ରିୟ ଓ ମଜବୁତ କରିବା, ଚାଷୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଆଗାମୀ ଦିନରେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେବା ଇତ୍ୟାଦି ଆଲୋଚନା ହୋଇଥିଲା। କୃଷକମାନଙ୍କ ସମ୍ମାନ, ସ୍ୱାବଲମ୍ବନ ଏବଂ ସମୃଦ୍ଧି ପାଇଁ ସମସ୍ତ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଏହି ବୈଠକରେ ଜିଲ୍ଲା ଓ ମଣ୍ଡଳ ସ୍ତରୀୟ ପଦାଧିକାରୀ ଏବଂ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରିୟବ୍ରତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ପ୍ରକଳ୍ପ ପ୍ରସ୍ତୁତିର ପ୍ରଶିକ୍ଷଣ କର୍ମଶାଳା

ଜଗତସିଂହପୁର,୮।୮ (ସମିସ): ବୈଜ୍ଞାନିକ ପ୍ରଣାଳୀଗୁଡିକର ସଠିକ୍ ପ୍ରୟୋଗ ଦ୍ୱାରା ୧୦ ବର୍ଷରୁ ୧୭ବର୍ଷ ବୟସସୀମା ଥିବା ଶିଶୁ ବିଜ୍ଞାନୀମାନଙ୍କର ସୃଜନଶକ୍ତି ସମ୍ପନ୍ନ ଓ ନୂତନତ୍ୱ ଚିନ୍ତାଧାରା ଉପରେ ଆଧାରିତ ନିଜସ୍ୱ ଆଞ୍ଚଳିକ ସାମୁହିକ ବିକାଶର ଧାରାକୁ ପ୍ରତିହତ କରୁଥିବା ସମସ୍ୟାବଳୀର ଆଶୁ ସମାଧାନ ପାଇଁ ତା'ମନରେ ଉଙ୍କି ମାରୁଥିବା ଉପାୟଗୁଡିକୁ ଉପସ୍ଥାପିତ କରିବା ନିମନ୍ତେ ସୁଯୋଗ ପ୍ରଦାନ କରିବାର ଆଭିମୁଖ୍ୟ ନେଇ ଆୟୋଜିତ ହେଉଥିବା ୩୨ତମ ଜାତୀୟ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ-୨୦୨୬ ପ୍ରକଳ୍ପ ପ୍ରସ୍ତୁତିର ଜିଲ୍ଲାସ୍ତରୀୟ ମାର୍ଗଦର୍ଶକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଉଦ୍ଦେଶ୍ୟରେ ପ୍ରଶିକ୍ଷଣ କର୍ମଶାଳା ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଅଧିକାରୀ କେଶବ ମେହେର ଯୋଗଦେଇ ଏହି କର୍ମଶାଳାର ଉଦ୍‌ଘାଟନ କରିବା ସହିତ ଶିଶୁମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବର ଆଶାନୁରୂପ ଅଭିବୃଦ୍ଧି ଘଟାଇବା ସଙ୍ଗେ ସଙ୍ଗେ ଦେଶ ତଥା ବିଶ୍ୱର ସର୍ବାଙ୍ଗୀନ ଉନ୍ନତି କଳ୍ପେ ତା' ମନରେ ଉଙ୍କି ମାରୁଥିବା ବଜ୍ଞାନସମ୍ମତ ସ୍ୱପ୍ନକୁ ସାକାର କରିବା ନିମନ୍ତେ ମାର୍ଗଦର୍ଶକ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପଯୁକ୍ତ ମାର୍ଗଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନନୀୟ ଅତିଥିଭାବେ ଜଗତସିଂହପୁର ବ୍ଲକ ଶିକ୍ଷାଧିକାରିଣୀ ମଧୁସ୍ମିତା ପତି ଯୋଗଦେଇ ଏହି ଅଭିନବ କାର୍ଯ୍ୟକ୍ରମର ସଫଳତା କାମନା କରିବା ସହ ଏ ଦିଗରେ ମାର୍ଗଦର୍ଶକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଦର୍ଶାଇଥିଲେ। ଜିଲ୍ଲା ସଂଯୋଜକ ପଦରାଜ ଉମାକାନ୍ତ ନାୟକ ଏହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ସ୍ୱାଗତଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପ୍ରମୁଖ ପ୍ରଶିକ୍ଷକ ଭାବେ ଜିଲ୍ଲା ବୈଷୟିକ ସଂଯୋଜକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ଯୋଗଦେଇ ବିଜ୍ଞାନ କଂଗ୍ରେସର ଅବୟବ, ଶିଶୁ ବିଜ୍ଞାନୀମାନଙ୍କର ଅନ୍‌ଲାଇନ୍ ପଞ୍ଜୀକରଣ କରିବାର ଉପାୟ, ଗବେଷଣାର ପରିସର, ପ୍ରକଳ୍ପ ମନୋନୟନ କରିବାର ପ୍ରଣାଳୀ, ବାର୍ଷିକ କାର୍ଯ୍ୟଖସଡା, ମାର୍ଗଦର୍ଶକଙ୍କ ଦାୟିତ୍ୱ, ପ୍ରକଳ୍ପ ପ୍ରସ୍ତୁତିର ପ୍ରଣାଳୀ ସହିତ ଚଳିତ ବର୍ଷର ମୁଖ୍ୟ ବିଷୟବସ୍ତୁ 'ସ୍ଥାୟିତ୍ୱ ପାଇଁ ବିଜ୍ଞାନ ଏବଂ ନବସୃଜନ' ଏବଂ ଏହାର ୫ଟି ଉପବିଷୟ ବସ୍ତୁକୁ ଆଧାରକରି ଆଦଶର୍ ଓ ଅଭିନବ ପ୍ରକଳ୍ପ ପ୍ରସ୍ତୁତି ସମ୍ପର୍କରେ ବିଷଦଭାବେ ଆଲୋକପାତ କରିଥିଲେ। ଉପଯୁକ୍ତ ମାର୍ଗଦର୍ଶନ କରିବା ସହିତ ଏହି ପ୍ରକଳ୍ପର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ଉପସ୍ଥିତ ଥିବା ୨୩୪ ସଂଖ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରକଳ୍ପ ପ୍ରସ୍ତୁତିର ଜ୍ଞାନକୌଶଳ ସମ୍ପର୍କରେ ଅବଗତ ହେବା ସହ ଏ ସମ୍ପର୍କରେ ଅଧିକ ତଥ୍ୟ ଓ ସହଯୋଗ ପାଇବା ନିମନ୍ତେ ହ୍ୱାଟସପ୍ ଗ୍ରୁପ୍‌ରେ ସମସ୍ତଙ୍କୁ ଯୋଡାଯାଇଥିଲା। ଶେଷରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




# ସେବା ଫାଉଣ୍ଡେସନ ତରଫରୁ ବୃକ୍ଷ ରୋପଣ



ବାଲିକୁଦା,୮।୮ (ସମିସ): ବୃକ୍ଷ ହେଉଛି ଆମ ଜୀବନର ଆଧାର। ଏହା ଆମକୁ ଅମ୍ଳଜାନ ଦେବା ସହ ପରିବେଶକୁ ସୁରକ୍ଷିତ ଓ ସୁନ୍ଦର ରଖେ। ଜଳବାୟୁ ପରିବର୍ତ୍ତନ, ଉତ୍ତାପ ବୃଦ୍ଧି ଓ ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ଅଧିକରୁ ଅଧିକ ବୃକ୍ଷ ରୋପଣ ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ରାହାଣ ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସେବା ଫାଉଣ୍ଡେସନ ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରାହାଣ ବାବା ବିଦ୍ୟାଧର ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୋଜାଲୀନ ସେଠୀ, ଶିକ୍ଷୟିତ୍ରୀ ଲୋଭାବତୀ ବେହେରା, ଆରତୀ ପ୍ରଧାନଙ୍କ ସହ ସେବା ଫାଉଣ୍ଡେସନର କର୍ମକର୍ତ୍ତା ସାହାଜନ ପ୍ରଧାନ, ମୁନା ବିଶ୍ୱାଳ, ବଲ୍ଲବ ଖଟୁଆ, ରାହୁଲ ବେହେରା ପ୍ରମୁଖ ଉପସ୍ଥିତଥିଲେ। କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଆହ୍ୱାନ ଥିଲା ଆଜି ଗୋଟିଏ ଗଛ ଲଗାନ୍ତୁ, ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ପୃଥିବୀ ଗଢ଼ନ୍ତୁ।

# ସଂସ୍କୃତ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ଶିବିର





କୁଜଙ୍ଗ,୮।୮ (ସମିସ): କୁଜଙ୍ଗ ସମାଗୋଳର ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କମଳା ଦେବୀଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ସଂଯୁକ୍ତା ତ୍ରିପାଠୀ, ମୁଖ୍ୟବକ୍ତା ଶିକ୍ଷାବିତ ପ୍ରାଧ୍ୟାପକ ବାବାଜୀ ସାହୁ, ବିଭୁତି ଭୂଷଣ ସେନାପତି, ଅଶୋକ କୁମାର ମହାନ୍ତି ଯୋଗଦେଇଥିଲେ। ଉଦଯାପନ ଦିବସରେ ମୁଖ୍ୟଅତିଥି ଅଧ୍ୟାପକ ଡ. ହୀରଣ୍ୟ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଅଧ୍ୟାପିକା ନିରୁପମା ସୁତାର ଯୋଗଦେଇଥିଲେ। ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରତାପ କୁମାର ମହାପାତ୍ର ଅଧ୍ୟକ୍ଷତା କରି ଶିବିରରେ ବାଳିକାମାନଙ୍କ ଆତ୍ମରକ୍ଷା ସମ୍ପର୍କରେ ପ୍ରଶିକ୍ଷଣକୁ ଛାତ୍ରଛାତ୍ରୀଙ୍କ ବଡ଼ ଅନୁଭବ ଓ ଏହା ସରକାରଙ୍କ ଏକ ସଫଳ କାର୍ଯ୍ୟକ୍ରମ ବୋଲି ଦର୍ଶିକ୍ଷଇଥିଲେ। ଅଧ୍ୟାପକ ଡ. ହେମନ୍ତ ମୁଦୁଲି, ସ୍ୱର୍ଣ୍ଣପ୍ରଭା ମହାନ୍ତି, ବର୍ଷା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଦଶକୋଟି ନିଶାମୁକ୍ତ ପ୍ରତିଜ୍ଞା ମହା ଅଭିଯାନ

କୁଜଙ୍ଗ,୮।୮ (ସମିସ): ଦେଶର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଦଶକୋଟି ନିଶାମୁକ୍ତ ପ୍ରତିଜ୍ଞା ମହା ଅଭିଯାନ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେବାକେନ୍ଦ୍ର ପକ୍ଷରୁ କୁଜଙ୍ଗସ୍ଥିତ ନ୍ୟାସନାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିକ୍ଷଣୀୟ କାର୍ଯ୍ୟକ୍ରମରେ ନ୍ୟାସନାଲ ସ୍କୁଲ ଓ ସେଣ୍ଟ ଜାଭିଅର ଇଣ୍ଟର ନ୍ୟାସନାଲ ସ୍କୁଲର ୩୦୦ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷିକା ଜୀବନରେ କେବେବି ନିଶା ସେବନ କରିବେନି ଓ ଉଚିତ ମାର୍ଗରେ ପରିଚାଳିତ ହେବେ ବୋଲି ପ୍ରତିଜ୍ଞା କରିଥିଲେ। ସଂସ୍ଥାର ସଂଚାଳିକା ବ୍ରହ୍ମକୁମାରୀ ସ୍ୱାତି, ବିକେ ଗଙ୍ଗାଧର ଓ ବିକେ ଗାର୍ଗୀ ଅଭିଭାଷଣ ରଖିବା ସହ ପ୍ରତିଜ୍ଞା କରାଇ ଥିଲେ। ସ୍କୁଲ ପ୍ରିନ୍ସିପାଲ ପ୍ରମିଳା ନନ୍ଦ ଧନ୍ୟବାଦ ଦେବା ସହ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉତ୍ସବ ପରିଚାଳନା କରିଥିଲେ।



# ଦିଲ୍ ନୃତ୍ୟ ଏକାଡେମୀ ଉଦ୍‌ଘାଟିତ



ବାଲିକୁଦା,୮।୮ (ସମିସ): ବାଲିକୁଦା ବ୍ଲକ ତହସିଲ ଛକ ନିକଟସ୍ଥ ଏସ୍‌ଟି ଜାଭିୟର ସ୍କୁଲ ପରିସରରେ ଏକ ନୂତନ ଦିଲ୍ ନୃତ୍ୟ ଏକାଡେମୀ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦିକା ଶେଫାଳିକା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଙ୍ଗୀତରତ୍ନ ଶାଶ୍ୱତ ଯୋଶୀ, ସମ୍ମାନିତ ଅତିଥି ଭାବେ ଓଡ଼ିଶୀ ନୃତ୍ୟ ଶିଳ୍ପୀ ତଥା ଦେବଦାସୀ ମେଣ୍ଟର ସାଗରିକା ମହାନ୍ତି, ଚଳଚ୍ଚିତ୍ର ନିର୍ମାତା ସାଇଜ୍ୟୋତି, ଓଡ଼ିଶୀ ନୃତ୍ୟଶିଳ୍ପୀ ଅଂଶୁମାନ ମହାପାତ୍ର ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟକାନ୍ତ ଦାସ, ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଣ୍ଣଲତା ଦାସ, ପ୍ରଭାତ କିଶୋର ମହାନ୍ତି, ଆଦିତ୍ୟ ନାରାୟଣ ଚୌଧୁରୀ, ବିଦ୍ୟାଳୟର ଉପାଧ୍ୟକ୍ଷା ସୁଚିତ୍ରା ପଟ୍ଟନାୟକ, ଇଂ. ନିର୍ଣ୍ଣାୟକ ମହାନ୍ତି, ଦେବାଶିଷ ମହାନ୍ତି, ସାଗର ବିଶ୍ୱାଳ ଓ ଦେବାଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କପିଳେଶ୍ୱର ମହାନ୍ତି ଓ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ କବି ରମେଶ ଚନ୍ଦ୍ର ବହିରା ମଞ୍ଚ ସଞ୍ଚାଳନ କରିଥିଲେ। ଶିଶୁ ନୃତ୍ୟଶିଳ୍ପୀ ଦେବଦାସୀ ସମ୍ମାନ ପ୍ରାପକ ସୁଶ୍ରୀ ପଲକ ଚୌଧୁରୀ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ। ତତ୍ପରେ ଶୁଭସ୍ମିତା ମହାପାତ୍ର, ସୁଚିସ୍ମିତା ମହାପାତ୍ର, ଶାସ୍ୱତୀ ମହାନ୍ତି, ଅନୁଷ୍କା ଶୁଭଦର୍ଶିନୀ, ଶୁଭ୍ରାଂଶୀ ଗୋଚ୍ଛାୟତ, ଅନନ୍ୟା ଦେବାଂଶୀ, ସ୍ୱୟଂସିଦ୍ଧା ବିଶ୍ୱାଳ, ଅର୍ପିତା ସାସମଲ ଓ ଜାଗୃତି ଯାଜ୍ଞସେନୀ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଏକ ସମବେତ ତବଲା ବାଦନ କରାଯାଇଥିଲା। ସମ୍ପାଦିକା ଶେଫାଳିକା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ନିଶାମୁକ୍ତ ଯୁବଶକ୍ତି କାର୍ଯ୍ୟକ୍ରମର ତୃତୀୟ ବାର୍ଷିକୀ

# ଛାତ୍ରଛାତ୍ରୀଙ୍କୁ 'ୟଙ୍ଗ୍ ଚେଞ୍ଜ ମେକର୍' ସମ୍ମାନ

ଜଗତସିଂହପୁର,୮।୮ (ସମିସ)





ଐତିହାସିକ ଅଳକା ଆଶ୍ରମ ଆନୁକୂଲ୍ୟରେ ଏକ ସୁସ୍ଥ, ସଶକ୍ତ ତଥା ନିଶାମୁକ୍ତ ଯୁବପିଢ଼ି ଗଠନ ପାଇଁ ଆବାହକ ଦେବେନ୍ଦ୍ର ନାଥ ରାଉତଙ୍କ ନେତୃତ୍ୱରେ ୨୦୨୩ ମସିହା କ୍ରାନ୍ତି ଦିବସ ଠାରୁ ଆୟୋଜିତ ହୋଇ ଆସୁଥିବା "ନିଶାମୁକ୍ତ ଯୁବଶକ୍ତି' କାର୍ଯ୍ୟକ୍ରମର ତୃତୀୟ ବାର୍ଷିକୀ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗତ ତିନି ବର୍ଷ ମଧ୍ୟରେ ଜିଲ୍ଲାର ବିଭିନ୍ନ ବ୍ଲକର ଶିକ୍ଷା ଅନୁଷ୍ଠାନରେ ଆୟୋଜିତ କରାଯାଇଥିବା କର୍ମଶାଳାରେ ଆଜୀବନ ନିଜେ ନିଶା ଗ୍ରହଣ ନକରି ନିଜ ପରିବେଶକୁ ନିଶାଠାରୁ ଦୂରେଇ ରଖିବା ପାଇଁ ଶପଥ ଗ୍ରହଣ କରି ତାହାକୁ ସମର୍ପିତ ଭାବରେ ପାଳନ କରୁଥିବା ଶତାଧିକ ଛାତ୍ରଛାତ୍ରୀଙ୍କୁ "ଦି ୟଙ୍ଗ ଚେଞ୍ଜ ମେକର' ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲାର ୨୦ଟି ଶିକ୍ଷାନୁଷ୍ଠାନକୁ ନିଶାମୁକ୍ତ ସମାଜ ଗଠନରେ ପ୍ରତିବଦ୍ଧିତ ପ୍ରୟାସ ପାଇଁ "ଆଦର୍ଶ ଅନୁଷ୍ଠାନ' ସମ୍ମାନ ପ୍ରଦାନ କରାଯାଇଛି। ଅଳକା ଆଶ୍ରମର ସଭାପତି ଗୌରାଙ୍ଗ ଚରଣ ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜଗତସିଂହପୁର ସାଂସଦ ଡ. ବିଭୁ ପ୍ରସାଦ ତରାଇ, ମୁଖ୍ୟବକ୍ତା ଭାବରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ସମ୍ମାନନୀୟ ଅତିଥି ଭାବରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଜାତା ଓଡା, କାନାଡା ବ୍ୟାଙ୍କର ଶାଖା ପ୍ରବନ୍ଧକ ରାଜକୁମାର ସେଠୀ, ଅଳକା ଆଶ୍ରମର ବରିଷ୍ଠ ଉପଦେଷ୍ଟା ବିନାୟକ ପଟ୍ଟନାୟକ ଯୋଗଦେଇ ନିଶା ସେବନର କୁପରିଣାମ ବିଷୟରେ ଆଲୋଚନା କରିବା ସହିତ ଯୁବପିଢ଼ିକୁ ନିଶାଠାରୁ ଦୂରେଇ ରହିବାକୁ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉପସ୍ଥାପନ କରିଥିଲେ ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଉପସଭାପତି ଭଗବାନ ଦାଶ। ଅଳକା ଆଶ୍ରମର କୋଷାଧ୍ୟକ୍ଷ ବିଜୟ କୁମାର ରଥ, ସ୍ନେହମୟୀ ଆଚାର୍ଯ୍ୟ, ଜ୍ୟୋତିରଞ୍ଜନ ପ୍ରଧାନ, ସୋମନାଥ ମହାରଣା, ସରୋଜ କୁମାର ବେହେରା, ନଗେନ୍ଦ୍ର ନାଥ ସ୍ୱାଇଁ, ସିଦ୍ଧେଶ୍ୱର ପଣ୍ଡା, ଅଜୟ କୁମାର ଗୋଚ୍ଛାୟତ, ରାଧାକାନ୍ତ ମିଶ୍ର, ଗୌରାଙ୍ଗ ଦାସ, ଯଯାତିକେଶରୀ ସାମନ୍ତରାୟ, ଶାନ୍ତନୁ କୁମାର ମିଶ୍ର, ପ୍ରକାଶ ରଞ୍ଜନ ଦାସ ଏବଂ ସାମ୍ବାଦିକ ଶଶାଙ୍କ ପଣ୍ଡା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ସ୍କାଉଟର ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ସୃଜନିକା

ସକାଳ
THE SAKALA
www.sakalaepaper.com

# ଅଧେ କଥା



କାଶୀନାଥ ନନ୍ଦୀ



ପଚାରିଲାରୁ ଲୋକଟା କହିଲା, ସେ ସତୁରି ବର୍ଷର। ତେବେ ଦେଖିଲେ ଲାଗୁଥିଲା, ସେ ତା' ବୟସରୁ ଆହୁରି କେତେ ବର୍ଷ ବଡ଼ ହେଇଥିବ। ଠିକାଦାର ତାକୁ ଆଣି ମୋ' ଘର ତିଆରି କାମରେ ଲଗେଇଥିଲା। ଲୋକଟାର କଥାଭାଷା ମତେ ଭାରି ଆକୃଷ୍ଟ କଲା। ଭାରି ବିନୀତ ସେ। ଭାରି ନମ୍ର ତା' କଥା। ମିସ୍ତ୍ରୀ ତା' ସହିତ କଥା ହେଉଥିଲା ଓ ତାକୁ ସେ ନିଜ ଭାବେ କାମ କରାଉଥିଲା। ଏଇଠି ମୁଁ ମଝି ମଣିଷ। ମୁଁ କେବଳ ଶ୍ରୋତା ଓ ଦର୍ଶକ।

କୋଉଠୁ ଆସିଯାଉଥାଏ, କେମିତି ପଡ଼ିଯାଉଥାଏ ସେଇସବୁ କଥା ମୁଁ କହୁନାହିଁ। ସେମାନଙ୍କ କାମ ସ୍ରୋତରେ ସେସବୁ ନାନା କଥା ଆସି ଯାଉଥାଏ, ବହି ଯାଉଥାଏ।

"ମଉସା ଇଟା ପକାଅ, ସେଠି ଠିଆ ହେଇ କା' କଥା ଭାବୁଛ। ମାଉସୀଙ୍କ କଥା ମନେ ପଡୁଛି କି ?" ମିସ୍ତ୍ରୀର ସ୍ୱର ଭାରି ଅଶ୍ଲୀଳ। ମୁଁ ଦେଖୁଥିଲି, ଲୋକଟା ଆଖିରେ ଧାରେ ଲାଜ। ଟିକେ ହସ। କେବଳ ଏତିକି। ତାପରେ ସେମାନଙ୍କ କାମ ଲାଗିଗଲା। କାମ ଚାଲିଛି, କଥା ଚାଲିଛି। ସେଇଭିତରେ ସେମାନଙ୍କ ଜୀବନ କଥା। ସେଇ କଥାର ଗହଳି ଭିତରେ ଭୋକ ଆସିଲା। ଆସିଲା ବି ପ୍ରେମ। ଭୋକ ଗୋଟେ ଚିହ୍ନିଲା ଭୋଗାଭୋଗ ଭିତରେ ପ୍ରେମ ଯେମିତି ଏକ ଅତିଥି। ମୁଁ ଦେଖୁଥିଲି ମଉସାଙ୍କୁ। ସେ କି ଲୁଚୋଉଛନ୍ତି ନିଜୁ ଓ ନିଜ ଜୀବନର କଥାକୁ। ଏଇ ଭିତରେ ସେମାନଙ୍କ ଖାଇବାବେଳ ଆସିଲା। ସେମାନେ ଗୋଡ଼ ହାତ ଧୋଇଲେ। ଠିକାଦାର ସେତେବେଳକୁ ସେମାନଙ୍କ ପାଇଁ ଖାଇବାକୁ ଆଣିସାରି ଥାଏ। ସେମାନେ ଖାଇଲେ। ମୁଁ ଖାଇବାକୁ ଗଲି। ମୋ ମନ ବୁଢ଼ାଟି ସହ ଅଛି। ସେମାନଙ୍କ କଥା ମତେ ଭାରି ଅଧା ଅଧା ଲାଗୁଥାଏ। ସେଥିରୁ ମୁଁ କେବଳ ଲୋକଟାର ଜୀବନର ମୁଖାଶାଳା ଦେଖିଥାଏ। ତା' ଜୀବନ-ମନ୍ଦିର ଦେଖି ନ ଥାଏ। ମୋ ସ୍ରଷ୍ଟା ମାନସ ତା' ଉପରେ ହିଁ ରହିଥାଏ। ମନ ଚାହୁଁ ଥାଏ ଗୋଟେ ନିରୋଳା ମୁହୂର୍ତ୍ତ। ସେଇଠି କେବଳ ମୁଁ ଓ ସେ। କେହି ନ ଥାନ୍ତୁ ଆମ ଭିତରେ।

ମୋ ମନ ଲାଖି ସମୟଟେ କେମିତି କେମିତି ଆସିଗଲା। ସେତେବେଳକୁ ସେ ଏକା, ମୁଁ ଏକା। ମୁଁ ତା' ପାଖରେ ହେଲା ବେଳକୁ ସେ ବାଲି ଉପରେ ତା' ଗାମୁଛା ଖଣ୍ଡକ ପାରି ଶୋଇଥିଲା। ତାହା ନିଦ ନୁହଁ, ତାହା ତା' ବିଶ୍ରାମ। ମୁଁ ତା' ପାଖରେ ଠିଆ ହେଲି ତ ସେ ଆଖି ଫିଟେଇ ଦେଲା ଓ ବସି ପଡ଼ିଲା, "କଣ ହେଲା ବାବୁ, କିଛି ଖୋଜୁ ଥିଲେ ?"

"ନା, ମୁଁ ତୁମ ସହ ଟିକେ କଥା ହେବାକୁ ଆସିଥିଲି।" ମୋ' ଏପରି କଥା ବୋଧହୁଏ ତା' ଜୀବନରେ ଗୋଟେ ନୂଆ କଥା। ସେ କି କୃତ କୃତ ହେଇଗଲା। ମୁଁ ଅନୁଭବ କରୁଥିଲି, ଟିକିଏ ଭଲ ଆଚରଣ ଜଣେ ଏମିତି ସାଧାରଣ ମଣିଷ ଭିତରେ କେତେ ଆତ୍ମୀୟ ଭାବ ଆଣିଦିଏ ସତେ! ମୋ ଭିତରେ ଅନେକ ପ୍ରଶ୍ନ। ମତେ ପଚାରିବାକୁ ଅଛି, ତା'ଠୁ ଶୁଣିବାର ଅଛି। ଆମ ଭିତରେ ସେମିତି ପରିସ୍ଥିତିଟେ ଆସିବାକୁ ସମୟ ଲାଗିଲା। ମୋର ତା' ପ୍ରତି ଗୋଟେ ନିଜର ପରି କଥାଭାଷାରେ ସେ ମୋହି ଗଲା, "ବାବୁ, ମୁଁ କେତେ ମାଲିକଙ୍କ ପାଖରେ କାମ କରିଛି। ଆପଣଙ୍କ ପରି ମୁଁ କାହାକୁ ଦେଖି ନାହିଁ।" ତା' ଆତ୍ମୀୟତା ତା' କଥାରେ ଦିଶି ଯାଉଥିଲା। ତାପରେ ସେ ରହି ନାହିଁ। ସେ କହିଚାଲିଲା ତା' କଥା। ମୋ ସବୁ ପ୍ରଶ୍ନ, ତା'ର ସବୁ ଉତ୍ତର। ଥର ଥର କି ସେ କହିଗଲା ତା' ସାରା ଜୀବନର କଥା। କେହି ନାହିଁ ତା'ର। କିଛି ନାହିଁ ତା'ର। ବାପା ମାଆ ମରି ଗଲେଣି। ତା' ଯୁବା ବୟସରୁ ସେ ସେମାନଙ୍କୁ ହରେଇଛି। ତା'ର ଭାଇ ଭଉଣୀ କେହି ନାହିଁ। ସେ ବାହା ବି ହେଇ ପାରିଲା ନାହିଁ। କେହି ତା' ବାହାଘର କଥା ବୁଝିଲେ ନାହିଁ। ସେ ସେଇମିତି ରହିଗଲା। ମୁଁ ପଚାରିଲି, "ତମେ କ'ଣ କାହାକୁ ଭଲ ପାଇଲ ନାହିଁ? ତମ ଜୀବନରେ କେହି କ'ଣ ଆସିଲେ ନାହିଁ ?" ମୋ ପ୍ରଶ୍ନରେ ଭାରି ଛୋଟ ହସଟିଏ ତା' ଓଠରେ। ମତେ ଲାଗିଲା କିଛି ଅଛି ଅତୀତରେ। ଅଥଚ ମିଛ ହେଲା ମୋ ଭାବନା। ସେ ତା' ଜୀବନର ସତକୁ କେବଳ 'ନା'ରେ ସାରିଦେଲା।

ଏଇଠି ସେ ରହିଲା। ଏଉଠୁ ମୋ କଥା ସରିଲା। ମୁଁ ଫେରିବି ତାଠୁ, ମନକୁ କ'ଣ ଆସିଲା କେଜାଣି ପଚାରିଦେଲି, "କେମିତି ଚଳୁଛ ଏବେ ? ଆଗକୁ ବୟସ ବଢ଼ିବ, ରୋଗ ଆସିବ, ତା' ଆଗକୁ କେତେ କଥା ଦେହ ଜୀବନରେ, ଚଳିବ କେମିତି ? କିଏ ଆଃ...କହିବ ତୁମକୁ?"

"ଭୋକ ହେଲେ ଯିଏ ଭାତ ଖଞ୍ଜିଦିଏ, ମୋ ଦେହପା'ରେ ସିଏ ହିଁ ଖଞ୍ଜିଦେବ ଜଣକୁ। ସେଇଥିପାଇଁ ପା' ସେ ଈଶ୍ୱର।"

ମୁଁ ରହି ଗଲି ତା' କଥାରେ। ମତେ କିଛି ଓ କେହି ତା'ର ଥିଲା ପରି ଲାଗିଲା ତା' ଜୀବନରେ। କହିଲି, "କିଏ ଜଣେ ଅଛି ନା ତୁମ ପାଇଁ...?"

ସେ ଆଖିରେ 'ହଁ' କଲା। ମୋ' କହିଲାରୁ ସେ ତୁଣ୍ଡ ଫିଟେଇଲା, "ସେ ପର ସ୍ତ୍ରୀ ବାବୁ। ମୋ' ଭଡ଼ା ଘର ପାଖରେ ତା' ଘର। ମୋର ଦେଖାହୁଏ। ଭାରି ଦୁଃଖିଆରୀଟେ ସେ। ଗୁଡ଼େ ଛୁଆ। ସ୍ୱାମୀଟା ମଦୁଆ। ସେ ତା' ସ୍ୱାମୀର ରୋଜଗାରକୁ ଅନାଏ ନା। ନିଜେ ମୂଳ ଲାଗେ। ଘର ଚଳାଏ। ଏଇ ଅଳ୍ପ ଦିନ ହେବ, ମତେ ଭାରି ଜ୍ୱର ହେଲା। ବିଛଣାରୁ ଉଠି ପାରିଲି ନାହିଁ। ସେ ଜାଣିଲା। ଜୀବନର ପ୍ରଥମ ଥର କେହିଜଣେ ସ୍ତ୍ରୀଲୋକ ରାତିରେ ମୋ' ଘରେ ପଶିଲା। ଆସିଲା ତ ସେ ମୋର ହେଇଗଲା। ମତେ କୁଣ୍ଢେଇ କି ଉଠେଇଲା। ଅମୃତ ସମାନ ତା' ସେବା ବାବୁ...।" ସେ ରହିଗଲା। ଆଗକୁ କ'ଣ କୁହାଯିବ ତାକୁ କହି ଆସୁ ନ ଥିଲା। ଜଣେ ସ୍ତ୍ରୀଲୋକ ପ୍ରଥମ ସ୍ପର୍ଶ, ତା'ର ଭାଷା କ'ଣ ଏତେ ସହଜ କହିଦେବା ? ସେ କହି ପାରିଲା ନାହିଁ। ମୁଁ ଆଗକୁ ପଚାରିଲି ନାହିଁ। ହୋଉ..., ମୁଁ ଆସୁଛି କହି ମୁଁ ମୁହଁ ଫେରଉଛି, ସେ କହିଲା, "ବାବୁ, ସେ ଏବେ ବେମାର ପଡ଼ିଛି। ସତ ଲୁଚୋଉ ନାହିଁ, ମୁଁ ଆଜି ତାରି ପାଇଁ କାମକୁ ଆସିଛି। ତା' ସ୍ୱାମୀ କୁଆଡ଼େ ଯାଇଛି ଯେ ଯାଇଛି। ମୁଁ ନ ଅନେଇଲେ ତାକୁ କିଏ ଆଉ ଦେଖିବ...।"

ଏତିକି ବେଳେ ଫୋନ୍ ରିଂ ହେଲା। ବୁଢ଼ା ତା' ବ୍ୟାଗରୁ ତା' ଛୋଟ ଫୋନ୍ କାଢ଼ି ଅନ୍ କଲା। ଫୋନ୍ ଲାଉଡ୍‌ର ମୋଡ଼ରେ ଥିଲା। ଆମେ ଶୁଣିଲୁ, "ଜେଜ..., ତମେ ଜଲଦି ଆସ... ମା' ଉଠୁ ନାହିଁ। ଆମେ ତାକୁ ଉଠେଇ ଖୋଇ ପାରୁ ନାହୁଁ...।"

ମୁଁ ଦେଖୁଥିଲି। ବର୍ଣ୍ଣ ବଦଳି ଯାଉଥିଲା ଗୋଟେ ମୁହଁର। ଆଖିକୁ ଓହ୍ଲାଉ ଥିଲା ଗୋଟେ ପ୍ରାଣସତ୍ତା। ସେଇଠି କାନ୍ଦୁଣୁ ମାନ୍ଦୁଣୁ ଯୋଡ଼ିଏ ଆଖି। ଏତିକି ବେଳେ ମିସ୍ତ୍ରୀର ଡାକ, ମଉସା, ଆସ..., ବାଲି ପକାଅ... କୁଆଡ଼େ ଗଲ...■

କଟକ
ମୋ: ୯୮୬୧୬୫୫୩୫୭

# ପୁସ୍ତକ ଓ ପତ୍ରିକା ପରିଚୟ

## ଅବୁଝା ନଈ

### ପ୍ରଦ୍ୟୁମ୍ନ ପଟ୍ଟନାୟକ





ପଶ୍ଚିମା ପବ୍ଲିକେଶନ୍ସ
୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୬୯ ଟଙ୍କା

"ସମୟର ଚୋରା ବାଲିକୁ/ ଧରି ରଖି ହୁଏନି ହାତ ମୁଠାରେ/ ସଂପର୍କର ବନ୍ଧନକୁ ଭୁଲି ହୁଏନି/ କ୍ଷଣକ ମଧ୍ୟରେ।" (ସମୟ ଏବଂ ସଂପର୍କ) ବର୍ତ୍ତମାନ ସମୟ ଓ ସଂପର୍କର ଗୁରୁତ୍ୱ ବେଶ୍ ପ୍ରଭାବଶାଳୀ ଭାବେ ଏହି କବିତାରେ ପ୍ରସ୍ଫୁଟିତ ହୋଇଉଠିଛି। ଏଭଳି କିଛି ଆବେଗ, ସ୍ୱପ୍ନ, ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ଅବୁଝା ନଈ' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକରେ ସଂକଳିତ 'ସେ ମୁହୂର୍ତ୍ତ', 'ଅକସ୍ମାତ୍', 'ନୀଳ ଜହ୍ନର ପ୍ରତୀକ୍ଷାରେ', 'ଅପବାଦ', 'ମିଛମାୟା', 'ନିଦ୍ରିତା ନାୟିକା', 'ବିରହ', 'ଭରସା', 'ଭାଗ୍ୟ', 'ଆବେଗ', 'ମହାର୍ଘ ମୁହୂର୍ତ୍ତ', 'ପାର୍ବଣ', 'ସାୟାହ୍ନ', 'କବିତା ଲେଖୁଥିବା ଝିଅ', 'ଅପକୀର୍ତ୍ତି', 'ସଂପର୍କର ଶବ', 'ଅବୁଝା ନଈ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ମଣିଷ ସ୍ୱପ୍ନ, ଭାବନା, କଳ୍ପନାରେ ବଞ୍ଚେ। ତଥାପି ସମାଜର ବାସ୍ତବତାକୁ ସ୍ୱୀକାର କରିବାକୁ ପଡ଼ିଥାଏ। ଏହି ପୁସ୍ତକରେ ସଂକଳିତ କବିତାଗୁଡ଼ିକର ଛଳ ଛଳ ଭାବ, ସରଳ ଭାଷା, ନିରାଡ଼ମ୍ବର ଶୈଳୀ ଅଧିକ ମନଛୁଆଁ ହୋଇଛି। 'ଅବୁଝା ନଈ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ।■

# କବିତାର ଘର

ଅପର୍ଣ୍ଣା ମହାନ୍ତି





ମୁଁ, ନତମସ୍ତକ ବାରମ୍ବାର
ମୋ' କବିତାକୁ, ଲୋଡୁଥିବା
ଅନୁରାଗ ପାଖରେ।

କାହାର ସେ
ନୀରବ ଅନୁରୋଧ
ଯିଏ, ମୋ ହାତଧରି
ଟାଣିଆଣେ
ମତେ ବୁଡ଼େଇ ମାରୁଥିବା
କୋଳାହଳର ଭଉଁରି ମଝିରୁ,

ବସେଇ ଦିଏ
ଭାବାବେଗରେ ଟେବୁଲ୍ ଆଗରେ
କବିତା ଦଉଡ଼ି ଆସି
ପଛରୁ ମୋ, ଆଖିବୁଜି ଧରେ।

ନିମିଷକେ,
କୁଆଡ଼େ ଉଭେଇ ଯାଏ
ଚୁଲୀ, ଚାଳ, ସଂସାର ଜଞ୍ଜାଳ।

ଦି ଆଖିର ଝରଣାରେ
ଆବେଗରେ ଢେଉ ଛଳଛଳ
ତ, ପ୍ରାଣର ଆକାଶ ତଳେ
ଶରଦର ଚନ୍ଦ୍ରମଣ୍ଡଳ
ନିର୍ମଳ...।

ଆଗରୁ ଶୁଭୁନଥିବା
ବଂଶୀ ଏବେ
ବାଜିଉଠେ ମଧୁର ମଧୁର।
ସବୁ ଅର୍ଗଳି କାଟି
ଡେଣା ମେଲି ଉଡ଼ିଯିବା ପାଇଁ
ଶବ୍ଦମାନେ, ଆପେ ଆପେ,
ଉନ୍ମୁଖ...ଅଧୀର...।

ଥରକୁ ଥର ଉପେକ୍ଷା କରିବା ବେଳେ
ମୁଁ କ'ଣ
ସେଇ ଅନୁରାଗକୁ
ଅପେକ୍ଷା କରେ କି
ମୋ ଅଜାଣତରେ !!

ଯେତେବେଳେ ଭୟ ହୁଏ
ଯେ ଏଥର ବୋଧହୁଏ
ଅପହଞ୍ଚ ହୋଇଗଲା
କବିତାର ଘର।

ସେତେବେଳେ,
କେଉଁ ଲୋଡ଼ିବାପଣର
ନିର୍ମାୟା ନିରୀହ ପକ୍ଷୀ
ମୋ' ପାଇଁ ସଜାଡ଼ି ଦିଏ
ପ୍ରୀତି ଓ ଗୀତିର କୁଟାକାଠି
ହାହାକାରର
ଝଡ଼ ବତାସ ଭିତରେ...!! ■

କପାଳେଶ୍ୱର, ଠାକୁରପାଟଣା
ଜି: କେନ୍ଦ୍ରାପଡ଼ା-୭୫୪୨୫୦

# ଡେଣା

ଦେବାଶିଷ ଚକ୍ରବର୍ତ୍ତୀ





ମୁକୁଳା ମନ ନେଇ ଇଚ୍ଛାର ଆକାଶରେ
ଡେଣା ଝାଡ଼ିବାକୁ କିଏ
ଚାହେଁ ନାହିଁ କହିଲ?
କିନ୍ତୁ, ଏଠି ତ ହତାଶାର ତୂଳୀରେ
ଅହରହ ଅଙ୍କା ଚାଲିଛି
ଦୁଃସମୟର ପ୍ରତିକୃତି
ମନ ସାରା ଭଙ୍ଗାରୁଜା ଆଶା ଏବଂ
ଲୋଚାକୋଚା ସ୍ୱପ୍ନଙ୍କ ରାଜୁତି।

ପ୍ରଜାପତିର ଡେଣାରେ ଆଉ କାହିଁକି
ଲେସି ହେଉନି
ସମ୍ଭାବନାର ଫୁଲରେଣୁ
ମହୁମାଛିର କଣ୍ଠରୁ କିଏ
ଚୋରେଇ ନେଇଛି
ଆପଣାପଣର ଗୁଣୁ ଗୁଣୁ?
ସନ୍ଦେହର କୁଜ୍ ଝଟିକାରେ
ଆପଣାର ମଣିଷ ବି
ମନେ ହେଉଛି ଭୂତ
ବାଟବଣା ହେଉଛି ମନ ଝରଣାର
କୁଳୁ କୁଳୁ ଗୀତ।

ଅହଂକାରର ଗମ୍ଭୀରାରେ
ସାଇତା ମନକୁ କେହି କଣ
ମାଗିଛି କି ପ୍ରାଚୁର୍ଯ୍ୟର ଛପନ ପଉଟି
ଗ୍ଲାନିର ଅନ୍ଧାରରୁ ମୁକୁଳିବାକୁ ଚାହୁଁ ତ
ଭୋକରେ କାଉଳି ବାଉଳି ହେଉଥିବା
ମଣିଷକୁ ଦେ ଢୋକେ ତୋରାଣି କି
ଭାତ ଦି ମୁଠି
କପଟତାର ଅଳିଆ ଖରକି
ମନ ଅଗଣାରେ ବିଛେଇ ଦେ
ସରଳପଣର ସୁନା ଖରା
ତେବେ, ଶୁଣି ପାରିବୁ
ଜୀବନ ବଧୂର ପାଉଁଜିର ରୁଣ୍ଡୁଝୁଣ୍ଡୁ
ଯାଯାବର ପକ୍ଷୀପରି
ଆକାଶର ନୀଳିମାରେ
ଉଡ଼ାଣ ଭରିବାକୁ ଚାହୁଁଥିବା
ଆତ୍ମାପକ୍ଷୀର ଗୁଣୁ ଗୁଣୁ। ■

ମଣ୍ଡୁଆ, କେନ୍ଦୁଝର ଗଡ଼
ମୋ: ୯୪୩୭୭୫୨୩୯୫

## ବାଟଭୁଲା ଚଢ଼େଇର ଗୀତ

### ଜଗତ୍‌ବନ୍ଧୁ ଆଚାର୍ଯ୍ୟ




ସୁବର୍ଣ୍ଣଶ୍ରୀ ପ୍ରକାଶନୀ
ନେଳିଆବାଗ, ବାଲେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୭୫ ଟଙ୍କା

ଜୀବନାନୁଭୂତିର କାବ୍ୟିକ ପରିପ୍ରକାଶ ହେଉଛି ଜଗତ୍‌ବନ୍ଧୁ ଆଚାର୍ଯ୍ୟଙ୍କ 'ବାଟଭୁଲା ଚଢ଼େଇର ଗୀତ' ପୁସ୍ତକ। ଏହି ପୁସ୍ତକରେ ସଂକଳିତ କବିତାଗୁଡ଼ିକରେ ଜୀବନର ଅନେକ ଅକୁହା କଥାକୁ ମାର୍ମିକ ଭାବେ କବି ବ୍ୟକ୍ତ କରିଛନ୍ତି। 'ମହାନିର୍ବାଣ', 'ଭଡ଼ାଘର', 'ପରିବର୍ତ୍ତନ', 'ପ୍ରତୀକ୍ଷା', 'ଛଳନା', 'କଳ୍ପନା ଅସୁମାରି', 'ବାଇମୁଣ୍ଡି', 'ସଂପର୍କ ନିବିଡ଼', 'ଆଶା ବୈତରଣୀ', 'ଶୂନ୍ୟତାର ଶିଡ଼ି', 'ଚରିତ୍ର', 'ବାପା ଖୋଜାପଡ଼ନ୍ତି', 'ବାଟଭୁଲା ଚଢ଼େଇର ଗୀତ', 'ପ୍ରାୟଶ୍ଚିତ', 'ଶତାବ୍ଦୀର ଶ୍ରେଷ୍ଠ ଫୁଲ' ଆଦି କବିତାଗୁଡ଼ିକ ମର୍ମସ୍ପର୍ଶୀ ହୋଇଛି। ମାଟିଠୁ ଆକାଶ ଯାଏ ପରିବ୍ୟାପ୍ତ ତାଙ୍କ କବିତାର ଭାବଭୂମି। ପୁଣି ସମାଜର ନାନା ଘଟଣା ପ୍ରବାହ ତାଙ୍କ କବିତାକୁ କରିଛି ଅଧିକ ଭାବମୟ। ମାନବୀୟ ଭାବାବେଗ, ସମ୍ବେଦନଶୀଳତା, ହୃଦୟର ଅକୁହା କଥା, ସାମାଜିକ ବାସ୍ତବତାକୁ କବି ଅତି ଚମତ୍କାର ଭାବେ ନିଜ କବିତାଗୁଡ଼ିକରେ ବର୍ଣ୍ଣନା କରିଛନ୍ତି। ମାନବୀୟ ସଂପର୍କର ଓଜନ ଓ ଗଭୀରତା ମାପିବା ବେଶ୍ କଷ୍ଟକର। ଏକଥା ଅତି ଚମତ୍କାର ଭାବେ କବିତାରେ ଫୁଟି ଉଠିଛି। ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ।■

# ଆଧୁନିକ ଓଡ଼ିଆ କବିତାରେ ଶ୍ରୀଜଗନ୍ନାଥ

ଡକ୍ଟର ଦିଗମ୍ବର ଗିରି



ଆଧୁନିକ ଓଡ଼ିଆ କବିତାରେ ପୌରାଣିକ ଚରିତ୍ର ଓ ଧାର୍ମିକ ପ୍ରତୀକମାନଙ୍କୁ ନୂତନ ଅର୍ଥରେ ବ୍ୟବହାର କରାଯାଉଛି। ଶ୍ରୀଜଗନ୍ନାଥ ଆଧୁନିକ ପୁନଃପାଠର କେନ୍ଦ୍ରୀୟ ପ୍ରତୀକ। ସେ କେବଳ ଭକ୍ତିର ବିଷୟ ହୋଇ ରହିନାହାନ୍ତି ବରଂ ଇତିହାସ, ସମାଜ, ମାନବିକତା, ପ୍ରତିରୋଧ, ସମନ୍ୱୟ ଓ ଓଡ଼ିଆ ସାଂସ୍କୃତିକ ଅସ୍ମିତାର ବହୁମାତ୍ରିକ ରୂପକ। ଆଧୁନିକ କବିମାନେ ଜଗନ୍ନାଥଙ୍କୁ ଏକ ଜୀବନ୍ତ ସାଂସ୍କୃତିକ ଚେତନାର ପ୍ରବାହ ଭାବରେ ଦେଖିଛନ୍ତି।

କବି ସଚ୍ଚିଦାନନ୍ଦ ରାଉତରାୟ ଓ ଗୋଦାବରୀଶ ମହାପାତ୍ରଙ୍କ କବିତାରେ ଜଗନ୍ନାଥ ସଂସ୍କୃତିର ଗଣତାନ୍ତ୍ରିକ, ମାନବିକ ମୂଲ୍ୟବୋଧକୁ ଲକ୍ଷ୍ୟ କରାଯାଏ। ସୀତାକାନ୍ତ ମହାପାତ୍ରଙ୍କ କବିତାରେ ଶ୍ରୀଜଗନ୍ନାଥଙ୍କ ନୀରବତା ଓ ଏକାନ୍ତତା ମଧ୍ୟରେ ଏକାକୀ ଜୀବନ ଓ ଅସ୍ତିତ୍ୱର ସଂକଟ ଖୋଜା ଯାଇପାରେ। ରମାକାନ୍ତ ରଥଙ୍କ କବିତାରେ ଜଗନ୍ନାଥ ଆଧ୍ୟାତ୍ମିକ ନୀରବତା ଓ ଅସ୍ତିତ୍ୱବାଦୀ ଚେତନାର ପ୍ରତୀକ। ତାଙ୍କ କାବ୍ୟରେ ଜଗନ୍ନାଥ ମଣିଷର ଅନ୍ତର୍ଜଗତ, ସନ୍ଦେହ, ଏକାକୀତ୍ୱ ଓ ଆତ୍ମସନ୍ଧାନ ସହ ସଂଯୁକ୍ତ। ଗୁରୁ ପ୍ରସାଦ ମହାନ୍ତିଙ୍କ 'ନିଜ ବନ୍ଦନା ନିଜେ ପଢ଼େ' କବିତାରେ କହନ୍ତି "ମୁଁ କିରେ ଖୋଜୁନି ମର୍ମର ଖଣି? / ମରୁ - ଖଜୁରେ - ଫୁଲ ଫଗୁଣର ଧାରା?/ ମୁଁ କିରେ ବୁଣୁନି ଜଗନ୍ନାଥର ବୀଜ ଓଁ କାର /" ଜାରା ଜୀବନରେ କେତେ ଝୁମୁରର ଜ୍ୱାଳା। ପରିବର୍ତ୍ତିତ ସମୟ ସହିତ ଜୀବନ ଓ ଜିଜ୍ଞାସାକୁ କବି ଦେଖିଛନ୍ତି। ଗୋପାଳ ମିଶ୍ରଙ୍କ 'କାଳିଆ ଠାକୁର' କବିତାରେ ଶ୍ରୀଜଗନ୍ନାଥ ଭୋଗୀ ଓ ବିତ୍ତଶାଳୀ, ସେ ସର୍ବ ସ୍ରଷ୍ଟା ଓ ସର୍ବ ଦ୍ରଷ୍ଟା। ଠିକ୍ ସେହିପରି ଶ୍ରୀଜଗନ୍ନାଥଙ୍କୁ ନେଇ ଆମ ସମାଜ ଓ ସଂସ୍କୃତିର ଭିନ୍ନ ଭିନ୍ନ ଦିଗ ଓ ଦିଗନ୍ତ ସମ୍ପର୍କରେ ବ୍ରହ୍ମୋତ୍ରୀ ମହାନ୍ତି, ଦୀପକ ମିଶ୍ର, ଦୁର୍ଗା ଚରଣ, କମଳାକାନ୍ତ, ପ୍ରତିଭା ଶତପଥୀ, ପ୍ରମୋଦ ମହାନ୍ତି, ହରପ୍ରସାଦ ଦାସ, ସୌଭାଗ୍ୟ କୁମାର ମିଶ୍ର ତଥା ତରୁଣ କବିଙ୍କ କବିତାରେ ଈଶ୍ୱର ଅନୁଚିନ୍ତା ପରିବର୍ତ୍ତିତ ସମୟ ପ୍ରେକ୍ଷାପଟରେ କବିଙ୍କ କବିତାରେ ଶ୍ରୀଜଗନ୍ନାଥ ନୂତନ ଅର୍ଥରେ ଉପସ୍ଥିତ। ସାମ୍ପ୍ରତିକ କବିତାରେ କେଉଁଠି ସେ ପ୍ରାପ୍ତି, ଅପ୍ରାପ୍ତିର ନୀରବ ସାକ୍ଷୀ, କେଉଁଠି ମାନବ ଯନ୍ତ୍ରଣାର ସହଯାତ୍ରୀ, କେଉଁଠି ସମୟର ବିବେକ, ଆଉ କେଉଁଠି ଓଡ଼ିଆ ଅସ୍ମିତାର ଜୀବନ୍ତ ପ୍ରତୀକ ରୂପେ ଆଧୁନିକ ଅର୍ଥରେ ଜନଚେତନାକୁ ରସସିକ୍ତ କରିଛନ୍ତି।

ଆଧୁନିକ କବିତାରେ କବିମାନେ ଜଗନ୍ନାଥଙ୍କୁ ପ୍ରାଚୀନ ପୌରାଣିକ ଦେବତା ଓ ପାରମ୍ପରିକ ଭକ୍ତି ଓ ବିଶ୍ୱାସକୁ ସମକାଳୀନ ସମାଜର ଆଲୋକରେ ପୁନଃବ୍ୟାଖ୍ୟା କରିଛନ୍ତି। ରଥଯାତ୍ରା ଜନଜୀବନର ଗତିଶୀଳତା, ନବକଳେବର ପରିବର୍ତ୍ତନର ଅନିବାର୍ଯ୍ୟତା ଏବଂ ଶ୍ରୀମନ୍ଦିର ସାଂସ୍କୃତିକ ସ୍ମୃତିର ରୂପକ ଭାବେ କାବ୍ୟରେ ବ୍ୟବହୃତ। ଉକ୍ତ ପୁନଃପାଠ ଆଧୁନିକ କବିତାକୁ ନୂତନ ଦାର୍ଶନିକ ଗଭୀରତା ପ୍ରଦାନକରିବାରେ ସହାୟତା ପ୍ରଦାନ କରିଛି।

ଶ୍ରୀଜଗନ୍ନାଥ କେବଳ କୋଟି ପ୍ରାଣର ଆରାଧ୍ୟ ଠାକୁର ନୁହନ୍ତି; ସେ ଓଡ଼ିଆ ଭାଷା, ସଂସ୍କୃତି, ଲୋକସଂସ୍କୃତି ଓ ଐତିହାସିକ ଚେତନାର କେନ୍ଦ୍ରବିନ୍ଦୁ। କବିମାନେ ତାଙ୍କ ମାଧ୍ୟମରେ ସାଂସ୍କୃତିକ ସଙ୍କଟ, ପରିଚୟର ପ୍ରଶ୍ନ ଓ ବୈଶ୍ୱିକୀକରଣର ପ୍ରଭାବକୁ ଉଦ୍‌ଘାଟନ କରିଛନ୍ତି। ଜଗନ୍ନାଥ ଏଠାରେ ପରମ୍ପରା ଓ ଆଧୁନିକତା ମଧ୍ୟରେ ଏକ ଉତ୍ତମ ସେତୁ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଶ୍ରୀଜଗନ୍ନାଥ ହୋଇଛନ୍ତି ଲୋକଜୀବନ, ସଂଘର୍ଷ ଓ ଇତିହାସର ପ୍ରତୀକ। ରଥଯାତ୍ରା କେବଳ ଧାର୍ମିକ ଆଚାର ନୁହେଁ; ଏହା ଜନତାର ଅଗ୍ରଯାତ୍ରା ଏବଂ ସାମୂହିକ ଚେତନାର ରୂପକ। ସେ ଜଗନ୍ନାଥଙ୍କୁ ଶୋଷିତ ଓ ସାଧାରଣ ଲୋକଙ୍କ ଆଶାର ପ୍ରତୀକ ଭାବେ ଯାତ୍ରା ରଚିଛନ୍ତି। ଶ୍ରୀଜଗନ୍ନାଥ ବିଶ୍ୱ ମଣିଷର ଅନ୍ତର୍ଜଗତ, ସନ୍ଦେହ, ଏକାକୀତ୍ୱ ଓ ଆତ୍ମସନ୍ଧାନ ସହ ସଂଯୁକ୍ତ।

ସୀତାକାନ୍ତ ମହାପାତ୍ର ଜଗନ୍ନାଥଙ୍କୁ ଲୋକସଂସ୍କୃତି, ଆଦିବାସୀ ପରମ୍ପରା ଓ ପ୍ରକୃତି ସହ ମଧ୍ୟ ସମ୍ପୃକ୍ତ କରିଛନ୍ତି। ତାଙ୍କ କବିତାରେ ଦାରୁବ୍ରହ୍ମ କେବଳ ଧାର୍ମିକ ପ୍ରତୀକ ନୁହେଁ, ପରିଦୃଶ୍ୟମାନ ଜୀବନ ଜଗତ, ପ୍ରକୃତି, ମଣିଷ ଓ ବିଶ୍ୱଚେତନାର ସମ୍ମିଳିତ ରୂପବିଗ୍ରହ। ଏହା ଜଗନ୍ନାଥ ସଂସ୍କୃତିର ସମନ୍ୱୟବାଦୀ ଚରିତ୍ରକୁ ପ୍ରତିଷ୍ଠିତ କରେ।

ହରପ୍ରସାଦ ଦାସଙ୍କ କବିତାରେ ଜଗନ୍ନାଥ ପରିବର୍ତ୍ତିତ ସମୟର ସାକ୍ଷୀ ଓ ସଭ୍ୟତାର ନୈତିକ ବିବେକ। ଆଧୁନିକ ମଣିଷର ମୂଲ୍ୟବୋଧର ସଙ୍କଟ, ବିଚ୍ଛିନ୍ନତା ଓ ଅସ୍ତିତ୍ୱଗତ ପ୍ରଶ୍ନକୁ ସେ ଶ୍ରୀଜଗନ୍ନାଥଙ୍କ ମାଧ୍ୟମରେ ବ୍ୟକ୍ତ କରିଛନ୍ତି। ପ୍ରତିଭା ଶତପଥୀଙ୍କ କବିତାରେ କରୁଣା, ମାନବିକତା ଓ ଅନ୍ତର୍ଲୋକର ଆଶ୍ରୟସ୍ଥଳ ପାଲଟି ଯାଇଛନ୍ତି ସ୍ୱୟଂ ମହାବାହୁ। ନାରୀ ସମ୍ବେଦନା, ମାନବୀୟ ସମ୍ପର୍କ ଓ ଆଧ୍ୟାତ୍ମିକ ଅନୁଭୂତି ମାଧ୍ୟମରେ ସେ ଜଗନ୍ନାଥଙ୍କୁ ଏକ ସାର୍ବଜନୀନ ଚେତନାର ରୂପ ଦେଇଛନ୍ତି। ସୌଭାଗ୍ୟ କୁମାର ମିଶ୍ର ଏବଂ ଅନ୍ୟ ସମକାଳୀନ କବିମାନଙ୍କ କବିତାରେ ଜଗନ୍ନାଥ ବୈଶ୍ୱିକୀକରଣର ଯୁଗରେ ସାଂସ୍କୃତିକ ପରିଚୟର ପ୍ରତୀକ।

ସମକାଳୀନ କବିତାରେ ରଥଯାତ୍ରା, ମହାପ୍ରସାଦ, ଶ୍ରୀମନ୍ଦିର ଓ ଜଗନ୍ନାଥ ଚେତନାକୁ ଆଧୁନିକ ସମାଜ, ରାଜନୀତି ଓ ସଂସ୍କୃତିର ପ୍ରେକ୍ଷାପଟରେ ନୂତନ ଭାବରେ ବ୍ୟାଖ୍ୟା କରାଯାଇଛି। ଉପରୋକ୍ତ କବିମାନଙ୍କ କାବ୍ୟରେ ଜଗନ୍ନାଥଙ୍କ ରୂପ ଭିନ୍ନ ହେଲେ ମଧ୍ୟ ଏକ ସାଧାରଣ ସୂତ୍ର ସ୍ପଷ୍ଟ-ସେ ଓଡ଼ିଆ ପ୍ରାଣ, ପ୍ରତ୍ୟୟ ତଥା ସାଂସ୍କୃତିକ ଅସ୍ମିତାର କେନ୍ଦ୍ରବିନ୍ଦୁ। କେଉଁଠି ସେ ଲୋକଚେତନାର ପ୍ରତୀକ, କେଉଁଠି ମାନବିକତାର, କେଉଁଠି ଇତିହାସର, ଆଉ କେଉଁଠି ଅସ୍ତିତ୍ୱବାଦୀ ପ୍ରଶ୍ନର। ଏହି ବହୁମାତ୍ରିକତା ଆଧୁନିକ ଓଡ଼ିଆ କବିତାକୁ ସମୃଦ୍ଧ କରିଛି।

ଉତ୍ତର-ଆଧୁନିକତାର ପ୍ରଭାବ ସତ୍ତ୍ୱେ ଶ୍ରୀଜଗନ୍ନାଥ ଚେତନା ତାହାର ମୂଳ ମାନବିକ ଓ ସାଂସ୍କୃତିକ ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖିଛି। ଆଧୁନିକ ଓଡ଼ିଆ କବିତା ଏହି ଚେତନାକୁ ନୂତନ ଭାଷା, ନୂତନ ପ୍ରତୀକ ଓ ନୂତନ ବ୍ୟାଖ୍ୟାରେ ରୂପାୟିତ କରିଛି। ଶ୍ରୀଜଗନ୍ନାଥ କେବଳ ଅତୀତର ଐତିହ୍ୟ ନୁହେଁ; ସେ ବର୍ତ୍ତମାନ ଓ ଭବିଷ୍ୟତର ସାଂସ୍କୃତିକ ପଥପ୍ରଦର୍ଶକ। ଜଗନ୍ନାଥ ସଂସ୍କୃତି ଓଡ଼ିଆ ଭାଷା, ଲୋକପରମ୍ପରା, କଳା, ସାହିତ୍ୟ ଓ ସାମୂହିକ ସ୍ମୃତିକୁ ଏକ ସୂତ୍ରରେ ବାନ୍ଧି ଓଡ଼ିଆ ସାଂସ୍କୃତିକ ଅସ୍ମିତାକୁ ସୁଦୃଢ଼ କରିଛି।

ଆଧୁନିକ ଓଡ଼ିଆ କବିତାରେ ଶ୍ରୀଜଗନ୍ନାଥଙ୍କ ଚିତ୍ରଣ ଭକ୍ତିମୂଳକ ସୀମାକୁ ଅତିକ୍ରମ କରି ସାଂସ୍କୃତିକ, ସାମାଜିକ ଓ ଦାର୍ଶନିକ ପ୍ରତୀକରେ ପରିଣତ ହୋଇଛି। ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ସାଂସ୍କୃତିକ ଆତ୍ମା। ତାଙ୍କ ଚେତନାରେ ସମନ୍ୱୟ, ସମତା, ସହିଷ୍ଣୁତା ଓ ମାନବିକତାର ଯେଉଁ ମୂଲ୍ୟବୋଧ ନିହିତ, ତାହା ଆଧୁନିକ ଓଡ଼ିଆ କବିତାକୁ ଗଭୀର ଭାବେ ପ୍ରଭାବିତ କରିଛି। ଆଧୁନିକ କବିତାଗୁଡ଼ିକରେ ଜଗନ୍ନାଥ କେବଳ ବିଶ୍ୱାସ ଓ ଭରସା ଦେବତା ନୁହନ୍ତି; ସେ ଓଡ଼ିଆ ଅସ୍ମିତାର ଜୀବନ୍ତ ରୂପକ, ସାଂସ୍କୃତିକ ସ୍ମୃତିର ଧାରକ ଏବଂ ସମୟ ସହ ନିରନ୍ତର ସଂଳାପ କରୁଥିବା ଏକ ଚିରନ୍ତନ ପ୍ରତୀକ। ଏହି ଦୃଷ୍ଟିରୁ ଆଧୁନିକ ଓଡ଼ିଆ କବିତାରେ ଶ୍ରୀଜଗନ୍ନାଥଙ୍କ ଅଧ୍ୟୟନ କେବଳ ସାହିତ୍ୟିକ ନୁହେଁ, ବରଂ ଓଡ଼ିଆ ସମାଜ, ସଂସ୍କୃତି ଓ ପରିଚୟର ବିକାଶକୁ ବୁଝିବାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ।

ଶ୍ରୀଜଗନ୍ନାଥ ଓଡ଼ିଆ ସଂସ୍କୃତିର ଜୀବନ୍ତ ଆତ୍ମା। ଆଧୁନିକ ଓଡ଼ିଆ କବିତାରେ ତାଙ୍କ ଉପସ୍ଥିତି ପ୍ରମାଣ କରେ ଯେ, ପରମ୍ପରା କେବେ ସ୍ଥିର ନୁହେଁ; ସମୟ ସହ ନୂତନ ଅର୍ଥ ଓ ନୂତନ ରୂପ ଧାରଣ କରେ। ଜଗନ୍ନାଥ ଚେତନା ଆଧୁନିକ ଓଡ଼ିଆ କବିତାରେ ସାଂସ୍କୃତିକ ଅସ୍ମିତାର ଏକ ଚିରନ୍ତନ ଓ ସୃଜନଶୀଳ ଭିତ୍ତି ଭାବେ ବେଶ୍ ପରିବ୍ୟାପ୍ତ ସୁପ୍ରତିଷ୍ଠିତ। ■

ରାଇରଙ୍ଗପୁର, ମୟୂରଭଞ୍ଜ
ମୋ: ୯୪୩୭୩୮୦୯୨୭

## ସାହିତ୍ୟ ସମୟ

### ସଂପାଦକ: କ୍ଷୀରୋଦ ପରିଡ଼ା




ସେକ୍ଟର-୫/୩୫୨, ନୀଳାଦ୍ରି ବିହାର
ଭୁବନେଶ୍ୱର-୭୫୧୦୨୧
ମୂଲ୍ୟ: ୫୦ ଟଙ୍କା

କ୍ଷୀରୋଦ ପରିଡ଼ାଙ୍କ ସଂପାଦନାରେ ପ୍ରକାଶ ପାଉଥିବା 'ସାହିତ୍ୟ ସମୟ'ର ଜୁନ୍ -୨୦୨୬ ସଂଖ୍ୟା ଆମର ହସ୍ତଗତ ହୋଇଛି। ଓଡ଼ିଶାର ଅନେକ ପ୍ରତିଷ୍ଠିତ ଓ ଯୁବ ଲେଖକଙ୍କ ଉଚ୍ଚକୋଟୀର ପ୍ରବନ୍ଧ, ଗପ, କବିତାରେ ଏହି ସଂଖ୍ୟାଟି ସମୃଦ୍ଧ ହୋଇଛି। ଡକ୍ଟର ଶତ୍ରୁଘ୍ନ ପାଣ୍ଡବଙ୍କ 'ଜଗନ୍ନାଥ ପ୍ରସାଦ କାବ୍ୟବିଭା', ହିମାଂଶୁ ପରିଡ଼ାଙ୍କ 'ଓଡ଼ିଆ ଆଧୁନିକତାର ଏକ ଏକାନ୍ତ ସ୍ୱର: ଭାନୁଜୀ ରାଓ', ଡକ୍ଟର ରତ୍ନପର୍ଣ୍ଣା ଦାସଙ୍କ 'ମହାପାତ୍ର ନୀଳମଣି ସାହୁଙ୍କ ଗଳ୍ପରେ ମାନବିକ ଆବେଦନ: କାରୁଣ୍ୟ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର, ତଥ୍ୟ ଭିତ୍ତିକ ଓ ଗବେଷଣାଧର୍ମୀ ହୋଇଛି। ସେହିପରି ଫନୀ ମହାନ୍ତି, ରଞ୍ଜିତା ନାୟକ, ପ୍ରଦୀପ କୁମାର ପଣ୍ଡା, ଜୟନ୍ତିକା, ଅଜୟ ପ୍ରଧାନ ପ୍ରମୁଖଙ୍କ କବିତାରେ ସାଂପ୍ରତିକ ସମୟର ଚିତ୍ର ବେଶ୍ ପ୍ରଭାବଶାଳୀ ଭାବେ ପ୍ରସ୍ଫୁଟିତ ହୋଇଉଠିଛି। ଡକ୍ଟର ମହେନ୍ଦ୍ର ପ୍ରସାଦଙ୍କ 'ମହାଶ୍ୱେତା ଦେବୀ: ମହାଅରଣ୍ୟର ମାଆ' ଏକ ହୃଦୟସ୍ପର୍ଶୀ ଫିଚର। ସେହିପରି ପ୍ରଦୋଷ ମିଶ୍ର, ଜାନକୀ ବଲ୍ଲଭ ମହାପାତ୍ର, ଅଭୟ ବାରିକ୍ ପ୍ରମୁଖଙ୍କ ଗପଗୁଡ଼ିକ ମନଛୁଆଁ ହୋଇଛି। 'ସାହିତ୍ୟ ସମୟ'ର ଏହି ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

# ବିନା ଟେଣ୍ଡରରେ ବିଭାଗୀୟ କାର୍ଯ୍ୟାଦେଶ

## ୧୮.୩୩ ଲକ୍ଷ ଟଙ୍କାର ୫୨୫ଟି ଏସିଆର ନିର୍ମାଣରେ ନିୟମ ଉଲ୍ଲଂଘନ ଅଭିଯୋଗ

ବାରିପଦା, ୮।୮(ସମିସ): ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଭୋକେସନାଲ ଲ୍ୟାବ ପାଇଁ ଅତିରିକ୍ତ ଶ୍ରେଣୀ କକ୍ଷ (ଏସିଆର) ନିର୍ମାଣ କାର୍ଯ୍ୟରେ ଟେଣ୍ଡର ପ୍ରକ୍ରିୟାକୁ ଏଡ଼ାଇ ବିଭାଗୀୟ ଭାବେ କାର୍ଯ୍ୟାଦେଶ ଦିଆଯିବାକୁ ନେଇ ପ୍ରଶ୍ନ ଉଠିଛି। ସରକାରୀ ନିୟମ ଅନୁସାରେ ୫ ଲକ୍ଷ ଟଙ୍କାରୁ ଅଧିକ ଅଟକଳ ଥିବା କାର୍ଯ୍ୟ ଟେଣ୍ଡର ଦ୍ୱାରା କରାଯାଇଥାଏ। ତେବେ ୧୮.୩୩ ଲକ୍ଷ ଟଙ୍କାର ପ୍ରକଳ୍ପ ବିନା ଟେଣ୍ଡରରେ ବିଭାଗୀୟ ଭାବେ କରାଇବା ନିୟମ ବିରୋଧୀ ବୋଲି ଅଭିଯୋଗ ହୋଇଛି।

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓଏସଇପିଏ)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସଙ୍କ ଦ୍ୱାରା ଜାରି ହୋଇଥିବା ଏକ ପତ୍ର (ନମ୍ବର ୮୦୩୦/ଭିଇ/୨୬ ଓ ୧୫୬୭/ଭିଇ/୨୬, ୨୩.୦୭.୨୦୨୬)ରେ ଜଣାପଡ଼ିଛି ଯେ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟରୁ ୫୨୫ଟି ଏସିଆର ନିର୍ମାଣ ପାଇଁ ୯୬୨୩.୨୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ପ୍ରତି ଏସିଆର ପାଇଁ ୧୮.୩୩ ଲକ୍ଷ ଟଙ୍କା ହିସାବରେ ଏହି ଅର୍ଥ ରାଜ୍ୟର ସମସ୍ତ ଡିପିସିଙ୍କ ଆକାଉଣ୍ଟକୁ ଆରଟିଜିଏସ ମାଧ୍ୟମରେ ପଠାଯାଇଛି। ଉକ୍ତ ପତ୍ରରେ ସ୍ପଷ୍ଟ କରାଯାଇଛି ଯେ, ଏହି କାର୍ଯ୍ୟ ଡିପିସି ସ୍ତରରେ ଟିସି ଓ ସିନିୟର ଟିସିଙ୍କ ମାଧ୍ୟମରେ ବିଭାଗୀୟ ଭାବେ ସମ୍ପାଦନ କରାଯିବ। ମଡେଲ ପ୍ଲାନ ଅନୁଯାୟୀ ୨୫'୦" ଘ ୨୦'-୦" ଆକାରର କକ୍ଷ ସହିତ ୭'-୦" ବାରଣ୍ଡା, ମ୍ୟାଟ ଫିନିସ୍ଡ ଭିଟ୍ରିଫାଇଡ ଟାଇଲ ଫ୍ଲୋରିଙ୍ଗ, ୟୁପିଭିସି ସ୍ଲାଇଡିଂ ୱିଣ୍ଡୋ ସହ ଏମଏସ ଗ୍ରିଲ, ର୍ୟାମ୍ପ ସହ ହ୍ୟାଣ୍ଡରେଲ, ଫାୟାର ଏକ୍ସଟିଙ୍ଗୁଇସର ଇତ୍ୟାଦି ଅନ୍ତର୍ଭୁକ୍ତ। ଭିତ୍ତିଭୂମି ଭବିଷ୍ୟତରେ ଜି+୧ ସ୍ତର ପର୍ଯ୍ୟନ୍ତ ବିସ୍ତାର ପାଇଁ ଡିଜାଇନ କରାଯିବ ବୋଲି କୁହାଯାଇଛି। କାମ ୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଓ ବିଳମ୍ବ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ନେବା କୁହାଯାଇଛି। ମଡେଲ ଅଟକଳରେ ମୋଟ ୧୮.୩୩ ଲକ୍ଷ ଟଙ୍କା ଦେଖାଯାଇଛି (ସେକ୍ସନ ଏ, ବି ଓ ସି ମିଶାଇ)। ଏଥିରେ ଫାଉଣ୍ଡେସନ, ସୁପରଷ୍ଟ୍ରକଚର, ଫିନିସିଂ, ବିଦ୍ୟୁତୀକରଣ, ଗ୍ରିନବୋର୍ଡ, ଫାୟାର ଏକ୍ସଟିଙ୍ଗୁଇସର, ୱାଲ ଆଲମିରା ଆଦି ଅନ୍ତର୍ଭୁକ୍ତ। ଅଟକଳ ପରିମାଣ ୫ ଲକ୍ଷ ଟଙ୍କାରୁ ତିନିଗୁଣରୁ ଅଧିକ ହେବା ସତ୍ତ୍ୱେ ଟେଣ୍ଡର ଡକା ନ ଯାଇ ବିଭାଗୀୟ ଭାବେ କାର୍ଯ୍ୟ କରାଇବାକୁ କୁହାଯାଇଥିବାରୁ ନିୟମ ଉଲ୍ଲଂଘନର ଅଭିଯୋଗ ଉଠିଛି। ସାଧାରଣତଃ ଓପିଡବ୍ଲୁଡି କୋଡ ଓ ସରକାରୀ ନିୟମାବଳୀ ଅନୁଯାୟୀ ନିର୍ଦ୍ଦିଷ୍ଟ ପରିମାଣରୁ ଅଧିକ ଅଟକଳ ଥିବା କାର୍ଯ୍ୟରେ ଟେଣ୍ଡର ପ୍ରକ୍ରିୟା ଅନୁସରଣ କରାଯିବା ଆବଶ୍ୟକ ବୋଲି ଦାବି କରାଯାଉଛି। ପତ୍ରରେ କାର୍ଯ୍ୟ ସମୟସୂଚୀ ଦିଆଯାଇଛି। ୧।୮।୨୦୨୬ ସୁଦ୍ଧା ସାଇଟ ସ୍ପେସିଫିକ ଅଟକଳ ପ୍ରସ୍ତୁତ, ୧୬।୮।୨୦୨୬ରୁ କାର୍ଯ୍ୟ ଆରମ୍ଭ, ୩୧।୧୨।୨୦୨୬ ସୁଦ୍ଧା ହସ୍ତାନ୍ତର। ଝାରସୁଗୁଡ଼ା ବ୍ୟତୀତ ସମସ୍ତ ଡିଇଓ-କମ-ଡିପିସିଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଛି ଓ ଜିଲ୍ଲା କଲେକ୍ଟରଙ୍କୁ ମଧ୍ୟ ଅନୁଲିପି ପଠାଯାଇଛି। ଏହି ପତ୍ର ଓ ସଂଲଗ୍ନ ମଡେଲ ଅଟକଳ ତଥା ବିଦ୍ୟାଳୟ ତାଲିକାକୁ ଆଧାର କରି ବିଭାଗୀୟ କାର୍ଯ୍ୟାଦେଶର ବୈଧତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ସମ୍ପୃକ୍ତ କର୍ତ୍ତୃପକ୍ଷ ଏ ବିଷୟରେ ସ୍ପଷ୍ଟୀକରଣ ଦେବେ କି ନାହିଁ, ତାହା ଏବେ ଦେଖିବାକୁ ରହିଛି।

# ବାଘର ଏଆଇ ଫଟୋ ଛାଡ଼ି ଯୁବକ ଗିରଫ



ଯାଜପୁର,୮।୮(ସମିସ): ଏଆଇ ମାଧ୍ୟମରେ ବାଘ ଫଟୋ ସୋସିଆଲ ମିଡିଆରେ ଛାଡ଼ି ଆତଙ୍କ ସୃଷ୍ଟି କରିବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛି। ଗିରଫ ଯୁବକ ହେଲେ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ସାଉଡିଆ ପଞ୍ଚାୟତ ବଣିଆରି (ତାଲୁଆ) ଗ୍ରାମର ଶ୍ରୀକାନ୍ତ ଧିନ୍ଦା। ସେ ନିଜ ମୋବାଇଲରେ ଗାଁରେ ବାଘ ବୁଲୁଥିବା ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଛାଡିବା ପରେ ଏହାକୁ ନେଇ ଆତଙ୍କ ସୃଷ୍ଟି ହୋଇଥିଲା। ଏହାକୁ ନେଇ ପୁଲିସ, ବନ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ଖୋଳତାଡ଼ କରାଯାଇଥିଲା। ପରେ ଉକ୍ତ ଫଟୋ ସଂପୂର୍ଣ୍ଣ ମିଥ୍ୟା ବୋଲି ଜଣାପଡିଥିଲା। ଏହାପରେ ଫଟୋ ଛାଡିଥିବା ଯୁବକଙ୍କୁ ପୁଲିସ ଗିରଫ କରିଥିବା ଜଣାପଡିଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଲମ୍ବା କେଶ ପାଇଁ...

ପଦାର୍ଥ ବ୍ୟବହାର କରିବା ପରିବର୍ତ୍ତେ ଘରେ ତିଆରି ହେଉଥିବା ହର୍ବାଲ୍ ତେଲ ଏବଂ ସାମ୍ପୁ ବ୍ୟବହାର କରନ୍ତି। କେଶକୁ ସଫା କରିବା ଏବଂ ଜଟମୁକ୍ତ କରିବା ପାଇଁ ତାଙ୍କୁ ଘଣ୍ଟା ଘଣ୍ଟା ଧରି ଧୈର୍ଯ୍ୟର ସହ ପରିଶ୍ରମ କରିବାକୁ ପଡ଼ିଥାଏ।। ରେଣୁ ଜଣେ କଣ୍ଟେଣ୍ଟ କ୍ରିଏଟର ଏବଂ ୟୁଟ୍ୟୁବର ଭାବେ ମଧ୍ୟ ସକ୍ରିୟ ଅଛନ୍ତି, ଯେଉଁଠାରେ ସେ ଅନ୍ୟ ମହିଳାମାନଙ୍କୁ କେଶର ଯତ୍ନ ନେବା ପାଇଁ ପରାମର୍ଶ ପ୍ରଦାନ କରନ୍ତି। ତାଙ୍କର ଏହି ଅସାଧାରଣ ରୂପ ପାଇଁ ସେ ସବୁବେଳେ ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥାନ୍ତି। ରେଣୁଙ୍କ କହିବା ଅନୁଯାୟୀ, ଏହି ବିଶ୍ୱ ରେକର୍ଡ କେବଳ ଏକ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଏହା ମାଧ୍ୟମରେ ସେ ନିଜ ସହର, ନିଜ ସଂସ୍କୃତି ଏବଂ ସମଗ୍ର ଭାରତକୁ ବିଶ୍ୱ ଦରବାରରେ ଗର୍ବିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେ ଆଶା କରନ୍ତି ଯେ ତାଙ୍କର ଏହି ସଫଳତା ଅନ୍ୟମାନଙ୍କୁ ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ପରମ୍ପରା ପ୍ରତି ସଚେତନ କରିବ।

## ପାକିସ୍ତାନୀ 'ହନିଟ୍ରାପ୍'ର...

ସମୟରେ ସେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଦସ୍ତାବେଜ ଓ ତଥ୍ୟ ଡିଜିଟାଲ୍ ମାଧ୍ୟମରେ ସେହି ମହିଳାଙ୍କୁ ପଠାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ଏକ ଚିନ୍ତାଜନକ ଦିଗ ସାମ୍ନାକୁ ଆସିଛି। ଅଭିଯୁକ୍ତ ଅଫିସର ଜଣକ ତାଙ୍କର ଜଣେ ସହକର୍ମୀଙ୍କୁ ମୋବାଇଲରେ ଏକ ନିର୍ଦ୍ଦିଷ୍ଟ ଆପ୍ ଇନଷ୍ଟଲ୍ କରିବାକୁ କହିଥିଲେ। ତଦନ୍ତକାରୀ ସଂସ୍ଥା ସନ୍ଦେହ କରୁଛି ଯେ ଏହା ଏକ ସ୍ପାଇୱେୟାର୍ କିମ୍ବା ମାଲୱେୟାର୍ ହୋଇଥାଇପାରେ, ଯାହା ମାଧ୍ୟମରେ ଫୋନର ଲୋକେସନ ଟ୍ରାକ୍ କରିବା, ତଥ୍ୟ ଚୋରି କରିବା ଏବଂ କଥାବାର୍ତ୍ତା ରେକର୍ଡ କରିବା ସମ୍ଭବ ହେଉଥିଲା। ବର୍ତ୍ତମାନ ଇଲେକ୍ଟ୍ରୋନିକ୍ ଉପକରଣଗୁଡ଼ିକର ଫୋରେନସିକ୍ ଯାଞ୍ଚ ଜାରି ରହିଛି। ଜୁଲାଇ ୩୦, ୨୦୨୬ରେ ଦିଲ୍ଲୀ ପୁଲିସ ସମ୍ପୃକ୍ତ କୋର୍ଟରେ ଏହି ମାମଲାର ଚାର୍ଜସିଟ୍ ଦାଖଲ କରିଛି। ଏହି ଅଫିସର ଜଣକ କୌଣସି ବଡ଼ ଧରଣର ଗୁପ୍ତଚର ନେଟୱାର୍କର ଅଂଶ କି ନୁହଁନ୍ତି, ସେ ନେଇ ତଦନ୍ତ କରାଯାଉଛି। ଏହି ଘଟଣା ସେନା ବାହିନୀରେ ସୋସିଆଲ ମିଡିଆ ବ୍ୟବହାର ଏବଂ ସାଇବର ସୁରକ୍ଷା ପ୍ରତି ବିପଦକୁ ନେଇ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆଗାମୀ ସପ୍ତାହରେ ହେବାର ସମ୍ଭାବନା ରହିଛି।

## ଲଘୁଚାପ ବର୍ଷା...

ସୃଷ୍ଟି ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ୧୨ ତାରିଖରେ ନୂତନ ଘୂର୍ଣ୍ଣିବଳୟ ସୃଷ୍ଟି ସହ ଏହା ପ୍ରଭାବରେ ୧୪ ବେଳକୁ ପୁଣି ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଇଏମ୍‌ଡିର ବିସ୍ତାରିତ ପରିସର ଆକଳନରେ ଦର୍ଶାଯାଇଛି। ଏହା ପ୍ରଭାବରେ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ବର୍ଷା ହେବାକୁ ଥିବା ବେଳେ ଏହାର ପ୍ରଭାବରେ ପ୍ରମୁଖ ନଦୀଗୁଡ଼ିକରେ ବନ୍ୟା ଭୟ ଦେଖାଦେଲାଣି। ଅପରପକ୍ଷେ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଦେବଗଡ଼ରେ ସର୍ବାଧିକ ୬୬.୨ ମିଲିମିଟର(ମିମି) ବର୍ଷା ରେକର୍ଡ କରାଯାଇଥିବା ବେଳେ ଭଦ୍ରକରେ ୫୫.୪ ମିମି, ବାଲେଶ୍ୱରରେ ୫୦.୪ ମିମି, ନବରଙ୍ଗପୁରରେ ୪୩.୩ ମିମି ବର୍ଷା ର୍କର୍ଡ କରାଯାଇଛି। ଚାନ୍ଦବାଲିରେ ୪୨.୧ ମିମି, ହୀରାକୁଦରେ ୪୩.୬ ମିମି, ସମ୍ବଲପୁରରେ ୩୬.୨ ମିମି, କେନ୍ଦ୍ରାପଡାରେ ୪୨ ମିମି, ରାଉରକେଲାରେ ୩୭.୨ ମିମି, ନୟାଗଡରେ ୩୭ ମିମି, କଟକରେ ୩୦.୮ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

ବର୍ତ୍ତମାନ ଉତ୍ତର ଓଡ଼ିଶାର ଛୋଟ, ବଡ଼ ନଦୀ ଯଥା ବୈତରଣୀ, ସାଳନ୍ଦୀ, ଜଳକା ଫୁଲୁଥିବା ବେଳେ ଆଉ ଏକ ବନ୍ୟା ଆଶଙ୍କା ସୃଷ୍ଟି ହେଉଛି। ଏପରିସ୍ଥଳେ ମାତ୍ର ୭ ଦିନର ବ୍ୟବଧାନରେ ଆଉ ଏକ ଲଘୁଚାପକୁ ନେଇ ଚାଷୀକୂଳ ତଥା ସାଧାରଣରେ ଚିନ୍ତା ପ୍ରକାଶ ପାଇଛି।

## ବଢୁଛି ବୈତରଣୀ...

ଅଞ୍ଚଳ ଜଳମଗ୍ନ ହୋଇଛି। ରାଜମୁକୁନ୍ଦପୁରଠାରେ ଥିବା ପକ୍କା ପୋଲ ସହିତ ଶହଶହ ହେକ୍ଟର ଚାଷଜମି ବୁଡ଼ିଯାଇଛି। ହଦଗଡ଼ ଡ୍ୟାମ୍‌ରୁ ଜଳ ନିଷ୍କାସନ ଜାରି ରହିଥିବାରୁ ନାଳିଆ ନଦୀର ଉଛୁଳା ପାଣି ଧାମନଗର ବ୍ଲକ୍‌ର ଇଟାପାଳଠାରେ କୂଳବନ୍ଧ ଡେଇଁ ଗାଁକୁ ପଶିବା ଆରମ୍ଭ କରିଛି। ଗ୍ରାମବାସୀ ବନ୍ଧରେ ବାଲି ବସ୍ତା ପକାଇ ଜଗି ରହିଥିବା ଦେଖିବାକୁ ମିଳିଛି। ଏଠାରେ ଏକ ଘାଇ ମଧ୍ୟ ସୃଷ୍ଟି ହୋଇଛି। ଭଦ୍ରକ ବ୍ଲକ୍‌ର ହରିପୁର ବିଷ୍ଣୁପୁରବିନ୍ଧା, ଅର୍ଣ୍ଣପାଳ ପଞ୍ଚାୟତର ବିସ୍ତୃତ ଅଞ୍ଚଳ ପାଣି ଘେରରେ ରହିଛି। ବିଷ୍ଣୁପୁରବିନ୍ଧା-ଗୁଜିଦରଡ଼ା ରାସ୍ତା ଏବଂ ରାଜମୁକୁନ୍ଦପୁର ପୋଲ ଉପରେ ୩ ଫୁଟ୍ ଉଚ୍ଚରେ ପାଣି ଚାଲୁଛି। ଭଦ୍ରକ ସହରର ବାଉଦପୁର, କୁଆଁଶ, ଅସ୍ତଳ, ମଠସାହି, ପୁରୁଣାବଜାର, ଧନାଟୋଲା ଆଦି ଅଞ୍ଚଳ ସମେତ ସହରତଳି ଅଞ୍ଚଳ ଜଳମୟ ହୋଇଯାଇଛି। ଗତ ୮ ଦିନ ପୂର୍ବେ ହୋଇଥିବା ବନ୍ୟା ପରେ ବିପନ୍ନ ଏବେ ଘର ସଜାଡୁଛନ୍ତି। ଏପରିସ୍ଥିତିରେ ପୁଣି ବନ୍ୟାପାଣି ଆସି ଘରେ ପଶିବାରୁ ଲୋକଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଯାଇଛି। ଅନ୍ୟପଟେ ବୈତରଣୀ ନଦୀର ଜଳସ୍ତର ମଧ୍ୟ ବିପଦ ସଙ୍କେତ ଛୁଇଁବାକୁ ଯାଉଛି। ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୮୬ ମିଟର ଥିବାବେଳେ ଏଠାରେ ୧୮.୮୭ ମିଟରରେ ଜଳ ପ୍ରବାହିତ ହେଉଛି। ନାଳିଆ, ଗେଙ୍ଗୁଟି ଓ ଏହାର ଶାଖା ନଦୀ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ଯୋଗୁଁ ତଳିଆ ଅଞ୍ଚଳର ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସେହିଭଳି ଭଦ୍ରକ ସହର ବର୍ଷା ଯୋଗୁଁ ପରିସ୍ଥିତି ବେହାଲ ହୋଇଛି। ବହୁ ସହରବାସୀଙ୍କ ଘରେ ପାଣି ପଶିଛି। ବଙ୍କାସାହିରେ ରାସ୍ତାକୁ ଲୋକେ କାଟି ଦେଇଛନ୍ତି। ପୁରୁଣା ବଜାର, ବଙ୍କାସାହି, ଜଗନ୍ନାଥପୁର, ନାରୀପୁର, ଚରମ୍ପା ଆଦି ଅଞ୍ଚଳରେ ପାଣି ଲୋକଙ୍କ ଘରେ ପଶିଛି।

ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବୈତରଣୀ ନଦୀର ଆଖୁଆପଦା ଆନିକଟଠାରେ ଶନିବାର ମଧ୍ୟାହ୍ନରୁ ଜଳସ୍ତର ବୃଦ୍ଧି ପାଉଛି। ସପ୍ତାହେ ପୂର୍ବରୁ ବନ୍ୟାଜଳ ହ୍ରାସ ପାଇବା ପରେ ନଦୀରେ ଜଳସ୍ତର ସ୍ୱାଭାବିକ ଥିଲା। ଗତ ଦୁଇ ତିନି ଦିନ ଧରି କିଛି ପରିମାଣରେ ବର୍ଷା ଯୋଗୁଁ ଜଳସ୍ତର ଧୀରେ ଧୀରେ ବଢ଼ିବାରେ ଲାଗିଛି। ସନ୍ଧ୍ୟା ସୁଦ୍ଧା ବିପଦ ସତର୍କ ସୂଚନା ଉପରେ ଜଳସ୍ତର ପ୍ରବାହିତ ହେଉଛି। ଏଠାରେ ବିପଦ ସତର୍କ ସୂଚନା ୧୭.୮୩ ମିଟର ଥିବାବେଳେ ସନ୍ଧ୍ୟା ୭ଟାରେ ୧୭.୯୭ ମିଟରରେ ଜଳ ପ୍ରବାହିତ ହେଉଥିଲା। ବିପଦ ସଂକେତ ରହିଛି ୧୮.୩୩ ମିଟର। ଯଦିଓ ରବିବାର ଅପରାହ୍ଣ ଯାଏଁ ସେଭଳି ବନ୍ୟାର ଆଶଙ୍କା ନାହିଁ ତଥାପି ବର୍ଷା ରେକର୍ଡ ଅନୁଯାୟୀ କଣ୍ଟି ଏସ୍‌କେପ୍ ଯାଏଁ ପାଣି ଛୁଇଁବ ବୋଲି ଅନୁମାନ କରାଯାଇଛି। ସୂଚନା ମୁତାବକ, ନଦୀର ଉପରମୁଣ୍ଡ କେନ୍ଦୁଝର ଜିଲ୍ଲାରେ ଶନିବାର ସନ୍ଧ୍ୟା ଯାଏଁ ସେଭଳି ବଡ଼ଧରଣର ବର୍ଷା ହୋଇନାହିଁ। ସରକାରୀ ରେକର୍ଡ ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ଆଖୁଆପଦାଠାରେ ୮.୮ ମି.ମି., ସ୍ୱାମପାଟଣାଠାରେ ୫୪.୬ ମି.ମି., ଆନନ୍ଦପୁରଠାରେ ୬୦.୬ ମି.ମି., କେନ୍ଦୁଝରଠାରେ ୧୦ ମି.ମି. ଓ ଚମ୍ପୁଆଠାରେ ସର୍ବାଧିକ ୬୮.୮ ମି.ମି. ବର୍ଷା ହୋଇଥିବା ଜଣାପଡ଼ିଛି।

## ଭାରତକୁ ୩୩୬୦ କୋଟି...

ମଧ୍ୟରେ ଏଲ୍‌ଏନ୍‌ଜି ଆମଦାନୀ ପରିମାଣରେ ୨୨.୯% ହ୍ରାସ ସତ୍ତ୍ୱେ, ଭାରତ ପ୍ରାୟ ୩୫୩ ନିୟୁତ ଡଲାର କିମ୍ବା ୩୩୬୦ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ କରିଛି। ଏହା ଭବିଷ୍ୟତରେ ଦେଶରେ ଗ୍ୟାସ ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା ମଧ୍ୟ ସୃଷ୍ଟି କରିଛି। ରିପୋର୍ଟ ଅନୁଯାୟୀ, ଭାରତ ଚଳିତବର୍ଷ ମେ'ରୁ ଜୁଲାଇ ତିନି ମାସରେ ମୋଟ ୭.୦୮ ନିୟୁତ ଟନ୍ ଏଲ୍‌ଏନ୍‌ଜି ଆମଦାନୀ କରିଛି। ଭାରତର ଏଲଏନଜି ଆମଦାନୀ ଏବେ କତାରରୁ ହ୍ରାସ ପାଇଛି। କାରଣ ଭାରତ ଆମେରିକା, ଆଫ୍ରିକା ଭଳି ଦେଶ ଆଡକୁ ମୁହାଁଉଛି। ହର୍ମୁଜ୍ ସଙ୍କଟ ପରେ, ଭାରତର ଏଲପିଜି ଆବଶ୍ୟକତାର ପ୍ରାୟ ୬୭% କିମ୍ବା ଏହାର ଅଧିକାଂଶ ଭାଗ ଆମେରିକାରୁ ଆସୁଛି। କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ ଶୁକ୍ରବାର ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ଏକ କାର୍ଯ୍ୟକ୍ରମରେ ଏହା କହିଛନ୍ତି।

## ଓଡ଼ିଆ ଶିକ୍ଷା ପାଇଁ...

ପ୍ରକାର ଅସ୍ମିତା ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ସେହିପରି କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି ଯେ ବିଜେପି ସରକାରର ଓଡ଼ିଆ ଅସ୍ମିତା କେବଳ ସ୍ଲୋଗାନରେ ସୀମିତ ରହିଛି। ପାଠ୍ୟପୁସ୍ତକରେ ମାଳମାଳ ତ୍ରୁଟି ଏହାର ଏକ ଉଦାହରଣ। ୨୦୨୨-୨୩ ଓ ୨୦୨୩-୨୪ ଶିକ୍ଷାବର୍ଷରେ ପୂର୍ବ ସରକାର ପ୍ରାୟ ୨ କୋଟି ୧୧ ଲକ୍ଷ ୮୧ ହଜାର ଟଙ୍କା ଅନୁଦାନ ଦେଇଥିଲେ। ମାତ୍ର ବିଜେପି ସରକାରକୁ ଆସିଲା ପରେ ଏହି ଯୋଜନା ବାଟବଣା ହୋଇଛି।

## ଗଜସାଥୀଙ୍କୁ ପେଟ୍ରୋଲ...

ଣ ମିଶି ତାଙ୍କ ଦେହରେ ୩ ଲିଟରରୁ ଅଧିକ ପେଟ୍ରୋଲ ଢାଳିଦେଇ ନିଆଁ ଲଗାଇ ଦେଇଥିଲେ। ଏହାପରେ ସେମାନେ ସେଠାରୁ ଫେରାର ହୋଇ ଯାଇଥିଲେ। ନିଆଁରେ ହୁ ହୁ ହୋଇ ଜଳୁଥିବା ଅବସ୍ଥାରେ ସ୍ଥାନୀୟ ଲୋକେ କାହ୍ନୁଚରଣଙ୍କୁ ଉଦ୍ଧାର କରି ପ୍ରଥମେ ଲହୁଣୀପଡ଼ା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠା ଯାଇଥିଲା। ତେବେ ତାଙ୍କ ଅବସ୍ଥା ଉଦ୍‌ବେଗଜନକ ଥିବାରୁ ଆଇଜିଏଚ୍‌ର ବର୍ଣ୍ଣ ସେଣ୍ଟରକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ି ଯାଇଥିବା ବେଳେ ତାଙ୍କ ଅବସ୍ଥା ଅତି ଗୁରୁତର ଥିବା ଜଣାପଡ଼ିଛି। ପ୍ରାଥମିକ ସୂଚନା ଅନୁସାରେ, ଜମିବାଡ଼ି ବିବାଦ ଏବଂ ପୂର୍ବ ଶତ୍ରୁତାକୁ ନେଇ ଏହି ଆକ୍ରମଣ ହୋଇଥାଇ ପାରେ ବୋଲି ଆହତଙ୍କ ପରିବାର ପକ୍ଷରୁ ସନ୍ଦେହ କରାଯାଉଛି। ଜାତୀୟ ରାଜପଥ କଡ଼ରେ ତାଙ୍କ ଜମି ରହିଥିବା ବେଳେ ସେହି ଜମିରେ ନିର୍ମାଣାଧୀନ ଏକ ପେଟ୍ରୋଲ ପମ୍ପକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଘନୀଭୂତ ହେଉଥିବା ତୀବ୍ର ବିବାଦ ଆଜି ଉଗ୍ରରୂପ ଧାରଣ କରିଥିବାନେଇ ସ୍ଥାନୀୟଲୋକେ ସନ୍ଦେହ କରୁଛନ୍ତି। ତେବେ ଆକ୍ରମଣର ପ୍ରକୃତ କାରଣ ଏବଂ ଏଥିରେ କେଉଁ କେଉଁମାନେ ସମ୍ପୃକ୍ତ, ପୁଲିସ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ବୋଲି କୁହାଯାଉଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଜାରି ରହିଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଲହୁଣୀପଡ଼ା ପୁଲିସ ତଦନ୍ତ ଜାରି ରଖିଛି।

## ପୂର୍ବୋଦୟ ପାଇଁ...

ବାତାବରଣ ସୃଷ୍ଟି କରୁଛି ଯେଉଁଠାରେ ଶିଳ୍ପଗୁଡ଼ିକର ଅଭିବୃଦ୍ଧି ହୋଇପାରିବ, ନିଯୁକ୍ତି ସୃଷ୍ଟି ହେବ ଏବଂ ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ଭାଲ୍ୟୁ-ଆଡିସନ୍ ହୋଇପାରିବ। ଆମର ଲକ୍ଷ୍ୟ କେବଳ ପୁଞ୍ଜିନିବେଶ ଆକର୍ଷିତ କରିବା ନୁହେଁ, ବରଂ ନିଯୁକ୍ତି ସୃଷ୍ଟି କରିବା, ସ୍ଥାନୀୟ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଯୁବକଯୁବତୀଙ୍କ ପାଇଁ ନୂତନ ସୁଯୋଗ ଖୋଲିବା। ଆମେ ଚାହୁଁଛୁ ଯେ ଅଭିବୃଦ୍ଧି ପାଇଁ ନିବେଶକମାନେ ଓଡ଼ିଶାକୁ ଏକ ଦୀର୍ଘକାଳୀନ ପାର୍ଟନର ଭାବରେ ଦେଖନ୍ତୁ ବୋଲି ମତବ୍ୟକ୍ତ କରିଛନ୍ତି। ଏତଦ୍ ବ୍ୟତୀତ ପ୍ରମୁଖ ଉତ୍ପାଦନ କ୍ଷେତ୍ରର ଶିଳ୍ପ ପ୍ରତିନିଧିମାନଙ୍କ ସହ ରାଉଣ୍ଡ ଟେବଲ ବୈଠକରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ। ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍‌ର ସହଯୋଗରେ ଆୟୋଜିତ ଇଞ୍ଜିନିୟରିଂ ସାମଗ୍ରୀ ଉତ୍ପାଦନ ରାଉଣ୍ଡ ଟେବଲ ବୈଠକରେ ଓଡ଼ିଶାରେ ଉତ୍ପାଦନ, ଶିଳ୍ପ ଭିତ୍ତିଭୂମି, ଆନୁଷଙ୍ଗିକ ବିକାଶ ଏବଂ ଯୋଗାଣ ଶୃଙ୍ଖଳା ଏକତ୍ରୀକରଣ ନେଇ ଆଲୋଚନା ହୋଇଥିଲା। ନୋଏଡା ଆପାରେଲ୍ ଏକ୍ସପୋର୍ଟ କ୍ଲଷ୍ଟରର ସହଯୋଗରେ ନୋଏଡା ଶିଳ୍ପ ପ୍ରତିନିଧିମାନଙ୍କ ସହିତ ଟେକ୍ସଟାଇଲ୍ ଏବଂ ପୋଷାକ ସମ୍ପର୍କିତ ରାଉଣ୍ଡ ଟେବଲରେ ବୟନଶିଳ୍ପ ଓ ପୋଷାକ ଉତ୍ପାଦନ, ରପ୍ତାନି ସୁଯୋଗ, ଦକ୍ଷ କର୍ମଚାରୀ ଏବଂ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ନାଲ୍‌କୋର ସହଯୋଗରେ ଆୟୋଜିତ ଆଲୁମିନିୟମ୍ ଆନୁଷଙ୍ଗିକ ଏବଂ ଡାଉନଷ୍ଟ୍ରିମ୍ ରାଉଣ୍ଡ ଟେବଲରେ ଓଡ଼ିଶାରେ ଆଲୁମିନିୟମ୍ ମୂଲ୍ୟ ସଂଯୋଜନା, ଡାଉନଷ୍ଟ୍ରିମ୍ ଉତ୍ପାଦନ, ଆନୁଷଙ୍ଗିକ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇର ଅଂଶଗ୍ରହଣକୁ ପ୍ରସାର କରିବା ପାଇଁ ଥିବା ସୁଯୋଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ମୋଟ ୩୮ଟି ଏମଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ, ଏହାଦ୍ୱାରା ୬୪,୭୦୩ କୋଟି ଟଙ୍କାର ନିବେଶ ସୁଯୋଗ ଆସିଛି ଏବଂ ୪୬,୦୭୧ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହା ସହିତ ୧,୬୮୯ କୋଟି ଟଙ୍କାର ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ମଧ୍ୟ ମିଳିଥିଲା, ଯାହାଦ୍ୱାରା ୮,୦୬୪ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି।

## ଉଧାରରେ ସ୍କୁଲ୍ ପିଲାଙ୍କୁ...

ଟେଣ୍ଡର ହାତେଇଥିବାବେଳେ ବାସ୍ତବରେ ଅଧିକାଂଶଙ୍କ ପାଖରେ ଗାଇଡ୍‌ଲାଇନ୍ ଅନୁଯାୟୀ ସାମଗ୍ରୀ ନାହିଁ କି ସିଲେଇ ମେସିନ ନାହିଁ, ଆଉ ସେତିକି ମାନବସମ୍ବଳ ନ ଥିବା ପରିଲକ୍ଷିତ ହେଉଛି। କିଏ କେମିତି ଏହି ଏସ୍‌ଏଚଜି ଗ୍ରୁପଗୁଡ଼ିକୁ ଚୟନ କଲେ ଓ ଜିଲ୍ଲାପାଳ ତାକୁ କେଉଁ ମାପକାଠିରେ ମଞ୍ଜୁରୀ କଲେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କାରଣ ପୂର୍ବରୁ ଯେଉଁ ବେପାରୀ (ଭେଣ୍ଡର) ସ୍କୁଲକୁ ସ୍କୁଲ ପରିଚାଳନା କମିଟି ମାଧ୍ୟମରେ ପୋଷାକ ଯୋଗାଉଥିଲେ ଏବେ ମଧ୍ୟ ସେହି ବେପାରୀମାନେ ପୋଷାକ ଯୋଗାଉଛନ୍ତି।

ଖାଲି ଏସ୍‌ଏଚ୍‌ଜି ଗ୍ରୁପ ଓ ଏମ୍‌ଏସ୍‌ଏମ୍‌ଇକୁ ଢାଲ କରାଯାଇଛି। ପ୍ରକୃତ କଥା ହେଲା ଏସ୍‌ଏଚ୍‌ଜି ଗ୍ରୁପ ଏହି ବ୍ୟବସ୍ଥାରେ ଉତ୍ତରଦାୟୀ ହୋଇଥିଲେ ହେଁ ବେପାରୀ ହିଁ ସ୍କୁଲକୁ ପୋଷାକ ଯୋଗାଉଛନ୍ତି। କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକରେ ୧୩୬ଟି ଏସ୍‌ଏଚ୍‌ଜି ଓ ଏମ୍‌ଏସ୍‌ଏମ୍‌ଇଙ୍କୁ ପୋଷାକ ବଣ୍ଟନ ପାଇଁ ଦାୟିତ୍ୱ ଦିଆଯାଇଛି। ଏହାସହିତ ହାଉସ ପୋଷାକ ଭାବେ ଟୋପି, ଜୋତା, ଆଇକାର୍ଡ ଓ ଟି- ସାର୍ଟ ସହ ଟ୍ରାକ୍ ପ୍ୟାଣ୍ଟ ମଧ୍ୟ ଯୋଗାଇବା ଗୁରୁଦାୟିତ୍ୱ ମଧ୍ୟ ନ୍ୟସ୍ତ କରାଯାଇଛି। ଏ ବାବଦରେ ଜଣେ ଛାତ୍ରଛାତ୍ରୀ ପିଛା ହଜାରେ ଟଙ୍କା ସରକାର ଖର୍ଚ୍ଚ କରି ଆସୁଛନ୍ତି। ଏହି ହିସାବରେ ଦେଖିଲେ ଜିଲ୍ଲାର ୧୩ଟି ବ୍ଲକ୍ ପାଇଁ ଏ ବାବଦରେ ଯଥାକ୍ରମେ ପ୍ରାୟ ୨୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଥିବା ଆକଳନ କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ଜିଲ୍ଲାର ୯୫ ପ୍ରତିଶତରୁ ଊର୍ଦ୍ଧ୍ୱ ସ୍କୁଲରେ ପୋଷାକ ବଣ୍ଟନ ସରିଥିବାବେଳେ ଏପର୍ଯ୍ୟନ୍ତ ସ୍କୁଲ ଗୁଡ଼ିକୁ ଟଙ୍କା ଆସି ନ ଥିବା ଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। ଫଳରେ ଆଗୁଆ ଉଧାରରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଛି। ନବମ ଓ ଦଶମଶ୍ରେଣୀ ୨୮୪ ହାଇସ୍କୁଲର ୩୬ ହଜାର ୧୪୫ ଛାତ୍ରୀଛାତ୍ରଙ୍କୁ ଏମ୍‌ସିସିପି ଯୋଜନାରେ ଓ ୩୨ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ୮୩୫୬ ଛାତ୍ରଛାତ୍ରୀଙ୍କୁ ପୋଷାକ ସହ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଇତିମଧ୍ୟରେ ଜିଲ୍ଲାର ୨୦୨୧ ସ୍କୁଲ ଗୁଡ଼ିକରେ ପ୍ରାୟ ୧ ଲକ୍ଷ ୬୮ ହଜାର ୧୬୫ ଜଣ ଛାତ୍ର ଛାତ୍ରୀଙ୍କୁ ଏବଂ ଶିଶୁ ବାଟିକାର ୧୪ହଜାର ୭୫୦ଛାତ୍ର ଛାତ୍ରୀଙ୍କୁ ପୋଷାକ ବଣ୍ଟା ଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ପୋଷାକ ଗୁଡ଼ିକ ଅତ୍ୟନ୍ତ ହାଲକା ଓ ନିମ୍ନମାନର ହୋଇଥିବାବେଳେ ଅଭିଯୋଗ ହେଉଛି। ତଥାପି ଡିଏଲସି ଓ ବିଏଲସି କମିଟି ଚୁପ୍ ରହିବା ଯୋଗୁଁ ଦୁର୍ନୀତିକୁ ନେଇ ସମସ୍ତଙ୍କ ସନ୍ଦେହ ଅଧିକ ଦୃଢ଼ୀଭୂତ ହେଉଛି। ଯଦି ଏସ୍‌ଏଚ୍‌ଜି ଗ୍ରୁପ ପୋଷାକ ପାଇଁ ବେପାରୀଙ୍କ ଦ୍ୱାରସ୍ଥ ହେବେ ତାହା ହେଲେ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାର ଯୋଜନା ଫେଲ୍ ମାରିଛି ବୋଲି ସାଧାରଣରେ ଆଲୋଚନା ଚାଲିଛି।

ଗାଇଡଲାଇନ ଅନୁସାରେ କେହି ତୁଣ୍ଡ ଖୋଲୁନାହାନ୍ତି। କେବଳ ସରକାରଙ୍କ ନିର୍ଦ୍ଦେଶକୁ ମାନି ଚଳେଇ ନେବାର କୌଶଳ ଆପଣେଇ ଶିକ୍ଷା ବିଭାଗ ଗତି କରୁଛି। ଜିଲ୍ଲାରେ କୋଟି କୋଟି ଟଙ୍କାର ପୋଷାକ ସ୍କୁଲ ଗୁଡିକରେ ବଣ୍ଟା ଯାଇଥିବା ସତ୍ତ୍ୱେ ସେଥିରେ ସ୍ୱଚ୍ଛତା ରହୁନାହିଁ। ଏନେଇ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀଙ୍କୁ ପଚାରିବାରୁ ପୋଷାକ ବଣ୍ଟନର ଟଙ୍କା କିଛି ସ୍କୁଲରେ ପଡ଼ିବା ଆରମ୍ଭ ହେଲାଣି। ଖୁବ୍‌ଶୀଘ୍ର ସମସ୍ତ ସ୍କୁଲରେ ପଡ଼ିବ ବୋଲି କହିଥିଲେ। ସେହିପରି ଏସଏଚ୍‌ଜି ପୋଷାକ ଯୋଗାଣର ବିଲ୍ ଦେଉଥିବାବେଳେ ବେପାରୀ ଠାରୁ ପୋଷାକ ଆଣୁଥିବେ ବୋଲି କହିଥିଲେ।


**ପଶ୍ଚିମ ରେଳବାଇ**

**ଇଞ୍ଜିନିୟରିଂ ବିଭାଗ : ଇ-ଟେଣ୍ଡରିଂ ବିଜ୍ଞପ୍ତି**

**ନଂ.: W/623/5/1/NT, ତାରିଖ- ୦୫.୦୮.୨୦୨୬**

କ୍ରମିକ ନଂ.: ୧, ଇ-ଟେଣ୍ଡର ନଂ.: RTM-2026-27-67, କାର୍ଯ୍ୟର ବିବରଣୀ: ସେହୋର ଷ୍ଟେସନର ପ୍ଲାଟଫର୍ମ ନଂ. ୦୧ ଏବଂ ପ୍ଲାଟଫର୍ମ ନଂ. ୦୨ରେ କଭର ସେଡ୍‌ର ସମ୍ପ୍ରସାରଣ, ନୂତନ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ଏବଂ ପ୍ଲାଟଫର୍ମ ନଂ. ୦୨ ପାର୍ଶ୍ୱରେ ସର୍କୁଲେଟିଂ ଏରିଆର ବିକାଶ ଏବଂ ବିଦ୍ୟୁତ କାର୍ଯ୍ୟ ସମେତ ଅନ୍ୟାନ୍ୟ ଯାତ୍ରୀ ସୁବିଧା ସମ୍ବନ୍ଧୀୟ ବିବିଧ କାର୍ଯ୍ୟ। (କମ୍ପୋଜିଟ୍ ସିଭିଲ୍ + ଇଲେକ୍ଟ୍ରିକାଲ), ଆନୁମାନିକ ମୂଲ୍ୟ: ଟ. ୧୧,୦୦,୧୫,୧୨୩.୭୮, ବୟନା ରାଶି (EMD): ଟ.୨୨,୦୦,୩୦୦.୦୦, ଟେଣ୍ଡର ଖୋଲିବା ତାରିଖ: ୦୪.୦୯.୨୦୨୬। କ୍ରମିକ ନଂ.: ୨, ଇ-ଟେଣ୍ଡର ନଂ.: RTM-2026-27-70, କାର୍ଯ୍ୟର ନାମ: ଉଜ୍ଜୟିନୀ-ଭୋପାଳ ସେକ୍ସନ୍‌ରେ LC ନଂ. ୪୧ (କି.ମି.: ୭୯/୦୬-୦୮) ବଦଳରେ ରିଲିଭିଂ ଗିର୍ଡର ସ୍ଥାପନ କରି ଏବଂ ରିଲିଭିଂ ଗିର୍ଡର ତଳେ ବକ୍ସକୁ ଧକ୍କା ଦେଇ ବକ୍ସ(ଗୁଡ଼ିକ) ବିଛାଇ ସବୱେ ନିର୍ମାଣ, ଆନୁମାନିକ ମୂଲ୍ୟ: ଟ. ୮,୧୭,୬୧,୧୦୮.୦୩, ବୟନା ରାଶି (EMD): ଟ. ୧୬,୩୫,୨୦୦.୦୦, ଟେଣ୍ଡର ଖୋଲିବା ତାରିଖ: ୦୮.୦୯.୨୦୨୬। କ୍ରମିକ ନଂ.: ୩, ଇ-ଟେଣ୍ଡର ନଂ.: RTM-2026-27-75, କାର୍ଯ୍ୟର ନାମ: ଉଜ୍ଜୟିନୀ-ଭୋପାଳ ସେକ୍ସନ୍‌ରେ LC ୩୧ ବଦଳରେ RUB ଠାରେ ଅତିରିକ୍ତ ସବୱେ (RUB) ନିର୍ମାଣ, Simhasth-2028 ସମ୍ବନ୍ଧରେ ରିଲିଭିଂ ଗିର୍ଡର ସ୍ଥାପନ କରି ଏବଂ ରିଲିଭିଂ ଗିର୍ଡର ତଳେ ବକ୍ସକୁ ଧକ୍କା ଦେଇ ବକ୍ସ(ଗୁଡ଼ିକ) ବିଛାଇବା, ଆନୁମାନିକ ମୂଲ୍ୟ: ଟ. ୮,୭୨,୦୯,୪୦୬.୩୩, ବୟନା ରାଶି (EMD): ଟ. ୧୭,୪୪,୨୦୦.୦୦, ଟେଣ୍ଡର ଖୋଲିବା ତାରିଖ: ୦୮.୦୯.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ। ADM/5/1/193

Follow us on: twitter.com/WesternRly



**ତହସିଲଦାରଙ୍କ କାର୍ଯ୍ୟାଳୟ, ଗୁଣପୁର**

ପତ୍ରସଂଖ୍ୟା /୨୦୨୬ (ଦେବୋତ୍ତର) / ତାରିଖ.୭/୮ /୨୦୨୬

**ନୋଟିସ୍**

ଏତଦ୍ୱାରା ଗୁଣପୁର ସହରର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୁରୁଣା ଗୁଣପୁରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଓ ବାଲାଜିନାଥ ମନ୍ଦିରର ସୁପରିଚାଳନା, ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ ନିମନ୍ତେ ଉପ-ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ଦେବୋତ୍ତର, ଗୁଣପୁରଙ୍କ ତତ୍ତ୍ୱାବଧାନରେ ଏକ ଉପଦେଷ୍ଟା/ପରିଚାଳନା କମିଟି ଗଠନ କରିବା ପାଇଁ ପ୍ରସ୍ତାବ ରହିଛି।

ଏହି ଉଦ୍ଦେଶ୍ୟରେ ଆସନ୍ତା ତାରିଖ-୨୪/୮/୨୦୨୬, ଅପରାହ୍ନ ୪.୦୦ ଘଟିକା ସମୟରେ, ପୁରୁଣା ଗୁଣପୁରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇ ଉକ୍ତ ଉପଦେଷ୍ଟା/ପରିଚାଳନା କମିଟି ଗଠନ ସମ୍ପର୍କରେ ଆଲୋଚନା କରାଯିବ।

ପ୍ରକାଶ ଥାଉକି, ଉକ୍ତ ଉପଦେଷ୍ଟା/ପରିଚାଳନା କମିଟି ଦେବୋତ୍ତର ବିଭାଗ ଦ୍ୱାରା ପ୍ରଚଳିତ ନିୟମାବଳୀ, ନିର୍ଦ୍ଦେଶାବଳୀ ଓ ପ୍ରଯୋଜ୍ୟ ବିଧିବ୍ୟବସ୍ଥା ଅନୁଯାୟୀ ଗଠନ କରାଯିବ।

ଅତଏବ, ଗୁଣପୁର ସହରର ଇଚ୍ଛୁକ ଭକ୍ତବୃନ୍ଦ, ସ୍ଥାନୀୟ ଜନସାଧାରଣ ଓ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମନ୍ଦିରର ସୁପରିଚାଳନା ଓ ଉନ୍ନତି ସମ୍ପର୍କରେ ନିଜର ମୂଲ୍ୟବାନ ମତାମତ ଓ ପ୍ରସ୍ତାବ ପ୍ରଦାନ କରିବା ସହିତ, ଦେବୋତ୍ତର ବିଭାଗର ପ୍ରଚଳିତ ନିୟମାବଳୀ ଅନୁଯାୟୀ ଉପଯୁକ୍ତ ସଦସ୍ୟ ଚୟନ/ନାମ ପ୍ରସ୍ତାବରେ ସହଯୋଗ କରିବାକୁ ଅନୁରୋଧ କରାଯାଉଅଛି।

**ତହସିଲଦାର ତଥା କାର୍ଯ୍ୟନିର୍ବାହୀ,**
**ଦେବୋତ୍ତର ଅଧିକାରୀ,ଗୁଣପୁର**



**AFFIDAVIT**

I, **RANJAN KUMAR SAHOO, S/o- Narayan Sahoo,** Resident of AT— Bali Sahi, Po- Bhuinpur, PS-Aul, Dist-Kendrapara, Odisha, PIN-754239, declared by this Affidavit No.1921, Dated.08.06.2026, That now onwards I shall Be Known as **RANJAYA SAHOO That** for all future Purposes.

**Notice (above 18 years of age)**

By virtue of an affidavit sworn before Tahasildar - Cum - Executive Magistrate Dharamgarh, Kalahandi, dated 06/08/2026, I, DILIP SUNANI Address Son of UDHAB SUNANI. Village- PANDKUL, PO-KUMBHARI, Ps-GOLAMUNDA, DIST- KALAHANDI, ODISHA-766029 declare that I have changed my name from DILPI SENAPATI to DILIP SUNANI Henceforth, I shall be known as **DILIP SUNANI** for all purposes.
**(DILIP SUNANI)**

**AFFIDAVIT**

I, Balakrushna Palmal, S/o-Late Basudev Palmal, Resident of Vill - Balda, PO - Balda, PS - Padwa, Dist - Koraput, Pin - 764038, Odisha declared by this affidavit Enrl No. 328/97 (Serial No. 1017), Dated - 12/06/2026, that B. K Palmal and Balakrushna Palmal are same and one person. So, now a days I shall be known as Balakrushna Palmal for all future purposes.

**AFFIDAVIT**

I, Sanjaya Kumar Sethi, aged 46, S/o-Late Gobinda Chandra Sethi, At/Po-Barunasingh, P.S-Khatapada, Dist-Balasore, Odisha, Declare by Affidavit before the Executive Magistrate ,Balasore ,No-5403,Dtd-13/07/2026. That my son Dhiraj Kumar, In his birth certificate wrongly mention my name **Sanjay Kumar Sethi** instead of **Sanjaya Kumar Sethi**. I, declared that **Sanjay Kumar Sethi** and **Sanjaya Kumar Sethi** is one and same person for all future purpose.
**Sanjaya Kumar Sethi**

**AFFIDAVIT**

By the virtue of an affidavit sworn before the Notary public, Sunabeda, Odisha, I, Meena Pradhan, W/o.: Late Elisaya Pradhan, resident of Qtr. No.: JA/284,HAL Township, Sunabeda –763002, declare by this Affidavit No.: 1298, Dated: 07.08.26. That now onwards I shall be known as **Mina Pradhan** for all purposes.

**AFFIDAVIT**

I, Mirza Akhtar Raza Baig, S/o- Late Mirza Mahiraj Baig, resident of Ward No. 19, Baliorada, Po/Ps: Puruna Bazar, Dist- Bhadrak, Pin-756100, Odisha declare by this affidavit No- 8777, dtd- 27/07/2026 that now onwards I shall be known as **MIRZA AKHTAR REZA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Jajpur No 10769 dated 06/08/2026. I Radhashyam Sethy, S/o-Panchanana Sethy resident of Panasa, (Balighai) Lalbag, Jajpur declare that My son name wrongly printed as Rudrapratap Sethy instead of Lipun sethy in Aadhar card. Hence he will be known as **Lipun Sethy** From today onwards.

**AFFIDAVIT**

I, Gajendra Kumar Sahoo, S/o- Chakradhar Sahoo, resident of Plot No-452, Palamandap Sahi, Baramunda, Ps-Khandagiri, Bhubaneswar, Dist-Khordha, Pin- 751003, Odisha declare by this affidavit No-45016, date-04/08/2026, that now onwards I shall be known as **GAJENDRA SAHOO** for all future purposes.

**AFFIDAVIT**

By virtue of an affidavit no. 169 sworn before Executive Magistrate, Semiliguda, dt.14.05.2026, I, Sri Manas Mahalik, At- Bhejaput (Parida Colony), P.O. Damonjodi, P.S. Sunabeda, Dist. Koraput hereby declare that I have changed my son's name from MANU MAHALIK to MUNU MAHALIK. Henceforth, he shall be known as **MUNU MAHALIK** for all purposes.
**Sri Manas Mahalik**

**AFFIDAVIT**

I, Adarsh Kumar Goel, aged about 30 years, S/o-Prakash Kumar Goel, resident of Asha Kunj, Niladri Vihar, Titlagarh, Po- Titilagarh, Ps-Titilagarh, Dist- Balangir, Odisha, PIN- 767033, do hereby declare by this affidavit No.1566, dtd-08/08/2026, that now onwards I shall be known as **ADARSH GOEL** for all future purposes.

**NOTICE**

By virtue of an affidavit no -1343 sworn before Executive Magistrate, Sundargarh, dated-07/08/2026, I, Prasad Sahoo (new name), S/o. Laxmidhar Sahoo, permanent resident of village-Manjuripada, po- Pingua, Ps-Nihalprasad, Block- Gondia, Dist-Dhenkanal, Pin- 759016 Odisha declare that, I have changed my name from "Lalaprasad Sahoo" (old name) to "Prasad Sahoo" (new name). Henceforth, I Shall be known as **"Prasad Sahoo"** (new name) for all purposes.
**PRASAD SAHOO**

**AFFIDAVIT**

By virtue of an affidavit sworn before Executive Magistrate, Basta, Balasore, Odisha vide Sl. no. 3503 dt.04.08.2026 I, Manas Pattanayak, S/o. Sripati Pattanayak, At. Palasia, P.O. Kothapada, P.S. Basta, Dist. Balasore, Odisha, PIN-756022 declare that I have changed the name of my daughter from old name JINA PATTANAYAK to SUBHALAXMI PATTANAYAK. Henceforth, she shall be known as **SUBHALAXMI PATTANAYAK** for all purposes.

**AFFIDAVIT**

By virtue of an affidavit on dtd-09.07.2026 sworn before The Executive Magistrate, Titilagarh. I, **Puspanjali Meher** (new name), W/o Daitari Meher, permanent resident of AT/PO: Sinapali, PS: Sinapali, Near Jagannath Chowk, Dist: Nuapada, Odisha, PIN: 766108 declare that I have changed my name from **Puspa Meher** (old name) to **Puspanjali Meher** (new name). Henceforth, I shall be known as **Puspanjali Meher** (new name) for all purposes.
**Puspanjali Meher**

## ବୋଟ ମାଲିକଙ୍କ ସହ ଜିଲ୍ଲାପାଳ, ଡିଏଫଓ, ବିଧାୟକଙ୍କ ବୈଠକ

# ଭିତରକନିକାରେ ଚାଲିବ ବ୍ୟାଟେରୀ ଚାଳିତ ବୋଟ୍

ରାଜନଗର, ୮।୮ (ସମିସ)

ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ପର୍ଯ୍ୟଟକଙ୍କ ପାଇଁ ବ୍ୟାଟେରୀ ଚାଳିତ ବୋଟ ଚାଲିବ। ଏହାଦ୍ୱାରା ଭିତରକନିକାର ପରିବେଶ ସନ୍ତୁଳନ ଦିଗରେ ସହାୟକ ହେବ। ଏଥିସହିତ ଭିତରକନିକାରେ ଚାଲୁଥିବା ଡିଜେଲ ଓ ପେଟ୍ରୋଲ ଚାଳିତ ବୋଟ ବଦଳରେ ବ୍ୟାଟେରୀ ଚାଳିତ ବୋଟ ଚଳାଚଳ କରିବାକୁ ପ୍ରଶାସନ ପକ୍ଷରୁ ବୋଟ୍ ମାଲିକଙ୍କୁ ସଚେତନ କରାଯାଇଛି। ଭିତରକନିକା ଜାତୀୟ ଉଦ୍ୟାନର ଡାଙ୍ଗମାଳଠାରେ ବୋଟ ମାଲିକଙ୍କ ସହିତ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଡିଏଫଓ ଭରଦରାଜ ଗାଓଁକରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଯୋଗଦେଇ ରାଜ୍ୟ ସରକାର ପରିବେଶ ସୁରକ୍ଷା ଓ ସନ୍ତୁଳନ ରକ୍ଷା କରିବା ପାଇଁ ପାଇଲଟ ପ୍ରୋଜେକ୍ଟ ଭାବେ ଭିତରକନିକାରେ ପର୍ଯ୍ୟଟକଙ୍କ ପାଇଁ ବ୍ୟାଟେରୀ ଚାଳିତ ବୋଟ ଚଳାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଭିତରକନିକାକୁ ୪ରୁ ୫ଟି ବ୍ୟାଟେରୀ ଚଳିତ ବୋଟ ଆସିବ। ପ୍ରତି ବୋଟର ମୂଲ୍ୟ ୧ କୋଟି ଟଙ୍କା ବୋଲି ସୂଚନା ଦେଇଥିଲେ। ବୋଟ ମାଲିକମାନେ ନୂତନ ଭାବେ ବ୍ୟାଟେରୀ ଚଳିତ ବୋଟ କରନ୍ତୁ, ଏଥିପାଇଁ ୫୦ ପ୍ରତିଶତ ବା ୫୦ ଲକ୍ଷ ଟଙ୍କା ସହାୟତା ଦିଆଯିବା ବ୍ୟବସ୍ଥା ରହିଛି ବୋଲି ସୂଚନା ଦେଇଥିଲେ। ବୋଟ ମାଲିକ ଗିରିଶ ଚନ୍ଦ୍ର ନାୟକ, ବ୍ରହ୍ମାନନ୍ଦ ଗାଇନି, ବିଜୟକୁମାର ଦାସ ପ୍ରମୁଖ ଆମେ ୧୦/୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ବୋଟ କରୁଥିଲୁ। ସବସିଡ ସତ୍ତ୍ୱେ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ବୋଟ କରିବା ଆମ ପକ୍ଷେ ସମ୍ଭବ ନୁହେଁ। ଏଥିସହ ପର୍ଯ୍ୟାପ୍ତ ସୁବିଧା ଥିବା ଚାର୍ଜିଂ ପଏଣ୍ଟ ପ୍ରଥମେ କରାଯାଉ। ଏହା ବାତ୍ୟାପ୍ରବଣ ଅଞ୍ଚଳ। ବାତ୍ୟା ସମୟରେ ଏହା କେତେ ସୁରକ୍ଷିତ ରହିପାରୁଛି, ତାହାକୁ ଅନୁଧ୍ୟାନ କରାଯାଉ ବୋଲି କହିଥିଲେ। ପ୍ରତି ବୋଟରେ ଗାଇଡ ରଖାଯାଉ। ଏଥିପାଇଁ ପର୍ଯ୍ୟଟକଙ୍କଠାରୁ ଅର୍ଥ ନିଆଯାଉ ବୋଲି ପ୍ରଶାସନ ପ୍ରସ୍ତାବ ଦେଇଥିଲା। ଆମକୁ ପର୍ଯ୍ୟଟକ ଗାଇଡ ପାଇଁ ଟଙ୍କା ଦେଉନାହାନ୍ତି। ପର୍ଯ୍ୟଟକଙ୍କ ଏଣ୍ଟ୍ରି ସମୟରେ ଗାଇଡ ପାଇଁ ନିର୍ଦ୍ଦିଷ୍ଟ ଅର୍ଥ ବନବିଭାଗ ଆଦାୟ କରୁ ବୋଲି ବୋଟ ମାଲିକମାନେ ପ୍ରସ୍ତାବ ଦେଇଥିଲେ। ରାଜନଗର ବିଧାୟକ ଶ୍ରୀ ସାହୁ ଭିତରକନିକାରେ ବ୍ୟାଟେରୀ ଚାଳିତ ବୋଟ ଚାଲିବା ସ୍ୱାଗତଯୋଗ୍ୟ ପଦକ୍ଷେପ, ମାତ୍ର ବୋଟ ମାଲିକଙ୍କର ଯେପରି କିଛି ଅସୁବିଧା ନ ହୁଏ, ସେଥିପ୍ରତି ପ୍ରଥମେ ଦୃଷ୍ଟି ଦେବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ କନିକା ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।




## ● ଶୁଣିଲାନି ପ୍ରଶାସନ

# ସାମାଜସେବୀଙ୍କ ଉଦ୍ୟମରେ ନିର୍ମାଣ ହେଲା ରାସ୍ତା

ଡେରାବିଶ, ୮।୮(ସମିସ): ଡେରାବିଶ ବ୍ଲକ କାର୍ଯ୍ୟାଳୟ, ବିଭିନ୍ନ ଜିଲ୍ଲା କାର୍ଯ୍ୟାଳୟ ସହ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ଓ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲକୁ ସଂଯୋଗ କରୁଥିବା ଡେରାବିଶ ବ୍ଲକ୍ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ ଲ' କଲେଜ ଛକଠାରୁ ଡେରାବିଶ ବ୍ଲକ୍ ରାସ୍ତା ନିର୍ମାଣ ପାଇଁ ଦୀର୍ଘବର୍ଷ ହେଲା ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ଗତ ଏକବର୍ଷ ତଳେ ଏହି ରାସ୍ତାର କିଛି ଅଂଶ ଫେବର ବ୍ଲକ ପକାଇ ବ୍ଲକ ପ୍ରଶାସନ ଚୁପ ହୋଇ ବସିଥିବାବେଳେ ଅବିଶିଷ୍ଟ ୧୦୦୦ ମିଟର ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ପାଶ୍ୱର୍ରେ ଥିବା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲ, ଆଇନ ମହାବିଦ୍ୟାଳୟ ରହିଥିବାବେଳେ ଏକ ହଜାରରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ବିଦ୍ୟାଳୟ ଓ ଆଇନ ମହାବିଦ୍ୟାଳୟକୁ ଦୈନିକ ଆସୁଥିବା ଶହ ଶହ ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଅସରାଏ ବର୍ଷା ହେଲେ ରାସ୍ତାର ଅବସ୍ଥା ବେହାଲ। ଏହି ରାସ୍ତାକୁ ନିର୍ମାଣ ପାଇଁ ସାମାଜସେବୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ ଅଣ୍ଟା ଭିଡ଼ିଥିଲେ। ନିଜ ଉଦ୍ୟମରେ ପ୍ରାଧ୍ୟାପକ ଶ୍ରୀ ରାଉତ ଛାତ୍ରଛାତ୍ରୀ ଓ ଲୋକଙ୍କ ଯାତାୟତ ପାଇଁ ରାସ୍ତା ନିର୍ମାଣ କରୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ଦେଖାଦେଇଛି। ଏହି ନିର୍ମାଣ କାର୍ଯ୍ୟରେ ପ୍ରାଧ୍ୟାପକ ଡକ୍ଟର ସ୍ମୃତିରଞ୍ଜନ ବେହେରା, ପବ୍ଲିକ ସ୍କୁଲର ବହୁ ଶିକ୍ଷକ ଓ ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରିଥିଲେ। ଏ ସମ୍ପର୍କରେ ବିଡିଓ ନମିତା ବାରିକଙ୍କୁ ପଚାରିବାରୁ ଏହି ରାସ୍ତାର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ଖୁବ୍‌ଶୀଘ୍ର ଟେଣ୍ଡର କରାଯାଇ ରାସ୍ତା ନିର୍ମାଣ କରାଯିବ ବୋଲି କହିଥିଲେ।



# ବାୟା ବାବା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ମହାକାଳପଡ଼ା, ୮।୮ (ସମିସ): ମହାକାଳପଡ଼ା ଅଞ୍ଚଳସ୍ଥ ଶ୍ରୀଶ୍ରୀ ବାୟା ବାବା ମହାବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମୁଖ୍ୟଅତିଥି ମହାକାଳପଡ଼ା ବିଧାୟକ ଡଃ ଦୁର୍ଗାପ୍ରସନ୍ନ ନାୟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ମୁଖ୍ୟଅତିଥି ଉତ୍ସବକୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ପ୍ରମୋଦ କୁମାର ମହାପାତ୍ର, ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ଅଧ୍ୟକ୍ଷା ରଞ୍ଜିତ କୁମାରୀ ମହାପାତ୍ର ଓ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଯୋଗ ଦେଇଥିଲେ। ରାଜେଶ କୁମାର ସେଠୀ ସଭା ପରିଚାଳନା କରିଥିଲେ। ବିଧାୟକ ଶ୍ରୀ ନାୟକ କହିଥିଲେ, ମହାବିଦ୍ୟାଳୟ ହେଉଛି ଏକ ମଣିଷ ତିଆରି କାରଖାନା। ଏଠାରେ ଛାତ୍ରଛାତ୍ରୀଙ୍କୁ ଜଣେ ସୁନାଗରିକ ଭାବେ ଗଢ଼ି ତୋଳିବାରେ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନର ଛାତ୍ରଛାତ୍ରୀ ହିଁ ଦେଶ ଓ ସମାଜର ଭବିଷ୍ୟତ। ତେଣୁ ସେମାନଙ୍କୁ ଉତ୍ତମ ଶିକ୍ଷା ଓ ସଂସ୍କାର ପ୍ରଦାନ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଶେଷରେ ମୁଖ୍ୟଅତିଥି କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ● ହାଇସ୍କୁଲ ବିଜ୍ଞାନଗାରରେ ବୈଜ୍ଞାନିକ ଉପକରଣ ଯୋଗାଇବା ଆଳ

# ୮ଟି ହାଇସ୍କୁଲରୁ ଅଢେଇ ଲକ୍ଷ ଲେଖାଏଁ ଟଙ୍କା ହଡ଼ପ ମସୁଧା

ରାଜକନିକା, ୮।୮ (ସମିସ): ରାଜକନିକା ବ୍ଲକର ୮ଟି ହାଇସ୍କୁଲରେ ଜଣେ ସାଂସଦଙ୍କ ଅନୁଦାନ ପାଣ୍ଠିରେ ଛାତ୍ରଛାତ୍ରୀଙ୍କ ପାଇଁ ବିଜ୍ଞାନାଗାରରେ ବୈଜ୍ଞାନିକ ଉପକରଣ ଯୋଗାଇବା ଆଳରେ ଅଢେଇ ଲକ୍ଷ ଟଙ୍କାର ଅନୁଦାନ ରାଶିର ସିଂହଭାଗ ଚଳୁ ହେବାର ଉଦ୍ୟମ ଜାରି ରହିଛି। ଏଭଳି ଏକ ଲୁଟ୍‌କୁ ପୁରା ବ୍ୟବସ୍ଥିତ ଭାବେ କାଗଜପତ୍ରରେ ସବୁ ଉପକରଣର ଉଚିତ ମୂଲ୍ୟ ଦର୍ଶାଯାଇ ବିଲ ହେବାକୁ ବ୍ଲକରେ ଏବେ ଫାଇଲ ଚାଷ ହେଉଛି। ଆଶ୍ଚର୍ଯ୍ୟର କଥା ହେଉଛି ଏତେ ବଡ଼ ଅର୍ଥକୁ ହଡ଼ପ କରିବା ପାଇଁ ଶିକ୍ଷା ବ୍ୟବସ୍ଥାରେ ଆଦୌ ଧାର ଧାରି ନ ଥିବା ଆଳି ଅଞ୍ଚଳର ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ବ୍ୟକ୍ତି ରାଜକନିକା ବ୍ଲକର ୮ଟି ହାଇସ୍କୁଲ ପାଇଁ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଅନୁଦାନ ପାଣ୍ଠିର ଏହି ସହାୟତାକୁ ପ୍ରତି ସ୍କୁଲରେ ଅଳ୍ପ କିଛି ଟଙ୍କାର କିଛି ସାମଗ୍ରୀ ଦେଇ ଏବେ ପୂରା ଅଢେଇ ଲକ୍ଷ ଟଙ୍କା ବିଲ କରିବାକୁ ରାଜକନିକା ବ୍ଲକରେ ଡେରା ପକାଇଛନ୍ତି। ସାଂସଦଙ୍କ ଅନୁଦାନରେ ରାଜକନିକା ବିଡିଓ ଏକଜିକ୍ୟୁଟିଙ୍ଗ୍ ଏଜେନ୍ସି ଥାଇ ଅନୁମୋଦିତ ହୋଇଥିବା ଏହି ଅର୍ଥ ରାଶିରେ ରାଜକନିକା ବ୍ଲକର କନିକା ହାଇସ୍କୁଲ, ଆୟତନ ଆରସି ହାଇସ୍କୁଲ, ସପଲାଙ୍ଗ, ହାଟସାହି ନୋଡାଲ ହାଇସ୍କୁଲ, ମହୁରିଗାଁ ସରକାରୀ ହାଇସ୍କୁଲ, କେବି ହାଇସ୍କୁଲ ହାବଳଗଣ୍ଡ, ନରେନ୍ଦ୍ର ଗୁଞ୍ଜାରୀ ବିଦ୍ୟାପୀଠ, କୋଲ୍‌ହା କୋଇଲିପୁର, ସୁଶ୍ରୀ ଦେବୀ ହାଇସ୍କୁଲ, କାଳିକାପୁର, ମା' କୁଞ୍ଜକାଳିକା ହାଇସ୍କୁଲ, ପ୍ରଧାନପଡା ଭଳି ୮ଟି ସ୍କୁଲରେ ଗତ ୨୦୨୫ରେ ଆଳିର ଏହି ବ୍ୟକ୍ତି ଅଖାରେ କିଛି ଜିନିଷ ଆଣି ଉପରୋକ୍ତ ହାଇସ୍କୁଲରେ ଅତି ତରବରରେ ଏହାକୁ ଦେଇ ପଳାଇଥିଲେ। ଆମେ ସାଂସଦଙ୍କ ପାଣ୍ଠିରୁ ଆପଣଙ୍କ ସ୍କୁଲକୁ କିଛି ବିଜ୍ଞାନ ଉପକରଣ ଦେଉଛୁ କହି ଏଭଳି ଜିନିଷ ଧରାଇ ପଳାଇଯିବା ପରେ ଗତ ଦୁଇଦିନ ହେବ ରାଜକନିକା ବ୍ଲକରେ ଏ ବାବଦ ବିଲ କରିବାର ମସୁଧା କରୁଥିବା ଅନୁସନ୍ଧାନରୁ ଜଣାପଡିଛି। ତେବେ ଏ ସମ୍ପର୍କରେ ରାଜକନିକା ବିଡିଓଙ୍କୁ ପଚାରିବାରୁ ସେ କ'ଣ ହେଉଛି ବୁଝିବେ ବୋଲି କହିଥିଲେ। ପୁନଶ୍ଚ ଏ ବାବଦରେ ଆମେ ୱାର୍କ ଅର୍ଡର ଦେଇଛୁ, ଏଜେନ୍ସି ସଠିକ ବିଲ ଦେଲେ ଆମେ ଇନକ୍ୱାରି କରିବା ପରେ ବିଲ କରିବୁ ବୋଲି କହିଛନ୍ତି। ପିଲାଙ୍କ ପାଠପଢାରେ ଆବଶ୍ୟକୀୟ ଉପକରଣ ଯୋଗାଇବାକୁ ଜଣେ ସାଂସଦଙ୍କ ପାଣ୍ଠିରୁ ମିଳିଥିବା ଅର୍ଥ ରାଶିର ସଦୁପଯୋଗ କରିବା ଓ ଏଥିରେ କୌଣସି ପ୍ରକାର ଘୋଟଲା କରା ନ ଯିବାକୁ ବହୁ ସଚେତନ ଅଭିଭାବକ ଦାବି କରିଛନ୍ତି।

# ବୁଲା ଗୋରୁଙ୍କ ବେକରେ ରେଡିୟମ ବେଲ୍ଟ ଲଗାଇଲା ପ୍ରାଣୀ ସମ୍ପଦ ବିଭାଗ

ରାଜକନିକା, ୮।୮ (ସମିସ): ରାସ୍ତାଘାଟରେ ବୁଲୁଥିବା ବୁଲା ଗୋରୁଙ୍କ ବେକରେ ଆଜି ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ରେଡିୟମ ବେଲ୍ଟ ଲଗାଯାଇଛି। ଗୋରୁଙ୍କ ସୁରକ୍ଷା ସହ ରାସ୍ତାରେ ଅବ୍ୟବସ୍ଥିତ ଓ ବିକ୍ଷିପ୍ତ ଭାବେ ବିଚରଣ କରୁଥିବା ଗୋରୁ, ଷଣ୍ଢ, ବାଛୁରୀଙ୍କ ଉପରେ ଦୂରରୁ ଜାଣିବା ଉଦ୍ଦେଶ୍ୟରେ ଏହି ବେଲ୍ଟ ଲଗାଯାଇଛି। ଗୋଚାଲାଣ ବନ୍ଦ ହେବା ପରେ ଗୋଚାଷୀ ଅଣ୍ଡିରା ବାଛୁରୀଙ୍କୁ ଗାଇଠୁ କ୍ଷୀର ଅମଳ ପରେ ରାସ୍ତାରେ ଛାଡି ଦେଉଛନ୍ତି। ଏହି ବୁଲା ଗୋରୁ ରାସ୍ତା, ଅଫିସ ବାରଣ୍ଡାରେ ଅବାଧରେ ବୁଲୁଛନ୍ତି। ମୁଖ୍ୟରାସ୍ତାରେ ପଲ ପଲ ହୋଇ ଗୋରୁ ଶୋଇ ରହିବା ଦ୍ୱାରା ରାସ୍ତା ଅବରୋଧ ହେବା ସହ ଦୈନିକ ଦୁର୍ଘଟଣା ଘଟୁଛି। ଏଭଳି ଅଘଟଣକୁ ରୋକିବା ପାଇଁ ପ୍ରାଣୀ ସମ୍ପଦ ବିଭାଗ ଏହି ଗୋରୁଙ୍କ ବେକରେ ରେଡିୟମ ବେଲ୍ଟ ପିନ୍ଧାଇଛି।



# ଅଷ୍ଟଶମ୍ଭୁ ସଂସ୍କୃତ କଲେଜର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାଜନଗର, ୮।୮ (ସମିସ): କୁରୁଣ୍ଟି ପଞ୍ଚାୟତସ୍ଥ ଚନ୍ଦ୍ରଶିଖରଠାରେ ଅବସ୍ଥିତ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତୀକରଣ ସଂଗଠନ ଆନୁକୂଲ୍ୟରେ ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟଅତିଥି ରାଜନଗର ପଞ୍ଚାୟତ ସମିତିର ଅଧ୍ୟକ୍ଷା ପ୍ରତିଭା ପାତ୍ର ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ରାଜକିଶୋର ପାଣି ବେଦ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ତଥା ଶକ୍ତିଶ୍ରୀ ସଶକ୍ତୀକରଣର ବ୍ଲକ ସଂଯୋଜିକା ବରିଷ୍ଠ ଜୀବ ବିଜ୍ଞାନ ଅଧ୍ୟାପିକା ଅନୁସୟା ବେହେରା, ସମ୍ମାନିତ ଅତିଥି ଭାବେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଅକ୍ଷୟ ମିଶ୍ର ଓ ବରିଷ୍ଠ ସାମ୍ବାଦିକ ଭାସ୍କର ଚନ୍ଦ୍ର ରାଉତରାୟ ଯୋଗଦେଇ ସାଂପ୍ରତିକ ସମାଜରେ ନାରୀ ସୁରକ୍ଷାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆୟୋଜନ କରିବାର ପ୍ରୟାସକୁ ଉଚିତ ପଦକ୍ଷେପ ବୋଲି ମତ ପୋଷଣ କରିଥିଲେ। ଅନୁଷ୍ଠାନର ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ଭଗବତୀ ରାଉତ ଅତିଥି ପରିଚୟ ଦେବା ସହ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସଂକ୍ରାନ୍ତରେ ମତପୋଷଣ କରିଥିଲେ। ଶକ୍ତିଶ୍ରୀ ସାଥି ସ୍ମୃତିଝରା ରାଉତ ଶିବିରର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ପ୍ରଶିକ୍ଷିକା ପ୍ରୀତିପ୍ରଭା ରାଉତ ଛ'ଦିନ ପ୍ରଶିକ୍ଷଣ ନେଇଥିବା ଛାତ୍ରୀଙ୍କ ଦ୍ୱାରା ପ୍ରଶିକ୍ଷଣର କୌଶଳ ଦେଖାଇଥିଲେ। ଅଧ୍ୟାପକ ପ୍ରଦୀପ ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସତୀଶ ମହାପାତ୍ର, ବୈକୁଣ୍ଠ ବଳ, ପ୍ରଫୁଲ୍ଲ ପ୍ରଧାନ, ବିଶ୍ୱମ୍ଭର ତ୍ରିପାଠୀ, କର୍ମଚାରୀ ରାମାକାନ୍ତ ରାଉତ ଓ ନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚାନ୍ଦୋଳ କଲେଜରେ ଶକ୍ତିଶ୍ରୀ ସଶକ୍ତୀକରଣ କାର୍ଯ୍ୟକ୍ରମ

ଡେରାବିଶ, ୮।୮ (ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ପରିସରରେ ଶକ୍ତିଶ୍ରୀ ସଶକ୍ତୀକରଣ ସେଲ୍ ଆନୁକୂଲ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଅକ୍ଷୟ ବଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶକ୍ତିଶ୍ରୀର ସଂଯୋଜିକା ଅଧ୍ୟାପିକା ସ୍ମୃତି ଶ୍ରାବଣୀ ସଭାକୁ ସଂଯୋଜନା କରିଥିଲେ। ସଭାରେ କଲେଜର ଅଧ୍ୟାପିକା, +୩ କଳା ଓ ବିଜ୍ଞାନ ବିଭାଗ ଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟାପିକା ଝରାଶ୍ରୀ ପରିଡ଼ା, ମିନାକ୍ଷୀ ପ୍ରଧାନ, ସ୍ମୃତିରେଖା ପଣ୍ଡା ଓ ଶାଶ୍ୱତିପ୍ରଜ୍ଞା ସାହୁ ପ୍ରମୁଖ ଛାତ୍ରୀଙ୍କ ମଧ୍ୟରେ ସଶକ୍ତୀକରଣର ସଚେତନତା ସୃଷ୍ଟି କରିଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ ନାଥଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋଟର ତାଲିକା, ଜନଗଣନା ଓ ଫସଲବୀମା ନେଇ ଜିଲ୍ଲାପାଳଙ୍କ ସମୀକ୍ଷା



କେନ୍ଦ୍ରାପଡ଼ା, ୮।୮ (ସମିସ): ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଓସ୍ୱାନ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଭୋଟର ତାଲିକା ପୁନରୀକ୍ଷଣ-୨୦୨୬, ଜନଗଣନା ଓ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଯୋଗଦେଇ ସ୍ୱତନ୍ତ୍ର ଭୋଟର ତାଲିକା ପୁନରୀକ୍ଷଣ-୨୦୨୬ର ଅଗ୍ରଗତି ଓ ବିଭିନ୍ନ କାର୍ଯ୍ୟକ୍ରମର ସ୍ଥିତି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ବୈଠକରେ ସଂଶୋଧିତ ସମୟସୂଚୀ, ଦାବି ଓ ଆପତ୍ତିର ନିଷ୍ପତ୍ତି, ଭୋଟରଙ୍କ ତଥ୍ୟର ସଠିକତା, ଭୋଟର ତାଲିକାର ସ୍ଥିତି ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ-୯୭ରେ ତ୍ରୁଟିପୂର୍ଣ୍ଣ ଭୋଟରଙ୍କୁ ନୋଟିସ୍ ଜାରି ଓ ଶୁଣାଣି ପ୍ରକ୍ରିୟା ଧାର୍ଯ୍ୟ ସମୟସୀମା ପୂର୍ବରୁ ଶେଷ କରାଯାଇଥିବାରୁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ପ୍ରଶଂସା କରିଥିଲେ। ଜିଲ୍ଲାପାଳ କହିଥିଲେ, କୌଣସି ଯୋଗ୍ୟ ଭୋଟର ତାଲିକାରୁ ବାଦ ପଡ଼ିବେ ନାହିଁ ଓ କୌଣସି ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ ହେବ ନାହିଁ। ଏଥିପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀ ସତ୍ୟନିଷ୍ଠା, ନିରପେକ୍ଷତା ଓ ଦାୟିତ୍ୱବୋଧର ସହ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଯୁବ ଭୋଟରଙ୍କ ପଞ୍ଜୀକରଣ ଉପରେ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ୧୮ରୁ ୨୫ ବର୍ଷ ବୟସର ଯୁବକ-ଯୁବତୀଙ୍କୁ ଭୋଟର ଭାବେ ପଞ୍ଜୀକରଣ କରାଇବା ପାଇଁ ଶିକ୍ଷାନୁଷ୍ଠାନରେ ସ୍ୱତନ୍ତ୍ର ନାମଲେଖା ଶିବିର ଆୟୋଜନ କରିବାକୁ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ କୁହାଯାଇଥିଲା। ଏଥିସହ ଶିକ୍ଷାନୁଷ୍ଠାନରେ ନିର୍ବାଚନ ସାକ୍ଷରତା କ୍ଲବ ଗଠନ କରି ନୂତନ ଭୋଟରଙ୍କ ମଧ୍ୟରେ ନିର୍ବାଚନ ସଚେତନତା ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିଜ ଅଞ୍ଚଳରେ ପଞ୍ଜିକୃତ ରାଜନୈତିକ ଦଳ ସହ ବୈଠକ କରି ଭୋଟର ତାଲିକା ପୁନରୀକ୍ଷଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବାକୁ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ କୁହାଯାଇଥିଲା। ବୈଠକରେ ଚାଲୁଥିବା ଜନଗଣନା କାର୍ଯ୍ୟର ଅଗ୍ରଗତି, ତଥ୍ୟ ସଂଗ୍ରହ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଜନଗଣନା ତଥ୍ୟ ସଠିକ ଭାବେ ସଂଗ୍ରହ ଓ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସମ୍ପାଦନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର କାର୍ଯ୍ୟାନ୍ୱୟନ, ଫସଲ ବୀମା ପରିସର, କୃଷକଙ୍କ ସମସ୍ୟା ଓ ଆବଶ୍ୟକ ପଦକ୍ଷେପ ନେଇ ମଧ୍ୟ ଆଲୋଚନା ହୋଇଥିଲା। କୃଷକମାନେ ଯେପରି ସଠିକ୍ ସମୟରେ ଫସଲ ବୀମାର ସୁବିଧା ପାଇପାରିବେ, ସେଥିପାଇଁ ବିଭାଗୀୟ ସମନ୍ୱୟ ଓ ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ନିର୍ବାଚନ ବିଭାଗର ଅଧିକାରୀଙ୍କ ସମେତ କୃଷି ବିଭାଗର ଅଧିକାରୀ ଓ ସମ୍ପୃକ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# କୃଷକ ଓ କୃଷିଜୀବୀ ମହିଳାଙ୍କ ତାଲିମ ଶିବିର

ଗରଦପୁର, ୮।୮ (ସମିସ): କେନ୍ଦ୍ରାପଡ଼ା କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଗରଦପୁର ବ୍ଲକ କୋରୁଆସ୍ଥ ଗରଦପୁର ଆଗ୍ରୋପ୍ରେସ ଫାରମର୍ସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ କାର୍ଯ୍ୟାଳୟ ପରିସରରେ କୃଷକ ଓ କୃଷିଜୀବୀ ମହିଳାଙ୍କ ନିମନ୍ତେ ଏକ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ସୁସ୍ମିତା ମହାନ୍ତି, କ୍ଷେତ୍ରବିଜ୍ଞାନୀ ଡ. ତାପସ ସାହୁ, ମୃତ୍ତିକା ଏକ୍ସପର୍ଟ ପ୍ରଭାତ ସାହୁ, ଗରଦପୁର ବ୍ଲକ୍ କୃଷି ଅଧିକାରୀ ଡ. ଗୌତମ ଦାସ, ଗରଦପୁର ଉଦ୍ୟାନ କୃଷି ଅଧିକାରୀ ଡ. ଶ୍ରୀରାମ ରତନ ପ୍ରଧାନ ପ୍ରମୁଖ ଯୋଗଦେଇ ଧାନ ଚାଷ ସମନ୍ୱିତ ଖାଦ୍ୟ ସାର ପରିଚାଳନା ଓ ଉନ୍ନତ ମାନର ନଳିତା ଚାଷ ପଦ୍ଧତି ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ପନିପରିବା ଚାଷରେ କିପରି ରୋଗ ପୋକ ନିୟନ୍ତ୍ରଣ କରାଯାଇ ଆଧୁନିକ ପ୍ରଣାଳୀରେ ଚାଷ କରାଯିବ, ସେ ବିଷୟରେ ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ରାସାୟନିକ ସାର ପ୍ରୟୋଗ ନ କରି ଜୈବିକ ପଦ୍ଧତିରେ ଚାଷ କଲେ ଅଧିକ ଲାଭବାନ ହୋଇପାରିବ ବୋଲି ଉପସ୍ଥିତ ବୈଜ୍ଞାନିକ ଓ ଅଧିକାରୀ ମତ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ସାନଅଢଙ୍ଗା, ବଙ୍ଗାଳପୁର, ତିକନପୁର, ରାମଚନ୍ଦ୍ରପୁର, ନଡିଆବରାଇ, କଳାବୁଦା, ବନ୍ତଳା ପଞ୍ଚାୟତର ବହୁ ଚାଷୀ ଓ ମହିଳା ଚାଷୀ ଯୋଗଦେଇ ତାଲିମ୍ ନେଇଥିବାବେଳେ ଆଗ୍ରୋପ୍ରେସ ନିର୍ଦ୍ଦେଶକ ହେମନ୍ତ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ରାଜକନିକା ବସ୍‌ଷ୍ଟାଣ୍ଡରେ ଚାରାରୋପଣ

ରାଜକନିକା, ୮।୮ (ସମିସ): ରାଜକନିକା ସଦର ବସ୍‌ଷ୍ଟାଣ୍ଡର ଭିତରେ ପାଚେରୀ କଡ଼ରେ ଆଜି ଓଲଟ ଦେବଦାରୁ, ସ୍ଥଳପଦ୍ମ, ଗୁଆ ଭଳି ଗଛ ଲଗାଇଛନ୍ତି ସ୍ୱେଚ୍ଛାସେବୀ ବିନୋଦ କୁମାର ନାୟକ। ପରିବେଶ ପାଇଁ ସମର୍ପିତ ଥିବା ବିନୋଦ ନିଜର ଅନୁଗତଙ୍କ ସହଯୋଗରେ ବସ୍‌ଷ୍ଟାଣ୍ଡରେ ୫୦ଟି ଗଛ ଲଗାଇଛନ୍ତି। ଏଭଳି କାର୍ଯ୍ୟ ପାଇଁ ବସ୍‌ଷ୍ଟାଣ୍ଡ କର୍ମଚାରୀ ଓ ସୁପରଭାଇଜର ବିନୋଦ ଓ ତାଙ୍କ ଟିମକୁ ସାଧୁବାଦ ଜଣାଇଛନ୍ତି।

# କେନାଲ ସଫେଇ କାମ ନିମ୍ନମାନର ଅଭିଯୋଗ

ଗରଦପୁର, ୮।୮ (ସମିସ): ଗରଦପୁର ବ୍ଲକ୍ ଭଗବାନପୁର ଗ୍ରାମ ଦେଇ ଯାଇଥିବା କେନାଲ ସଫେଇ ନିମ୍ନମାନର ହୋଇଥିବାବେଳେ ଦୁର୍ନୀତି ହୋଇଥିବା ନେଇ ଚାଷୀ ଅଭିଯୋଗ କରିଛନ୍ତି। ଏହି କେନାଲଟି ଅସୁରେଶ୍ୱର ଜଳସମ୍ପଦ ବିଭାଗ ଅଧୀନରେ ଥିବା ହେତୁ ଖାନନଗର ମାଇନର ସବ୍‌କେନାଲ ଭାବେ ଭଗବାନପୁର ସବ୍‌କେନାଲକୁ ସଫେଇ ଦାୟିତ୍ୱ ଉକ୍ତ ବିଭାଗ ନେଇଛି। ତେବେ ଏହି କେନାଲକୁ ସଫେଇ ନାମରେ ମାତ୍ର କେତେଜଣ ଶ୍ରମିକଙ୍କୁ ଡାକି ଘାସ କାଟି ଦେଇ ପଳାଇଯିବାକୁ ବସିଥିବା ସମୟରେ ଉକ୍ତ ଅଞ୍ଚଳର ଚାଷୀ ବିଜୟ ସାମଲଙ୍କ ସହ ଅନ୍ୟ ଚାଷୀ ସଫେଇ ଠିକ୍ ହେଉନାହିଁ ବୋଲି ଅଭିଯୋଗ କରି ସଫେଇ କାର୍ଯ୍ୟ ବନ୍ଦ କରିଥିଲେ। ଏହାଛଡା ଏହି କେନାଲ ଦେଇ ଯେଉଁ ପାଣି ଚାଷଜମିକୁ ଯାଏ, ସେଥିରେ ଭଗବାନପୁର, ଧାନମୁଣ୍ଡଳ, ସିଂଘାଳ ଗଜିପୁର ଇତ୍ୟାଦି ଗ୍ରାମର ଚାଷୀ ଉପକୃତ ହୋଇଥା'ନ୍ତି। ହେଲେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ମିଶି କେନାଲ ସଫେଇ ନାମରେ କେବଳ ଘାସ କାଟି ଆସିଥିବା ଅର୍ଥକୁ ଆତ୍ମସାତ କରିବା ଉଦ୍ଦେଶ୍ୟ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ବିଶ୍ୱଜିତ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ କାମ କରୁଛୁ, ଚାଷୀମାନେ କାହିଁକି ବିରୋଧ କରୁଛନ୍ତି ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ କେନାଲ ସଠିକ୍ ଭାବେ ସଫେଇ ନ ହେବା ହେତୁ ଚାଷଜମିକୁ ପାଣି ଆସୁନାହିଁ। ଫଳରେ ଧାନଚାଷ ବାଧାପ୍ରାପ୍ତ ହେଉଛି। ଏ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ପ୍ରସନଜିତ ଦାସଙ୍କୁ ପଚାରିବାରୁ ଏହି ଅଭିଯୋଗ ଉପରେ ମୁଁ ନିଜେ ଅନୁଧ୍ୟାନ କରିବି ବୋଲି କହିଛନ୍ତି।



## ଗଛ ମଣିଷ ଅନ୍ତର୍ଯ୍ୟାମୀ ବେଜ

# ପେଶାରେ ଶିକ୍ଷକ, ନିଶା ଗଛ ଲଗାଇବା

ପଟ୍ଟାମୁଣ୍ଡାଇ, ୮।୮ (ସମିସ)

ସମ୍ପ୍ରତି ପରିବେଶ ଅସନ୍ତୁଳନ ଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇ ବ୍ୟାପକ ଧନଜୀବନ ହାନି ଘଟିବା ସହିତ ସମଗ୍ର ପୃଥିବୀର ଅସ୍ତିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପରିବେଶ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ଲାଗି ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସରକାରୀ କାର୍ଯ୍ୟକ୍ରମ ସାଧାରଣରେ ପ୍ରଭାବ ପକାଇପାରୁନାହିଁ। ଫଳରେ ଅବାଧ ଗଛ କଟା ଯାଇ ପରିବେଶ ପାଇଁ ବିପଦ ସୃଷ୍ଟି କରାଯାଉଛି। ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ପରିବେଶ ସୁରକ୍ଷା ପାଇଁ ଆଗେଇ ଆସିଛନ୍ତି ପରିବେଶପ୍ରେମୀ କବି ଅନ୍ତର୍ଯ୍ୟାମୀ ବେଜ। ବିଗତ ୫ ବର୍ଷ ଧରି ସେ ନିଜ ଖର୍ଚ୍ଚରେ ବିଭିନ୍ନ ସ୍କୁଲ, କଲେଜ ସମେତ ବିଭିନ୍ନ ସ୍ଥାନରେ ସ୍କୁଲ ଛାତ୍ରଛାତ୍ରୀ ଓ ଲୋକଙ୍କୁ ସାଙ୍ଗରେ ନେଇ ବିଭିନ୍ନ ପ୍ରକାର ଗଛ ଲଗାଇ ଚାଲିଛନ୍ତି। ଯଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଲୋକମାନେ ତାଙ୍କୁ ଗଛ ମଣିଷ କହୁଛନ୍ତି। ପେଶାରେ ପ୍ରାଥମିକ ଶିକ୍ଷକ ହେଲେ ମଧ୍ୟ ଗଛ ଲଗାଇବା ଓ ପରିବେଶ ସଚେତନତାଧର୍ମୀ କବିତା ରଚନା କରିବା ତାଙ୍କର ନିଶାରେ ପରିଣତ ହୋଇଛି। ପରିବେଶ ସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି।

ଗଛ ମଣିଷ କବି ଶ୍ରୀ ବେଜଙ୍କ ପରିବେଶ ସୁରକ୍ଷା ଅଭିଯାନ ୧୯୯୬ରୁ ନିଜ ପିତା ଲଛମନ ବେଜଙ୍କ ପଦାଙ୍କ ଅନୁସରଣ କରି ବୃକ୍ଷରୋପଣ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ପ୍ରଥମେ ବାଡ଼ି ବଗିଚା ଓ ଗ୍ରାମ ରାସ୍ତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଜରିଆ ବଳଦେବ ସରକାରୀ ଉଚ୍ଚବିଦ୍ୟାଳୟ କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦାୟିତ୍ୱ ଗ୍ରହଣ କରିବା ପରେ କ୍ଲଷ୍ଟର ଅଧୀନରେ ବିଭିନ୍ନ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟ ହାତକୁ ନେବା ସହିତ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ମଣ୍ଡଳ ଶିକ୍ଷା ଅଧିକାରୀ, ପୂର୍ବତନ ଶିକ୍ଷାଧିକାରୀ, ଜିଲ୍ଲା ଏକୋ କ୍ଲବ ସଂଯୋଜକ ଓ ବିଭିନ୍ନ ଉଚ୍ଚ ପଦାଧିକାରୀଙ୍କୁ ଆମନ୍ତ୍ରଣ କରି ବିଭିନ୍ନ ସ୍ଥାନରେ ଜନସଚେତନତା ଶିବିର ଆୟୋଜନ କରିଛନ୍ତି। ପରିବେଶ ସମ୍ପର୍କୀୟ କବିତା ରଚନା କରି ନିଜ ବିଦ୍ୟାଳୟ, ବ୍ଲକସ୍ତରୀୟ ବନ ମହୋତ୍ସବ, ଜିଲ୍ଲାସ୍ତରୀୟ ବନମହୋତ୍ସବ, ପରିବେଶ ଦିବସ, ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ଦିବସ, ଜାତୀୟ ପକ୍ଷୀ ଦିବସରେ ସ୍ୱରଚିତ କବିତା ପଠନ କରିଆସୁଛନ୍ତି। ବିଦ୍ୟାଳୟ ସ୍ତରରେ ବିଭିନ୍ନ ଦିବସ ପାଳିତ ହେଉଥିବାରୁ କବିତା ମାଧ୍ୟମରେ "ଆମ ବିଦ୍ୟାଳୟ ଆମ ଦିବସ' ଏକ ପୁସ୍ତକ ରଚନା କରିଛନ୍ତି। ଏହା ରାଜ୍ୟ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଅନ୍ୟତମ ପୁସ୍ତକ "ଆମ ପରିବେଶ ଆମ ଦିବସ' ଜିଲ୍ଲାପାଳ ରଘୁରାମ. ଆର. ଆୟାରଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ୨୦୨୫ରେ ରାଜ୍ୟ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ପୁରସ୍କୃତ ହେବା ସହିତ ରାଜ୍ୟରେ ପରିବେଶ ସମ୍ପର୍କିତ ଅନେକ ଅନୁଷ୍ଠାନ ତାଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଛନ୍ତି। ଜିଲ୍ଲା ଇକୋ କ୍ଲବ ସାହାଯ୍ୟରେ ପଟ୍ଟାମୁଣ୍ଡାଇଠାରୁ ବାବର ପର୍ଯ୍ୟନ୍ତ ପ୍ରାୟ ୧୦୦୦୦ ତାଳ ମଞ୍ଜି ଜିଲ୍ଲା ଇକୋ କ୍ଲବ ସଂଯୋଜକ ଗୋପୀନାଥ ଦାଶ ଓ ବହୁ ପରିବେଶପ୍ରେମୀଙ୍କ ଗହଣରେ ରୋପଣ କରିଥିଲେ। ଗଛ ମଣିଷ ଅନ୍ତର୍ଯ୍ୟାମୀ ବେଜ ଶିକ୍ଷକତା କରୁଥିବା ମୂଳୁଗାଇଁ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସର ଓ ରାସ୍ତା କଡ଼ରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ଦେଇ ବିଭିନ୍ନ ମହଲରେ ପ୍ରଶଂସିତ ହୋଇଛନ୍ତି।



## ଲଗାଣ ବର୍ଷାରେ ବ୍ରାହ୍ମଣୀରେ ଦ୍ୱିତୀୟ ବନ୍ୟା

# ବ୍ୟାପକ ଅଞ୍ଚଳ ଜଳମଗ୍ନ, କୁମ୍ଭୀର ଆତଙ୍କ





**ସିଂହଗାଁ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ବାଲିପାଟଣା, ବଛରା, ତନୁପୁର ବିଚ୍ଛିନ୍ନ**

ପଟ୍ଟାମୁଣ୍ଡାଇ,୮।୮ (ସମିସ)

ବାରମ୍ବାର ଲଘୁଚାପଜନିତ ଲଗାଣ ବର୍ଷା ଓ ହେଙ୍ଗାଲି ପାଣି ଛାଡିବା ଯୋଗୁଁ ବ୍ରାହ୍ମଣୀ ଓ କାଣୀ ନଦୀରେ ଦ୍ୱିତୀୟ ବନ୍ୟା ଆସିଛି। ପଟ୍ଟାମୁଣ୍ଡାଇ ବ୍ଲକର ସବୁଠାରୁ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ସିଂହଗାଁ ପଞ୍ଚାୟତ ପୁଣି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁ ପଞ୍ଚାୟତର ସିଂହଗାଁ, କୃଷ୍ଣଦାସପୁର ରାଉଳିଆଡିଆ, ପାଣିସାଉଁଳିଆ ଆଦି ଅଞ୍ଚଳ ଓ ଚାଷଜମି ଜଳମଗ୍ନ ହୋଇପଡିଛି। ଅଳପୁଆ ପଞ୍ଚାୟତର ଗୋଜିଆକଣ, ବିଲମଲିକ ସାହି, ବେହେରା ସାହି, ମିଶ୍ରବାଗ ଶାସନ, ସେଠୀ ସାହି, ଜେନା ସାହି, ପାହାନ୍ତିସିଂହ ସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ଜେନା ସାହି, ବିଶ୍ୱାଳ ସାହି, ନାଥ ସାହି, ମଲିକ ସାହି, ଘାଗରାଡିଆ, ପେଣ୍ଠପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି, ଅଣ୍ଟରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡିଆ, ଜଗନ୍ନାଥପୁର, ଶାନ୍ତିପଡା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣା ଆଦି ଅଞ୍ଚଳ ସହିତ ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇଛି। ନିକଟରେ ପଟ୍ଟାମୁଣ୍ଡାଇ ଧୋୟାଅଞ୍ଚଳରେ କୁମ୍ଭୀର ଆକ୍ରମଣ ଘଟଣାରେ ଜଣେ ମହିଳା ଓ ଗତବର୍ଷ ୨ ଜଣଙ୍କ ମୃତ୍ୟୁ ଘଟିଥିବାରୁ ସମ୍ପ୍ରତି ବନ୍ୟା ବିପନ୍ନ ଅଞ୍ଚଳରେ କୁମ୍ଭୀର ଦେଖାଯାଉଥିବା ଖବର ମିଳିବା ପରେ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି।

ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ବିଭିନ୍ନ ଅଞ୍ଚଳ ଓ ଚାଷଜମି ଜଳମଗ୍ନ ହୋଇପଡ଼ିଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, କଷଣଅଣ୍ଟା, ତଳବାଲିପଡ଼ା, ସିଦ୍ଧପାଟଣା, ବଳଦେବନଗର, ତନୁପୁର, ନନ୍ଦିନୀନଗର, କାକୁଡିପଲ୍ଲୀ, ନୂଆଗାଁ ଅଳଭା, ଷଣ୍ଢପଲ୍ଲୀ ଆଦି ଅଞ୍ଚଳର ଚାଷ ଜମିରେ ବନ୍ୟା ଜଳ ପ୍ରବେଶ କରିଛି। ତନୁପୁର-ବାଲିପାଟଣା ରାସ୍ତା ବୁଡ଼ିଯାଇଥିବାରୁ ତନୁପୁର ବାଲିପାଟଣା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ବାଛରା-ମଣ୍ଡପଡ଼ା ରାସ୍ତା ବୁଡ଼ିଯାଇଥିବାରୁ ବାଛରା ମଣ୍ଡପଡା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ମାଳିପୁର ରାସ୍ତା ବୁଡ଼ିଥିବାରୁ ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ବାରମ୍ବାର ବନ୍ୟା ଫଳରେ ବ୍ୟାପକ ଫସଲ ହାନି ଆଶଙ୍କା ବଳବତ୍ତର ହୋଇଛି। ନିକଟରେ ଦେଖାଦେଇଥିବା ବନ୍ୟାରେ ସମସ୍ତ ଅଞ୍ଚଳରୁ ଜଳ ନିଷ୍କାସିତ ହୋଇ ନ ଥିବାବେଳେ ବ୍ରାହ୍ମଣୀ ଓ କାଣୀ ନଦୀରେ ଦ୍ୱିତୀୟ ବନ୍ୟା ସରକାର ଓ ପ୍ରଶାସନ ପାଇଁ ଆହ୍ୱାନ ସୃଷ୍ଟି କରିଛି।

## ଶୁଣିଲାନି ପ୍ରଶାସନ, ଚାଷୀଙ୍କ ମେଳି

# ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିବାକୁ ନିଷ୍ପତ୍ତି



**ରାଜନଗର,୮।୮ (ସମିସ):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ-ଗୁପ୍ତି କ୍ରିକ୍‌ର ଗୁପ୍ତି ନିକଟରେ ଚେକଡ୍ୟାମ ନିର୍ମାଣ ସରିଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇପାରୁନି। ଯାହାକୁ ନେଇ ୭ଟି ପଞ୍ଚାୟତର ଚାଷୀ ଜଳ ନିଷ୍କାସନ ନ ହେବାରୁ ମେଳି ବାନ୍ଧିଛନ୍ତି। ଏ ନେଇ ଗୁପ୍ତି ପଞ୍ଚାୟତ କାନଫୁଲିଆର ଶ୍ରୀଶ୍ରୀ ଆଖଣ୍ଡଳମଣି କଲ୍ୟାଣ ମଣ୍ଡପରେ ଗୁପ୍ତି, ଡେରା, ଭିତରଗଡ଼, କଣ୍ଡିରା ପ୍ରଭୃତି ପଞ୍ଚାୟତର ଚାଷୀ ସଭା କରିଥିଲେ। ବରିଷ୍ଠ ନାଗରିକ ମହେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଚାଷୀମାନେ ଏ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ଚେକ୍ ଡ୍ୟାମ କାର୍ଯ୍ୟକ୍ଷମ ନ ହେବାରୁ ପାଣି ନିଷ୍କାସନରେ ବାଧକ ହେବାରୁ ତମାମ ସାତୋଟି ପଞ୍ଚାୟତର ତଳି ନଷ୍ଟ ହୋଇଛି। ରବିବାର ଦିନ ଚେକ ଡ୍ୟାମ ନିକଟକୁ ଯାଇ ଚାଷୀମାନେ କ୍ଷେତ୍ର ଅନୁଧ୍ୟାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସମସ୍ତ ପଞ୍ଚାୟତର ଚାଷୀ ଯିବାକୁ ସ୍ଥିର ହୋଇଛି। ଆବଶ୍ୟକ ହେଲେ ଆସନ୍ତା ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିବାକୁ ସମସ୍ତେ ଯିବାକୁ ସ୍ଥିର ହୋଇଛି। ଏହି ସଭାରେ ସାଗର ପରିଡା, ଏକାଦଶୀ ବେହେରା, ଶରତ ପାତ୍ର, ଜନାର୍ଦ୍ଦନ ଗାଇନି, କିରିଟ ମଣ୍ଡଳ, ଗୋବିନ୍ଦ ମଣ୍ଡଳ, ସୁବ୍ରତ ରାଉତ, ନବକୃଷ୍ଣ ରାଉତ, କାଳୀପଦ ମଣ୍ଡଳ, ନିମାଇଁ ବାରିକ, ବାସୁଦେବ ମଣ୍ଡଳ, ଯାଦବ ମଣ୍ଡଳ, ବସୁଦେବ ସାମଲ, ପାଣ୍ଡବ ରାଉତ ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

**ଡେରାବିଶ, ୮।୮ (ସମିସ):** ଡେରାବିଶ ବ୍ଲକ୍ ବାଲିଆ ପଞ୍ଚାୟତ ଅନ୍ତର୍ଗତ ଜାଗୁଲେଇପଡ଼ା ଗ୍ରାମରେ ସାପ କାମୁଡ଼ାରେ ଶୁକ୍ରବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ଜାଗୁଲେଇପଡ଼ା ଗ୍ରାମର ଚର୍ତ୍ତୁଭୁଜ ଦାସ (୬୨) ଗତକାଲି ଅପରାହ୍ନରେ ତାଙ୍କ ଚାଷଜମିକୁ ଯାଇଥିବାବେଳେ ତାଙ୍କୁ କୌଣସି ଏକ ବିଷଧର ସାପ କାମୁଡ଼ିଥିଲା। ସେ ହଠାତ୍ କିଛି ଜାଣି ପାରି ନ ଥିଲେ। କିଛି ସମୟ ପରେ ଘରକୁ ଆସି ତାଙ୍କୁ ସାପ କାମୁଡ଼ିଥିବା ଜାଣିବାକୁ ପାଇଥିଲେ। ଅସୁସ୍ଥ ଅନୁଭବ କରି ପଡ଼ିଯାଇଥିଲେ। ପରିବାର ଲୋକ ତାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗତକାଲି ରାତି ହୋଇଯାଇଥିବାରୁ ଆଜି ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବାଲିଆ ସରପଞ୍ଚ ପ୍ରବୀର ସିଂ, ପୂର୍ବତନ ସମିତିସଭ୍ୟ ଶ୍ରୀମନ୍ତ ରାଉତରାୟ ପ୍ରମୁଖ ଶୋକସନ୍ତପ୍ତ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଥିଲେ।

## ସଞ୍ଜୀୟ ସ୍ୱାଇଁଙ୍କୁ ରତ୍ନପ୍ରଭା ସମ୍ମାନ



**ପଟ୍ଟାମୁଣ୍ଡାଇ,୮।୮ (ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ବରିଷ୍ଠ ବିଜେପି ତଥା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀୟ ସ୍ୱାଇଁଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୋଲକାତାରେ କଲଚରାଲ ଡେଭେଲପମେଣ୍ଟ କାଉନସିଲ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ନୃତ୍ୟ ଉତ୍ସବ ଓ ପୁରସ୍କାର ଉତ୍ସବରେ ରତ୍ନପ୍ରଭା ସମ୍ମାନରେ ସମ୍ମାନିତ କରାଯାଇଛି। ତୁଷାରକାନ୍ତି ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କୋଲକାତା କେପିସି ମେଡିକାଲ କଲେଜ ପ୍ରିନ୍ସପାଲ ଡା. କୁନାଲକାନ୍ତ ମଜୁମଦାର ମୁଖ୍ୟଅତିଥି, ଆଡଭୋକେଟ ରାଜଶ୍ରୀ ମୁଖାର୍ଜୀ ଓ ଅର୍ପିତା ଚାଟାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜସେବୀ ସଞ୍ଜୀୟ କୁମାର ସ୍ୱାଇଁଙ୍କୁ ରତ୍ନପ୍ରଭା ସମ୍ମାନରେ ସମ୍ମାନିତ କରିଥିଲେ। ସମ୍ପାଦକ ଡ. ଉପେନ୍ଦ୍ର ଶର୍ମା ମାନପତ୍ର ପାଠ କରିଥିଲେ। ସମାଜସେବୀ ଶ୍ରୀ ସ୍ୱାଇଁ ଗରିବ ଝିଅଙ୍କୁ ନେଇ ମାଗଣା ଗଣ ବିବାହ ସମେତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରି ପ୍ରଶଂସିତ ହୋଇଛନ୍ତି। ସମାଜସେବୀ ଶ୍ରୀ ସ୍ୱାଇଁ ରତ୍ନପ୍ରଭା ସମ୍ମାନରେ ସମ୍ମାନିତ ହୋଇଥିବାରୁ ପଟ୍ଟାମୁଣ୍ଡାଇ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ସୁଶାନ୍ତ ଦାସ, ଯୁବନେତା ପରେଶ ସାହୁ ସୂର୍ଯ୍ୟକାନ୍ତ ନାୟକ, ଜ୍ୟୋତି ପ୍ରକାଶ ପ୍ରଧାନ, ସୁକାନ୍ତ ଦାସ ଓ ଜଗନ୍ନାଥ ବିଶ୍ୱାସ ପ୍ରମୁଖ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ପାରିବାରିକ କଳହରୁ ବିଷପିଇ ମହିଳାଙ୍କ ଆତ୍ମହତ୍ୟା

**ମହାକାଳପଡ଼ା,୮।୮ (ସମିସ):** ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତ ଅନ୍ତର୍ଗତ ଲୁଣିମାଠିଆ ସବରପଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ପରେ ଦେବାନ ନାୟକଙ୍କ ସ୍ତ୍ରୀ ଝୁନି ବିଷପିଇ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଜାଣିବା ପରେ ଦେବାନ ତାଙ୍କୁ ତୁରନ୍ତ ରାମନଗର ଡାକ୍ତରଖାନାକୁ ନେଇଥିଲେ। ତେବେ ଝୁନିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ପରେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ଝୁନିଙ୍କୁ ମୃତ ଘୋଷଣା କରିଥିଲେ।



ଫଳରେ ଦୁଇ ସନ୍ତାନ ମାଆ ଛେଉଣ୍ଡ ହୋଇଛନ୍ତି। ରାମନଗର ଅଞ୍ଚଳର ଲୁଣିମାଠିଆ ସବରପଡ଼ା ଗ୍ରାମର ଦେବାନ ନାୟକ ୭ ବର୍ଷ ତଳେ ଝୁନି ଦେଙ୍କୁ ପ୍ରେମ ବିବାହ କରିଥିଲେ। ଉଭୟଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ଗତକାଲି ବିଳମ୍ବିତ ରାତିରେ କୌଣସି ଏକ କଥାକୁ ନେଇ ଦେବାନ ଓ ଝୁନିଙ୍କ ମଧ୍ୟରେ ଝଗଡ଼ା ହେବା ସହ ମାରପିଟ୍ ହୋଇଥିବା ଜଣାପଡ଼ିଛି। ଏହାପରେ ଝୁନି ବିଷପିଇ ଦେଇଥିବା ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା। ଏ ନେଇ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ପଠାଯାଇଛି। ଘଟଣାର ପ୍ରକୃତ କାରଣ ନେଇ ପୁଲିସ ତଦନ୍ତ ଜାରି ରଖିଛି।

## ଇନ୍ଦାଲୋ ପାଟରୁ ନିଷ୍କାସନ ହେଉନି ବର୍ଷାଜଳ

# ତଳି ଘେରା ଓ ରୁଆ ଧାନ ଉପରେ ୨ ଫୁଟର ପାଣି

**ବର୍ଷକର ଆହାର ନଷ୍ଟ ହେବା ନେଇ ଚିନ୍ତାରେ ଚାଷୀ**

**ଡେରାବିଶ, ୮।୮ (ସମିସ):** ଡେରାବିଶ ବ୍ଲକ୍ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଇନ୍ଦାଲୋ ପାଟରୁ ନିଷ୍କାସନ ହୋଇପାରୁନି ବର୍ଷାଜଳ। ଏବେ ଲଘୁଚାପଜନିତ ଲଗାଣ ବର୍ଷାରେ ଇନ୍ଦାଲୋ ପାଟରେ ତଳି ଘେରା ଓ ରୁଆ ଧାନ ଉପରେ ଦୁଇଫୁଟ ଉଚ୍ଚର ପାଣି ଜମି ରହିଛି। ଫଳରେ ଶହ ଶହ ଚାଷୀଙ୍କ ଭାତହାଣ୍ଡି ଏବେ ଉଜୁଡ଼ିଯିବାକୁ ବସିଛି। କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ବ୍ଲକ୍ ଅଧୀନ କେରିଲୋଠାରୁ ଆରମ୍ଭ କରି କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍‌ର ଯଅଁରାବାରିମୂଳ, ହରିଅଙ୍କ ଓ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଚକର ବର୍ଷାଜଳ ଓ କେନାଲ ଜଳ ଏହି ପାଟ ଦେଇ ବାଲିସାହି ନିକଟସ୍ଥ ସ୍ଲୁଇସ୍ ଗେଟ୍ ବାଟଦେଇ କରାଣ୍ଡିଆ ନଦୀକୁ ନିଷ୍କାସିତ ହୋଇଥାଏ। ଯଦି କରାଣ୍ଡିଆ ନଦୀରେ ଜଳପତନ ପାଟଜଳଠାରୁ ଅଧିକ ଉଚ୍ଚରେ ଥାଏ, ତେବେ ଏହି ଜଳ ଗରଦପୁର ବ୍ଲକ ଅନ୍ତର୍ଗତ ମାହାଳ ଜଗନ୍ନାଥ ମନ୍ଦିର କଡ଼ ଦେଇ ଯାଇଥିବା ପାଟନାଳୀ ବାଟ ଦେଇ ନିଷ୍କାସିତ ହୋଇଥାଏ। ଏବେ ମହାନଦୀ ସିଷ୍ଟମରେ ବନ୍ୟା ପାଣି ଥିବାରୁ ଏହା ଶାଖା କରାଣ୍ଡିଆ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ଏହି ବନ୍ୟାଜଳ ଆସନ୍ତା କିଛିଦିନ ଧରି ନଦୀରୁ କମିବାର ନାଁ ଧରୁନାହିଁ। ଫଳରେ ବାଲିସାହି ସ୍ଲୁଇସ୍ ଗେଟ୍ ବନ୍ଦ ହୋଇରହିଛି।

ଅପରପକ୍ଷରେ ମାହାଳ ବାଟଦେଇ ଯାଇଥିବା ପାଟନାଳୀ ସଠିକ ଭାବେ ସଫେଇ ଓ ଖୋଳାଯାଇ ନ ଥିବାରୁ ଏହି ବାଟଦେଇ ଇନ୍ଦାଲୋ ପାଟରୁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସିତ ହୋଇପାରୁନାହିଁ। ଯେଉଁଥିପାଇଁ ଏହି ପାଟରେ ଶତାଧିକ ଚାଷୀଙ୍କ ଜମିରେ ଏବେ ତଳିଘେରା ଓ ରୁଆ ଧାନ ପାଣିରେ ବୁଡ଼ି ରହିଛି। ଚାଷୀଙ୍କ କହିବା କଥା, ଯଦି ଏହି ପାଣି ଆଗାମୀ ଦୁଇ ତିନିଦିନ ମଧ୍ୟରେ ନିଷ୍କାସିତ ନ ହୁଏ; ତେବେ ଆମର ସମସ୍ତ ତଳିଘେରା ଓ ରୁଆ ଧାନ ପଚି ନଷ୍ଟ ହୋଇଯିବ। ଏଥିସହିତ ବର୍ଷାଜଳର ପରିମାଣ ବଢ଼ି ସ୍ଥାନୀୟ ଅଞ୍ଚଳରେ ପନିପରିବା ଫସଲ ନଷ୍ଟ ହେବାକୁ ବସିଲାଣି। ଏ ଖବର ପାଇବା ପରେ ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ଇନ୍ଦାଲୋ ପାଟରେ ବର୍ଷାଜଳରେ କ୍ଷତିଗ୍ରସ୍ତ ଚାଷୀଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ଆଶ୍ୱାସନା ଦେବା ସହିତ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଏହାର ସମାଧାନ ନିମନ୍ତେ ଡେରାବିଶ ବ୍ଲକ୍ କୃଷି ଅଧିକାରୀ, ତହସିଲଦାର ଓ ଉଦ୍ୟାନ କୃଷି ଅଧିକାରୀଙ୍କୁ ଅବଗତ କରିଥିଲେ। ଚାଷୀ ବାଲିସାହିର ସ୍ଲୁଇସ୍ ଗେଟ୍ ସଠିକ୍ ଭାବେ କାମ କରୁ ନ ଥିବା ମଧ୍ୟ ଅଭିଯୋଗ କରିଥିଲେ। ଶ୍ରୀ ପରିଡ଼ା ଡ୍ରେନେଜ୍ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରି ଚାଷୀଙ୍କ ସମସ୍ୟା ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ସୋମବାର ଦିନ ଇନ୍ଦାଲୋ ପାଟ ନିକଟରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବେ ବୋଲି ପ୍ରକାଶ କରିଛନ୍ତି।

## ଧସିଲା ରାସ୍ତା, ଓଲଟିଲା ତେଲ ଟ୍ୟାଙ୍କର

**ବର୍ଷାରେ ବ୍ରିଜ ଭାସିଯାଉଛି, କଂକ୍ରିଟ ୱାଲ ଭୁଶୁଡିପଡୁଛି; ପିଚୁ ରାସ୍ତା ଧସିବା ବଡ଼ କଥା ନୁହେଁ: ଯନ୍ତ୍ରୀ**

**ରାଜନଗର , ୮।୮ (ସମିସ):** ମାସେ ତଳେ ନିର୍ମାଣ ସାରିଥିବା ରାସ୍ତା ଧସିବାରୁ ତେଲ ବୋଝେଇ ଟ୍ୟାଙ୍କର ରାସ୍ତା ତଳକୁ କେନାଲ ମଧ୍ୟକୁ ଓଲଟି ପଡ଼ିଛି। ଡ୍ରାଇଭର ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଟ୍ୟାଙ୍କର ଓଲଟି କେନାଲ ମଧ୍ୟରେ ତେଲ ଲିକ୍ ହେବା ଦ୍ୱାରା ଭିତରକନିକାର ଜୈବ ବିବିଧତା ପ୍ରତି ବିପଦ ଦେଖାଦେଇଛି।

ଆଜି ସକାଳେ ଖୋଲାରୁ ଡାଙ୍ଗମାଳ ଜଙ୍ଗଲ ପାଖ ରାସ୍ତାରେ ଏକ ଘରୋଇ କମ୍ପାନୀର ପେଟ୍ରୋଲ ବୋଝେଇ ଟ୍ୟାଙ୍କର ଯାଉଥିଲା। ରାଜେନ୍ଦ୍ର ନାରାୟଣପୁର ଗାଁ ନିକଟରେ ରାସ୍ତାରେ ଷଣ୍ଢ ଶୋଇଥିବାରୁ ଷଣ୍ଢକୁ କାଟି ଯାଉଥିବାବେଳେ ହଠାତ ଏକମାସ ତଳେ ନିର୍ମାଣ ହୋଇଥିବା ପିଚୁ ରାସ୍ତା ଧସିଯାଇଥିଲା। ରାସ୍ତା ଧସିବାରୁ ଭାରସାମ୍ୟ ହରାଇ ତେଲ ବୋଝେଇ ଟ୍ୟାଙ୍କର ରାସ୍ତା କଡ଼ରେ ଥିବା କେନାଲ ମଧ୍ୟକୁ ଓଲଟିପଡିଥିଲା। ସ୍ଥାନୀୟ ଲୋକେ ଓଲଟି ପଡ଼ିଥିବା ଟ୍ୟାଙ୍କର ମଧ୍ୟରୁ ଡ୍ରାଇଭରଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ଟ୍ୟାଙ୍କର ଓଲଟି ପଡ଼ିବା ପରେ ଟ୍ୟାଙ୍କର ଲିକ୍ ହୋଇ କେନାଲ ମଧ୍ୟକୁ ପେଟ୍ରୋଲ ବାହାରୁଥିବା ଦେଖିବାକୁ ମିଳିଛି। କେନାଲ



ସେପଟେ ଭିତରକନିକା ଜାତୀୟ ଉଦ୍ୟାନ ଓ କେନାଲ ଭିତରକନିକା ସହିତ ସଂଯୋଗ କରୁଥିବାରୁ ଭିତରକନିକା ପ୍ରତି ବିପଦ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ରାସ୍ତା କାମ ନିମ୍ନମାନର ଯୋଗୁଁ ରାସ୍ତା ଧସି ଏପରି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ନିର୍ମାଣ କାମ ୬ ମାସ ମଧ୍ୟରେ ସରିବା କଥା। ମାତ୍ର ୩ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ରାସ୍ତାକାମ ଅତି ନିମ୍ନମାନର ହୋଇଥିବାରୁ ଖୋଲା ଓ ଡାଙ୍ଗମାଳ ନିକଟରେ ରାସ୍ତାରେ ଜାଣିଶୁଣି ଦୁଇଟି ଖାଲ ଦୀର୍ଘଦିନ ହେବ ରଖାଯାଇଛି। ରାସ୍ତାରେ ବଡ଼ ଗାଡ଼ି ଗଲେ ରାସ୍ତା ଦୁର୍ନୀତି ଧରାପଡିଯିବ ବୋଲି ଆଜି ଯାଏଁ ଗର୍ତ୍ତ ମରାମତି କରାଯାଉନାହିଁ। ଆଜି ତେଲ ବୋଝେଇ ଟ୍ୟାଙ୍କର ଯିବାବେଳେ ରାସ୍ତା ଧସେଇ ପଡିବା ଏହାର ପ୍ରମାଣ ବୋଲି କୁହାଯାଉଛି। ଏ ସମ୍ପର୍କରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳଙ୍କୁ ପଚାରିବାରୁ ବର୍ଷାରେ ରାସ୍ତାଘାଟ ସବୁ ନଷ୍ଟ ହୋଇଗଲାଣି। ବର୍ଷାରେ ବ୍ରିଜ ଭାସିଯାଉଛି, କଂକ୍ରିଟ ୱାଲ ଭୁଶୁଡି ପଡୁଛି। ପିଚୁ ରାସ୍ତା ଧସିଯିବା ବଡ଼ କଥା ନୁହେଁ ବୋଲି କହିଛନ୍ତି। ଆଜିଯାଏଁ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ରାସ୍ତା ଧସିବା, ଟ୍ୟାଙ୍କର ଓଲଟିବା ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବୟାନ ଆଲୋଡନ ସୃଷ୍ଟି କରିଛି।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ



**ପଞ୍ଚୁପାଣ୍ଡବ,୮।୮ (ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ କମଳାକାନ୍ତ ସାହୁଙ୍କ ସଭାପତିତ୍ୱରେ ୧୭ଟି କ୍ଲଷ୍ଟରର ସମସ୍ତ ସାଧନ କେନ୍ଦ୍ର ସଂଯୋଜକ ଓ ଭଗବତୀ କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଭଗବତୀ କ୍ଲଷ୍ଟରରେ ଦୀର୍ଘଦିନ ଧରି ସୁଚାରୁରୂପେ ଦାୟିତ୍ୱ ତୁଲାଇଥିବା ସିଆରସିସି ମାମୁନି ସିଂଙ୍କୁ କ୍ଲଷ୍ଟର ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ଯୁଗଜ୍ୟୋତି ସାଧନ କେନ୍ଦ୍ରର ପୂର୍ବତନ ସିଆରସିସି ସୁଜାତା ନାୟକ ଓ ଅବସର ନେଇଥିବା ଏବିଇଓ ସଚ୍ଚିକାନ୍ତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ମଦନମୋହନ କର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୋଡାଲ ସିଆରସିସି ସୁବାସ ଚନ୍ଦ୍ର ପଣ୍ଡା, ଏବିଇଓ ଖଗେଶ୍ୱର ନାୟକ ଓ ଦେବଦତ୍ତ ଶତପଥୀ ଯୋଗ ଦେଇଥିଲେ। ସିଆରସିସି ହରେକୃଷ୍ଣ କର ପରିଚାଳନା କରିଥିବାବେଳେ ବରିଷ୍ଠ ପ୍ରଧାନଶିକ୍ଷକ ହୃଷିକେଶ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଶତ୍ରୁଘ୍ନ ମଲିକ, ଉର୍ମିଳା ସାହୁ, ପୂର୍ଣ୍ଣିମା ମିଶ୍ର ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ହାଟସାହି ହାଇସ୍କୁଲର ପ୍ରଥମ ପ୍ରଧାନଶିକ୍ଷକଙ୍କ ପରଲୋକ



**ରାଜକନିକା,୮।୮ (ସମିସ):** ହାଟସାହି ହାଇସ୍କୁଲର ପ୍ରଥମ ପ୍ରଧାନଶିକ୍ଷକ ଉପେନ୍ଦ୍ର ବେଉରିଆଙ୍କ ୮୮ ବର୍ଷ ବୟସରେ ପରଲୋକ ଘଟିଛି। ସେ ସମଗ୍ର ହାଟସାହି ଅଞ୍ଚଳର ଜଣେ ଦୂରଦର୍ଶୀ ଶିକ୍ଷାବିତ୍, ସମାଜସେବୀ ଓ ପ୍ରେରଣାଦାୟକ ବ୍ୟକ୍ତିତ୍ୱ ଥିଲେ। କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକଛାୟା ଖେଳିଯାଇଛି। ହାଟସାହି ଅଞ୍ଚଳରେ ଶିକ୍ଷାର ପ୍ରଚାର ଓ ପ୍ରସାର ଦିଗରେ ତାଙ୍କର ଅବଦାନ ଅବିସ୍ମରଣୀୟ । ତାଙ୍କ ନିଷ୍ଠା, ଅକ୍ଲାନ୍ତ ପରିଶ୍ରମ ଓ ସୁଦୂରପ୍ରସାରୀ ଚିନ୍ତାଧାରାର ଫଳସ୍ୱରୂପ ହାଟସାହି ବି.ଆର୍. ସାଇନ୍ସ କଲେଜ ଓ ହାଟସାହି ହାଇସ୍କୁଲ ସ୍ଥାପନ କରିଥିଲେ। ଯାହା ଆଜି ହାଟସାହି ଅଞ୍ଚଳର ଅସଂଖ୍ୟ ଛାତ୍ରଛାତ୍ରୀଙ୍କ ଜୀବନକୁ ଆଲୋକିତ କରୁଛି। ସେ ହାଟସାହି ହାଇସ୍କୁଲର ପ୍ରଥମ ପ୍ରଧାନଶିକ୍ଷକ ନୁହଁନ୍ତି, ବରଂ ଜଣେ ଆଦର୍ଶ ଗୁରୁ, ମାର୍ଗଦର୍ଶକ ଓ ମୂଲ୍ୟବୋଧର ପ୍ରତୀକ ଥିଲେ। ତାଙ୍କ ଶେଷ ଦର୍ଶନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଅମର ଆତ୍ମାର ସଦଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଗାଁ ମଶାଣିରେ ଶେଷକୃତ୍ୟ ହୋଇଥିବାବେଳେ ବଡ଼ପୁଅ ବିଜ୍ଞନ କୁମାର ବେଉରିଆ ମୁଖାଗ୍ନି ଦେଇଥିଲେ।

## ଜିଲ୍ଲାର ବରିଷ୍ଠ ଫଟୋଗ୍ରାଫର ଅଶୋକ ସମ୍ବର୍ଦ୍ଧିତ

**ଡେରାବିଶ, ୮।୮ (ସମିସ):** ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ଇଷାଣଦିଆ ଗ୍ରାମର ଅଶୋକ କୁମାର ସାହୁ ଜିଲ୍ଲାର ବରିଷ୍ଠ ଫଟୋଗ୍ରାଫର ଭାବେ ସମ୍ବର୍ଦ୍ଧିତ ହୋଇଛନ୍ତି। ଫଟୋଗ୍ରାଫର୍ସ ମହାସଂଘ ଓଡ଼ିଶା ପକ୍ଷରୁ କଟକରେ ଆୟୋଜିତ ଏହାର ପ୍ରଥମ ବାର୍ଷିକ ଉତ୍ସବରେ ସଂଘର ସଭାପତି ସଞ୍ଜୟ କୁମାର ରଥ, ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ଓ କଟକ ଜିଲ୍ଲାପାଳ ଦତାତ୍ରୟ ସିନ୍ଧେ ଉପସ୍ଥିତ ରହି ଶ୍ରୀ ସାହୁଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାର ବରିଷ୍ଠ ଫଟୋଗ୍ରାଫର ଭାବେ ସମ୍ବର୍ଦ୍ଧିତ କରିଥିଲେ।

## ଅଙ୍ଗୁଳାଇ-ଓରତ ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା



**ମହାକାଳପଡ଼ା, ୮।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଅଙ୍ଗୁଳାଇ-ଓରତ ପୂର୍ତ୍ତ ବିଭାଗ ରାସ୍ତା ଏବେ ଯାତ୍ରୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ରାସ୍ତା ସାରା ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବାରୁ ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିଛି। ଏହି ଖାଲରେ ପଡ଼ି ବାରମ୍ବାର ଯାତ୍ରୀ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ଉପରେ ଯାତ୍ରୀବାହୀ ବସ୍, ମାଲବାହୀ ଗାଡ଼ି ସମେତ ହଜାର ହଜାର ଲୋକ ନିର୍ଭରଶୀଳ। ତେବେ ରାସ୍ତାର ଏଭଳି ଦୁରବସ୍ଥା ସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ନଜର ନ ପଡ଼ିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଅବହେଳା ଯୋଗୁଁ ରାସ୍ତା ନିର୍ମାଣର ଅଳ୍ପଦିନ ମଧ୍ୟରେ ନଷ୍ଟ ହୋଇଯାଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଥିଲେ ମଧ୍ୟ ଏହାର ସ୍ଥାୟୀ ମରାମତି ପାଇଁ ବିଭାଗୀୟ ତତ୍ପରତା ଦେଖାଯାଉନାହିଁ। ଫଳରେ ବାଧ୍ୟ ହୋଇ ସ୍ଥାନୀୟ ଲୋକେ ମଝିରେ ମଝିରେ ନିଜସ୍ୱ ଉଦ୍ୟମରେ ଖାଲ ପୂରଣ କରୁଥିବା ଦେଖିବାକୁ ମିଳୁଛି। ଏମିତି ଲାଗୁଛି ଯେମିତି ବିଭାଗୀୟ ଅଧିକାରୀ ନାହିରେ ତେଲ ଦେଇ ଶୋଇ ପଡିଛନ୍ତି। ଆଉ କେତେ ଜନଜୀବନ କ୍ଷତିଗ୍ରସ୍ତ ହେଲେ ବିଭାଗର ନିଦ ଭାଙ୍ଗିବ ବୋଲି ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତାର ମରାମତି କରାଯାଇ ଯାତାୟାତକୁ ସୁରକ୍ଷିତ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ

# ମାଆ କ୍ଷୀରର ବିକଳ୍ପ ନାହିଁ, ୬ ମାସ କେବଳ ସ୍ତନ୍ୟପାନ

କେନ୍ଦ୍ରାପଡ଼ା,୮।୮ (ସମିସ)



**୨ ବର୍ଷ ଯାଏଁ ଜାରି ରଖିବାକୁ ପରାମର୍ଶ**

ନବଜାତ ଶିଶୁ ପାଇଁ ମାଆ କ୍ଷୀର ଅମୃତ ସମାନ। ଶିଶୁର ସୁସ୍ଥ ବିକାଶ ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ମାଆ କ୍ଷୀରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାଆମାନଙ୍କ ମଧ୍ୟରେ ସ୍ତନ୍ୟପାନ ନେଇ ସଚେତନତା ବୃଦ୍ଧି ଲକ୍ଷ୍ୟରେ କେନ୍ଦ୍ରାପଡ଼ାରେ ଜିଲ୍ଲାସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଛି।

କେନ୍ଦ୍ରାପଡ଼ା ପୁରୁଣା ମେଡିକାଲ ପରିସରସ୍ଥ ସମ୍ମିଳନୀ ଗୃହରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନମିତା ପଟ୍ଟନାୟକଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଗଷ୍ଟ ୧ରୁ ୭ ପର୍ଯ୍ୟନ୍ତ ପାଳିତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାଆ କ୍ଷୀରର ଉପକାରିତା, ସଠିକ୍ ସ୍ତନ୍ୟପାନ ପଦ୍ଧତି ଓ ଶିଶୁର ବିକାଶରେ ଏହାର ଭୂମିକା ନେଇ ଆଲୋଚନା ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ବିଶେଷଜ୍ଞ ଡାକ୍ତର ସୁଲଗ୍ନା ନେଗି ଜନ୍ମ ପରେ ଯଥାଶୀଘ୍ର ଶିଶୁକୁ ସ୍ତନ୍ୟପାନ କରାଇବାକୁ ପରାମର୍ଶ ଦେଇଥିଲେ। ଶିଶୁ ଜନ୍ମର ପ୍ରଥମ ୬ ମାସ ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ଦେବା, ଅତି କମ୍‌ରେ ଦୁଇ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ ଜାରି ରଖିବାର ଗୁରୁତ୍ୱ ସେ ବୁଝାଇଥିଲେ। ସରକାରୀ ଏଏନ୍‌ଏମ୍ ତାଲିମ କେନ୍ଦ୍ର ଓ ତୁଳସୀ ନର୍ସିଂ କଲେଜର ଛାତ୍ରୀ ଏକକ ଅଭିନୟ ମାଧ୍ୟମରେ ସ୍ତନ୍ୟପାନର ଉପକାରିତା ଓ ଏହାର ଅଭାବରୁ ଶିଶୁଙ୍କ ଉପରେ ପଡୁଥିବା ପ୍ରଭାବକୁ ନେଇ ସଚେତନତା ସୃଷ୍ଟି କରିଥିଲେ। ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡିପିଏମ୍ ଡାକ୍ତର ମନୋରଞ୍ଜନ ସାହୁ, ଅନୁଜା ନାୟକ ଓ ଜ୍ୟୋତିର୍ମୟୀ ପଟ୍ଟନାୟକ ପ୍ରମୁଖ ସ୍ତନ୍ୟପାନର ସଠିକ୍ ପଦ୍ଧତି ନେଇ ମତ ରଖିଥିଲେ। ଏ ଅବସରରେ ଶିଶୁଙ୍କୁ ୬ ମାସ ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ଦେଇଥିବା ସହରାଞ୍ଚଳର ପାଞ୍ଚଜଣ ମାଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଚେତନତାମୂଳକ ଏକକ ଅଭିନୟ ପାଇଁ ନର୍ସିଂ ଛାତ୍ରୀଙ୍କୁ ମଧ୍ୟ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନର୍ସିଂ ଅଫିସର, ଏଏନ୍‌ଏମ୍, ଆଶା କର୍ମୀ, ପୁଷ୍ଟି ପୁନର୍ବାସ କେନ୍ଦ୍ର କର୍ମଚାରୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲାସ୍ତରୀୟ କର୍ମଚାରୀ ଯୋଗ ଦେଇଥିଲେ। ଡେପୁଟି ମ୍ୟାନେଜର ଡାକ୍ତର ସୁକାନ୍ତ କୁମାର ପ୍ରଧାନ ସଂଯୋଜନା କରିଥିବାବେଳେ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭ ନାରାୟଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ

ଉଦଳା, ୮।୮ (ସମିସ): ଜଣେ ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ କରିବା ଓ ଦୁଷ୍କର୍ମ ବେଳର ଭିଡିଓ ଭାଇରଲ କରିବା ଅଭିଯୋଗରେ ଯୁବକ ଗିରଫ ହୋଇଛି। ଉଦଳା ଥାନା ଅଞ୍ଚଳରେ ଘଟିଛି ଏଭଳି ଏକ ଲଜ୍ଜାଜନକ ଘଟଣା। ଉଦଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ କୁନା ସିଂ ନାମକ ଯୁବକ ଅପହରଣ କରି

**ଭିଡିଓ ଭାଇରାଲ୍ କରି ଯୁବକ ଗିରଫ**

ନେଇଥିବା ନେଇ ନାବାଳିକାର ପରିବାର ଲୋକେ ଉଦଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଉକ୍ତ ନାବାଳିକାଙ୍କୁ ଅପହରଣ କହିଥିବା ଯୁବକ କୁନା ସିଂଙ୍କ ସମ୍ପର୍କୀୟଙ୍କ ଘର କୁଳିଅଣାରୁ ନାବାଳିକାଙ୍କୁ ପୁଲିସ ଉଦ୍ଧାର କରିଥିଲା। ନାବାଳିକାଙ୍କୁ ପଚରାଉଚରା ପରେ ଯୁବକ କୁନା ସିଂ ଅପହରଣ ପରେ ଦୁଷ୍କର୍ମ କରିବା ଓ ଦୁଷ୍କର୍ମ ଭିଡିଓ ଭାଇରଲ କରିଥିବା ପୁଲିସ ଜାଣିବାକୁ ପାଇଥିଲା। ଏହାପରେ ପୁଲିସ ସମ୍ପୃକ୍ତ ଯୁବକ କୁନା ସିଂକୁ ଗିରଫ କରି କୋର୍ଟ



ଚାଲାଣ କରିଛି। ଅଭିଯୁକ୍ତ ଯୁବକ କରିଥିବା ଆପତ୍ତିଜନକ ଭିଡିଓ ଏବେ ମୋବାଇଲରୁ ମୋବାଇଲ ଘୁରି ବୁଲୁଛି। ସେପଟେ ନାବାଳିକାଙ୍କ ବାପା ଅଭିଯୁକ୍ତ କୁନା ସିଂର ସମ୍ପର୍କୀୟ ନାବାଳିକାଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ କରିଛନ୍ତି।

■ ଘରୋଇ ଆବାସିକ କଲେଜରେ ଝାଡ଼ାବାନ୍ତି

# ସୋୟାବିନ ତରକାରୀ ଖାଇ ୨୦ ଅସୁସ୍ଥ

ରାସଗୋବିନ୍ଦପୁର, ୮।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଚିଞ୍ଚଳଗଡ଼ିଆସ୍ଥ ଶ୍ରୀଅରବିନ୍ଦ ରେସିଡେନ୍ସିଆଲ କଲେଜରେ ସୋୟାବିନ ବଡ଼ି ତରକାରୀ ଖାଇ ୨୦ରୁ ଅଧିକ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ବସ୍ତା ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗତକାଲି ରାତିରେ କଲେଜ ହଷ୍ଟେଲରେ ଛାତ୍ରଛାତ୍ରୀ ସୋୟାବିନ ବଡ଼ି ତରକାରୀ ସହ ଭାତ ଖାଇଥିଲେ। ରାତି ଅଧରେ କେତେକ ଛାତ୍ରଛାତ୍ରୀଙ୍କ ବାନ୍ତି ହୋଇଥିଲା। ସେମାନଙ୍କୁ ମେଡିକାଲ ନିଆଯାଇ ଚିକିତ୍ସା କରାଯାଇଥିଲା। ପରେ ଭୋର ସମୟରେ ୮ ଜଣ ଛାତ୍ରଛାତ୍ରୀଙ୍କୁ ବସ୍ତା ମେଡିକାଲକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ବର୍ତ୍ତମାନ ୭ ଜଣ ଛାତ୍ରଛାତ୍ରୀ ଭବାନୀ ଶଙ୍କର ମହାନ୍ତ, ଉଦୟ କିସ୍କୁ, ରବୀନ୍ଦ୍ର ସୋରେନ, କିସୁନ ହେମ୍ବ୍ରମ, ବାସନ୍ତୀ ସିଂହ, ଭାଗ୍ୟଜ୍ୟୋତି ମହାନ୍ତି, ହେମାଙ୍ଗିନୀ ମହାନ୍ତି ଗୁରୁତର ଅସୁସ୍ଥ ଅଛନ୍ତି। ତେବେ ଘଟଣାକୁ ନେଇ କଲେଜ କର୍ତ୍ତୃପକ୍ଷଙ୍କ ଭୂମିକା ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ଘଟଣା ସମ୍ପର୍କରେ ପ୍ରତିକ୍ରିୟା ନେବାକୁ ଗଣମାଧ୍ୟମ ପ୍ରତିନିଧି କଲେଜରେ ପହଞ୍ଚିଥିବାବେଳେ କଲେଜ ପକ୍ଷରୁ କୌଣସି ଅଧିକାରୀ ସାମ୍ନାକୁ ଆସି ନ ଥିଲେ। ଜଣେ ୱାର୍ଡେନ୍ ମଧ୍ୟ ପ୍ରତିକ୍ରିୟା ନ ଦେଇ ଚାଲିଯାଇଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କୁ ଅସୁସ୍ଥ ଛାତ୍ରଛାତ୍ରୀଙ୍କ ସହ ଦେଖା କରିବାକୁ ଅନୁମତି ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ଡାକ୍ତରଙ୍କ କହିବା ଅନୁଯାୟୀ ଅସୁସ୍ଥ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତେବେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିକୁ ନେଇ ହସ୍ପିଟାଲରୁ ଛାତ୍ରଛାତ୍ରୀଙ୍କୁ ଲୁଚାଛପାରେ ନେଇଯିବା ଘଟଣାକୁ ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି। ଘଟଣାର ପ୍ରକୃତ କାରଣ କ'ଣ ଓ ଖାଦ୍ୟରେ କୌଣସି ତ୍ରୁଟି ଥିଲା କି ନାହିଁ, ତାହାର ତଦନ୍ତ ଦାବି ହୋଇଛି। ଖାଦ୍ୟର ନମୁନା ପରୀକ୍ଷା କରିବା ସହ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ଅଭିଭାବକ ମହଲରେ ଦାବି ହୋଇଛି। ଅନ୍ୟପକ୍ଷରେ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଚାହୁଁ ନ ଥିବାରୁ ବାହାନା କରୁଥିବା ଓ ପିତ୍ତ ବାନ୍ତି ହେଉଥିବା କଲେଜ କର୍ତ୍ତୃପକ୍ଷ କହୁଥିବା ଜଣାପଡ଼ିଛି।

# କେବୁଲ ଅପରେଟରଙ୍କୁ ହତ୍ୟା; ଧରମଭଉଣୀ ଅଟକ

ଭଦ୍ରକ/ତିହିଡ଼ି, ୮।୮ (ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ମିର୍ଜାପୁର ପାତ୍ରସାହିରେ ଜଣେ କେବୁଲ ଅପରେଟରଙ୍କ ମୃତ୍ୟୁକୁ ନେଇ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଏହି ଘଟଣାରେ ପୁଲିସ ମୃତକଙ୍କ ଜଣେ ଧରମ ଭଉଣୀଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି। ଘଟଣାଟି ସଙ୍ଗୀନ ହୋଇଥିବାରୁ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରି ଫେରିଯାଇଛି ଏବଂ ସନ୍ଦେହରେ ଥିବା ଧରମ ଭଉଣୀଙ୍କ ଲାଏ ଡିଟେକ୍ସନ ଟେଷ୍ଟ କରାଯିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

ସୂଚନା ମୁତାବକ, ତିହିଡ଼ି ଥାନା ଅଧୀନ ତାଳପଦା ଗ୍ରାମର ସ୍ୱର୍ଗତ ନାରାୟଣ ଦାସଙ୍କ ପୁଅ ଭରତ ଚନ୍ଦ୍ର ଦାସ (୩୧) କେବୁଲ ଅପରେଟର ଭାବେ କାମ କରନ୍ତି। ସେ ତିହିଡ଼ି ମିର୍ଜାପୁର ପାତ୍ରସାହିରେ ଏକ ଭଡ଼ା ଘରେ ରହି ଆସୁଥିଲେ। ଗୁରୁବାର ରାତିରେ ସେ ଭଡ଼ା ଘରେ ମଧ୍ୟ ଥିଲେ। ଶୁକ୍ରବାର ଅପରାହ୍ଣ ପର୍ଯ୍ୟନ୍ତ ଘରୁ ବାହାରି ନ ଥିବାରୁ ଲୋକଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ତାଙ୍କର ମୃତଦେହ ଦେଖିବାକୁ ପାଇଥିଲା। ପରେ ପରିବାର ଲୋକେ ଆସିଥିଲେ। ମୃତ୍ୟୁକୁ ନେଇ ନାନାପ୍ରକାର ସନ୍ଦେହ ଉପୁଜିଥିଲା। ପୁଲିସ ଶବକୁ ଜବତ କରିବା ସହ ମୃତକଙ୍କ ମାଆ ଲକ୍ଷ୍ମୀପ୍ରିୟା ଦାସଙ୍କ ଏତଲା କ୍ରମେ ଏକ ହତ୍ୟା ମାମଲା ୩୨୭/୨୬, ଦଫା ୧୦୩(୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ସକାଳେ ସାଇଣ୍ଟିଫିକ୍ ଟିମ୍ ଓ ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ସାହୁଙ୍କ ପକ୍ଷରୁ ତଦନ୍ତ କରାଯିବା ସହ ଶବର ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଥିଲା। ଆଇଆଇସି ଲୋପାମୁଦ୍ରା ନାୟକ ଓ ଆଇଓ ଭାବେ ଏସ୍‌ଆଇ ଦୀପ୍ତିମଞ୍ଜୁର ବଡ଼ଜେନାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଶୋକାକୁଳ ପରିବେଶରେ ଭରତଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

**ସମ୍ବଲପୁରରେ ବିଜେଡି କର୍ମୀଙ୍କୁ ଅଟକ ଘଟଣା**

# ପୁଲିସକୁ ଗୁଣ୍ଡା ସଜାଇଛି ବିଜେପି ସରକାର: ବିଜେଡି

ଭୁବନେଶ୍ୱର, ୮।୮ (ସମିସ): ବିଜେପି ସରକାର ପୁଲିସ ପ୍ରଶାସନକୁ ହାତବାରିସି କରି ଗଣତାନ୍ତ୍ରିକ ଆନ୍ଦୋଳନ ଓ ପ୍ରଦର୍ଶନକୁ ଚପାଇ ଦେବାକୁ ଅପଚେଷ୍ଟା କରୁଛି। ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ପୁଲିସ ଗୁଣ୍ଡା ଭଳି ବ୍ୟବହାର କରି ବିଜେଡି କର୍ମୀଙ୍କୁ ଉଠାଇ ଥାନାରେ ଅଟକ ରଖିଛନ୍ତି। ଯାହାକୁ ନେଇ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ପୂଜାରୀ କହିଛନ୍ତି ଯେ ସାଂସଦ ଶ୍ରୀ ପ୍ରଧାନ ନିଜ ସଂସଦୀୟ କ୍ଷେତ୍ରର କାର୍ଯ୍ୟକ୍ରମକୁ ଯୋଗ ଦେବାକୁ ଯାଉଥିବା ବେଳେ ବିରୋଧକୁ ଭୟ କରୁଛନ୍ତି। ସେଥିପାଇଁ ଗସ୍ତ ପୂର୍ବରୁ ପୋଲିସକୁ ଲଗାଇ ବିଜେଡି କର୍ମୀଙ୍କୁ ଉଠାଇଛନ୍ତି। ପୁଲିସ ପ୍ରଶାସନ ହାତବାରିସି ସାଜି ଶ୍ରୀ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ବିଜେଡି କର୍ମୀମାନଙ୍କୁ ଘରୁ ଉଠାଇ ନେଇଛନ୍ତି। ଏହା ଅତି ଦୁର୍ଭାଗ୍ୟଜନକ କଥା। ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଆସିଲେ ବିରୋଧ ଭୟରେ କର୍ମୀ ମାନଙ୍କୁ ଅଟକ ରଖାଯାଇଥାଏ। କିନ୍ତୁ ଜଣେ

> ■ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ବିଜେଡି କର୍ମୀଙ୍କୁ ଉଠାଇଲା ପୁଲିସ
> ■ ସାଂସଦଙ୍କୁ ନିଜ ସଂସଦୀୟ କ୍ଷେତ୍ରରେ ବିରୋଧର ଭୟ ଘାରିଛି

ସାଂସଦଙ୍କୁ ନିଜ ସଂସଦୀୟ କ୍ଷେତ୍ରରେ ବିରୋଧର ଭୟ ଘାରିଛି। ନିଜ ସଂସଦୀୟ କ୍ଷେତ୍ର ସମ୍ବଲପୁରରେ ବୁଲିବା ପାଇଁ ସାଂସଦ ଶ୍ରୀ ପ୍ରଧାନଙ୍କ ସାହସ ନାହିଁ। ଭୁବନେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ତାଙ୍କୁ ବିରୋଧ ପ୍ରଦର୍ଶନ କରାଯାଉଥିବା ବେଳେ ସେ ଭୟଭୀତ ହୋଇ ଯାଇଛନ୍ତି। ଦିଲ୍ଲୀରେ ଛାତ୍ର ଆନ୍ଦୋଳନ ବେଳେ ଯେଉଁଭଳି ଭାବେ ଛାତ୍ରଛାତ୍ରୀ ମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର କରାଯାଇଛି, ତାହାକୁ ସବୁଠି ବିରୋଧ କରାଯାଉଛି। ନିଜ



କାର୍ଯ୍ୟଶୈଳୀ ପାଇଁ ସେ ସବୁଠି ବିରୋଧର ସମ୍ମୁଖୀନ ହେଉଛନ୍ତି। ତେବେ ଆକ୍ରୋଶରେ ବିଜେଡି କର୍ମୀମାନଙ୍କୁ ଥାନାରେ ଅଟକ ରଖିବା କେତେ ଯୁକ୍ତିଯୁକ୍ତ ବୋଲି ଶ୍ରୀ ପୂଜାରୀ ପ୍ରଶ୍ନ କରିଛନ୍ତି। ଶ୍ରୀ ପୂଜାରୀ ଆହୁରି ମଧ୍ୟ କହିଛନ୍ତି ଯେ ୩୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି, ସମ୍ବଲପୁରରେ ଦ୍ୱିତୀୟ ଏମ୍ସ, ସମ୍ବଲପୁରୀ ଭାଷାର ବିକାଶ ସହ ସମ୍ବଲପୁରର ବିକାଶ ପାଇଁ ସାଂସଦ ଶ୍ରୀ ପ୍ରଧାନ ନିର୍ବାଚନ ସମୟରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଏଯାବତ ପୂରଣ କରିପାରିଲେ ନାହିଁ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ବିଜେପି ସରକାର ଲୋକଙ୍କ ଉନ୍ନତି କରିବା ବଦଳରେ ନିଜର ଓ ନିଜ ଦଳର ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛି । ତେଣୁକରି ଲୋକଙ୍କୁ ସାମ୍ନା କରିବାକୁ ଡରୁଛନ୍ତି। ସମସ୍ତ ନୀତି ନିୟମକୁ ଭୁଲି ପୁଲିସ ପ୍ରଶାସନ ହାତବାରିସି ସାଜି ଗୁଣ୍ଡା ଭଳି ବ୍ୟବହାର କରୁଛି। ଯଦି ଏହିପରି କାର୍ଯ୍ୟରୁ ପୁଲିସ ବିରତ ନରୁହେ, ଆଗାମୀ ଦିନରେ ବିଜେଡି ପକ୍ଷରୁ ଦୃଢ ବିରୋଧ ପ୍ରଦର୍ଶନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଯଦି ସାଂସଦ ଶ୍ରୀ ପ୍ରଧାନଙ୍କୁ ନିଜ ସଂସଦୀୟ କ୍ଷେତ୍ରକୁ ଏକୁଟିଆ ଆସିବାକୁ ଏତେ ଭୟ ଘାରିଛି, ତେବେ ତୁରନ୍ତ ସେ ପଦବୀରୁ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ବିଜେଡି କହିଛି।

# ଗଣଶିକ୍ଷା ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଛାତ୍ର କଂଗ୍ରେସର ଧାରଣା

ଭୁବନେଶ୍ୱର, ୮।୮ (ସମିସ): ପିଲାଙ୍କ ପଢ଼ା ବହିରେ ମାଳମାଳ ତ୍ରୁଟି ରହିଛି। ବନାନ୍ ଗତ ତ୍ରୁଟି ସାଙ୍ଗକୁ ତଥ୍ୟଗତ ତ୍ରୁଟି ରହିଛି। ଏଯାଏଁ ପିଲାଙ୍କୁ ତ୍ରୁଟିଶୂନ୍ୟ ବହି ମଧ୍ୟ ମିଳିପାରିନାହିଁ। ସେହିପରି ଉଚ୍ଚଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ କରିବାରେ ସରକାର ବିଫଳ ହୋଇଛନ୍ତି। ବାରମ୍ବାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ନିର୍ବାଚନ ବେଳେ



ଧରାଛୁଆଁ ଦେଉ ନାହାନ୍ତି। ଏଣୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଇସ୍ତଫା ଦାବିରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଦୁଇ ଦିନିଆ ଅହୋରାତ୍ର ଧାରଣା ଆରମ୍ଭ ହୋଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଆନ୍ଦୋଳନରେ ସାମିଲ ହୋଇ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

ଶ୍ରୀ ମହାପାତ୍ର କହିଛନ୍ତି ଯେ, ପିଲାଙ୍କୁ ନିମ୍ନୁଡା ନିମ୍ନୁଡା ଗୀତ ପଢ଼ିବାକୁ ସରକାର ବାଧ୍ୟ କରୁଛନ୍ତି। ବହିରେ ସାଙ୍ଘାତିକ ତ୍ରୁଟି ଓଡ଼ିଆ ଜାତିର ସ୍ୱାଭିମାନ ଓ ସମ୍ମାନରେ ଆଘାତ ପହଞ୍ଚାଇଛି। ସାହିତ୍ୟ ବହିରେ ଗଣିତ ଏବଂ ଗଣିତ ବହିରେ ସାହିତ୍ୟ ରଖି ଶିକ୍ଷାର ମାନକୁ ରସାତଳଗାମୀ କରାଯାଇଛି। ଏଣୁ ଗଣଶିକ୍ଷା ମନ୍ତ୍ରୀ ଜଣେ ଦାୟିତ୍ୱହୀନ ଏବଂ ଅଯୋଗ୍ୟ ମନ୍ତ୍ରୀ ବୋଲି ଶ୍ରୀ ମହାପାତ୍ର କହିବା ସହ ସେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ପ୍ରତି ବିପଦ ବୋଲି ଦର୍ଶାଇଛନ୍ତି। ସେହିପରି ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନକୁ ମଧ୍ୟ ସଂପୂର୍ଣ୍ଣ ବନ୍ଦ କରିଦେବା ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଷଡ଼ଯନ୍ତ୍ର କରିଥିବା ସେ ଅଭିଯୋଗ କରିଛନ୍ତି। ବିଜେପି ଓ ଏବିଭିପି ଶୈକ୍ଷିକ ବାତାବରଣକୁ ସଂପୂର୍ଣ୍ଣ ନଷ୍ଟ କରିବା ପାଇଁ ଯୋଜନା କରିଛନ୍ତି। ଏବିଭିପିର ଷଡଯନ୍ତ୍ରରେ ଜଣେ ନିରୀହ ଛାତ୍ରୀ ଆତ୍ମଦାହ କରିବା ଏହାର ଜ୍ୱଳନ୍ତ ଉଦାହରଣ। ନିର୍ବାଚନ ନ କରି ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ସରକାର ଛଡେଇ ନେଉଛନ୍ତି। ଛାତ୍ର ସଂସଦ ନିର୍ବାଚନ ଦାବିରେ ତୀବ୍ର ଆନ୍ଦୋଳନ କରାଯିବ। ମାଲକାନାଗିରିରୁ ମୟୁରଭଞ୍ଜ ପର୍ଯ୍ୟନ୍ତ ଛାତ୍ରଙ୍କ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରାଯିବ। ନିର୍ବାଚନ କରିବାରେ ବିଫଳ ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦେବାକୁ ସେ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଦେଶ ଛାତ୍ର କଂଗ୍ରେସ ନେତା ସ୍ୱନ୍ଦନ ସ୍ୱାଇଁ, ନିଆଜୁଲ୍ ଇସ୍‌ଲାମ, ସାରୁ ଖାନ୍, ଚିତ୍ତରଞ୍ଜନ ନାୟକ, ସରୋଜ ଦାସ, ଅମିତ ନାୟକ, ପଦ୍ମନାଭ ପଣ୍ଡା, ରୁଦ୍ର କର, ଦେବାଶିଷ ଦଇତାପତି, ବିଶ୍ୱଭୂଷଣ ମହାପାତ୍ର, ସନ୍ତୋଷ ନିମାଇଁ, ଆଶୁତୋଷ ମିଶ୍ର ପ୍ରମୁଖ ସାମିଲ ହୋଇଛନ୍ତି।

# ରେଖା ସେନାପତିଙ୍କୁ 'ବ୍ରିଟିଶ୍ ସିଟିଜେନ୍ ଆୱାର୍ଡ'

ଭୁବନେଶ୍ୱର, ୮।୮ (ସମିସ): ଓଡ଼ିଶାର ବ୍ରହ୍ମପୁରର ମୂଳ ବାସିନ୍ଦା, ସମାଜସେବୀ ତଥା ବ୍ୟବସାୟୀ ରେଖା ସେନାପତିଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଲଣ୍ଡନର ପ୍ୟାଲେସ୍ ଅଫ୍ ୱେଷ୍ଟମିନଷ୍ଟରସ୍ଥିତହାଉସ୍ ଅଫ୍ ଲର୍ଡସ୍‌ରେ ପ୍ରତିଷ୍ଠିତ "ବ୍ରିଟିଶ୍ ସିଟିଜେନ୍ ଆୱାର୍ଡ ପିପୁଲ୍ସ ଚଏସ୍'ରେ ସମ୍ମାନିତ କରାଯାଇଛି। ଟିଭି ଉପସ୍ଥାପକ ଓ ସାମ୍ବାଦିକ ମ୍ୟାଟ୍ ଅଲ୍‌ରାଇଟ୍ ଏବଂ ସ୍ୱେକ୍ସସେଭର୍ସର ପ୍ରତିଷ୍ଠାତା ଡେମ୍ ମେରି ପର୍କିନ୍ସତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ସମାରୋହରେ ସମ୍ମାନିତ ୨୬ ଜଣ ପଦକ ବିଜେତାଙ୍କ ମଧ୍ୟରେରେଖା ସେନାପତି ଏକମାତ୍ର ଭାରତୀୟ ବଂଶୋଦ୍ଭବ ବ୍ରିଟିଶ୍ ହିନ୍ଦୁଭାବେ ଏହି ସମ୍ମାନ ପାଇଛନ୍ତି। ସେ ଚଳିତ ବର୍ଷ ୟୁନାଇଟେଡ୍ କିଙ୍ଗଡମ୍‌ରେ ନିଜର ସାମାଜିକ ସେବା ପାଇଁ ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ତାଙ୍କର ସାମ୍ପ୍ରତିକ ସମ୍ମାନଗୁଡ଼ିକ ମଧ୍ୟରେ ଚଳିତ ବର୍ଷ ମେ' ମାସରେ ମାଞ୍ଚେଷ୍ଟରର ସାଲଫୋର୍ଡ ମେୟରଙ୍କ ଠାରୁ ପାଇଥିବା "ମେୟର୍ସ ସିଟିଜେନ୍ ଆୱାର୍ଡ'ଅନ୍ୟତମ। ଗତ ମାର୍ଚ୍ଚ ମାସରେ ମାଞ୍ଚେଷ୍ଟରରେ ଆୟୋଜିତ ଏକ ସମାରୋହରେ ତାଙ୍କୁ "ଶକ୍ତି ପବ୍ଲିକ ସର୍ଭିସ୍ ଷ୍ଟାର୍ ଆୱାର୍ଡ'ରେ



ସମ୍ମାନିତ କରାଯାଇଛି। ଗତ୨୫ ବର୍ଷରୁ ଅଧିକ ସମୟ ଧରି ସ୍ୱେଚ୍ଛାସେବୀ ଭାବରେ ସେ ହସ୍ପିସ୍‌ରେ ଚିକିତ୍ସାଧୀନ ରୋଗୀ, ବିଭିନ୍ନ ଜାତୀୟ ସମୁଦାୟର ମହିଳା, ଜଟିଳ ଅବସ୍ଥାରେ ଥିବା ଦିବ୍ୟାଙ୍ଗ ଶିଶୁ ଏବଂ ଅବହେଳିତ ବର୍ଗଙ୍କ ପାଇଁ କାର୍ଯ୍ୟ କରିଆସୁଛନ୍ତି। ତାଙ୍କ ନେତୃତ୍ୱ ଓ ସଂଗଠନ କ୍ଷମତା ଫଳରେ ରଥଯାତ୍ରା, ମାଞ୍ଚେଷ୍ଟର ଏବଂ ଉତ୍ତର-ପଶ୍ଚିମ ଇଂଲଣ୍ଡର ଏକ ପ୍ରମୁଖ ହିନ୍ଦୁ ଧାର୍ମିକ ଓ ସାଂସ୍କୃତିକ ଆୟୋଜନରେ ପରିଣତ ହୋଇପାରିଛି। ଗତ ୮ ବର୍ଷ ଧରି ଏହା ହିନ୍ଦୁ କ୍ୟାଲେଣ୍ଡରରେଏକ ପ୍ରମୁଖ ସ୍ଥାନ ଅଧିକାର କରିଆସିଛି। ଏହା ସହ ସେ ୨୦ ବର୍ଷରୁ ଅଧିକ ସମୟଧରି ବିଭିନ୍ନ ପ୍ରତିଷ୍ଠିତ ମଞ୍ଚରେ ଗୀତ ଓ ନୃତ୍ୟ ପରିବେଷଣ କରିଆସୁଛନ୍ତି। ସମ୍ମାନ ଗ୍ରହଣ କରିବା ସହ ଶ୍ରୀମତୀ ସେନାପତି କହିଛନ୍ତି ଏହି ସମ୍ମାନ ପାଇ ମୁଁ ଅତ୍ୟନ୍ତ ଗର୍ବିତ ଓ କୃତଜ୍ଞ। ଏହି ସ୍ୱୀକୃତି ମୋତେ ଆହୁରି ନିଷ୍ଠା ଓ ସମର୍ପଣର ସହ ସମାଜସେବା ଜାରି ରଖିବାକୁ ପ୍ରେରଣା ଦେବ।

# ହୃଦ୍‌ଘାତରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ମୃତ୍ୟୁ



ଯାଜପୁର, ୮।୮ (ସମିସ): ଯାଜପୁର ଜିଲ୍ଲା ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ଆଶିଷ କୁମାର କାଜିଙ୍କ ୫୪ ବର୍ଷ ବୟସରେ ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଛି। ଡାକ୍ତର କାର୍ଜି ଆଜି ସକାଳେ ତାଙ୍କ କଟକ ସିଡିଏସ୍ଥିତ ବାସଭବନରେ ଥିବାବେଳେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବାମାତ୍ରେ ବଡ଼ଚଣା ଡାକ୍ତରଖାନାର ଡାକ୍ତର ଇନ୍ଦିରା ପ୍ରିୟଦର୍ଶିନୀ ମାହାଲା, ଡାକ୍ତର ସୁରଞ୍ଜନ ମହାପାତ୍ର, ଡାକ୍ତର ସୁରଜ କୁମାର ଦଣ୍ଡପାଟ, ଡାକ୍ତର ଆତ୍ମଜ ବେହେରା, ଡାକ୍ତର ନରୋତ୍ତମ ରଥ ଓ ଡାକ୍ତର ଅମିତାଂଶୁ ସ୍ୱାଇଁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଗଭୀର ଶୋକ ପ୍ରକାଶ କରିଥିଲେ। ଡାକ୍ତର ସ୍ୱର୍ଗତ କାର୍ଜିଙ୍କ ବିୟୋଗରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ତାଙ୍କ କଟକ ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ କାର୍ଜି ଜଣେ ଉତ୍ତମ ଚିକିତ୍ସକ ଥିଲେ। ତାଙ୍କ ଅକାଳ ବିୟୋଗରେ ବଡ଼ଚଣାର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ତହସିଲଦାର ମାନସ କୁମାର ତ୍ରିପାଠୀ, ବିଡ଼ିଓ ରବିନ୍ଦ୍ର କୁମାର ପ୍ରଧାନ, ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଭବତୋଷ ବସ୍ତିଆ, ଅଧ୍ୟାପକ ପଦ୍ମନାଭ ପଣ୍ଡା, ସମିତି ସଭ୍ୟ ମଧୁସୂଦନ ବଳ, ବିମଳ ପ୍ରସନ୍ନ ପ୍ରଧାନ ନୃସିଂହ ନାରାୟଣ ଓତା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

**ବଢୁଛି ସଡ଼କ ଦୁର୍ଘଟଣା; ରାଜପଥରୁ ହଟିବେ ବୁଲାଗୋରୁ**

# ପ୍ରତି ୧୫୦ କିମିରେ ଗୋଟିଏ ଗୋଶାଳା

ଭୁବନେଶ୍ୱର, ୭।୮ (ସମିସ): ରାଜ୍ୟ ସରକାର ରାଜ୍ୟର ଜାତୀୟ ରାଜପଥଗୁଡ଼ିକରେ ବୁଲାଗୋରୁଙ୍କ ଯୋଗୁଁ ଘଟୁଥିବା ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଜୀବନହାନି ରୋକିବା ଏବଂ ଗୋରୁମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରମୁଖ ରାଜପଥଗୁଡ଼ିକରେ ପ୍ରତି ୧୦୦ ରୁ ୧୫୦ କିଲୋମିଟର ବ୍ୟବଧାନରେ ଏହି ଗୋଶାଳାଗୁଡ଼ିକ ପ୍ରତିଷ୍ଠା କରାଯିବ। ରାସ୍ତା ଉପରେ ବୁଲୁଥିବା ଗୋରୁମାନଙ୍କୁ ଉଦ୍ଧାର କରାଯାଇ ଏହି ଗୋଶାଳାଗୁଡ଼ିକରେ ରଖାଯିବ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଗୋକୁଳା ନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ତେବେ ଗୋଶାଳା ପ୍ରତିଷ୍ଠାର ସମସ୍ତ ଖର୍ଚ୍ଚ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କରିବେ। ସଡ଼କ ଦୁର୍ଘଟଣାକୁ ରୋକିବାକୁ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ମନ୍ତ୍ରୀ ଶ୍ରୀ ମଲ୍ଲିକ ଏହି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏହି ବୈଠକରେ ପରିବହନ ବିଭାଗ, ଏନ୍‌ଏଚ୍‌ଏଆଇ ଏବଂ ପ୍ରାଣୀ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜୀବନହାନି ରୋକିବା ଏବଂ ଗୋରୁମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରମୁଖ ରାଜପଥଗୁଡ଼ିକରେ ପ୍ରତିଷ୍ଠା ହେବାକୁ ଥିବା ଗୋଶାଳା ଗୁଡ଼ିକର ପରିଚାଳନା ଦାୟିତ୍ୱ ବିଭିନ୍ନ ସାମାଜିକ ସଂଗଠନକୁ ପ୍ରଦାନ କରାଯାଇପାରେ। ଯେତେବେଳେ କି ସମସ୍ତ ଖର୍ଚ୍ଚ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ବହନ କରିବ। ରାଜପଥରୁ ଗୋରୁ ହଟାଇବାରେ ସ୍ଥାନୀୟ ପୁଲିସ ଅଧିକାରୀ, ବିଶେଷକରି ଏସପି ଏବଂ ଆଇଆଇସି ମାନେ ସହଯୋଗ କରିବେ। ଏହି ପଦକ୍ଷେପ କେବଳ ସଡ଼କ ଦୁର୍ଘଟଣା କମାଇବ ନାହିଁ, ବରଂ ଗୋରୁ ଚାଲାଣ ରୋକିବାରେ ମଧ୍ୟ ସହାୟକ ହେବ ବୋଲି ଆଶା କରାଯାଉଛି। ଖୁବ୍ ଶୀଘ୍ର ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ବା ଏସଓପି ପ୍ରସ୍ତୁତ କରୁଛନ୍ତି ବୋଲି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସ୍ପଷ୍ଟ କରିଛନ୍ତି।

# ଶିମିଳିପାଳରୁ କମୁଛନ୍ତି କଳାବାଘ

**୨୦୨୬ରେ ୩ଟି ମିଶାଇ ୫ କଳା ମହାବଳ ବାଘଙ୍କ ମୃତ୍ୟୁକୁ ନେଇ ଚିନ୍ତା**

ବାରିପଦା, ୮।୮ (ସମିସ): ବିଶ୍ୱପ୍ରସିଦ୍ଧ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସଟିଆର)ରେ ହିଁ ଦେଖିବାକୁ ମିଳନ୍ତି ଅତ୍ୟନ୍ତ ବିରଳ "ସୁଡୋ-ମେଲାନିଷ୍ଟିକ୍' ବା କଳା ମହାବଳ ବାଘ। ଏହି ବିରଳ ବାଘଙ୍କ ପାଇଁ ଶିମିଳିପାଳ ସାରା ବିଶ୍ୱର ବନ୍ୟପ୍ରାଣୀ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ତେବେ ୨୦୨୬ରେ ୩ଟି ମିଶାଇ କଳାବାଘଙ୍କ ମୃତ୍ୟୁଞ୍ଚ ଓ ଚମଡା ଜବତ ଘଟଣା ଏବେ ପରିବେଶବିତ୍, ବନ୍ୟପ୍ରାଣୀପ୍ରେମୀ ଓ ସାଧାରଣ ଜନତାଙ୍କୁ ଗଭୀର ଭାବେ ବିଚଳିତ କରିଛି। ୨୦୨୩ ମେ ମାସରେ ନଅଣା ଦକ୍ଷିଣ ରେଞ୍ଜରୁ ଏକ ସାଢେ ତିନିବର୍ଷର କଳାବାଘ ମୃତଦେହ ଉଦ୍ଧାର ହୋଇଥିବାବେଳେ ୨୦୨୪ ନଭେମ୍ବରରେ ଦକ୍ଷିଣ ବନଖଣ୍ଡ ଜେନାବିଲ ଅଞ୍ଚଳରେ ଦେଢବର୍ଷର କଳାବାଘକୁ ଗୁଳି କରି ହତ୍ୟା ପରେ ତା'ର ମାଂସ ଖାଇବା, ଚମଡା, ନଖ ଓ ନିଶ ଚାଲାଣ ଅଭିଯୋଗରେ ୧୦ ଜଣ ଗିରଫ ହୋଇଥିଲେ।

ସେହିପରି ୨୦୨୬ ମାର୍ଚ୍ଚ ୨୨ ତାରିଖରେ ବାରିପଦା ବନଖଣ୍ଡ କୁଳିଅଣା ରେଞ୍ଜ କଳାବାଘ ଛାଲ ଡିଲ୍ ଚାଲିଥିବାବେଳେ ବନ ବିଭାଗ ଚଢ଼ଉ କରି ୧ଟି କଳାବାଘ ଛାଲ ଜବତ କରିବା ସହ ଘଟଣାରେ ୧୪ ଜଣ ଶିକାରୀ/ବେପାରୀଙ୍କୁ ଗିରଫ କରିଥିଲା। ସେହିପରି ୨୦୨୬ ମେ ୨୧ ତାରିଖରେ ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନ ଡୁକୁରା



ରେଞ୍ଜ ଅନ୍ତର୍ଗତ ବାସିପିଠା-ଭୁପତ ରାସ୍ତାରେ ବିଶେଷ ସୂତ୍ରରୁ ଖବର ପାଇ ଏନଫୋର୍ସମେଣ୍ଟ ଟିମ୍ ଚଢ଼ଉ କରି ଗୋଟିଏ କଳାବାଘ ଚମଡ଼ା ଜବତ ସହ ୩ ଜଣ ବେପାରୀଙ୍କୁ ଗିରଫ କରିଥିଲା। ଆଜିର ସୁଚନା ମୁତାବକ ପ୍ରାୟ ୫ ବର୍ଷର ମାଈ କଳାବାଘର ମୃତଦେହ ଉଦ୍ଧାର କରାଯାଇଛି। ଶରୀରରେ କୌଣସି କ୍ଷତଚିହ୍ନ ନ ଥିବାରୁ ବିଷକ୍ରିୟା କିମ୍ବା ପାଥୋଲୋଜିକାଲ ସଂକ୍ରମଣ ଯୋଗୁଁ ମୃତ୍ୟୁ ଘଟିଛି କି ନାହିଁ, ତାହା ଜାଣିବା ପାଇଁ ଜୈବିକ ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ହିଁ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି। ବର୍ଷକ ଭିତରେ ୩କୁ ମିଶାଇ ୫ କଳାବାଘ ମୃତ୍ୟୁ ବା ହତ୍ୟା ଅତ୍ୟନ୍ତ ଚିନ୍ତାଜନକ। ଏନଟିସିଏ ଏସଓପି ଅନୁସାରେ ପୋଷ୍ଟମର୍ଟମ ବେଳେ ବନ ଅଫିସରଙ୍କ ସହ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି, ସ୍ଥାନୀୟ ଏନଜିଓ ଓ ଜଣେ ସ୍ୱାଧୀନ ସାକ୍ଷୀ ରହିବା କଥା। ଯାହା ଏଠାରେ ସମ୍ପୂର୍ଣ୍ଣ ପାଳନ ହୋଇଥିବା ଭଳି ଲାଗୁନି। ଶିମିଳିପାଳରେ ଶିକାରୀମାନେ ସମ୍ବର, କୁଟୁରା କିମ୍ବା ବାରାହା ମାଂସ ପାଇଁ ବିଷ ପ୍ରୟୋଗ କରିବାର ପୁରୁଣା ଅଭ୍ୟାସ ରହିଛି। ସେହି ବିଷାକ୍ତ ମାଂସ ଖାଇ ବାଘ ମରିଥିବା ସନ୍ଦେହକୁ ଏଡ଼ାଇ ଦିଆଯାଇ ନ ପାରେ। ସାପ କାମୁଡ଼ାରେ ବାଘ ମରିବା ଆଶଙ୍କା କମ୍। ତେଣୁ ସଠିକ୍ ଫୋରେନ୍ସିକ୍ ରିପୋର୍ଟ ଆଣି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର ବୋଲି କହିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ ଭାନୁମିତ୍ର ଆଚାର୍ଯ୍ୟ । ସେହିପରି ବିଶ୍ୱରେ ସମୁଦାୟ ୨୦ରୁ ଊର୍ଦ୍ଧ୍ୱ କଳାବାଘ କେବଳ ଶିମିଳିପାଳରେ ହିଁ ଅଛନ୍ତି। ଗୋଟିଏ ବର୍ଷରେ ୩ଟି କଳାବାଘଙ୍କ ମୃତ୍ୟୁ ହେବା ଅତ୍ୟନ୍ତ ଉଦ୍‌ବେଗଜନକ। ଶିମିଳିପାଳରେ ଶହ ଶହ ଏଆଇ କ୍ୟାମେରା ଖଞ୍ଜାଯାଇଥିବା ସତ୍ତ୍ୱେ ଶିକାରୀଙ୍କ ପ୍ରାଦୁର୍ଭାବ ଓ ବାଘ ମୃତ୍ୟୁ ରୋକାଯାଇପାରୁନି। କେନ୍ଦ୍ର ଓ ରାଜ୍ୟ ସରକାର ଏକ ସ୍ୱେଚ୍ଛାସେବୀ/ବିଶେଷଜ୍ଞ କମିଟି ଗଠନ କରି ଏହାର ତଦନ୍ତ କରନ୍ତୁ। ଏଥିସହିତ ବାରିପଦା ନିକଟସ୍ଥ ପାଲବଣିଠାରେ ପ୍ରସ୍ତାବିତ 'କଳାବାଘ ସଫାରୀ' ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ ବୋଲି ବାରିପଦାର ବୁଦ୍ଧିଜୀବୀ କଲ୍ୟାଣ କୁମାର ସିହ୍ନା କହିଛନ୍ତି। ଶିମିଳିପାଳର ଗୌରବ ଏହି ବିରଳ କଳାବାଘଙ୍କ ସୁରକ୍ଷା ପାଇଁ କେବଳ ତଦନ୍ତ ଯଥେଷ୍ଟ ନା କଡ଼ା କାର୍ଯ୍ୟାନୁଷ୍ଠାନ ଆବଶ୍ୟକ, ତାହା ଦେଖିବାକୁ ବାକି ରହିଲା।

**ଏମ୍‌କେସିଜି ଡିଏମ୍‌ଏଲଟି ଓ ଡିଏମ୍‌ଆରଟି ଛାତ୍ରସଂସଦର ବାର୍ଷିକ ଉତ୍ସବରେ ମନ୍ତ୍ରୀଙ୍କ ସୂଚନା**

# ୩୮୦ ଏଲ୍‌ଟି ପଦବୀକୁ ରାଜ୍ୟ ସରକାରଙ୍କ ଅନୁମୋଦନ

ବ୍ରହ୍ମପୁର, ୮।୮ (ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଅଡ଼ିଟୋରିଅମରେ ଡିଏମଏଲଟି ଓ ଡିଏମଆରଟି ଛାତ୍ରସଂସଦ ପକ୍ଷରୁ ୧୮ତମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗଦେଇଥିଲେ। ରାଜ୍ୟ ସରକାର ୩୮୦ଟି ଏଲଟି (ଲାବୋରେଟୋରୀ ଟେକ୍ନିସିଆନ) ପଦବୀକୁ ଅନୁମୋଦନ କରିଛନ୍ତି। ଖୁବ୍‌ଶୀଘ୍ର ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବ। ଏହା ଦ୍ୱାରା ଲାବୋରେଟୋରୀ ଟେକ୍ନିସିଆନ ନିଯୁକ୍ତି କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ କହିଥିଲେ। ସେହିପରି ଏମକେସିଜି ମେଡ଼ିକାଲରେ ଡିଏମଏଲଟି ଓ ଡିଏମଆରଟି ଛାତ୍ରଛାତ୍ରୀଙ୍କ ନିମନ୍ତେ ହଷ୍ଟେଲ ନଥିବା ବେଳେ ମେଡ଼ିକାଲରେ ହଷ୍ଟେଲ ନିର୍ମାଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ରୋଗୀଙ୍କ ଚିକିତ୍ସା ଓ ରୋଗ ନିରୂପଣ କ୍ଷେତ୍ରରେ ଡିଏମଏଲଟି ଓ ଡିଏମଆରଟି ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ମନ୍ତ୍ରୀ ଆଲୋକପାତ କରିଥିଲେ। ଆଧୁନିକ ଚିକିତ୍ସା ବ୍ୟବସ୍ଥାରେ ଲାବୋରେଟୋରୀ ପରୀକ୍ଷା ଓ ରେଡିଓଲୋଜିକାଲ ନିରୂପଣର ଗୁରୁତ୍ୱ ଉପରେ ମଧ୍ୟ ସେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡିଏମଇଟି ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀ, ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ପ୍ରଫେସର ଡ. ହରିକ୍ରିଷ୍ଣା ଦଳେଇ, ପଥୋଲୋଜି ବିଭାଗର ପ୍ରଫେସର ଡ. ଅନିତା ଚୌଧୁରୀ, ରେଡିଓଲୋଜି ବିଭାଗର ପୂର୍ବତନ




ମୁଖ୍ୟ ପ୍ରଫେସର ଡା. ଏମ୍‌ଭିକେ ରାଓ ଏବଂ ଡା. ଲିପିକା ବେହେରା ଉପସ୍ଥିତ ଥିଲେ। ଉତ୍ସବରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଛାତ୍ରସଂସଦର ସଭାପତି ଚନ୍ଦ୍ରଶେଖର ପଢିଆରି, ସମ୍ପାଦକ ସୁନୀଲ କୁମାର ବାରିକ, ପୂର୍ବତନ ସଭାପତି ପରମାନନ୍ଦ ଦଳେଇ ଓ ବିଷ୍ଣୁ ପ୍ରସାଦ ନାୟକଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# 'ମଧୁମାଳତୀ'ରେ ଜ୍ୟୋତିର୍ମୟୀଙ୍କ କଣ୍ଠଦାନ

'ଇଣ୍ଡିଆନ୍ ଆଇଡଲ ସିଜନ୍-୧୬'ର ବିଜେତା ହେବା ପରେ ଜ୍ୟୋତିର୍ମୟୀଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହାସହ ବିଜେତା ହେବା ପରେ ତାଙ୍କୁ ନୂଆ ଓଡ଼ିଆ ସିନେମାରେ କଣ୍ଠଦାନ କରିବାର ସୁଯୋଗ ମିଳିଛି। ନୂଆ ଓଡ଼ିଆ ସିନେମା 'ମଧୁମାଳତୀ' ସିନେମାରେ ଜ୍ୟୋତିର୍ମୟୀ ଗୀତ ରେକର୍ଡିଂ କରିଛନ୍ତି। ଓଲିଉଡ୍‌ର ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାସ ଏ ସମ୍ପର୍କରେ ନିଜର ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି। କେବଳ ସେତିକି ନୁହେଁ, ଜ୍ୟୋତିର୍ମୟୀଙ୍କ ସହ ସେ ନିଜର ଫଟୋ ରେକର୍ଡିଂ ଷ୍ଟୁଡିଓରୁ ହିଁ ସେୟାର୍ କରିଛନ୍ତି। ଏହିକଥା ସାମ୍ନାକୁ ଆସିବା ପରେ ଉଭୟ ସିନେମା ଓ ଜ୍ୟୋତିର୍ମୟୀଙ୍କ ଗୀତକୁ ନେଇ ଲୋକେ ଉତ୍ସାହିତ ଅଛନ୍ତି। ■





# ଭିନ୍ନ ଭୂମିକାରେ ଉଷସୀ

ମୁକ୍ତିଲାଭ ଅପେକ୍ଷାରେ ଥିବା ନୂଆ ଓଡ଼ିଆ ସିନେମା 'ଦଣ୍ଡକାଳୀ'ରେ ନଜର ଆସିବେ ଉଷସୀ ମିଶ୍ର। ଏଥିରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ସିନେମାଟି ଗଞ୍ଜାମ ପ୍ରସିଦ୍ଧ ମା' ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ଉପରେ ଆଧାରିତ। ରାଜଶ୍ରୀ ସିନେ କ୍ରାଫ୍ଟ ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ପ୍ରଯୋଜନାରେ ଅଛନ୍ତି ରାଜଶ୍ରୀ ଘୋଷ। ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ ରଚନା କରିଛନ୍ତି ଅଭିସିକ୍ତ ମିଶ୍ର। ସଂଳାପ ଓ ଚିତ୍ରନାଟ୍ୟରେ ଦିଲ୍ଲୀପ ଚୌଧୁରୀ ଥିବା ବେଳେ ସଂଗୀତରେ ଅଛନ୍ତି ପ୍ରେମ ଆନନ୍ଦ। ସିନେମାର ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ନିର୍ମଳ ନାୟକ। ଏଥିରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ ନାୟକ ଓ ଦିବ୍ୟା ସାମଲ। ତେବେ ସିନେମାର ବିଭିନ୍ନ ଚରିତ୍ରରେ ନଜର ଆସିବେ ମହାଶ୍ୱେତା, ସିଦ୍ଧାନ୍ତ, ସୂର୍ଯ୍ୟମୟୀ, ଚିତ୍ରସେନ ଘୋଷ, ତୃପ୍ତି ମୀରାମ୍ବିକା, କ୍ରିଷ୍ଣା କର, ଏଲି ପାଢ଼ି, ଚୌଧୁରୀ ଜୟପ୍ରକାଶ, ପ୍ରୀତି ରଂଜନ ପ୍ରଧାନ, ମଧୁସୂଦନ ମିଶ୍ର, ଶ୍ରୀଧର ମହାନ୍ତ, ଅମର ମହାପାତ୍ର, ନିହାର ସାମଲ, ରଜନୀ ପ୍ରମୁଖ। ତେବେ ସିନେମାଟି ଗଣେଶ ପୂଜାରେ ପ୍ରେକ୍ଷାଳୟକୁ ଆସିବା କୁହାଯାଉଛି। ■




# ରସେଲ-ପ୍ରିୟଙ୍କା ଏକାଠି

ଦେଶୀଗର୍ଲ ପ୍ରିୟଙ୍କାଙ୍କୁ ଆଗାମୀ ଦିନରେ 'ବ୍ଲୁଫ୍ଲାଏ' ହଲିଉଡ୍ ସିନେମାରେ ଦେଖିବାକୁ ମିଳିବ। ଏହା ଏକ ସାଇନ୍ସ-ଫିକସନ୍ ଆକ୍ସନ ଥ୍ରିଲର ସିନେମା। ଏହି ସିନେମାର ନିର୍ଦ୍ଦେଶକ ହଲିଉଡ୍‌ର ଚର୍ଚ୍ଚିତ ନିର୍ଦ୍ଦେଶକ ନିମରୋଡ ଆଂଟଲ। ଏହି ବର୍ଷ ଶେଷ ସୁଦ୍ଧା ସିନେମାର ସୁଟିଂ ଅଷ୍ଟ୍ରେଲିଆରେ କରାଯିବ। ତେବେ ଏହି ସିନେମାର କାହାଣୀ ହେଉଛି କାଙ୍ଗୋରେ ରହୁଥିବା ଜଣେ ୟୁଏନ୍ ଅନୁବାଦକଙ୍କର। ତାଙ୍କୁ ଏକ ଗୋପନୀୟ ମିଶନରେ ପ୍ରେରଣ କରାଯାଉଛି। ଏଠାରେ ତାଙ୍କୁ ଏକ ଦୁର୍ଘଟଣାଗ୍ରସ୍ତ ବିମାନକୁ ଖୋଜିବାରେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ମିଶନ ଆଗକୁ ବଢ଼ିବା ସହିତ ତାଙ୍କୁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡୁଛି। ତା'ସହ କାହାଣୀ ରୋମାଞ୍ଚକ ମୋଡ଼ ନେଉଛି। ଅନ୍ୟପଟେ ଏହି ସିନେମା ମାଧ୍ୟମରେ ପ୍ରିୟଙ୍କା ହଲିଉଡ୍ ଷ୍ଟାର୍ ରସେଲ କ୍ରୋଙ୍କ ସହିତ କାମ କରିବେ। ଦୁହିଁଙ୍କ ଯୋଡ଼ିକୁ ନେଇ ପ୍ରଶଂସକ ଖୁବ୍ ଉତ୍ସାହିତ ଅଛନ୍ତି। ■



# ୨୪ ଘଣ୍ଟା ସୁଟିଂ କଲେ ଅମିତାଭ



୮୩ ବର୍ଷ ବୟସରେ ବଲିଉଡ ମହାନାୟକ ଅମିତାଭ ବଚ୍ଚନଙ୍କ କାମ ପ୍ରତି ଥିବା ଦୃଢ଼ ଇଚ୍ଛାଶକ୍ତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନିକଟରେ 'କୌନ ବନେଗା କରୋଡ଼ ପତି ସିଜନ ୧୮'ର ପ୍ରିମିୟର ପୂର୍ବରୁ ବିଗ୍ ବି ଲଗାତାର ୨୪ ଘଣ୍ଟା ନନ୍ ଷ୍ଟପ୍ ସୁଟିଂ କରିଛନ୍ତି। ସେ ଏକଥା ନିଜ ବ୍ଲଗ୍‌ରେ ଜଣାଇଛନ୍ତି। ଏହାସହ ପରିହାସ ପୂର୍ବକ ଏଭଳି ନ କରିଥିଲେ ଚାକିରି ଯିବାର ଭୟ ଥିଲା ବୋଲି କହିଛନ୍ତି। ସେ ପ୍ରଥମ ଦିନ ସକାଳ ୭ଟାରୁ ତା'ପର ଦିନ ସକାଳ ୭ଟା ପର୍ଯ୍ୟନ୍ତ ଲଗାତାର ସୁଟିଂ କରିଛନ୍ତି। ଏହାବାଦ୍ ଏହି କାମ ଖୁବ୍ ଜରୁରି ଥିବା ସେ କହିଛନ୍ତି। ତେଣୁ କୌଣସି ପ୍ରକାରେ ଏହାକୁ ଘୁଞ୍ଚାଇବା ସମ୍ଭବପର ନ ଥିଲା। କାମ ଶେଷ ହେବା ପରେ ତାଙ୍କୁ ସବୁଠୁ ଅଧିକ ଖୁସି ନିଜର ନିତିଦିନର ବ୍ଲଗ୍ ଓ ପ୍ରଶଂସକଙ୍କ ସହ ଯୋଡ଼ି ହେବାରେ ଲାଗେ। ୮୩ ବର୍ଷ ବୟସରେ ବିଗ୍ ବିଙ୍କ ସିଡ୍ୟୁଲ ଅତ୍ୟନ୍ତ ବ୍ୟସ୍ତତାପୂର୍ଣ୍ଣ ବୋଲି ଏହି ଘଟଣା ସୂଚାଇଛି। ଅଗଷ୍ଟ ୧୦ରୁ 'କୌନ ବନେଗା କରୋଡ଼ ପତି ସିଜନ ୧୮' ଆରମ୍ଭ ହେବ। ୨୦୦୦ ମସିହାରୁ ଶୋ' ଆରମ୍ଭ ହେବାରୁ ଅମିତାଭ ଏହାର ହୋଷ୍ଟ କରି ଆସୁଛନ୍ତି। ଅବଶ୍ୟ ତୃତୀୟ ସିଜନ୍‌ରେ ତାଙ୍କ ସ୍ଥାନରେ ଶାହରୁଖ ନଜର ଆସିଥିଲେ। ବୟସ ଓ ସ୍ୱାସ୍ଥ୍ୟ ସମସ୍ୟା ସତ୍ତ୍ୱେ ନିଜ କାମ ପ୍ରତି କେବେ ଅଣଦେଖା କରୁ ନ ଥିବା ଏହି ସୁଟିଂ ମାଧ୍ୟମରେ ସେ ବୁଝାଇ ଦେଇଛନ୍ତି। ■

## ସାକ୍ଷାତକାର

# "ମ୍ୟୁଜିକ୍ ଭିଡିଓ ମୋତେ ଅଧିକ ଲୋକପ୍ରିୟତା ଦେଇଛି"



ସୋନାଲିସା ନାୟକ, ଅଭିନେତ୍ରୀ

ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତା ବାବୁସାନଙ୍କର ସେ ଜଣେ ବଡ଼ ପ୍ରଶଂସକ। ତାଙ୍କ ପରି ସେ ନିଜକୁ ପରଦାରେ ଦେଖିବାକୁ ଚାହିଁଥିଲେ। 'ରଜ ସୁନ୍ଦରୀ'ରେ ଭାଗ ନେଇ 'ଫୁଲେଇ' ନାଁରେ ସେ ଭାଇରାଲ୍ ହୋଇଥିଲେ। ଏକାଧିକ ରିଆଲିଟି ଶୋ, ମ୍ୟୁଜିକ୍ ଭିଡିଓ, ବିଜ୍ଞାପନ ଏବଂ ଧାରାବାହିକରେ ଶିଶୁ କଳାକାର ଭାବେ ସେ କାମ କରିସାରିଛନ୍ତି। ବଡ଼ ପରଦାରେ ମଧ୍ୟ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିଥିବା ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ବାଲେଶ୍ୱରର ସୋନାଲିସା ନାୟକ। ବର୍ତ୍ତମାନ ସେ ଭୁବନେଶ୍ୱରରେ ରହୁଛନ୍ତି। 'ପାଦେ ଆକାଶ' ସିନେମାରେ ସେ ଚମତ୍କାର ଅଭିନୟ କରିଥିଲେ। ରଙ୍ଗିନ ଦୁନିଆରେ ସୋନାଲିସାଙ୍କ ଯାତ୍ରା କିପରି ଥିଲା ଜାଣିବା ତାଙ୍କ ମୁହଁରୁ।

**ଅଭିନେତ୍ରୀ ହେବାକୁ କାହିଁକି ମନ ବଳାଇଥିଲେ?**

- ପିଲାଦିନେ ମୁଁ ବାବୁସାନ ମହାନ୍ତିଙ୍କ ପ୍ରତ୍ୟେକଟି ସିନେମାକୁ ଦେଖେ। ସେ ମୋର ପ୍ରେରଣା। ତାଙ୍କ ଅଭିନୟ ଦେଖି ଦେଖି ମୋତେ ବି ଅଭିନେତ୍ରୀ ହେବାକୁ ଇଚ୍ଛା ହୋଇଥିଲା। 'ଝିଅ ଆମର ନୂଆବୋହୂ', 'ନୂଆବୋହୂ', 'ରାନୀ' ଆଦି ଧାରାବାହିକରେ ମୁଁ ଶିଶୁ କଳାକାର ଭାବେ କାମ କରିଛି। ଏହାପରେ ମୁଁ 'ରଜସୁନ୍ଦରୀ', 'ଶ୍ରେଷ୍ଠ ଓଡ଼ିଆଣୀ' ଆଦି ଏକାଧିକ ରିଆଲିଟି ଶୋ'ରେ ଭାଗ ନେଇ ଦର୍ଶକଙ୍କ ଭଲପାଇବା ପାଇଛି। 'ଶ୍ରୀ' ମୋର ପ୍ରଥମ ଧାରାବାହିକ। 'କନ୍ୟାଦାନ' ଧାରାବାହିକରେ ଅଭିନୟ କରିବାକୁ ସୁଯୋଗ ପାଇଛି। ସେହିପରି ୨୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ କାମ କରିଥିଲେ ହେଁ, ତନ୍ମଧ୍ୟରୁ 'ଝିଅ ବୋଲି ଭାଉ ଖାଉଛୁ', ' ଚାହେଁ ତୋ ଖୁସି', 'ତେରେ ପାସ୍ ଆନେ କେ ବଜା ହେଁ', 'ଷୋଳ ବୟସୀ' ଆଦି ମ୍ୟୁଜିକ୍ ଭିଡିଓ ହିଟ୍ ହୋଇଛି। ଅଭିନେତ୍ରୀ ଅର୍ଚ୍ଚିତା ଦିଦିଙ୍କ ସହ 'ପାଦେ ଆକାଶ' ସିନେମାରେ ମୁଁ ତାଙ୍କ ଭଉଣୀ ଚରିତ୍ରରେ ଅଭିନୟ କରିଛି।

**ଅଭିନୟ କରିବାକୁ ବିଧିବଦ୍ଧ ଭାବେ ତାଲିମ ନେଇଥିଲେ?**

- ନାଁ। 'ରଜ ସୁନ୍ଦରୀ' ପ୍ଲାଟଫର୍ମରୁ ମୁଁ ଫୁଲେଇ ନାଁରେ ବେଶ୍ ଭାଇରାଲ ହୋଇଥିଲି। ସେତେବେଳେ ମୋର ପ୍ରଶଂସକଙ୍କ ସଂଖ୍ୟା ବହୁତ ଅଧିକ ବଢ଼ିଯାଇଥିଲା। ଦର୍ଶକଙ୍କ ଭଲପାଇବା ମୋତେ ଭଲ ଅଭିନୟ କରିବାକୁ ସୁଯୋଗ ଦେଇଥିଲା। ତା' ସହିତ ନିର୍ଦ୍ଦେଶକ ଏବଂ ବରିଷ୍ଠ କଳାକାରଙ୍କ ପାଖେ ବସି କେମିତି ଭଲ ଅଭିନୟ କରିବି ସେକଥା ଗ୍ରହଣ କରେ। ଅଭିନୟକୁ ଜୀବନ୍ତ କରିବାକୁ ଘରେ ଦର୍ପଣ ସାମ୍ନାରେ ବି ଅଭ୍ୟାସ କରେ।

**ଆପଣଙ୍କ ପ୍ରଥମ ପାରିଶ୍ରମିକ ?**

- ପ୍ରଥମ ପାରିଶ୍ରମିକ ଭାବେ ମୋତେ ଶହେ ଟଙ୍କା ମିଳିଥିଲା।

**ଆପଣଙ୍କୁ କେଉଁ ପ୍ଲାଟଫର୍ମ ଅଧିକ ଲୋକପ୍ରିୟତା ଦେଇଛି?**

- ଧାରାବାହିକ, ସିନେମା ସବୁଠି ଦର୍ଶକଙ୍କ ଭଲପାଇବା ମିଳିଥିଲେ ମଧ୍ୟ ମ୍ୟୁଜିକ୍ ଭିଡିଓରୁ ମୋତେ ଅଧିକ ଲୋକପ୍ରିୟତା ମିଳିଛି।

**ପାଠପଢ଼ା ସହିତ ଅଭିନୟ ପାଇଁ କେମିତି ସମୟ ଦିଅନ୍ତି?**

- ବର୍ତ୍ତମାନ ମୁଁ ଯୁକ୍ତ ତିନି (ଏଆଇ କୋର୍ସ)ରେ ପଢୁଛି। ଆଗକୁ ପି.ଜି. କରିବି। ତେବେ ଧାରାବାହିକରେ ସାରା ଦିନ ସମୟ ଦେବାକୁ ପଡୁଥିବାରୁ ମୁଁ ମୋ ପଢ଼ା ପାଇଁ ସମୟ ଦେଇ ପାରିନଥିଲି। ମୋତେ ବହୁତ ସମସ୍ୟା ହୋଇଥିଲା। ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ବି ଦେଇ ପାରିନଥିଲି। ସେଥିପାଇଁ ଏବେ ଧାରବାହିକ ବଦଳରେ ଆଡସୁଟ୍, ପ୍ରମୋସନାଲ ସୁଟ୍, ଟେଲି ଫିଲ୍ମ ଏବଂ ସିନେମାକୁ ଅଧିକ ଗୁରୁତ୍ୱ ଦେଉଛି। ତେବେ ଭବିଷ୍ୟତରେ ଅଭିନୟ ଜାରି ରଖିବା ସହ ଭଲ ଚାକିରି କରିବା ମୋର ଲକ୍ଷ୍ୟ।

**ଡ୍ରିମ୍ ରୋଲ୍?**

- ମୋତେ ଯାହାବି ଚରିତ୍ର ମିଳିବ ତାହାକୁ ଜୀବନ୍ତ କରିବା ସହିତ ଏହାକୁ ଦର୍ଶକ ଯେପରି ଗ୍ରହଣ କରିବେ ସେନେଇ ଆପ୍ରାଣେ ଚେଷ୍ଟା କରିବି।

**ଅଭିନୟ ଜଗତରେ ଆଗକୁ ବଢ଼ିବାକୁ କ'ଣ କରିବା ଦରକାର?**

- ଅଭିନୟ ଜଗତରେ କାମ କରିଲେ ପ୍ରତିଦିନ ନୂଆ ନୂଆ କଥା ଶିଖିବାକୁ ମିଳେ। ତେଣୁ ଶିଖିବା ମନୋବୃତ୍ତି ନେଇ ବରିଷ୍ଠ କଳାକାରଙ୍କ ପାଖରୁ କାମ ଶିଖିବା ଆବଶ୍ୟକ। ଏହା ସହ ଚରିତ୍ରକୁ ଗୁରୁତ୍ୱ ଦେବା ସହିତ ନିଜ କାମ ଭାବି ଅଭିନୟ କରିଲେ, କାମ ଭଲ ହୁଏ। ଏଥିପାଇଁ ମାନସିକ ଭାବେ ପ୍ରସ୍ତୁତି ରହିବା ଦରକାର। ବରିଷ୍ଠ କଳାକାରଙ୍କ ମାର୍ଗଦର୍ଶନ ଯେତେ ମିଳିଲେ ବି ନିଜକୁ ଆଗକୁ ବଢ଼ାଇବାକୁ ପ୍ରୟାସ କରିବା ଆବଶ୍ୟକ। ■

## ପରଦା ପଛର କାହାଣୀ

# ରୋମାଣ୍ଟିକ୍ ଦୃଶ୍ୟ ସୁଟିଂ ପାଇଁ ଚିନ୍ତିତ ଅଭିନେତ୍ରୀ



ଡ୍ରିମଗର୍ଲ ହେମାମାଳିନୀ ୧୯୬୮ ମସିହାରେ ଫିଲ୍ମ 'ସପନୌ କା ସୌଦାଗର' ମାଧ୍ୟମରେ ହିନ୍ଦୀ ସିନେମାରେ ଡେବ୍ୟୁ କରିଥିଲେ। ନିକଟରେ ଦେଇଥିବା ଏକ ସାକ୍ଷାତକାରରେ ଏହି ଫିଲ୍ମ ସହ ଜଡ଼ିତ ଏକ ରୋଚକୀୟ କଥା ପ୍ରକାଶ କରିଛନ୍ତି। ଏହି ଫିଲ୍ମରେ ରାଜ୍ କପୁରଙ୍କ ସହ ହେମାମାଳିନୀ ଅଭିନୟ କରିଛନ୍ତି। ତାଙ୍କଠାରୁ ୨୦ ବର୍ଷ ବଡ଼ ଅଭିନେତା ରାଜ୍ କପୁରଙ୍କ ସହ ରୋମାଣ୍ଟିକ୍ ଦୃଶ୍ୟ ସୁଟିଂ କରିବା ହେମାଙ୍କୁ ବେଶ୍ ଅସହଜ ଲାଗିଥିଲା। ହେମମାଳିନୀଙ୍କ ପାଇଁ ସେ ମୁହୂର୍ତ୍ତ ଖୁବ୍ କଷ୍ଟକର ଥିଲା। ସେତେବେଳେ ରାଜ୍‌ଙ୍କୁ ୪୦ ବର୍ଷ ଓ ହେମା ପ୍ରାୟ ୨୦ ବର୍ଷ ବୟସ ହୋଇଥିଲା। ତେଣୁ ସେ ଫିଲ୍ମକୁ ନେଇ ଆରମ୍ଭରୁ ହିଁ ଖୁବ୍ ନର୍ଭସ ଥିଲେ। ହେଲେ ପରବର୍ତ୍ତୀ ସମୟରେ ନିର୍ଦ୍ଦେଶକ ମହେଶ କୌଲଙ୍କ ସହାୟତାରେ ସେ ଏହି ରୋମାଣ୍ଟିକ୍ ଦୃଶ୍ୟର ସୁଟିଂ କରିପାରିଥିଲେ। ଗ୍ରେଟେଷ୍ଟ ସୌମାନ ବିପକ୍ଷରେ ତାଙ୍କୁ କାଷ୍ଟ କରିବା ଖୁବ୍ ଅଜବ ଥିଲା। ତେବେ ଏ ସଂପର୍କରେ ସେତେବେଳେ ସେ କାହାକୁ ପ୍ରଶ୍ନ କରିପାରିବା ସ୍ଥିତିରେ ନ ଥିଲେ। ତେବେ ଏହି ଫିଲ୍ମରେ ପ୍ରଥମେ ମୁମ୍‌ତାଜ୍‌ଙ୍କୁ ନିଆ ଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଏଥିରେ ହେମା ଅଭିନୟ କରିଥିଲେ। ତାଙ୍କ ବ୍ୟତୀତ ସଞ୍ଜୟ କୁମାର, ଧର୍ମେନ୍ଦ୍ର ପ୍ରମୁଖ ମଧ୍ୟ ଅଭିନୟ କରିଥିଲେ। ହେମାଙ୍କ କହିବାନୁଯାୟୀ ସେ ଏକ ରଢ଼ିବାଦୀ ପରିବାରରୁ ଆସିଥିବାରୁ ତାଙ୍କୁ ଫିଲ୍ମରେ ରାଜ୍ କପୁରଙ୍କ ସହ ରୋମାଣ୍ଟିକ୍ ଦୃଶ୍ୟ ସୁଟିଂ କରିବା ଖୁବ୍ କଠିନ ଲାଗିଥିଲା। ଅବଶ୍ୟ ବକ୍ସ ଅଫିସ୍‌ରେ ଏହି ଫିଲ୍ମ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ■

■ ଅଷ୍ଟ୍ରେଲିଆ ଏକାଦଶ ବିପକ୍ଷ ଅଭ୍ୟାସ ମ୍ୟାଚ

## ୫୪ ରନରେ ଅଲ୍‌ଆଉଟ୍ ହେଲା ବାଂଲାଦେଶ

ଡାର୍‌ୱିନ, ୮।୮ (ଏଜେନ୍ସି): ବାଂଲାଦେଶ ବିପକ୍ଷରେ ଚାଲିଥିବା ୩ ଦିନିଆ ଅଭ୍ୟାସ ମ୍ୟାଚକୁ ଘରୋଇ କ୍ରିକେଟ୍ ଅଷ୍ଟ୍ରେଲିଆ ଏକାଦଶ ଏକ ପାଳି ଓ ୩୮ ରନରେ ବିଜୟୀ ହୋଇଛି। ଏହି ଅଭ୍ୟାସ ମ୍ୟାଚରେ ବାଂଲାଦେଶର ପ୍ରଥମ ପାଳି ସ୍କୋର ୨୬୩ ରନ ଜବାବରେ କ୍ରିକେଟ୍ ଅଷ୍ଟ୍ରେଲିଆ ଏକାଦଶ ୩୫୫ ରନ କରିଥିଲା। ଫଳରେ ୯୨ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ବାଂଲାଦେଶ ଶନିବାର ତୃତୀୟ ଦିବସରେ ମାତ୍ର ୫୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର୍ ତାନଜିଦ ହାସନ ତମିମ ସର୍ବାଧିକ ୨୨ ରନ କରିଥିଲେ। ଅନ୍ୟ ୧୦ଜଣ ଯାକ ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ। ଘରୋଇ ଦଳ ପକ୍ଷରୁ ବାମହାତୀ ଦ୍ରୁତ ବୋଲର କ୍ୟାମ୍ପବେଲ୍ ଥମ୍ପସନ ୮ଟି ୱିକେଟ ନେଇ ବାଂଲାଦେଶର ସର୍ବାଧିକ କ୍ଷତି ଘଟାଇଥିଲେ। ଅଗଷ୍ଟ ୧୩ ତାରିଖରୁ ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ଦୁଇ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜ ଏଠାରେ ଆରମ୍ଭ ହେବ।

## ମେସିଙ୍କ ପିତୃ ବିୟୋଗ



ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଆର୍ଜେଣ୍ଟିନାର କିଂବଦନ୍ତୀ ଫୁଟବଲ ଖେଳାଳି ଲିଓନେଲ ମେସିଙ୍କ ପିତା ଜୋର୍ଜ ମେସିଙ୍କର ଶନିବାର ବିୟୋଗ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୬୮ ବର୍ଷ ହୋଇଥିଲା ଓ ସେ ଗତ କିଛି ଦିନ ଧରି ଅସୁସ୍ଥ ଥିଲେ। ଏପରିକି ଗତ ବିଶ୍ୱକପ୍ ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ପଡ଼ିଥିଲା। ଯେ କୌଣସି ସମୟରେ ସେ ମୃତ୍ୟୁବରଣ କରିବେ ବୋଲି ଜଣାପଡ଼ିବା ପରେ ତାଙ୍କ ପରିବାର ଆଉ ଖବର ଦେଇ ନ ଥିଲେ। ମେସିଙ୍କ ଧ୍ୟାନ କେବଳ ଫୁଟବଲ ଖେଳ ଉପରେ ନିବଦ୍ଧ ରଖିବା ଲାଗି ପରିବାର ପକ୍ଷରୁ ଏହାକୁ ସର୍ବସାଧାରଣଙ୍କଠାରୁ ଲୁଚାଇ ରଖାଯାଇଥିଲା। ଲିଓନେଲ ଖେଳ ଆରମ୍ଭ କରିବା ପରଠାରୁ ପିତା ଜୋର୍ଜ ତାଙ୍କ ଖେଳ ଜୀବନ ଓ ରାଜିନାମା ସମ୍ପର୍କରେ ସବୁକିଛି ବୁଝୁଥିଲେ।

## ରସିଦ୍‌ଙ୍କୁ ଦିନିକିଆରେ ୩ୟ ଥର ୬ଟି ୱିକେଟ ସଫଳତା

ଡବ୍‌ଲିନ୍,୮।୮ (ସମିସ): ଆଫଗାନିସ୍ତାନର ଲେଗ୍ ସ୍ପିନର ରସିଦ୍ ଖାନ୍ ପ୍ରଥମ ବୋଲର ଭାବେ ଦିନିକିଆ କ୍ରିକେଟ ଫର୍ମାଟର ୩ଥର ୬ଟି କିମ୍ବା ଊର୍ଦ୍ଧ୍ୱ ସଫଳତା ପାଇଛନ୍ତି।



ଏଠାରେ ଆଜି ଆୟର୍ଲାଣ୍ଡ ସହ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ରସିଦ୍ ଖାନ୍ ୭.୪ ଓଭର ବୋଲିଂ ୩୪ ରନ୍ ବିନିମୟରେ ୬ଟି ୱିକେଟ ଅକ୍ତିଆର କରିଥିଲେ। ଫଳରେ ବର୍ଷା ବାଧାପ୍ରାପ୍ତ ୪୭ ଓଭରବିଶିଷ୍ଟ ଏହି ମ୍ୟାଚରେ ଆଫଗାନିସ୍ତାନ ୯୨ ରନରେ ଆୟର୍ଲାଣ୍ଡକୁ ହରାଇଦେଇଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ସୋମବାର ତୃତୀୟ ଦିନିକିଆ ବେଲଫାଷ୍ଟରେ ଖେଳାଯିବ। ରଶିଦ ଖାନ ଏଥିପୂର୍ବରୁ ୨୦୧୭ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୧୮ ରନ୍‌ରେ ୭ଟି ଓ ଆୟର୍ଲାଣ୍ଡ ବିପକ୍ଷରେ ୪୩ ରନ୍‌ରେ ୬ଟି ୱିକେଟ ନେଇଥିଲେ।

## ଟେଷ୍ଟ ସିରିଜ୍‌ରୁ ସୁଦର୍ଶନ ବାଦ୍

କଲମ୍ବୋ,୮।୮ (ଏଜେନ୍ସି): ଟପ୍ ଅର୍ଡର ବ୍ୟାଟର ସାଇ ସୁଦର୍ଶନ ଅଗଷ୍ଟ ୧୫ରୁ ଶ୍ରୀଲଙ୍କା ସହ ଆରମ୍ଭ ହେବାକୁ ଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଆହତ ହୋଇ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଚିକିତ୍ସିତ ହେଉଥିଲେ ମଧ୍ୟ ତାଙ୍କୁ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳରେ ସାମିଲ କରାଯାଇଥିଲା। ସେ କିନ୍ତୁ ଶ୍ରୀଲଙ୍କା ନ ଯାଇ ବେଙ୍ଗାଲୁରୁରେ ଚିକିତ୍ସିତ ହେଉଥିଲେ। ତାଙ୍କୁ ପୂରା ଫିଟ୍ ହେବାକୁ ଆଉ କିଛି ଦିନ ଲାଗିବ ବୋଲି ବିସିସିଆଇ ମେଡିକାଲ ଟିମ୍ କହିବା ପରେ ଟେଷ୍ଟ ସିରିଜ୍‌ରୁ ବାଦ୍ ଦଆଯାଇଛି। ଦଳରେ ମନୋନୀତ ହୋଇ ଆହତ ସମସ୍ୟାରୁ ମୁକୁଳି ନ ପାରି ଦଳରୁ ବାଦ୍ ପଡ଼ିବାରେ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ପରେ ସାଇ ହେଉଛନ୍ତି ଦ୍ୱିତୀୟ ଖେଳାଳି। ସେହିପରି ଅଭ୍ୟାସବେଳେ ଡାହାଣ ହାତ ଆଙ୍ଗୁଠିରେ ଆଘାତ ଲାଗିଥିବାରୁ ଅଧିନାୟକ ଶୁବମନ ଗିଲ୍ ଶ୍ରୀଲଙ୍କା ମିଳିତ ଏକାଦଶ ସହ ଚାଲିଥିବା ଅଭ୍ୟାସ ମ୍ୟାଚ୍‌ରେ ଖେଳି ପାରି ନାହାନ୍ତି।

## ପାକ୍ କ୍ରିକେଟର ହମ୍‌ଜା ବାସନ୍ଦ

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ପାକିସ୍ତାନ କ୍ରିକେଟ ବୋର୍ଡ ଏହାର ଜଣେ ଉଦୀୟମାନ କ୍ରିକେଟ ଖେଳାଳି ହମ୍‌ଜା ନାଜରଙ୍କୁ ୨ ବର୍ଷ ଲାଗି ବାସନ୍ଦ କରିଛି। ତାଙ୍କର ଦୋଷ ହେଲା, ସେ ବୋର୍ଡ ମାଧ୍ୟମରେ ଭିସା ଆବେଦନ ପତ୍ରରେ ତ୍ରୁଟି ଦର୍ଶାଇଥିଲେ। ଯାହା ଲାଗି ପାକିସ୍ତାନ କ୍ରିକେଟ ବୋର୍ଡକୁ ଅପଦସ୍ତ ହେବାକୁ ପଡ଼ିଥିଲା। ଫଳରେ ହମ୍‌ଜାଙ୍କୁ ବୋର୍ଡ ୨ ବର୍ଷ ବାସନ୍ଦ କରିବା ସହ ଏକ ନିୟୁତ ଅର୍ଥ ଜରିମାନା କରିଛି। ବାସନ୍ଦ ସମୟରେ ତାଙ୍କୁ କୌଣସି ପ୍ରକାର କ୍ରିକେଟ ଖେଳିବାକୁ ଅନୁମତି ମିଳିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଭିସା ଆବେଦନ ତ୍ରୁଟିଯୁକ୍ତ ହୋଇ ନ ଥିଲେ ହାମ୍‌ଜା ୱେଷ୍ଟଇଣ୍ଡିଜ୍ ଟୁର୍‌ରେ ଯାଇଥାନ୍ତେ।

ଜାତୀୟ ଜୁନିଅର ପୁରୁଷ ହକି

# ମଧ୍ୟପ୍ରଦେଶକୁ ହରାଇ ଓଡ଼ିଶା ଚାମ୍ପିଅନ

ଭୁବନେଶ୍ୱର, ୮।୮ (ସମିସ)




ତାମିଲନାଡୁର କୋଏମ୍ବାଟୁରରେ ଅନୁଷ୍ଠିତ ଜାତୀୟ ଜୁନିଅର ପୁରୁଷ ହକିର ୧୬ତମ ସଂସ୍କରଣରେ ଓଡ଼ିଶା ଚାମ୍ପିଅନ ହୋଇଛି। ଶନିବାର କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ଓଡ଼ିଶା ୨-୧ ଗୋଲରେ ମଧ୍ୟପ୍ରଦେଶକୁ ପରାସ୍ତ କରିଥିଲା। ଫଳରେ ଓଡ଼ିଶା ଦଳ ୫ମଥର ଲାଗି ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି। ଏଥିପୂର୍ବରୁ ଓଡ଼ିଶା ୨୦୨୩ ସଂସ୍କରଣରେ ଟାଇଟଲ୍ ଜିତିଥିଲା।

ଶନିବାର ଅପରାହ୍ଣରେ ଖେଳାଯାଇଥିବା ଫାଇନାଲ ମ୍ୟାଚର ଦ୍ୱିତୀୟ ମିନିଟରେ ଓଡ଼ିଶା ଗୋଲ୍ ଖାତା ଖୋଲିବାରେ ସଫଳ ହୋଇଥିଲା। ମନଦୀପ୍ କେରକେଟା ଏକ ଚମତ୍କାର ଫିଲ୍ଡ ଗୋଲ୍ ଦେଇ ଓଡ଼ିଶାକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହି ଅଗ୍ରଣୀକୁ ଓଡ଼ିଶା ଦଳ ପ୍ରଥମାର୍ଦ୍ଧ ସୁଦ୍ଧା ବଳବତ୍ତର ରଖିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ତଥା ତୃତୀୟ କ୍ୱାର୍ଟରରେ ମଧ୍ୟପ୍ରଦେଶ ମ୍ୟାଚକୁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୩୭ତମ ମିନିଟରେ ପେନାଲ୍ଟି କର୍ଣ୍ଣରକୁ ସଫଳତାର ସହ ଗୋଲ୍‌ରେ ରୂପାନ୍ତରିତ କରି ମଧ୍ୟପ୍ରଦେଶର ସୋହେଲ ଅଲି ମ୍ୟାଚକୁ ୧-୧'ର ବରାବରସ୍ତରକୁ ଆଣିଥିଲେ। ତେବେ ମଧ୍ୟପ୍ରଦେଶର ଏହି ଖୁସି ବେଶି ସମୟ ତିଷ୍ଠିପାରି ନ ଥିଲା। ସେହି ତୃତୀୟ କ୍ୱାର୍ଟରର ଅନ୍ତିମ ମିନିଟ୍ (୪୫ତମ)ରେ ଅଧିନାୟକ ଦୀପକ ପ୍ରଧାନ ଓଡ଼ିଶା ପାଇଁ ବିଜୟସୂଚକ ଦ୍ୱିତୀୟ ଗୋଲଟି କରିଥିଲେ। ଏହାପରେ ମ୍ୟାଚର ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ମଧ୍ୟପ୍ରଦେଶ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ବରାବର୍ ସ୍ଥିତିକୁ ଆଣିପାରି ନ ଥିଲା। ଫଳରେ ଓଡ଼ିଶା ଦଳ ୨-୧ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା।

### ପଞ୍ଜାବକୁ କାଂସ୍ୟ

ଅପରପକ୍ଷରେ ପଞ୍ଜାବ ଦଳ କାଂସ୍ୟ ପଦକ ହାସଲ କରିଛି। ଶନିବାର ସକାଳେ ତୃତୀୟ /ଚତୁର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ପଞ୍ଜାବ ୬-୩ ଗୋଲରେ ଝାଡ଼ଖଣ୍ଡକୁ ହରାଇ ପୋଡିୟମ ଫିନିଶ କରିଥିଲା। ପଞ୍ଜାବ ପକ୍ଷରୁ ଅଧିନାୟକ ଜରମନ ସିଂହ ଓ ଚରଣଜିତ୍ ସିଂହ ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ।

● ଜାତୀୟ ଜଳକ୍ରୀଡ଼ା ପ୍ରତିଯୋଗିତା

## ସୌରଭଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ



ଭୁବନେଶ୍ୱର,୮।୮ (ସମିସ): ଓଡ଼ିଶାର ସୌରଭ ପୁଟେଲ ୪୨ତମ ଜାତୀୟ ଉପକନିଷ୍ଠ ଜଳକ୍ରୀଡ଼ା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ରାଜସ୍ଥାନର ଜୟପୁରଠାରେ ଚାଲିଥିବା ଏହି ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ୨୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ପ୍ରଥମସ୍ଥାନ ଅଧିକାର କରି ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ସେ ଗୁରୁବାର ଅନୁଷ୍ଠିତ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରି ପ୍ରଥମ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ।

## ଜେମିମାଙ୍କ ଏସିଆ କପ୍ ଖେଳିବା ନେଇ ସନ୍ଦେହ

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ ଦଳର ପ୍ରମୁଖ ଖେଳାଳି ଜେମିମା ରୋଡ୍ରିଗ୍ସେଜ୍‌ଙ୍କର ଏସିଆ କପ୍ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଇଂଲଣ୍ଡରେ ଚାଲିଥିବା ଦ ହଣ୍ଡ୍ରେଡ ଖେଳୁଥିବା ବେଳେ ତାଙ୍କ ହାମ୍‌ଷ୍ଟ୍ରିଙ୍ଗ୍ ଆହତ ହୋଇଛି। ଫଳରେ ତାଙ୍କୁ ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ବଞ୍ଚିତ ହେବାକୁ ପଡ଼ିଛି। ଆହତ ସମସ୍ୟା ଗମ୍ଭୀର ହୋଇ ନ ଥିଲେ ମଧ୍ୟ ଚଳିତମାସ ହେବାକୁ ଥିବା ଏସିଆ କପ୍ ମହିଳା ଟି-୨୦ କ୍ରିକେଟରେ ତାଙ୍କର ଅଂଶଗ୍ରହଣ ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍ ବୋଲି କୁହାଯାଉଛି।

## କୋରିଆ ଓପନ ଫାଇନାଲରେ ଅସ୍ମିତା

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଭାରତର ଅସ୍ମିତା କାଲିହା ଏଠାରେ ଚାଲିଥିବା କୋରିଆ ଓପନ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଶନିବାର ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ସେ ନିଜ ଦେଶର ରକ୍ଷିତା ରାମରାଜଙ୍କୁ ୨-୧ ସେଟ୍‌ରେ ହରାଇଥିଲେ। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ସେ ଚୀନ୍‌ର ହାନ୍ କ୍ୱିଆନ ଜୀ'ଙ୍କୁ ଭେଟିବେ। ହାନ୍ କ୍ୱିଆନ୍ ଅନ୍ୟ ଏକ ସେମିଫାଇନାଲରେ ଦକ୍ଷିଣ କୋରିଆର କିମ୍ ଗା ରାମ୍‌ଙ୍କୁ ୨-୧ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। କ୍ୱାର୍ଟର ଫାଇନାଲରେ ବିଶ୍ୱର ନଂ-୨୨ ଖେଳାଳି ତଥା ଏଠାରେ ଟପ୍ ସିଡ୍ ଥିବା ଜାପାନର ହିନା ଆକେଚିଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ଅସ୍ମିତା ସେମିଫାଇନାଲରେ ମଧ୍ୟ ସମାନ ଖେଳ ପ୍ରଦର୍ଶନ କରିଥିଲେ। ପ୍ରଥମ ସେଟ୍ ହାରିବା ପରେ ଅସ୍ମିତା ଶେଷ ଦୁଇଟି ସେଟ୍‌କୁ ସହଜରେ ଜିତି ଫାଇନାଲରେ ପ୍ରବେଶ କରିଥିଲେ।

ଜାତୀୟ ୧୧ ବର୍ଷରୁ କମ୍ ଚେସ୍

# ଓଡ଼ିଶାର ସାତ୍ତ୍ୱିକ ରନର୍ସଅପ୍




ଭୁବନେଶ୍ୱର,୮।୮ (ସମିସ): ଓଡ଼ିଶାର ବିସ୍ମୟ ବାଳକ ସାତ୍ତ୍ୱିକ ସ୍ୱାଇଁଙ୍କୁ ଆଉ ଏକ ଜାତୀୟ ସ୍ୱୀକୃତି ମିଳିଛି। କର୍ଣ୍ଣାଟକର ମାଙ୍ଗାଲୋରଠାରେ ଶନିବାର ଶେଷ ହୋଇଥିବା ଜାତୀୟ ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ସାତ୍ତ୍ୱିକ ରନର୍ସ ଅପ୍ ହୋଇଛନ୍ତି। ୧୧ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ସେ ୯.୫ ପଏଣ୍ଟ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ପଶ୍ଚିମବଙ୍ଗର ଫିଡେ ମାଷ୍ଟର ମଣି ୧୦.୫ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିବା ସହ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏହି ସଫଳତା ବଳରେ ଉଭୟ ଖେଳାଳି ବିଶ୍ୱ ଯୁବ ଚେସ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତ ଏକମାସ ମଧ୍ୟରେ ସାତ୍ତ୍ୱିକଙ୍କର ଏହା ତୃତୀୟ ଟ୍ରଫି। ନିକଟରେ ରାଜ୍ୟଗୋଷ୍ଠୀ ଚେସ୍‌ରେ ତାଙ୍କୁ ଦୁଇଟି ବିଭାଗରେ ମେଡାଲ ମିଳିଥିଲା। ସାତ୍ତ୍ୱିକଙ୍କ ଏହି ସଫଳତା ଲାଗି କଟକ କିଙ୍ଗ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ତଥା ତାଙ୍କ କୋଚ୍ ବିଶ୍ୱଜିତ୍ ରାୟ, ଅଲଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି। ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ପଢୁଥିବା ସାତ୍ତ୍ୱିକ ଭୁବନେଶ୍ୱରର ସୋନମ ଓ ସମ୍ବିତ ସ୍ୱାଇଁଙ୍କ ଜ୍ୟେଷ୍ଠପୁତ୍ର ଅଟନ୍ତି।

## ଅଶୋକ ମହାନ୍ତିଙ୍କ 'କ୍ରୀଡ଼ା ଓ କ୍ରୀଡ଼ାବିତ୍' ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର,୮।୮ (ସମିସ): ବିଶିଷ୍ଟ କ୍ରୀଡ଼ା ପ୍ରଶାସକ ତଥା ସମୀକ୍ଷକ ସ୍ୱର୍ଗତ ଅଶୋକ ମହାନ୍ତିଙ୍କ ଦ୍ୱାରା ଲିଖିତ ପୁସ୍ତକ 'କ୍ରୀଡ଼ା ଓ କ୍ରୀଡ଼ାବିତ୍' ଲୋକାର୍ପିତ ହୋଇଛି। ଶନିବାର କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ୍ ଅଡିଟୋରିୟମ୍‌ରେ ଆୟୋଜିତ ଏକ ଭବ୍ୟ ଉତ୍ସବରେ ଏହି ପୁସ୍ତକର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଶୋକ ମହାନ୍ତି ସ୍ମୃତି କମିଟି ଏବଂ ଭୁବନେଶ୍ୱର କ୍ରୀଡ଼ା ସଂସଦର ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବରିଷ୍ଠ ରାଜନେତା ସୁରେଶ କୁମାର ରାଉତରାୟ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର କ୍ରୀଡ଼ା ସଂସଦ ସମ୍ପାଦକ ଡ. ସୌର୍ଯ୍ୟରଞ୍ଜନ ପରିଡା, ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ୍ ପାଲ, ବରିଷ୍ଠ ରେଳବାଇ ଅଧିକାରୀ ଦିଲ୍ଲୀପ ସାମନ୍ତରାୟ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସଂଗଠକ ଜଗନ୍ନାଥ ପ୍ରଧାନ ଏବଂ ପ୍ରଶାନ୍ତ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ପୁସ୍ତକର ପ୍ରକାଶିକା ଲିଜାଶ୍ରୀ ବିଶୋୟୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଅଶୋକ ମହାନ୍ତିଙ୍କ ଝିଅ ଅମୃତା ମହାନ୍ତି ଓ ଜର୍ମାନୀରେ ରହୁଥିବା ଭାଇ ସଂଗ୍ରାମ ମହାନ୍ତିଙ୍କୁ ପ୍ରଥମ ପୁସ୍ତକ ଉପହାର ଆକାରରେ ଦିଆଯାଇଥିଲା। ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସମ୍ବିତ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଅର୍ଜୁନ ପୁରସ୍କାର ହାସଲ କରିଥିବା ମିନତି ମହାପାତ୍ର, କ୍ରିକେଟ କୋଚ୍ କିଶୋର ମାଣିଆ, ବିଶିଷ୍ଟ ସଂଗଠକ ମକବୁଲ ଅଲ୍ଲୀ, କ୍ରୀଡ଼ା ଫିଜିଓ ଡାକ୍ତର ମୁକ୍ତିପ୍ରସାଦ ଦାସ, କୋଚ୍ ଅରୁଣ ଦାସ, ଲଳିତ ମହାନ୍ତି, ରାଜେଶ ସିଂଙ୍କ ସହ ବହୁ କ୍ରୀଡ଼ାବିତ୍, କ୍ରୀଡ଼ା ସଂଗଠକ ଓ କ୍ରୀଡ଼ା ସାମ୍ବାଦିକମାନେ ସାମିଲ ହୋଇଥିଲେ।

ଫାଓ ଲିଗ୍-୨୦୨୬

## ସେମିରେ ୟଙ୍ଗ୍ ଉତ୍କଳ, ରାଇଜିଂ ଷ୍ଟୁଡେଣ୍ଟ ଓ ଓଡ଼ିଶା ପୁଲିସ

ଭୁବନେଶ୍ୱର, ୮।୮ (ସମିସ): ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ଲିଗ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶେଷ ହୋଇଯାଇଛି। ଶନିବାର ଅନୁଷ୍ଠିତ ମ୍ୟାଚରେ ୟଙ୍ଗ ଉତ୍କଳ, ଓଡ଼ିଶା ପୁଲିସ ଓ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତୃତୀୟ କ୍ୱାର୍ଟର ଫାଇନାଲରେ ୟଙ୍ଗ ଉତ୍କଳ ଦଳ ସୁଟଆଉଟ୍‌ରେ ୭-୬ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶାକୁ ପରାସ୍ତ କରିଥିଲା। ଏହି ମ୍ୟାଚ ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ୧-୧ ଗୋଲରେ ଡ୍ର ରହିବାରୁ ସୁଟଆଉଟ୍ ହୋଇଥିଲା। ସେହିଭଳି ଚତୁର୍ଥ କ୍ୱାର୍ଟର ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ ୪-୩ ଗୋଲରେ ମଙ୍ଗଳା କ୍ଲବକୁ ହରାଇଥିଲା। ଗତକାଲି ସ୍ଥଗିତ ରହିଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଆଜି ଖେଳାଯାଇଥିଲା। ଏଥିରେ ଓଡ଼ିଶା ପୁଲିସ ପେନାଲ୍ଟି ସୁଟଆଉଟ୍‌ରେ ୪-୨ ଗୋଲରେ ରୋଭର୍ସ କ୍ଲବକୁ ହରାଇ ସେମିଫାଇନାଲକୁ ଉଠିଥିଲା।

ଶ୍ରୀଲଙ୍କା ମିଳିତ ଏକାଦଶ ବିପକ୍ଷ ଅଭ୍ୟାସ ମ୍ୟାଚ୍

# ପାଡ଼ିକଲଙ୍କ ଶତକ, ଜାଡେଜାଙ୍କ ଅର୍ଦ୍ଧଶତକ

କଲମ୍ବୋ,୮।୮ (ଏଜେନ୍ସି)

ଦେବଦତ୍ତ ପାଡିକଲଙ୍କ ଶତକ ଓ ରବୀନ୍ଦ୍ର ଜାଡେଜାଙ୍କ ଅର୍ଦ୍ଧଶତକ ସହ ସ୍ଥାନୀୟ ଏନ୍‌ସିସି ଗ୍ରାଉଣ୍ଡରେ ଚାଲିଥିବା ଶ୍ରୀଲଙ୍କା ମିଳିତ ଏକାଦଶ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ଭାରତ ଭଲ ଅଭ୍ୟାସ କରିନେଇଛି। ନଂ-୩ରେ ବ୍ୟାଟିଂ କରିଥିବା ପାଡିକଲ ୧୪୨ ଓ ଜାଡେଜା ୬୩ ରନ୍ କରି ଟେଷ୍ଟ ମୁକାବିଲା ଲାଗି ନିଜକୁ ପ୍ରସ୍ତୁତ କରିନେଇଛନ୍ତି। ଶ୍ରୀଲଙ୍କା ଏକାଦଶର ୮ୱିକେଟରେ ୩୬୩ ରନ୍ ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଭାରତ ପ୍ରଥମ ଇନିଂସରେ ୯୦ ଓଭର ଖେଳି ୬ ୱିକେଟରେ ୩୫୭ ରନ୍ କରିଛି। ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଓ ସାଇ ସୁଦର୍ଶନଙ୍କ ଅନୁପସ୍ଥିତିରେ ଅନ୍ୟ ବ୍ୟାଟରଙ୍କଠାରୁ ଭଲ ପ୍ରଦର୍ଶନ ମିଳିପାରି ନାହିଁ। ଉଭୟ ଖେଳାଳି ଆଘାତ ଯୋଗୁଁ ଏହି ମ୍ୟାଚ୍ ଖେଳି ପାରି ନ ଥିଲେ। ଟ୍ରେନିଂବେଳେ ଗିଲ୍‌ଙ୍କ ଡାହାଣହାତ ଆଙ୍ଗୁଳିରେ ଆଘାତ ଲାଗିଥିବାରୁ ଏହି ମ୍ୟାଚ୍ ଖେଳି ନ ଥିଲେ। ଅନ୍ୟପକ୍ଷରେ ଆଘାତ ସମସ୍ୟା ଠିକ୍ ହୋଇନ ପାରିବାରୁ ସାଇ ସୁଦର୍ଶନ ଏହି ଟୁର୍‌ରୁ ବାଦ୍ ପଡ଼ିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର ତଥା ଏହି ମ୍ୟାଚ୍‌ରେ ଦଳର ନେତୃତ୍ୱ ନେଉଥିବା ଲୋକେଶ ରାହୁଲ ୪୦, ମାନବ ସୂତାର ୪୧ ଓ ସାରାଂଶ ଜୈନ ୨୨ ରନ୍‌ର ଉଲ୍ଲେଖନୀୟ ଇନିଂସ ଖେଳିଛନ୍ତି। କିନ୍ତୁ ଟପ୍‌ଅର୍ଡରରେ ଯଶସ୍ୱୀ ଜୟସ୍ୱାଲ ଖାତା ଖୋଲିପାରି ନାହାନ୍ତି। ୱିକେଟରକ୍ଷକ ବ୍ୟାଟର ଭାବେ ଦଳରେ ସ୍ଥାନ ପାଇଥିବା ଋଷଭ ପନ୍ତ୍ ୨ ଓ ଧ୍ରୁବ ଜୁରେଲ ୧ ରନ୍‌ରେ ଆଉଟ ହେବା ଦଳକୁ ନିରାଶ କରିଛି। ଫାଷ୍ଟ ବୋଲର ଗୁରନୁର ବ୍ରାର୍ ୧୮ ବଲ୍‌ରେ ୨ଚୌକା ଓ ୪ଛକା ସହ ଦ୍ରୁତ ୩୬ ରନ୍ କରି ଅପରାଜିତ ରହିଛନ୍ତି। ଆଜି ଖେଳର ଶେଷ ତଥା ଭାରତୀୟ ଇନିଂସର ୯୦ତମ ଓଭରରେ ଶ୍ରୀଲଙ୍କାର ଦୀଲୁମ୍ ସୁଦୀରାଙ୍କୁ ବ୍ରାର୍ ୪ଟି ଯାକ ଛକା ମାରିଥିଲେ। ଶ୍ରୀଲଙ୍କା ପକ୍ଷରୁ ସ୍ପିନର ରମେଶ ମେଣ୍ଡିସ୍ ଓ ଅଶାଙ୍କ ମନୋଜ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ଟେଷ୍ଟ ମ୍ୟାଚ୍ ଖେଳିବାର ଅଭିଜ୍ଞତା ଥିବା ଦୁଇ ଫାଷ୍ଟ ବୋଲରଙ୍କ ମଧ୍ୟରୁ ବିଶ୍ୱ ଫର୍ଣ୍ଣାଣ୍ଡୋଙ୍କୁ ଗୋଟିଏ ଓ ଲାହିରୁ କୁମାରାଙ୍କୁ କୌଣସି ୱିକେଟ ମିଳି ନ ଥିଲା। କେଶରା ନୁୱାନ୍ଥା ଅନ୍ୟ ୱିକେଟ ଅକ୍ତିଆର କରିଥିଲେ। ଅନ୍ୟମାନଙ୍କୁ ବ୍ୟାଟିଂ କରିବାର ସୁଯୋଗ ଦେବା ସକାଶେ ଭାରତର ଜାଡେଜା, କୁଲଦୀପ ଯାଦବ ରିଟାୟର୍ଡ ହର୍ଟ ହୋଇଥିଲେ।



ପୂର୍ବରୁ ଆଜି ସକାଳେ ଶ୍ରୀଲଙ୍କା ଦଳ ଗତକାଲିର ସ୍କୋର ୮ ୱିକେଟରେ ୩୬୩ ରନ୍‌ରେ ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଭାରତ ବ୍ୟାଟିଂ ଆରମ୍ଭ କରି ଜୟସ୍ୱାଲଙ୍କ ୱିକେଟ ପ୍ରଥମ ଓଭରରେ ହରାଇଥିଲା। ରାହୁଲଙ୍କ ସହ ଯୋଗଦେବା ପରେ ପାଡିକଲ ଦ୍ୱିତୀୟ ୱିକେଟ ପାଇଁ ୯୬ ରନ୍ ଉଠାଇଥିଲେ। ଜାଡେଜାଙ୍କ ସହ ୭୨ ରନ୍ ଉଠାଇବା ପରେ ଶତକ ହାସଲ ବା ୧୨୧ ବଲ୍‌ରୁ ୧୦୩ ରନ୍ କରିଥିବା ପାଡିକଲ ରିଟାୟର୍ଡ ହର୍ଟ ହୋଇ ପାଭିଲିଅନ ଫେରିଯାଇଥିଲେ। ତାଙ୍କ ପରେ ବ୍ୟାଟିଂ କରିବାକୁ ଆସିଥିବା ଋଷଭ ପନ୍ତ ୨ ଓ ଧ୍ରୁବ ଜୁରେଲ ୧ ରନ୍‌ରେ ଆଉଟ ହେବା ଫଳରେ ଦଳ ମିଡିଲ ଅର୍ଡରରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏହି ସମୟରେ ୧୧୭ବଲ୍‌ରୁ ୭ ଚୌକା ସହ ୬୩ ରନ୍ କରିଥିବା ଜାଡେଜାଙ୍କୁ ମଧ୍ୟ ଫେରାଇ ନିଆଯାଇଥିଲା। ମାନବ ସୂତାର ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ କରୁଥିଲାବେଳେ ୧ ରନ୍ କରିଥିବା କୁଲଦୀପ ଯାଦବ ରିଟାୟଡର୍ ଆଉଟ ଓ ମହମ୍ମଦ୍ ସିରାଜ ୧ ରନ୍‌ରେ ଆଉଟ ହେବାରୁ ପାଡ଼ିକଲଙ୍କୁ ପୁଣିଥରେ ବ୍ୟାଟିଂ କରିବାକୁ ପଡ଼ିଥିଲା। ସୂତାର ୪୧ ରନ୍‌ରେ ଆଉଟ ହେବା ପରେ ୨୨ ରନ୍ କରିଥିବା ସାରାଂଶ ଜୈନ ରିଟାୟର୍ଡ ହର୍ଟ ଭାବେ ପାଭିଲିୟନ ଫେରିଥିଲେ। ପାଡିକଲ ଓ ବ୍ରାର୍ ଶେଷଯାଏ ଆଉଟ ହୋଇ ନ ଥିଲେ। ପାଡିକଲ ମୋଟରେ ୧୬୪ ବଲ୍ ଖେଳି ୧୮ ଚୌକା ସହ ୧୪୨ ରନ୍‌ରେ ଅପରାଜିତ ରହିବା ସହ ଟେଷ୍ଟରେ ସାଇ ସୁଦର୍ଶନଙ୍କ ସ୍ଥାନରେ ନଂ-୩ରେ ବ୍ୟାଟିଂ କରିବାର ଦାବି ଦୋହରାଇଛନ୍ତି। ୯୯ ରନ୍‌ରେ ତାଙ୍କର ଏକ କଟ୍ ଆଣ୍ଡ ବୋଲ୍ଡ ଆଉଟ ସୁଯୋଗକୁ ରମେଶ ମେଣ୍ଡିସ୍ ଛାଡିଦେଇଥିଲେ। ଏହା ବ୍ୟତୀତ ସେ ଆଉଟ ହେବାର ଆଉ କୌଣସି ସୁଯୋଗ ଦେଇ ନ ଥିଲେ।

## ଉଦ୍‌ଘାଟନୀରେ ବିକାଶ ସ୍କୁଲର ବଡ଼ ବିଜୟ




ଭୁବନେଶ୍ୱର, ୮।୮ (ସମିସ): ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ୟୁନିଟ-୬ ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଜୟନ୍ତ ମେମୋରିଆଲ ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତାର ୩୫ତମ ସଂସ୍କରଣ ଶନିବାର ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ବିକାଶ ରେସିଡେଣ୍ଟାଲ ସ୍କୁଲ ୯-୦ ଗୋଲର ବୃହତ୍ ବ୍ୟବଧାନରେ ମଦର୍ସ ପବ୍ଲିକ ସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଦୁର୍ଲଭ ଗୋସ୍ୱାମୀ ୪ ଓ ରେହାନ ପ୍ରଧାନ ୩ଟି ଗୋଲ ଦେଇଥିଲେ। ପ୍ରଭାବୀ ପ୍ରଦର୍ଶନ ଲାଗି ଦୁର୍ଲଭଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବତନ ଖେଳାଳି ପ୍ରଦୀପ ବଳିଆରସିଂ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶିବପ୍ରସାଦ ସାମନ୍ତରାୟ, ସଫକ୍ୱଲ୍ଲା ଖାନ, ବିଜୟ ମଙ୍ଗରାଜ ଓ ସୁଜିତ ପାଇକରାୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବରୁ ଉଦଘାଟନୀ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ତପନ କୁମାର ମହାନ୍ତି, ସୁରେଶ ରାଉତରାୟ, ପୁଷ୍ପା ରାଉତ, ପଦ୍ମନାଭ ବେହେରା, ସୌର୍ଯ୍ୟରଞ୍ଜନ ପରିଡା, ଦିଲୀପ କୁମାର ସାମନ୍ତରାୟ ଓ ଏ. ବେଗମ ଅତିଥିଭାବେ ଯୋଗଦେଇଥିଲେ।




ମୟୂରଭଞ୍ଜର ରାଇରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୭୨ତମ ଓଡ଼ିଶା ରାଜ୍ୟ ଆଥଲେଟିକ୍ସ ଚାମ୍ପିଅନସିପ୍ ଉଦଘାଟିତ ହୋଇଯାଇଛି। ଏଥିରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଅତିଥି ଭାବେ ଯୋଗଦେଇ କୃତୀ କ୍ରୀଡ଼ାବିତଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୫.୨୧ ● ପାଉଣ୍ଡ ୧୨୮.୧୩
- ୟୁରୋ ୧୦୯.୭୬ ● ୟେନ୍ ୦.୬୦

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୩୯,୬୫୦ (ଭୁବନେଶ୍ୱର)
- ରୁପା : ୨,୪୯,୯୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୮,୪୯୯.୦୦
- ନିଫ୍ଟି ୨୪,୫୭୦.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ନରମିଲେ ସରକାର
# ୟୁପିଆଇ ପେମେଣ୍ଟରେ ଲାଗିବନି ଶୁଳ୍କ

## ସୀମାଠାରୁ ଅଧିକ କିଛି ମର୍ଚ୍ଚାଣ୍ଟ କାରବାର ପାଇଁ ଲାଗୁ ହୋଇପାରେ ଏମ୍‌ଡିଆର୍

ନୂଆଦିଲ୍ଲୀ,୮।୮(ଏଜେନ୍ସି): ନିକଟରେ ସଂସଦରେ ଗୃହୀତ ହୋଇଥିବା ପେମେଣ୍ଟ ଏବଂ ସେଟେଲମେଣ୍ଟ ସିଷ୍ଟମ୍ ଆଇନ (ସଂଶୋଧନ) ବିଲ୍ ପ୍ରସଙ୍ଗରେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ )ପେମେଣ୍ଟରେ ଶୁଳ୍କ ଲାଗୁ ପ୍ରସଙ୍ଗ ଏବେ ଦେଶରେ ବଡ଼ ଆଲୋଚନାର ପ୍ରସଙ୍ଗ ପାଲଟିଛି। ଏହାକୁ ନେଇ ସାରା ଦେଶରେ ବିତର୍କ ଚାଲିଥିବାବେଳେ ପ୍ରସଙ୍ଗ ଏବେ ଏକ ରାଜନୈତିକ ବିବାଦ ମଧ୍ୟ ସୃଷ୍ଟି କରିଛି। ବିରୋଧୀ ୟୁପିଆଇ ନୀତିରେ ପରିବର୍ତ୍ତନକୁ ଘୋର ବିରୋଧ କରୁଛନ୍ତି। ବିବାଦ ତୀବ୍ର ହେବା ପରେ ସରକାର ଆଜି ଏହି ପ୍ରସଙ୍ଗରେ ନରମିଛନ୍ତି। ୟୁପିଆଇ କାରବାର ଶୁଳ୍କଯୁକ୍ତ ହୋଇଯିବ ବୋଲି ଯେଉଁ ପ୍ରଚାର ଚାଲିଛି ତାହାକୁ ଖଣ୍ଡନ କରିଛନ୍ତି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ। ସରକାର ସ୍ପଷ୍ଟ କରିଛନ୍ତି ଯେ ସାଧାରଣ ଉପଭୋକ୍ତାଙ୍କ ପାଇଁ ବ୍ୟକ୍ତି-ବ୍ୟକ୍ତି (ପି-ଟୁ-ପି) ମଧ୍ୟରେ ଏବଂ ସାମାନ୍ୟ ୟୁପିଆଇ ପେମେଣ୍ଟ ସମ୍ପୂର୍ଣ୍ଣ ଭାବେ ମାଗଣା ରହିବ। ଡିଜିଟାଲ ୟୁପିଆଇ ପେମେଣ୍ଟରେ ଛୋଟ ବ୍ୟବସାୟୀଙ୍କୁ ଆଉ କୌଣସି ଶୁଳ୍କ ଦେବାକୁ




ପଡିବନି। ଏହାଛଡା ସୀମାଠାରୁ ଅଧିକ କିଛି ମର୍ଚ୍ଚାଣ୍ଟ କାରବାର ପାଇଁ ବାଣିଜ୍ୟ ରିହାତି ହାର (ଏମ୍‌ଡିଆର୍) ଲାଗୁ ହୋଇପାରେ। ତେବେ ଗ୍ରାହକମାନଙ୍କ ପାଇଁ ୟୁପିଆଇ ପେମେଣ୍ଟ ମାଗଣା ରହିବ। ତେବେ ଭାରତ ସରକାର ଆମେରିକାର ଚାପ ଆଗରେ ମୁଣ୍ଡ ନୁଆଁଇ ୟୁପିଆଇ ନୀତିରେ ପରିବର୍ତ୍ତନ କରୁଥିବା ନେଇ ହେଉଥିବା ଅଭିଯୋଗକୁ ସରକାର ଖଣ୍ଡନ କରିଛନ୍ତି।

କିଛି ନିର୍ଦ୍ଦିଷ୍ଟ କାରବାର ଉପରେ ଏକ ଏମ୍‌ଡିଆର୍ ପ୍ରଚଳନ ସମ୍ପର୍କରେ ଆଲୋଚନା ମଧ୍ୟରେ କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି ଯେ ୟୁପିଆଇ ମାଧ୍ୟମରେ କାରବାର କରିବା ପାଇଁ ଗ୍ରାହକଙ୍କଠାରୁ କୌଣସି ଶୁଳ୍କ ନିଆଯିବ ନାହିଁ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆଜି ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ମନ୍ତ୍ରାଳୟ କହିଛି ଯେ ଯଦି ଏମ୍‌ଡିଆର୍ ପ୍ରଚଳନ କରାଯାଏ, ତେବେ ଏହା କେବଳ ଏକ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ଏବଂ ଏକ ନାମମାତ୍ର ହାରରେ ସୀମିତ ବ୍ୟବସାୟିକ କାରବାର ପାଇଁ ପ୍ରଯୁଜ୍ୟ ହେବ, ଯାହା ସାଧାରଣତଃ ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ କାରବାରରେ ଆଦାୟ କରାଯାଉଥିବା ଏମ୍‌ଡିଆର୍ ଅପେକ୍ଷା ଯଥେଷ୍ଟ କମ୍ ରହିବ। ମନ୍ତ୍ରଣାଳୟ କହିଛି ଯେ ଅଧିକାଂଶ ୟୁପିଆଇ କାରବାର ବ୍ୟବସାୟୀଙ୍କ ପାଇଁ ମୁକ୍ତ ରହିବ। ଏମ୍‌ଡିଆର୍ ଯଦି ପ୍ରଚଳନ କରାଯାଏ, ତେବେ କେବଳ ସୀମା ଆଧାରିତ ହେବ ଏବଂ ସମସ୍ତଙ୍କ ଉପରେ ସମ୍ପୂର୍ଣ୍ଣ ଭାବରେ ଲାଗୁ ହେବ ନାହିଁ। ଅନ୍ୟପକ୍ଷରେ ଆମେରିକାର ଚାପରେ ୟୁପିଆଇ ନୀତିରେ ପରିବର୍ତ୍ତନ ପ୍ରସଙ୍ଗରେ ଅର୍ଥମନ୍ତ୍ରଣାଳୟ କହିଛି ଯେ, ଏହା ସମ୍ପୂର୍ଣ୍ଣ ଆଧାରହୀନ, ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭ୍ରାନ୍ତିକର। ଯଦି ବାହ୍ୟ ଚାପ ଏକ କାରଣ ହୋଇଥାନ୍ତା, ତେବେ ସରକାର ୨୦୧୬ ରେ ୟୁପିଆଇ ଆରମ୍ଭ କରିନଥାନ୍ତେ କିମ୍ବା ଜାନୁଆରୀ ୨୦୨୦ରୁ ବ୍ୟବସାୟୀ ଏବଂ ନାଗରିକ ଉଭୟଙ୍କ ପାଇଁ ଏହାକୁ ମାଗଣା କରିନଥାନ୍ତେ ଏବଂ ଏହାକୁ ବିଶ୍ୱର ସବୁଠାରୁ ବଡ଼ ରିଅଲ-ଟାଇମ୍ ଇଣ୍ଟର-ଓପରେବଲ୍ ପେମେଣ୍ଟ ସିଷ୍ଟମ୍‌ରେ ପରିଣତ କରି ନ ଥାନ୍ତେ। ତେଣୁ, ଭାରତର ଡିଜିଟାଲ୍ ପେମେଣ୍ଟ ଭିତ୍ତିଭୂମି ଯେପରି ସ୍ଥାୟୀ, ପ୍ରତିଯୋଗିତାମୂଳକ, ନବସୃଜନକାରୀ ଏବଂ ଦେଶର ଦ୍ରୁତ ପ୍ରସାରିତ ଡିଜିଟାଲ୍ ଅର୍ଥବ୍ୟବସ୍ଥାକୁ ସେବା ଯୋଗାଇବାରେ ସକ୍ଷମ ରହିବ, ସରକାରଙ୍କ ସେହି ବୃହତ ଉଦ୍ଦେଶ୍ୟ ଆଧାରରେ ଏହି ସଂଶୋଧନକୁ ଦେଖାଯିବା ଉଚିତ୍।

ଅପରପକ୍ଷେ ଭାରତୀୟ ପେମେଣ୍ଟ କାଉନ୍‌ସିଲ୍ କହିଛି ଯେ, ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍(ୟୁପିଆଇ) କାରବାର ଗ୍ରାହକମାନଙ୍କ ପାଇଁ ମାଗଣା ରହିବ, ଏବଂ କିରାଣା ଦୋକାନ ସମେତ ଛୋଟ ବ୍ୟବସାୟୀଙ୍କଠାରୁ ଡିଜିଟାଲ ପେମେଣ୍ଟ ଗ୍ରହଣ କରିବା ପାଇଁ କୌଣସି ଶୁଳ୍କ ନିଆଯିବ ନାହିଁ। ବ୍ୟବସାୟୀମାନଙ୍କ ଉପରେ ଲାଗୁ ହେଉଥିବା ସମ୍ଭାବ୍ୟ ଶୁଳ୍କ ସମ୍ପର୍କରେ ରିପୋର୍ଟ ଦ୍ୱାରା ଉଠାଯାଇଥିବା ଚିନ୍ତାକୁ ଦୂର କରିବା ପାଇଁ ପରିଷଦ ଏହି ବିବୃତ୍ତି ଦେଇଛି।

## ପେଟ୍ରୋଲିୟମ ମନ୍ତ୍ରଣାଳୟର ସ୍ୱଷ୍ଟୋକ୍ତି

# ଇ-୨୦ ପେଟ୍ରୋଲରେ କ୍ଲୋରାଇଡ୍, ଜଳୀୟ ବାଷ୍ପ ଥିବା ଦାବି ଭିତ୍ତିହୀନ

ନୂଆଦିଲ୍ଲୀ,୮।୮(ଏଜେନ୍ସି): ଇବିଏମଏସ୍ (ଇ-୨୦ ପେଟ୍ରୋଲ୍)ରେ ଜଳୀୟବାଷ୍ପ ଓ କ୍ଲୋରାଇଡ୍ ଥିବା କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ, ତୈଳ ବିପଣନ କମ୍ପାନୀଗୁଡ଼ିକ ସମଗ୍ର ଦେଶରେ ଇବିଏମଏସ୍ ଯୋଗାଣ ଶୃଙ୍ଖଳାର ପ୍ରତ୍ୟେକ ସ୍ତରକୁ ନେଇ ଅତିରିକ୍ତ ଓ ବ୍ୟାପକ ଯାଞ୍ଚ କରିଥିଲେ। ଏହି ପରୀକ୍ଷଣରୁ ସ୍ପଷ୍ଟ ହୋଇଛି ଯେ ଇନ୍ଧନର ଗୁଣବତ୍ତା ନିର୍ଦ୍ଧାରିତ ସୀମା ମଧ୍ୟରେ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ବୈଜ୍ଞାନିକ ପଦ୍ଧତିରେ କରାଯାଇଥିବା ବ୍ୟାପକ ଆକସ୍ମିକ ପରୀକ୍ଷଣର ପ୍ରମାଣ ଆଧାରରେ, କିଛି ଦାବିର ବିପରୀତ, ଇନ୍ଧନ ପ୍ରଦୂଷଣ କିମ୍ବା ମିଶ୍ରଣକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ। ଏହି ପରୀକ୍ଷଣ ପରେ ତୈଳ ବିତରଣ କମ୍ପାନୀମାନେ ଗ୍ରାହକମାନଙ୍କୁ ଆଶ୍ୱସ୍ତ କରିଛନ୍ତି ଯେ ସେମାନେ ଇନ୍ଧନ ଗୁଣବତ୍ତାକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ଗାଡ଼ିର କାର୍ଯ୍ୟଦକ୍ଷତା କିମ୍ବା ଉପଭୋକ୍ତାଙ୍କ ବିଶ୍ୱାସକୁ ପ୍ରଭାବିତ କରିପାରୁଥିବା ଯେକୌଣସି ସମସ୍ୟାର ବୈଜ୍ଞାନିକ ଅନୁସନ୍ଧାନ କରାଯାଇ ତୁରନ୍ତ ସୁଧାରମୂଳକ ପଦକ୍ଷେପ ଗ୍ରହଣ କରାଯାଏ।

ଭାରତ ସରକାର ପେଟ୍ରୋଲ ମିଶ୍ରଣ ପାଇଁ ବ୍ୟବହୃତ ହେଉଥିବା ଇଥାନୋଲ୍‌ରେ କ୍ଲୋରାଇଡ୍‌ର କଡ଼ା ମାପଦଣ୍ଡ ନିର୍ଦ୍ଧାରଣ କରିଛନ୍ତି ଏବଂ ସମଗ୍ର ଯୋଗାଣ ଶୃଙ୍ଖଳାରେ ଏହାର ପାଳନ ସୁନିଶ୍ଚିତ କରିବା ପାଇଁ ଏକ ସକ୍ରିୟ ତଦାରଖ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ରିଫାଇନାରୀ, ଡିଷ୍ଟିଲେରୀ, ଡିପୋ/ଟର୍ମିନାଲ୍ ଏବଂ ଦେଶବ୍ୟାପୀ ଖୁଚୁରା ବିକ୍ରୟ କେନ୍ଦ୍ର (ପେଟ୍ରୋଲ ପମ୍ପ) ସମେତ ଯୋଗାଣ ଶୃଙ୍ଖଳାର ଏକାଧିକ ସ୍ଥାନରେ କ୍ଲୋରାଇଡ୍ ଯାଞ୍ଚ କରାଯାଉଛି, ଯାହା ଦ୍ୱାରା ସମଗ୍ର ଯୋଗାଣ ଶୃଙ୍ଖଳରେ ଗୁଣବତ୍ତା ବଜାୟ ରଖାଯାଉଛି।

# ପଶ୍ଚିମ ରେଳବାଇର ପ୍ରଧାନ ମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକଙ୍କ ବାଣିଜ୍ୟ ବିଭାଗ ସହ ଆଲୋଚନା



ଅହମଦାବାଦ୍,୮।୮: ପଶ୍ଚିମ ରେଳବାଇର ବାଣିଜ୍ୟିକ ବିଭାଗରେ କାର୍ଯ୍ୟରତ ରେଳ କର୍ମଚାରୀଙ୍କ ସହିତ ଏକ "ସମ୍ବାଦ" କାର୍ଯ୍ୟକ୍ରମରେ ଅହମ୍ମଦାବାଦର ଡିଭିଜନାଲ ରେଳ ମ୍ୟାନେଜରଙ୍କ କାର୍ଯ୍ୟାଳୟରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ନେତୃତ୍ୱ ପଶ୍ଚିମ ରେଳବାଇର ପ୍ରଧାନ ମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ ତରୁଣ ଜୈନ ନେଇଥିଲେ। ପଶ୍ଚିମ ରେଳବାଇର ବିଭିନ୍ନ ଡିଭିଜନର ବାଣିଜ୍ୟିକ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ଏହି ଆଲୋଚନାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ସଂଳାପ ସମୟରେ, ଯାତ୍ରୀ ବିପଣନ, ଟିକଟ ବୁକିଂ, ସଂରକ୍ଷଣ, ଟିକେଟ ଯାଞ୍ଚ, କ୍ୟାଟରିଂ ଏବଂ ରାଜସ୍ୱ ବୃଦ୍ଧି ସହିତ ଜଡିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ନୀତିଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଏବଂ କ୍ଷେତ୍ର ସ୍ତରରେ ଦକ୍ଷତା ବୃଦ୍ଧି ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ବୁକିଂ କ୍ଲର୍କ, ରିଜର୍ଭେସନ କ୍ଲର୍କ, ବାଣିଜ୍ୟିକ ପର୍ଯ୍ୟବେକ୍ଷକ, ବାଣିଜ୍ୟିକ ନିରୀକ୍ଷକ, ଟିକଟ ଯାଞ୍ଚ କର୍ମଚାରୀ ଏବଂ କ୍ୟାଟରିଂ କର୍ମଚାରୀଙ୍କ ସମେତ ବିଭିନ୍ନ ବାଣିଜ୍ୟିକ ବିଭାଗର କର୍ମଚାରୀମାନଙ୍କୁ ସେମାନଙ୍କର ସମସ୍ୟା, ପରାମର୍ଶ ଏବଂ କାର୍ଯ୍ୟ ଅଭିଜ୍ଞତା ସିଧାସଳଖ ବରିଷ୍ଠ ଅଧିକାରୀଙ୍କ ସହିତ ବାଣ୍ଟିବାର ସୁଯୋଗ ପ୍ରଦାନ କରିଥିଲା।ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ବରିଷ୍ଠ ମୁଖ୍ୟାଳୟ ଅଧିକାରୀ ଏବଂ ବିଭାଗୀୟ କର୍ମଚାରୀଙ୍କ ମଧ୍ୟରେ ସିଧାସଳଖ ଏବଂ ପ୍ରଭାବଶାଳୀ ଯୋଗାଯୋଗ ସ୍ଥାପନ କରିବା, କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବ୍ୟବହାରିକ ଚ୍ୟାଲେଞ୍ଜଗୁଡ଼ିକୁ ବୁଝିବା ଏବଂ ଯାତ୍ରୀ ସେବା ଏବଂ ବାଣିଜ୍ୟିକ କାର୍ଯ୍ୟର ଆହୁରି ଉନ୍ନତି ପାଇଁ ପରାମର୍ଶ ଗ୍ରହଣ କରିବା।


# କଳାହାଣ୍ଡିରେ ବେଦାନ୍ତ ଆଲୁମିନିୟମ୍‌ର ପ୍ରକଳ୍ପ ସଙ୍ଗମ

ଭୁବନେଶ୍ୱର, ୮।୮(ସମିସ):କୃଷକମାନଙ୍କ କଲ୍ୟାଣ ଏବଂ ସହନଶୀଳତା ଉପରେ ସମୃଦ୍ଧ ଗ୍ରାମୀଣ ସମ୍ପ୍ରଦାୟ ନିର୍ମାଣ ହୋଇଥାଏ। ଏହାକୁ ସ୍ୱୀକାର କରି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଆକ୍ସନ୍ ଫର୍ ଫୁଡ୍ ପ୍ରଡକ୍ସନ୍ (ଏଏଫପିଆରଓ) ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଜରିଆରେ ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି, ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ୨୩ଟି ଗ୍ରାମରେ ୨୩ଟି ତାଲିମ ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛି, ଯେଉଁଥିରେ ୪୦୦ରୁ ଅଧିକ କୃଷକଙ୍କୁ ନିରାପଦ କୃଷି ରାସାୟନିକ ପରିଚାଳନା ଏବଂ ସ୍ଥାୟୀ କୃଷି ପଦ୍ଧତି ଉପରେ ଜ୍ଞାନ ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ପ୍ରତି ଥିବା ବିପଦକୁ ହ୍ରାସ କରିବା ଏବଂ ପରିବେଶ ପ୍ରତି ଉତ୍ତରଦାୟୀ କୃଷି ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) ର ସଠିକ୍ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ଅତ୍ୟଧିକ




କ୍ଷତିକାରକ ସାର ଏବଂ କୀଟନାଶକଗୁଡ଼ିକର ନିରାପଦ ପରିଚାଳନା, ସଂରକ୍ଷଣ, ପରିବହନ ଏବଂ ବିଘଟନ ଉପରେ କାର୍ଯ୍ୟକ୍ରମ ଗୁଡ଼ିକରେ ଧ୍ୟାନ ଦିଆଯାଇଥିଲା। କଳାହାଣ୍ଡିରେ ବେଦାନ୍ତ ଆଲୁମିନିୟମର ଜଳବିଭାଜିକା ଏବଂ ଜୀବିକା ବିକାଶ କାର୍ଯ୍ୟକ୍ରମ ପ୍ରକଳ୍ପ ସଙ୍ଗମ, ଜଳ ସୁରକ୍ଷା, କୃଷି ଉତ୍ପାଦକତା ଏବଂ ଜୀବିକା ନିର୍ବାହରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ କୃଷକ ମାନଙ୍କୁ ସହାୟତା କରିଥାଏ।

# ଓରାୟମ୍ ରିଅଲଟିର ଶୁଭାରମ୍ଭ



ଭୁବନେଶ୍ୱର,୮।୮(ସମିସ): ଓଡ଼ିଶାର ଅର୍ଥନୈତିକ ଏବଂ ସହରୀ ଅଭିବୃଦ୍ଧି ପ୍ରତି ନିଜର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ସୁଦୃଢ଼ କରି ଝାରସୁଗୁଡ଼ାରୁ ଆରମ୍ଭ ହୋଇ ଭୁବନେଶ୍ୱରରେ ମୁଖ୍ୟାଳୟ ଥିବା ଓଡ଼ିଶାର ଅନ୍ୟତମ ପ୍ରମୁଖ ବିବିଧ ଶିଳ୍ପ ସଂସ୍ଥା ଓରାୟମ୍ ଗ୍ରୁପ୍ ଆଜି ନିଜର ସମର୍ପିତ ରିଅଲ୍ ଇଷ୍ଟେଟ୍ ଶାଖା 'ଓରାୟମ୍ ରିଅଲଟିର ଶୁଭାରମ୍ଭ ଘୋଷଣା କରିଛି। ଏହା ପ୍ରଥମେ ଭୁବନେଶ୍ୱର ଓ ରାଜ୍ୟର ଅନ୍ୟାନ୍ୟ ଉଦୀୟମାନ ବିକାଶ କରିଡରଗୁଡ଼ିକରେ ପ୍ରିମିୟମ୍ ଆବାସିକ, ଖୁଚୁରା, ବ୍ୟବସାୟିକ, ଆତିଥେୟତା ଓ ମିଶ୍ରିତ ବ୍ୟବହାର ପ୍ରକଳ୍ପଗୁଡ଼ିକର ବିକାଶ କରିବ ବୋଲି ଓରାୟମ୍ ଗ୍ରୁପ ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ରାଜେଶ ଅଗ୍ରୱାଲ କହିଛନ୍ତି। ରିଅଲ୍ ଇଷ୍ଟେଟ୍‌ରେ ଏହି ରଣନୈତିକ ପ୍ରବେଶ ଗ୍ରୁପ୍‌ର ୨୧ ବର୍ଷର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଯାହା ଇସ୍ପାତ ଓ ଶକ୍ତି, ସ୍ପେଶାଲିଟି କେମିକାଲ୍ସ ଓ ରିଫ୍ରାକ୍ଟରିରେ ଶିଳ୍ପ ଦକ୍ଷତା ନିର୍ମାଣ କରିଛି। ଗ୍ରୁପ୍ ବିଶ୍ୱାସ କରେ ଯେ ଓଡ଼ିଶା ଭିତ୍ତିଭୂମି-ଚାଳିତ ଶିଳ୍ପାୟନ ଓ ସହରୀକରଣର ଏକ ପରିବର୍ତ୍ତନକାରୀ ପର୍ଯ୍ୟାୟରେ ପ୍ରବେଶ କରୁଛି ଯାହା ସଂଗଠିତ ରିଅଲ୍ ଇଷ୍ଟେଟ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଦୀର୍ଘକାଳୀନ ସୁଯୋଗ ସୃଷ୍ଟି କରୁଥିବା ଓରାୟମ୍ ଗ୍ରୁପର ନିର୍ଦ୍ଦେଶକ ଅନିଲ କେଡିଆ ଏବଂ ଦୀପକ ଅଗ୍ରୱାଲ କହିଛନ୍ତି।

## ଭାରତ ସମେତ ୫ ଦେଶ ଉପରେ ଶୁଳ୍କ ଲଗାଇବାକୁ ଆମେରିକା ସିନେଟରେ ବିଲ୍ ପାରିତ

# ରୁଷିଆଠାରୁ ତେଲ କିଣିଲେ ୧୦୦% ଶୁଳ୍କ

ୱାସିଂଟନ୍,୮।୮(ଏଜେନ୍ସି): ରୁଷିଆର ରାଜସ୍ୱକୁ ରୋକିବା ଏବଂ ୟୁକ୍ରେନ ଯୁଦ୍ଧ ପାଇଁ ଆର୍ଥିକ ସହାୟତାକୁ ଦୁର୍ବଳ କରିବା ଲକ୍ଷ୍ୟରେ ଆମେରିକା ସିନେଟ ପଦକ୍ଷେପ ଗ୍ରହଣ କରିଛି। 'ଲିଣ୍ଡସେ ଓ ଗ୍ରାହାମ ସାଙ୍କସନିଂ ରୁଷିଆ ଆଣ୍ଡ ଇରାନ ଆକ୍ଟ ୨୦୨୬' ନାମକ ଏହି ବିଲ୍ ସିନେଟରେ ୮୬-୧୧ ଭୋଟରେ ଗୃହୀତ ହୋଇଛି। ରୁଷିଆଠାରୁ ତେଲ ଓ ଗ୍ୟାସ୍ କିଣୁଥିବା ଭାରତ ସମେତ ଅନ୍ୟ ଦେଶଗୁଡିକ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବା ପାଇଁ ଆମେରିକାରେ ବିଲ୍ ପାରିତ ହୋଇଛି। ଏହି ନୂତନ ଆଇନ ଅନୁଯାୟୀ, ଯଦି ଭାରତ, ଚୀନ୍ ସ୍ଲୋଭାକିଆ, ହଙ୍ଗେରୀ ଏବଂ ଆଜରବାଇଜାନ ରୁଷିଆଠାରୁ କ୍ରମାଗତ ଭାବେ ତେଲ ଓ ଗ୍ୟାସ୍ କିଣନ୍ତି, ତେବେ ସେମାନଙ୍କ ରପ୍ତାନି ସାମଗ୍ରୀ ଉପରେ ଆମେରିକା ୧୦୦% ଶୁଳ୍କ ଲଗାଇପାରେ। ପ୍ରଥମେ ଏହି ଶୁଳ୍କ ୫୦୦% ପର୍ଯ୍ୟନ୍ତ ରଖିବାକୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ପରେ ଏହାକୁ ୧୦୦% କୁ ହ୍ରାସ କରାଯାଇଛି।




ତଥାପି ଆମେରିକା ରାଷ୍ଟ୍ରପତିଙ୍କ ପାଖରେ ରୁଷିଆର ସାମଗ୍ରୀ ଉପରେ ୫୦୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇବାର କ୍ଷମତା ୫ ବର୍ଷ ପର୍ଯ୍ୟନ୍ତ ରହିବ। ସିନେଟରେ ଅନୁମୋଦନ ପରେ ଏହି ବିଲ୍ ଆମେରିକାର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସକୁ ଯିବ। ସେଠାରେ ଗୃହୀତ ହେବାପରେ ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ହିଁ ଏହା ଆଇନରେ ପରିଣତ ହେବ।

ସୂଚନାଯୋଗ୍ୟ, ଭାରତ ବର୍ତ୍ତମାନ ରୁଷିଆର ସବୁଠାରୁ ବଡ଼ ତେଲ ଗ୍ରାହକମାନଙ୍କ ମଧ୍ୟରୁ ଅନ୍ୟତମ। ଜୁନ୍ ସୁଦ୍ଧା ଭାରତ ପ୍ରତିଦିନ ୨.୬୧ ନିୟୁତ ବ୍ୟାରେଲ୍ ରୁଷୀୟ ଅଶୋଧିତ ତୈଳ ଆମଦାନୀ କରିଥିଲା। ଆମେରିକା ଏହି ଶୁଳ୍କ ଲାଗୁ କଲେ ଆମେରିକା ବଜାରରେ ଭାରତୀୟ ସାମଗ୍ରୀ ବହୁତ ମହଙ୍ଗା ହେବ। ଫଳରେ ଆମେରିକୀୟ କ୍ରେତାମାନେ ବାଂଲାଦେଶ କିମ୍ବା ଭିଏତନାମ ଭଳି ବିକଳ୍ପ ଦେଶ ଆଡକୁ ମୁହାଁଇବେ। ଯାହାଦ୍ୱାରା ଭାରତର ରପ୍ତାନି ଗଭୀର ଭାବେ ପ୍ରଭାବିତ ହେବ। ଅନ୍ୟପକ୍ଷରେ, ଯଦି ଭାରତ ରୁଷିଆଠାରୁ ତେଲ କିଣିବା କମାଇଦିଏ, ତେବେ ଅନ୍ୟ ଦେଶରୁ ମହଙ୍ଗା ଦରରେ ତେଲ କିଣିବାକୁ ପଡିବ। ଏହାଦ୍ୱାରା ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ସମସ୍ତ ସାମଗ୍ରୀର ଦର ବୃଦ୍ଧି ଘଟିବ। ତେବେ ଆମେରିକା ସିନେଟରେ ଆଗତ ଏହି ବିଲ୍‌ରେ ୧୫ଟି ୟୁରୋପୀୟ ଦେଶକୁ ରିହାତି ପ୍ରଦାନ କରାଯାଇଛି। ଆମେରିକାର ସହଯୋଗୀ ୟୁରୋପୀୟ ଦେଶମାନଙ୍କୁ ଦଣ୍ଡିତ ନକରିବା ଏହାର ଲକ୍ଷ୍ୟ ରହିଛି। ରୁଷିଆକୁ ବଡ଼ ଧରଣର ବ୍ୟବସାୟ ଯୋଗାଉଥିବା ବାକି ଦେଶ ଗୁଡ଼ିକ ଉପରେ ଏହି ଶୁଳ୍କ ଲାଗୁ ହେବାକୁ ପ୍ରସ୍ତାବ ଆଗତ ହୋଇଛି। ଏଥିସହିତ ଏହି ବିଲ୍‌ରେ ଇରାନ ଉପରେ କଟକଣାକୁ ୨୦୩୧ ପର୍ଯ୍ୟନ୍ତ ବୃଦ୍ଧି କରିବା ଏବଂ ରୁଷିଆର ପ୍ରତିରକ୍ଷା ଓ ଆର୍ଥିକ କ୍ଷେତ୍ର ସମେତ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ମଧ୍ୟ ଟାର୍ଗେଟ୍ କରିବା ପାଇଁ ବ୍ୟବସ୍ଥା ରହିଛି।

# ରାମରାଜ କଟନ୍‌ର ନୂଆ ହସ୍ତତନ୍ତ ବ୍ରାଣ୍ଡ 'ପଞ୍ଚା'




ତିରିପୁର,୮।୮: ରାମରାଜ କଟନ୍ ପକ୍ଷରୁନୂତନ ହ୍ୟାଣ୍ଡଲୁମ୍ ବସ୍ତ୍ର 'ପଞ୍ଚା'ର ବଜାର ପ୍ରବେଶ କରାଯାଇଛି। ଓଡିଶାର ମୟୂରଭଞ୍ଜର ପାରମ୍ପରିକ ସାନ୍ତାଳୀ ପୋଷାକ କୁହାଯାଉଥିବା 'ପଞ୍ଚା' ବସ୍ତ୍ର (ଧୋତି)କୁ କମ୍ପାନୀ ଏକ ନୂଆ ବ୍ରାଣ୍ଡ ନାମ ଦେଇଛି। ଏହି ବ୍ରାଣ୍ଡ ନାମ ଜରିଆରେ କମ୍ପାନୀ ଦେଶରେ ଖୁମ୍ କମ୍ ଜଣାଶୁଣା ଏହି ବୁଣାକାରଙ୍କ ବସ୍ତ୍ରକୁ ଲୋକଲୋଚନକୁ ଆଣିଛି। ଏହି ପ୍ରୟାସ କେବଳ ସେହି ସାନ୍ତାଳୀ ଲୋକଙ୍କୁ ଏକ ପରିଚୟ ପ୍ରଦାନ କରିବ ନାହିଁ, ବରଂ ସେମାନଙ୍କୁ ଜୀବିକା ଯୋଗାଇବ। ସାନ୍ତାଳୀ ଆଦିବାସୀ ସମ୍ପ୍ରଦାୟର ମହିଳାମାନଙ୍କ ଦ୍ୱାରା ପାରମ୍ପରିକ ଭାବରେ ଶାଢ଼ି ଭାବରେ ବୁଣାଯାଉଥିବା ଏହି ସ୍ୱତନ୍ତ୍ର ବସ୍ତ୍ର ଧୀରେ ଧୀରେ ଫିକା ପଡ଼ିଯାଇଛି। ହ୍ରାସ ପାଉଥିବା ପୃଷ୍ଠପୋଷକତା, ପରିବର୍ତ୍ତିତ ଜୀବନଶୈଳୀ ଏବଂ ସୀମିତ ବଜାର ସୁଯୋଗ ଯୋଗୁଁ ଏପରି ସ୍ଥିତି ଉପୁଜିଛି। ଏହାର କଳାତ୍ମକ ମୂଲ୍ୟ ଏବଂ ସମସାମୟିକ ପ୍ରାସଙ୍ଗିକତା ପାଇଁ ଏହାର ସମ୍ଭାବନାକୁ ଚିହ୍ନଟ କରି ରାମରାଜ କଟନ୍‌ର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ କେ.ଆର. ନାଗରାଜନ୍ ବର୍ତ୍ତମାନ 'ପଞ୍ଚା' ମାଧ୍ୟମରେ ଧୋତି ଭାବରେ ସାନ୍ତାଳୀ ବୟନକୁ ପୁନଃକଳ୍ପନା କରିଛନ୍ତି। 'ପଞ୍ଚା' ବୁଣାବୁଣିର ପାରମ୍ପରିକ ଚରିତ୍ରକୁ ବଜାୟ ରଖିଛି ଏବଂ ଏହାକୁ ଏକ ନୂତନ, ବ୍ୟାପକ ପ୍ରାସଙ୍ଗିକତା ପ୍ରଦାନ କରୁଛି। ଏହାର ପ୍ରତ୍ୟେକ ଖଣ୍ଡ ହାତରେ ବୁଣାଯାଇଥାଏ ୧୦୦% କପା ସହିତ ପ୍ରସ୍ତୁତ ।

# ସେପ୍ଟେମ୍ବରରୁ ବଦଳିବ ଡିମାଟ୍ ଏବଂ ମ୍ୟୁଚୁଆଲ୍ ଫଣ୍ଡ ନିୟମ

## ସିଙ୍ଗଲ୍-ହୋଲ୍ଡର୍ ଡିମାଟ୍ ଆକାଉଣ୍ଟରେ ମିଳିବନି ନୋମିନି ବିକଳ୍ପ

ନୂଆଦିଲ୍ଲୀ,୮।୮(ଏଜେନ୍ସି): ଆସନ୍ତା ସେପ୍ଟେମ୍ବର ପହିଲାରୁ ଦେଶରେ ଡିମାଟ୍ ଏବଂ ମ୍ୟୁଚୁଆଲ୍ ଫଣ୍ଡ ନିୟମରେ ବଡ଼ ପରିବର୍ତ୍ତନ ଘଟିବାକୁ ଯାଉଛି। ଏହାପରେ ସିଙ୍ଗଲ୍-ହୋଲ୍ଡର୍ ଡିମାଟ୍ ଆକାଉଣ୍ଟ୍ ଏବଂ ମ୍ୟୁଚୁଆଲ୍ ଫଣ୍ଡରେ ନୋମିନି ବିକଳ୍ପ ଆଉ ଉପଲବ୍ଧ ହେବ ନାହିଁ। ନିବେଶକମାନେ ଯଦି ଜଣେ ନୋମିନି ରଖିବାକୁ ଚାହାଁନ୍ତି ନାହିଁ, ତେବେ ସେମାନେ ଆନୁଷ୍ଠାନିକ ଭାବରେ ବାଦ୍ ଦେଇପାରିବେ।

ସେପ୍ଟେମ୍ବର ପହିଲାରୁ ନିବେଶକମାନଙ୍କୁ ସିଙ୍ଗଲ୍-ହୋଲ୍ଡର୍ ଡିମାଟ୍ ଆକାଉଣ୍ଟ୍ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଫୋଲିଓରେ ନୋମିନି ସମ୍ପର୍କରେ ସେମାନଙ୍କର ପସନ୍ଦ ସୂଚିତ କରିବାକୁ




ପଡିବ। ନିବେଶକମାନେ ନୋମିନି ବିବରଣୀ ପ୍ରଦାନ କରିପାରିବେ କିମ୍ବା ନାମାଙ୍କନରୁ ସେମାନଙ୍କର ଅନୁପସ୍ଥିତି ଦର୍ଶାଇ ଏକ ନିର୍ଦ୍ଧାରିତ ଘୋଷଣା ଦାଖଲ କରିପାରିବେ। ନିବେଶକଙ୍କ ପାଇଁ ନାମାଙ୍କନ ପ୍ରକ୍ରିୟାକୁ ସରଳ କରିବା ଏବଂ ନିବେଶକଙ୍କ ମୃତ୍ୟୁ ପରେ ସମ୍ପତ୍ତି ସ୍ଥାନାନ୍ତର କରିବାରେ ଅସୁବିଧା କମ କରିବା ପାଇଁ ସେବି ଏହି ପରିବର୍ତ୍ତନ କରିଛି। ସେବିର ସର୍କୁଲାର ଅନୁଯାୟୀ, ସିଙ୍ଗଲ-ହୋଲ୍ଡର ଡିମାଟ୍ ଆକାଉଣ୍ଟ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଫୋଲିଓରେ ଆଉ ନୋମିନି ବିକଳ୍ପ ଉପଲବ୍ଧ ହେବ ନାହିଁ। ନିବେଶକମାନଙ୍କୁ ଏକ ସ୍ୱାକ୍ଷରିତ ଘୋଷଣା ମାଧ୍ୟମରେ ନାମାଙ୍କନ ବିବରଣୀ ପ୍ରଦାନ କରିବାକୁ ପଡିବ କିମ୍ବା ନୋମିନିରୁ ବାଦ୍ ଦେବାକୁ ପଡିବ। ତଥାପି, ମିଳିତ ଭାବରେ ଧାରଣ କରାଯାଇଥିବା ଡିମାଟ୍ ଆକାଉଣ୍ଟ କିମ୍ବା ମ୍ୟୁଚୁଆଲ୍ ଫଣ୍ଡ ଫୋଲିଓରେ ନୋମିନି ଯୋଡିବା ଇଚ୍ଛାଧୀନ ରହିବ ଏବଂ ଜଣେ ନୋମିନିକୁ ଯୋଡିବା କିମ୍ବା ପରିବର୍ତ୍ତନ କରିବା ପାଇଁ ସମସ୍ତ ଯୁଗ୍ମ ଧାରକଙ୍କ ସମ୍ମତି ଆବଶ୍ୟକ ହେବ। ଯଦି ଆପଣ ଜଣେ ନାମାଙ୍କନକୁ ମନୋନୀତ କରିବାକୁ ଚାହୁଁନାହାଁନ୍ତି, ତେବେ ନୋମିନିକୁ ଯୋଡିବା ଆବଶ୍ୟକ ନାହିଁ। ଏହା ବଦଳରେ, ଆପଣ ଏକ ନିର୍ଦ୍ଧାରିତ ଘୋଷଣା ମାଧ୍ୟମରେ ନୋମିନିରୁ ବାଦ୍ ଦେଇପାରିବେ। ଏହା କରିବାକୁ, ଆପଣଙ୍କର ବ୍ରୋକର, ବ୍ୟାଙ୍କ କିମ୍ବା ମ୍ୟୁଚୁଆଲ୍ ଫଣ୍ଡ ପ୍ଲାଟଫର୍ମ ଆକାଉଣ୍ଟରେ ଲଗ୍ ଇନ୍ କରିପାରିବେ।

ଯଦି ଜଣେ ନିବେଶକ ନୋମିନି ପଞ୍ଜୀକୃତ କରିନାହାଁନ୍ତି, ତେବେ ତାଙ୍କ ମୃତ୍ୟୁ ପରେ, ନିବେଶ ଏବଂ ଅନ୍ୟାନ୍ୟ ହୋଲ୍ଡିଂଗୁଡ଼ିକ ସିକ୍ୟୁରିଟିଜ୍ ଟ୍ରାନ୍ସମିସନ୍ ପ୍ରକ୍ରିୟା ମାଧ୍ୟମରେ ସେମାନଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ସ୍ଥାନାନ୍ତରିତ କରାଯାଏ। ସେବି ଛୋଟ ଦାବି ପାଇଁ ଏକ ନୂତନ ବର୍ଗର କ୍ୱିକ୍ ଟ୍ରାନ୍ସମିସନ୍ ପ୍ରକ୍ରିୟାକରଣ ମଧ୍ୟ ପ୍ରଚଳନ କରିଛି।